# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୬/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, October 26/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୩୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 330 ମୂଲ୍ୟ ₹୭/-







ବ୍ରହ୍ମପୁରଠାରେ ମହିଳା ସମାବେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜଗନ୍ନାଥଙ୍କ ଫଟୋଚିତ୍ର ଗ୍ରହଣ କରୁଛନ୍ତି



ଜିଲାପାଳମାନଙ୍କ ସହିତ ସମୀକ୍ଷା ବୈଠକରେ ଭି.କେ. ପାଣ୍ଡିଆନ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବୁଲି ଦେଖୁଛନ୍ତି ଭି.କେ. ପାଣ୍ଡିଆନ

# ମ୍ୟାନ୍ ଅଫ୍ ମିଶନ ଭି.କେ. ପାଣ୍ଡିଆନ

**ଭୁବନେଶ୍ୱର,୨୫।୧୦(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ତଥା ୨୦୦୦ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ଅଫିସର ଭି.କେ. ପାଣ୍ଡିଆନ ଅକ୍ଟୋବର ୨୩ ତାରିଖରେ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇଛନ୍ତି। ସେ ନିଜର ଚାକିରି କାଳରେ ଓଡ଼ିଶା ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତର ଓ ବିକାଶ କ୍ଷେତ୍ରରେ ପାଣ୍ଡିଆନ 'ମ୍ୟାନ୍ ଅଫ୍ ମିଶନ' ଭାବେ କାର୍ଯ୍ୟ କରିଛନ୍ତି।

୨୦୦୦ ମସିହାରେ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଭାବେ ନିଯୁକ୍ତି ହେବା ପରେ ରାଜ୍ୟର ବିକାଶ ପାଇଁ ସେ ନିଜକୁ ଉତ୍ସର୍ଗ କରି ଆସିଛନ୍ତି। ୨୦୦୨ରେ ସେ ଧର୍ମଗଡ଼ ଉପଜିଲାପାଳ ଭାବେ ଯୋଗଦେଇ ରାଜ୍ୟର ରାଜସ୍ୱ ବୃଦ୍ଧି କରି ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଦେଶର ସର୍ବକନିଷ୍ଠ ଜିଲାପାଳ ଭାବେ ୨୦୦୫ରେ ସେ ରାଜ୍ୟର ବୃହତ୍ ଜିଲା ମୟୂରଭଞ୍ଜର ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ଦୁର୍ଗମ ଅଞ୍ଚଳକୁ ନିରନ୍ତର ଗସ୍ତ ଜିଲାର ବିକାଶକୁ ତ୍ୱରାନ୍ୱିତ କରିଛି। ଭିନ୍ନକ୍ଷମମାନଙ୍କ ଥଇଥାନ କ୍ଷେତ୍ରରେ ମୟୂରଭଞ୍ଜ ଜିଲା ଜାତୀୟ ପୁରସ୍କାର ପାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ରାଜ୍ୟର ନୀତି ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ପାଣ୍ଡିଆନ ସମ୍ମାନଜନକ 'ହେଲେନ କେଲର' ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଜିଲାପାଳ ଥିବାବେଳେ ସଫଳତାର ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏନ୍ଆରଇଜିଏସ୍) କାର୍ଯ୍ୟକାରୀ କରିବା ଯୋଗୁ ଗଞ୍ଜାମ ଜିଲାକୁ ଜାତୀୟ ପୁରସ୍କାର ମିଳିପାରିଥିଲା। ପରେ ସେ ୨୦୦୭ରେ ଗଞ୍ଜାମ ଜିଲାପାଳ ଭାବେ ଯୋଗ ଦେଇଥିଲେ। ଜିଲାପାଳ ଥିବାବେଳେ ସଫଳତାର ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏନ୍ଆରଇଜିଏସ୍) କାର୍ଯ୍ୟକାରୀ କରିବା ଯୋଗୁ ଗଞ୍ଜାମ ଜିଲାକୁ ଜାତୀୟ ପୁରସ୍କାର ମିଳିପାରିଥିଲା। ଏଥିସହିତ ଶ୍ରମିକମାନଙ୍କୁ ସେମାନଙ୍କର ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରିବା ପାଇଁ ଏକ ଅଭିନବ ପଦକ୍ଷେପ ଆରମ୍ଭ କରିଥିଲେ। ଏହାକୁ ସମଗ୍ର ରାଜ୍ୟ ଓ ଦେଶରେ ଗ୍ରହଣ କରାଯାଇଛି। ହଜାର ହଜାର ଶ୍ରମିକମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ୧୦୦ କୋଟି ଏକକାଳୀନ ପ୍ରଦାନ କରି ରେକର୍ଡ ସୃଷ୍ଟି ହୋଇଥିଲା। ତାଙ୍କର ଏହି ସଫଳ ପ୍ରୟାସ ପାଇଁ ଗଞ୍ଜାମ ୨ଥର ରାଷ୍ଟ୍ରପତି ପୁରସ୍କାର ପାଇ ପାରିଛି। ଏନ୍ଆର୍ଇଜିଏସ୍‌ର ସଫଳ ପ୍ରୟୋଗ ଯୋଗୁ ରାଜ୍ୟରେ ଶ୍ରମିକ ଦିବସ ବୃଦ୍ଧି ପାଇବା ସହ ଅନ୍ୟ ରାଜ୍ୟକୁ ଶ୍ରମିକ ପଳାୟନ ରେ ହ୍ରାସ ଘଟି ପାରିଥିଲା। ପାଣ୍ଡିଆନଙ୍କ ଏହି ପଦକ୍ଷେପ ତୃଣମୂଳ ସ୍ତରରେ ହେଉଥିବା ଦୁର୍ନୀତିକୁ ରୋକିବାରେ ସଫଳ ହୋଇପାରିଥିଲା।

୨୦୧୧ରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରଠାରୁ ସେ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ସହାୟତା କରିଆସିଛନ୍ତି। କାର୍ଯ୍ୟ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦେଖି ମୁଖ୍ୟମନ୍ତ୍ରୀ ତାଙ୍କୁ ବ୍ୟକ୍ତିଗତ ସଚିବ ପାଇଁ ମନୋନୀତ କରିଥିଲେ। ପାଣ୍ଡିଆନଙ୍କ ଟ୍ରାକ୍ ରେକର୍ଡ ଓ ନିଜ କାର୍ଯ୍ୟକୁ ସଫଳତାର ସହ ତୁଲାଇବାକୁ ଦେଖି ପରବର୍ତ୍ତୀ ସମୟରେ ନବୀନ ତାଙ୍କୁ ୫-ଟି ସଚିବ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାର ଗତ ୧୨ବର୍ଷ ମଧ୍ୟରେ ପାଣ୍ଡିଆନ ଜନସ୍ୱାର୍ଥ ସମ୍ବଳିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଯେପରି ସମ୍ମାନ ମିଳିପାରିବ ସେ ନେଇ 'ମୋ ସରକାର' ଭଳି ନୂତନ ପ୍ରୟାସ ଆଣିପାରିଛନ୍ତି। ସେହିପରି ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛ ଓ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ସକାଶେ ୫-ଟି( ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାଇମ୍ ଓ ଟ୍ରାନ୍ସଫର୍ମେଶନ) ଭଳି ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରଖିଥିବା ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ନେବା ପାଇଁ ନିୟମିତ ଭାବେ ସମୀକ୍ଷା କରି ଆସୁଛନ୍ତି। ତୀର୍ଥଯାତ୍ରୀମାନେ ପୁରୀରୁ ଯେପରି ଭଲ ଅନୁଭୂତି ନେଇ ଯିବେ ତାହା ହିଁ ଥିଲା ପାଣ୍ଡିଆନଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ରାଜ୍ୟର ପୁରାତନ ଐତିହ୍ୟ ଓ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କ ଭୂମିକା ଅତୁଳନୀୟ। କେବଳ ପୁରୀ ନୁହେଁ, ଲିଙ୍ଗରାଜ ମନ୍ଦିର, ସମଲେଇ, ତାରିଣୀ ମନ୍ଦିର, ତାରାତାରିଣୀ ମନ୍ଦିର, ହରିଶଙ୍କର, ସେଣ୍ଟ ପଲ୍ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ, ଦର୍ଘା-ଇ- ହୁଜୁର ମୁଜାହିଦ-ଇ-ମିଲାତ ମସ୍‌ଜିଦ, ଜାମା ମସ୍‌ଜିଦ ଏବଂ ଗୁରୁ ଗୋବିନ୍ଦ ସିଂ ସାହେବ ଗୁରୁଦ୍ୱାରର ରକ୍ଷଣାବେକ୍ଷଣ ଓ ରୂପାନ୍ତର ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

ରାଜ୍ୟର ଶିକ୍ଷାକୁ କିପରି ଗୁଣାତ୍ମକ କରାଯାଇପାରିବ ସେ ନେଇ ପାଣ୍ଡିଆନ ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ କରି ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସ୍କୁଲ ରୂପାନ୍ତରଣ ଯୋଗୁ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଗୁଣାତ୍ମକ ଓ ଉତ୍ତମ ମାନର ଶିକ୍ଷା ପାଇପାରିଛନ୍ତି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଆସିଥିବା ରୂପାନ୍ତରଣ ଓ ରାଜ୍ୟରେ ନୂତନ ହସ୍ପିଟାଲ ସ୍ଥାପନ କ୍ଷେତ୍ରରେ ପାଣ୍ଡିଆନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଗରିବ ଲୋକ ବିଶେଷକରି ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଇପାରିଛି। ନିର୍ଦ୍ଧାରିତ ସମୟରେ ଲୋକମାନଙ୍କର ଅଭିଯୋଗ ଶୁଣାଣି ହୋଇପାରିଛି। ଲୋକମାନଙ୍କ ଦୁଆରକୁ ଯାଇ ସେମାନଙ୍କ ଅଭିଯୋଗ ସଂଗ୍ରହ କରିବା ଓ ତାହାର ସମାଧାନ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କ ଉଦ୍ୟମ ସରକାରଙ୍କ ଜନସାଧାରଣଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। କୋଭିଡ୍ ସମୟରେ ପାଣ୍ଡିଆନଙ୍କ ବିଭିନ୍ନ ସ୍ଥାନ ଗସ୍ତ ସହ ହସ୍ପିଟାଲ ପ୍ରସ୍ତୁତି ଓ ସ୍ୱାସ୍ଥ୍ୟ କର୍ମୀଙ୍କ ନିୟୋଜନ ଲୋକମାନଙ୍କ କଷ୍ଟକୁ ଅନେକ ମାତ୍ରାରେ ହ୍ରାସ କରିପାରିଥିଲା।

ସାଂସ୍କୃତିକ ଓ ଐତିହ୍ୟ ସହରକୁ ରୂପାନ୍ତର କରିବା ସହ ରାଜ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କ ଅତୁଳନୀୟ ଭୂମିକା ରହିଛି। ରାଜ୍ୟରେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ସଫଳ ଆୟୋଜନ କରି ଓଡ଼ିଶାକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗରିବ ପିଲାମାନେ ବିଶେଷକରି ଭିନ୍ନକ୍ଷମ ପିଲାଙ୍କ ପ୍ରତି ତାଙ୍କର ସ୍ୱତନ୍ତ୍ର ଭଲପାଇବା ରହିଛି। ଗୋପାଳପୁରଠାରେ ସିଦ୍ଧାର୍ଥ ସଞ୍ଜୀବନୀ ସ୍ଥାପନ କରି ପିଲାମାନଙ୍କ ପ୍ରତି ଥିବା ଭଲ ପାଇବାକୁ ସେ ପ୍ରତିପାଦିତ କରିପାରିଛନ୍ତି। ଗଞ୍ଜାମ ଜିଲାପାଳ ଥିବା ସମୟରେ ୨୦୦୭ ମସିହାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କଟକ ଜିଲାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ୫-ଟି ସଚିବ ଭି.କେ. ପାଣ୍ଡିଆନ



ଯାଜପୁର ଜିଲା ଗସ୍ତ କରି ଲୋକମାନଙ୍କଠାରୁ ଅଭିଯୋଗ ଶୁଣିବା ଅବସରରେ ଜନସାଧାରଣଙ୍କ ସହ ଭି.କେ. ପାଣ୍ଡିଆନ



କଳିଙ୍ଗ ଷ୍ଟାଡିୟମଠାରେ ସଚିନ ତେନ୍ଦୁଲକରଙ୍କ ସହ





ଗଜପତି ଜିଲା ଗସ୍ତ ସମୟରେ ବିଳମ୍ବିତ ରାତିରେ ପାରଳାଖେମୁଣ୍ଡି ଥାନା ପରିଦର୍ଶନ କରି ସମସ୍ୟା ବୁଝୁଛନ୍ତି

# ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ନବଯୁଗର ସ୍ରଷ୍ଟା

**କଟକ,୨୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଭଗବତୀ ଚରଣ ପାଣିଗ୍ରାହୀ ଏକାଧାରରେ ଥିଲେ ମୁକ୍ତି ସଂଗ୍ରାମୀ, ସମତାଭିତ୍ତିକ ସମାଜ ଗଠନର ସାମ୍ୟବାଦୀ ଚେତନାର ଭଗିରଥ, କୃଷକ ଆନ୍ଦୋଳନ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନର ଅଗ୍ରଗଣ୍ୟ ନେତା ଏବଂ ଓଡ଼ିଆ ସାହିତ୍ୟର ପ୍ରଗତିଶୀଳ ଚିନ୍ତାଧାରା ତଥା ନବଯୁଗର ସ୍ରଷ୍ଟା। ୧୨/୧୩ ବର୍ଷର କର୍ମମୟ ଜୀବନରେ ଓଡ଼ିଶାର ସାମାଜିକ, ସାହିତ୍ୟିକ, ସାଂସ୍କୃତିକ, ରାଜନୈତିକ ଓ ମାନସିକ କ୍ଷେତ୍ରରେ ତାଙ୍କର ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ ବୋଲି ବକ୍ତାମାନେ କହିଛନ୍ତି। କଟକ ସତୀଚୌରାସ୍ଥିତ ସମାଧିସ୍ଥଳରେ ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ସାମାଜିକ କର୍ମୀ ସତ୍ପର୍ନା ଶତପଥୀ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ସିପିଏମ୍ ନେତା ରବି ନାରାୟଣ ମଲ୍ଲିକ, ଜନତା ଦଳ(ୟୁ) ସଭାପତି ଚିତ୍ତରଞ୍ଜନ ମହାନ୍ତି, ଇସ୍‌କଫ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ପଡିଆରୀ, ଇପ୍ଟାର ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା, ସିପିଏମ୍ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ, ଆଇନଜୀବୀ ଭିକାରି ଦାସ, ବ୍ୟାଙ୍କ କର୍ମଚାରୀ ନେତା ଅଶୋକ ତା, ଭ୍ରମରବର ସାହୁ, ଦେବେନ୍ଦ୍ର ସୂତାର, ଅଭୟ ପଟ୍ଟନାୟକ, ନାରୀନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ଲଳିତା ଶତପଥୀ, ଶ୍ରମିକ ନେତା ରାମଚନ୍ଦ୍ର ବେହେରା, ସାନନ୍ଦ ସେଠୀ, ହରିହର ମହାନ୍ତି, କାଶୀନାଥ ସ୍ୱାଇଁ, ଶିକ୍ଷକ ନେତା କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଭଗବତୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସିପିଆଇ ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ସତୀଚୌରାସ୍ଥିତ ସମାଧିସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ମୋବାଇଲ୍‌ରେ ବାଜିଲା ଆଲର୍ଟ ମେସେଜ

**ଭୁବନେଶ୍ୱର,୨୫।୧୦**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ମୋବାଇଲ୍ ଫୋନ୍ ସ୍କ୍ରିନ୍‌ରେ ବୁଧବାର ହଠାତ୍ ଏକ ଆଲର୍ଟ ମେସେଜ୍ ଆସିଥିଲା। ଏହି ସମୟରେ ଫୋନ୍‌ଟି ଭାଇବ୍ରେଟ୍ ହେବା ସହ ଏକ ଭିନ୍ନ ଶବ୍ଦ ମାଧ୍ୟମରେ ସତର୍କ କରାଇଥିଲା। ଏହାକୁ ଲୋକେ ଦେଖିବା ପରେ ଭୟଭୀତ ହୋଇଯାଇଥିଲେ। କିଏ ଫୋନ୍ ହ୍ୟାକ୍ ହୋଇଗଲା ଭାବିଥିଲେ ତ ଆଉ କିଏ ସାଇବର ଠକଙ୍କ କାମ ଭାବି ନାନା ଆଶଙ୍କା କରିଥିଲେ। ଉକ୍ତ ମେସେଜ୍‌କୁ କାଟିବାକୁ ଚେଷ୍ଟା କରି ମଧ୍ୟ ଅଧିକାଂଶ ବିଫଳ ହେବାରୁ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ମାତ୍ର ଏହା ଏକ ଆଲର୍ଟ ମେସେଜ୍ ଥିଲା। ଜରୁରିକାଳୀନ ପରିସ୍ଥିତିରେ ଲୋକଙ୍କୁ ସତର୍କ କରିବା ଲାଗି ଏହି ମେସେଜ୍‌ଟି ପରୀକ୍ଷାମୂଳକ ଭାବେ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହଯୋଗରେ ଭାରତ ସରକାରଙ୍କ ଟେଲିକମ୍ ବିଭାଗ ପକ୍ଷରୁ ଏହି ବାର୍ତ୍ତା ପଠାଯାଇଥିବା ନେଇ ସିପିଏମ୍‌ଜିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଏଭଳି ମେସେଜ ପରୀକ୍ଷାମୂଳକ ଭାବେ ପଠାଯାଉଛି। ଅଗଷ୍ଟରେ ପ୍ରଥମଥର ପାଇଁ ଏଭଳି ପରୀକ୍ଷା କରାଯାଇଥିଲା। ଏବେ ସୁଦ୍ଧା ୬ଥର ଏମିତି ପରୀକ୍ଷା କରାଯାଇଛି। ମେସେଜ୍‌ଟି ଏମିତି କିଛି ଥିଲା, 'ଏକ ଭିନ୍ନ ଶବ୍ଦ ଏବଂ କମ୍ପନ ସହିତ ଜରୁରିକାଳୀନ ପରିସ୍ଥିତି ବିଷୟରେ ଆପଣ ନିଜ ମୋବାଇଲରେ ଏକ ମେସେଜ ଗ୍ରହଣ କରିପାରନ୍ତି। ଦୟାକରି ଭୟଭୀତ ହୁଅନ୍ତୁ ନାହିଁ, ଏହି ମେସେଜ ପ୍ରକୃତରେ ବର୍ତ୍ତମାନର କୌଣସି ଜରୁରିକାଳୀନ ପରିସ୍ଥିତି ବିଷୟରେ ସୂଚାଏ ନାହିଁ। ଯୋଜନାବଦ୍ଧ ପରୀକ୍ଷା ପ୍ରକ୍ରିୟାର ଏକ ଅଂଶ ଭାବରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ଭାରତ ସରକାରଙ୍କ ଟେଲିକମ୍ ବିଭାଗ ଦ୍ୱାରା ଏହି ବାର୍ତ୍ତା ପଠାଯାଉଛି।' ଏ ନେଇ ଟେଲିକମ୍ ବିଭାଗର ଉପନିର୍ଦ୍ଦେଶକ ବି.ବି. ପାଣ୍ଡେ କହିଛନ୍ତି, ସୁନାମି, ଭୂମିକମ୍ପ, ବାତ୍ୟା, ବର୍ଷା, ଘଡ଼ଘଡ଼ି, ବିଜୁଳି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଆଲର୍ଟ କରିବାକୁ ଏଭଳି ଟେଷ୍ଟ କରାଯାଉଛି। ଏଥିରେ ଭୟଭୀତ ହେବାର ନାହିଁ। ଏହି ମେସେଜ୍ ପ୍ରାୟ ୯୯.୯ ପ୍ରତିଶତ ଲୋକଙ୍କ ପାଖକୁ ଯାଇଛି। ଆଗାମୀ ମାସରେ କିଭଳି ସମସ୍ତ ଲୋକଙ୍କୁ ଉପଯୁକ୍ତ ପ୍ରକ୍ରିୟାରେ ବାର୍ତ୍ତା ଦେବୁ ସେ ନେଇ ଚେଷ୍ଟା କରିବୁ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୬/୨୦୨୩
Bhubaneswar, Thursday, October 26/2023



**ଆଜିର ମନ୍ତବ୍ୟ**

“ଲୋକଙ୍କ ଜୀବନରେ ଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ସମାଜରେ ଶାନ୍ତି ପ୍ରତିଷ୍ଠା ତଥା ସହାବସ୍ଥାନ ପାଇଁ ସହିଷ୍ଣୁତା ଓ ପାରସ୍ପରିକ ସମ୍ମାନର ମହତ୍ତ୍ୱ ବୁଝିବାକୁ ପଡ଼ିବା -**ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପେଟ ତଳେ ଗାତ**
**ଧରିଥିଲି ସୁନାଫୁଲିଆ ହାତ**
**ଟେକା ପାଣି ଟେକା ଭାତ।**

ବାହାସାହା ହୋଇ ଘରକୁ ଆଣିଥିବା ଘରଣୀ ଆଦୌ କର୍ମ କୁଶଳତା ନୁହେଁ। ଭଲକୁ ଆଶରା କରି ଭେଲ। ଘରକୁ ଘରଣୀ ଆସିଲେ ମନ ଜାଣି ରାନ୍ଧିବାଢ଼ି ପରଷି ଦେବ ବୋଲି ଆଶା ରଖିଥିବା ସ୍ୱାମୀ ନିଜର ଆଶା ଆଶାରେ ରହିଯାଉଥିବା ଦେଖି ମନ ଉଣା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ପୂରିଲେ ବୋଲମାନେ**
**ଉପାସେ ଶୋଇଥାଏ କବାଟ କୋଣେ।**

ସାଧାରଣତଃ ପେଟ ପୁରିଲେ ମଣିଷ ଚେଇଁ ଉଠେ ବା ସଜାଗ ହୋଇଯାଏ। ତା’ ନ ହେଲେ କାମ କରିବା ପାଇଁ ସେ ଇଚ୍ଛା କରେନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ପୋଖରୀରେ ବୁଡ଼ି ମା’ଝିଅ ମୃତ

**ଦଶପଲ୍ଲା:୨୫।୧୦**
**(ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକସ୍ଥିତ ଘୋଲାହାଣ୍ଡି ଉପରସାହିରେ ଦଶହରା ଦିନ ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ପୂର୍ଣ୍ଣ ପ୍ରଧାନଙ୍କ ଝିଅ ବର୍ଷା (୧୩) ଓ ସ୍ତ୍ରୀ ରୀନାଙ୍କ ମୃତ୍ୟୁ ଘଟିଛି। ଗାଁ ପୋଖରୀକୁ ଗୋଧୋଇବାକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ପ୍ରଥମେ ଝିଅ ବର୍ଷା ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ମା’ ରୀନା ଉଦ୍ୟମ କରିଥିଲେ। ହେଲେ ସେ ମଧ୍ୟ ପୋଖରୀରେ ବୁଡ଼ିଯାଇଥିଲେ। ମା’ଝିଅ ଘରକୁ ଫେରିବାକୁ ବିଳମ୍ୱ ହେବାରୁ ପୂର୍ଣ୍ଣଙ୍କ ସମେତ ଗ୍ରାମବାସୀ ପୋଖରୀ କୂଳକୁ ଯାଇ ଉଭୟଙ୍କୁ ଖୋଜାଖୋଜି କରିଥିଲେ। ହେଲେ ପୋଖରୀର ଗୋଟିଏ ପାର୍ଶ୍ୱରେ ରୀନା ଭାସୁଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିବା ସହିତ ବର୍ଷାଙ୍କୁ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ମୃତ

**ପାଟଣା(ବୀରକିଶୋର ଦାଶ)/ କଣ୍ଟିପାଳ (ସୁଶାନ୍ତ କୁମାର ସାହୁ ),୨୫।୧୦**

କେନ୍ଦୁଝର ଜିଲା ପାଟଣା ଓ ଆନନ୍ଦପୁର ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଙ୍ଗଳବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପାଟଣା ବ୍ଲକ୍‌ର ଚମେଣା ଗ୍ରାମର ଗୌରୀଶଙ୍କର ମହାନ୍ତ ଓ ଆନନ୍ଦପୁର ବ୍ଲକ୍ ତରତରା ଗ୍ରାମର ଦୀପକ ସାମଲ (୩୦)।

ସୂଚନା ଅନୁଯାୟୀ, ଗୌରୀ ଗ୍ରାମର ଗୁରୁବା ମୁଣ୍ଡାଙ୍କ ଟୁଲୁ ପାଣି ପମ୍ପ ମରାମତି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସେହିପରି ଦୀପକ ବିଲରେ ଇଲେକ୍ଟ୍ରି ମୋଟରରେ ପାଣି ଉଠାଇବା ବେଳେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଟ୍ରେନ୍ ଧକ୍କାରେ ମାଈହାତୀ ମୃତ



ଟ୍ରେନ୍ ଧକ୍କାରେ ମୃତ ମାଈହାତୀ।

**ଯୋଡ଼ା(ମାନସ ମହାନ୍ତି)/ କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୨୫।୧୦**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ଜଗନ୍ନାଥପୁର ଗ୍ରାମ ନିକଟରେ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ନୟାଗଡ଼-ଜୁରୁଡ଼ି ରେଳଷ୍ଟେଶନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ହାତୀର ବୟସ ପ୍ରାୟ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ଅନ୍ୟ ଏକ ଦନ୍ତା ରେଳ ଧାରଣାରେ ପଡ଼ି ଆହତ ହୋଇଛି। ଏସିଏଫ୍ ଅଶୋକ ଦାସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି।

ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜଙ୍କ ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ରେଳପଥ ଅଧୀନରେ ଜୁରୁଡ଼ି ରେଳ ସାଇଡିଂ ରହୁଥିବା ବେଳେ ନୟାଗଡ଼ ରେଳ ସାଇଡ଼ିଂ ପୂର୍ବତଟ ଅଧୀନରେ ରହିଛି। ଦୁଇ ଡିଭିଜନର ଯୋଡ଼ା, ବିଲେଇପଦାଠାରୁ ଆରମ୍ଭ କରି ନୟାଗଡ଼ ଓ ଗୁଆଲୀ ହିଲ ଷ୍ଟେଶନ ପର୍ଯ୍ୟନ୍ତ ହାତୀପଲଙ୍କ ଚଳପ୍ରଚଳ ଲାଗିରହେ। ମଙ୍ଗଳବାର ଅଞ୍ଚଳରେ ୩୪ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିଲେ। ବୁଧବାର ଭୋର ୫ଟାରୁ ୬ଟା ମଧ୍ୟରେ ନୟାଗଡ଼ ବିଟ୍ ଅଧୀନ ଜଗନ୍ନାଥପୁର ନିକଟରେ ମାଈ ହାତୀ ରେଳ ଧାରଣା ଅତିକ୍ରମ କରିବା ସମୟରେ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ରେଳ ବିଭାଗର ସିନିଅର ଡିଓଏମ୍, ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଜଏଣ୍ଟ ଟାସ୍କ ଫୋର୍ସ ସହ ଜିଲାର ପ୍ରାଣୀ ଚିକିତ୍ସକମାନେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଅନୁଧ୍ୟାନ କରିଛନ୍ତି। ରାଜ୍ୟ ମୁଖ୍ୟ ବନ୍ୟ ସଂରକ୍ଷକ (ବନ୍ୟପ୍ରାଣୀ) କାର୍ଯ୍ୟାଳୟର ଯୁଗ୍ମ ଟାସ୍କ ଫୋର୍ସର ଅଧକ୍ଷ ମନୋଜ ଭି ନାୟରଙ୍କ ନେତୃତ୍ୱରେ ଟିମ୍ ରେଳ ଲାଇନର ସ୍ଥିତି ନିରୀକ୍ଷଣ କରିଛି। ସ୍ଥାନୀୟ ପୋଲିସ ସହିତ ରେଲୱେ ପ୍ରୋଟେକ୍ସନ ଫୋର୍ସ ମଧ୍ୟ ତଦନ୍ତ କରୁଛି। ସନ୍ଧ୍ୟା ୬ ରୁ ସକାଳ ୬ଟା ପର୍ଯ୍ୟନ୍ତ କସନ ଅର୍ଡର ଇସ୍ମେସ ଥିଲା। ୪୦ କି.ମି. ସ୍ପିଡ୍‌ରେ ଟ୍ରେନ ଚଳାଇବା ସହିତ ହର୍ନ ବଜାଇବା ନେଇ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇ ଦିଆଯାଇଥିଲା। କାହାର ତ୍ରୁଟି ଯୋଗୁ ହାତୀର ମୃତ୍ୟୁ ଘଟିଲା, ଅନୁସନ୍ଧାନ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

## ଦଶହରା ଦେଖି ଫେରିବା ବେଳେ ଅଘଟଣ

# ୨ ବାଇକ୍ ମୁହାଁମୁହିଁ ଧକ୍କା: ୪ମୃତ

## ୩ ଗୁରୁତର

**ନୂଆପଡ଼ା,୨୫।୧୦**
**(ମକାରୁ ବେମାଲ)**

ଦଶହରା ଯାତ୍ରା ଦେଖି ଫେରିବା ବେଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ମଙ୍ଗଳବାର ବିଳମ୍ୱିତ ରାତିରେ ନୂଆପଡ଼ା ଜିଲା ବୋଡେନ ଥାନା ଝିରିନିଖୋଲ ଗାଁ ନିକଟ ବିଜୁ ଏକ୍ସପ୍ରେସ ଛକରେ ଘଟିଥିବା ଏହି ଦୁର୍ଘଟଣାରେ ୪ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବୋଡେନ ଥାନା କମଲାମାଳ ଗାଁର ଦେମନ୍ତ ମାଝି (୧୮), ପିଙ୍କୁ ମାଝି (୧୭), ଖଡିଆଳ ଥାନା ଭୀମାପଦର ଗାଁର ହେମାନନ୍ଦ ମାଝି (୧୫), ଭଇଁଷାଦାନୀ ଗାଁର ରୋହିତ ମାଝି (୨୪)। ଗୁରୁତର ୩ଜଣ ହେଲେ ସିନାପାଲି ଥାନା ଘାଟମାଲ ପଞ୍ଚାୟତ ତିଲିପଲନା ଗାଁର ଗୁଣସାଗର ମାଝି (୩୦), ମହଲାଲା ମାଝି (୨୨) ଏବଂ କୃଷ୍ଣ ମାଝି (୨୫) ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ନୁଯାୟୀ, ବୋଡ଼େନରେ ଧୁମଧାମରେ ବିଜୟା ଦଶମୀ ପାଳନ ହେଉଥିଲା। ଆଖପାଖ ଗାଁ ଲୋକେ ବୋଡ଼େନକୁ ପୂଜା ଦେଖିବାକୁ ଆସିଥିଲେ। ରାତି ପ୍ରାୟ ୧ଟାରେ ପୂଜା ଦେଖି ଗୋଟିଏ ବାଇକ୍‌ରେ ୪ଜଣ ଯୁବକ ଗାଁକୁ ଫେରୁଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ୩ଜଣ ଆସୁଥିବା ବେଳେ ବୋଡ଼େନ ଥାନା ଝିରିନିଖୋଲ ଗାଁ ନିକଟ ବିଜୁ ଏକ୍ସପ୍ରେସ୍ ଛକରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ସମସ୍ତେ ଛିଟିକି ପଡ଼ିଥିଲେ। ୨ ବାଇକ୍‌ର ୭ଜଣ ଗୁରୁତର ଆହତ ହୋଇଥିଲେ। ବୋଡ଼େନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦେମନ୍ତ, ପିଙ୍କୁ, ହେମାନନ୍ଦ, ରୋହିତ, ଗୁଣସାଗର, ମହଲାଲାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦେମନ୍ତ, ପିଙ୍କୁ, ହେମାନନ୍ଦ ମାଝି, ରୋହିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁଣସାଗର ମାଝି, ମହଲାଲ ମାଝି ଓ କୃଷ୍ଣ ମାଝି ଗୁରୁତର ଆହତ ହୋଇ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବୋଡ଼େନ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ଢେଙ୍କିକୋଟ,୨୫।୧୦**
**(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପିପିଲିଆ ପଞ୍ଚାୟତ ଜାତୀୟ ରାଜପଥ ୨୦ ନଂ. ପିପିଲିଆ ଘାଟିମଙ୍ଗଳା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ମଙ୍ଗଳବାର ରାତିରେ ଅଜଣା ଟ୍ରକ୍ ଏକ ବାଇକ୍ ଉପରେ ମାଡିଯିବାରୁ ୨ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ରୁଟିଶିଳା ପଞ୍ଚାୟତ ଝାରବେଡ଼ା ଗ୍ରାମର ଚନ୍ଦ୍ରମୋହନ ନାଏକ (୪୫) ଓ ସାଧୁ ଚରଣ କାଶମାଳିଆ(୪୮)।

ସୂଚନା ଅନୁଯାୟୀ, ଚନ୍ଦ୍ରମୋହନ ରାତି ୯ଟା ସମୟରେ ସାଧୁଙ୍କୁ ସାଙ୍ଗରେ ନେଇ ବାଇକ୍ ଯୋଗେ ପିପିଲିଆକୁ ଔଷଧ ପାଇଁ ଯାଉଥିଲେ। ଘାଟି ମଙ୍ଗଳା ପୋଲ ଉପରେ ଏକ ଲୁହାପଥର ବୋଝେଇ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଉଭୟଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସଦଳବଳେ ପହଞ୍ଚି ଜନସାଧାରଣଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୪୪/୨୩)ରୁଜୁ ହୋଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରହିଥିବା ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା କହିଛନ୍ତି।

# ଦୁର୍ଘଟଣାରେ ଶିଶୁଙ୍କ ସମେତ ୩ ମୃତ

**ସୋହେଲା,୨୫।୧୦**
**(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଥାନା ସୀମାନ୍ତ ଲୁହୁରାଚଟିଠାରେ ମଙ୍ଗଳବାର ଏକ ଟ୍ରକ୍ ସହ ବାଇକ୍ ଧକ୍କା ହେବାରୁ ଏକ ଶିଶୁଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଛତିଶଗଡ ସରାଇପାଲି ଥାନା ଖପ୍ରିଡିହି ଗ୍ରାମର ମଦନଲାଲ ରାତ୍ରେ (୨୬), ପୁଅ ଥିରେନ୍ଦ୍ର ରାତ୍ରେ(୬) ଏବଂ ସୋହେଲା ଥାନା ଅଧୀନ ଅର୍ଜ୍ଜୁଣ୍ଡା ଗ୍ରାମର କମଳା ରାତ୍ରେ (୬୦)। ଏହି ଦୁର୍ଘଟଣାରେ କେସୁଆମୁଣ୍ଡା ଗ୍ରାମର ସୁଭଦ୍ରା ମିରି (୩୦) ଆହତ ହୋଇଛନ୍ତି। ସୋହେଲା ଥାନାରେ ଏ ନେଇ ଏକ ମାମଲା (ନଂ.୨୧୫/୨୩) ରୁଜୁ ହୋଇଛି।

ସୂଚନା ଅନୁସାରେ, ମଦନଲାଲ ଦୁର୍ଗାପୂଜା ଦେଖିବା ପାଇଁ ସୋହେଲାର ଅର୍ଜ୍ଜୁଣ୍ଡା ଗ୍ରାମର ନିଜ ସମ୍ପର୍କୀୟ ଘରକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ସାଢେ ୪ଟା ବେଳେ ସେ ଏକ ବାଇକ୍‌ରେ ପୁଅ ଥିରେନ୍ଦ୍ର, କମଳା ଓ ସୁଭଦ୍ରାଙ୍କୁ ବସାଇ ଅର୍ଜ୍ଜୁଣ୍ଡାରୁ ନିଜ ଗ୍ରାମ ଖପ୍ରିଡିହିକୁ ଯାଉଥିଲେ। ଏହି ସମୟରେ ଲୁହୁରାଚଟି ଶିବ ମନ୍ଦିର ପାଖରେ ଏକ ଟ୍ରକ୍ (ନଂ.ଜିଜେ୧୨ବିଜେଡ୍/୫୭୩୪) ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ମଦନଲାଲ, ଥିରେନ୍ଦ୍ର ଓ କମଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସୁଭଦ୍ରା ରାସ୍ତାରେ ଛିଟିକି ପଡି ଆହତ ହୋଇଥିଲେ। ଖବର ପାଇ ସୋହେଲା ପୋଲିସ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ସୋହେଲା ଡାକ୍ତରଖାନାରେ ରଖିଥିଲା। ବୁଧବାର ବରଗଡ଼ ଜିଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅଭିନେତା ମନୋଜଙ୍କୁ ୨ବର୍ଷ ବାସନ୍ଦ କଲା ୟୁସିସି

## ସମ୍ବଲପୁରରେ ‘ରାମ୍’କୁ ରିଲିଜ୍ କରାଇ ଦେଇ ନ ଥିବା ଅଭିଯୋଗ

**ଭୁବନେଶ୍ୱର,୨୫।୧୦**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଲିଉଡ୍‌ରେ ଦିନକୁ ଦିନ ଗୋଷ୍ଠୀବାଦ ବଢୁଛି। କେତେବେଳେ ପ୍ରଯୋଜକ ତ କେତେବେଳେ ଅଭିନେତାଙ୍କୁ ନେଇ ବିବାଦ ଲାଗି ରହୁଛି। କରୋନା ପରେ ଓଡ଼ିଶାର ସିନେ ଶିଳ୍ପ ଟିକେ ସୁଧୁରିବା ଅବସ୍ଥାକୁ ଆସିଲା ବେଳକୁ ଏହିସବୁ ବିବାଦ ଦର୍ଶକଙ୍କୁ ମଧ୍ୟ ପୂର୍ବ ଓଡ଼ିଶା ଆଉ ପଶ୍ଚିମ ଓଡ଼ିଶା ନାମରେ ୨ଭାଗ କରିଦେଉଛି। ଦଶହରାରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର ‘ରାମ୍’କୁ ସମ୍ବଲପୁରରେ ରିଲିଜ୍ କରାଇ ଦିଆ ନ ଯିବାକୁ ନେଇ ଏବେ ଓଲିଉଡ୍‌ରେ ବଡ଼ କନ୍ଦଳ ସୃଷ୍ଟି କରିଛି। ଫଳସ୍ୱରୂପ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ (ୟୁସିସି) ପକ୍ଷରୁ ଅଭିନେତା ମନୋଜ ମିଶ୍ରଙ୍କୁ ୨ ବର୍ଷ ପାଇଁ ବାସନ୍ଦ କରିଛି। ମଙ୍ଗଳବାର ୟୁସିସି ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।



‘ରାମ’ ଚଳଚ୍ଚିତ୍ରର ଅଭିନେତା ଅରିନ୍ଦମ ରାୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କହିଛନ୍ତି, ପୂର୍ବରୁ ଅଭିନେତା ଜିତୁ ମଙ୍ଗରାଜ ଗଣମାଧ୍ୟମରେ ଅଭିନେତା ମନୋଜ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ବର୍ତ୍ତମାନ ଜିତୁ ମଙ୍ଗରାଜ ମୋ ସିନେମା ‘ରାମ୍’ରେ ଅଭିନୟ କରିଛନ୍ତି। ଅଭିନେତା ଜିତୁଙ୍କ ସହିତ ଶତ୍ରୁତା କାରଣରୁ ମନୋଜଙ୍କ ସମର୍ଥକମାନେ ସମ୍ବଲପୁରରେ ଏହି ଫିଲ୍ମକୁ ହଲ୍‌ରେ ରିଲିଜ୍ କରାଇଦେଲେ ନାହିଁ। ଏଥିରେ ମନୋଜଙ୍କ ସମ୍ପୃକ୍ତି ନେଇ ଗୋଟିଏ ଭିଡିଓ ମଧ୍ୟ ମିଳିଥିବା ସେ କହିଛନ୍ତି। ଅନ୍ୟପକ୍ଷେ ୟୁସିସିର ନୂତନ ସଭାପତି ସଞ୍ଜୟ ନାୟକ କହିଛନ୍ତି, ପୂଜାରେ କିଛି ପଇସା ପାଇବା ପାଇଁ ଜଣେ ପ୍ରଯୋଜକ ବହୁ ଭାବିଚିନ୍ତି ଫିଲ୍ମଟିଏ ତିଆରି କରିଥାଏ। ହେଲେ କେତେଜଣ ଲୋକଙ୍କ ପାଇଁ ସମ୍ବଲପୁରରେ ଦର୍ଶକ ‘ରାମ୍’ ଫିଲ୍ମ ଦେଖିବାକୁ ପାଇଲେ ନାହିଁ। ଏଥିରେ ଦର୍ଶକଙ୍କର ଭୁଲ୍ କେଉଁଠି ରହିଲା ? ଅଭିନେତା ମନୋଜ କିଛି ମାସ ହେବ ସବୁ ପ୍ରସଙ୍ଗରେ ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରୁଛନ୍ତି। ମାତ୍ର ‘ରାମ୍’ ସମ୍ବଲପୁରରୁ ଉଠିଗଲା, ଆଉ ସେ ଜାଣିପାରିଲେନି କେମିତି ? ଆଉ ଏ ସମ୍ପର୍କରେ ସେ ମଧ କିଛି କହୁନାହାନ୍ତି। ଏଥିସହ ମନୋଜ ଏସବୁ କରିଛନ୍ତି ବୋଲି ଆମ ପାଖରେ ପ୍ରମାଣ ରହିଥିବା ସଞ୍ଜୟ କହିଛନ୍ତି। ସେହିପରି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା କେତେଜଣ ପ୍ରଯୋଜକ ଓ ୟୁସିସି ପକ୍ଷରୁ ମନୋଜ ମିଶ୍ରଙ୍କୁ ନେଇ ମିଳିତ ନିଷ୍ପତ୍ତି ଶୁଣାଇଥିଲେ। ନିଷ୍ପତ୍ତି ଅନୁଯାୟୀ, ଅଭିନେତା ମନୋଜ ମିଶ୍ରଙ୍କୁ ବାସନ୍ଦ କରାଗଲା। ତାଙ୍କୁ ୨ବର୍ଷ ପାଇଁ କୌଣସି ପ୍ରଯୋଜକ ସିନେମାରେ ନେବେନାହିଁ। ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରି କୌଣସି ବ୍ୟକ୍ତି ଫିଲ୍ମ ନିର୍ମାଣ କରନ୍ତି, ତା’ହେଲେ ସେହି ଫିଲ୍ମକୁ କୌଣସି ହଲ୍‌ରେ ରିଲିଜ୍ କରାଇ ଦିଆଯିବ ନାହିଁ। ପ୍ରତିବାଦ କରାଯିବ। ଏନେଇ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନକୁ ମଧ୍ୟ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଏ ସମ୍ପର୍କରେ ମନୋଜ ମିଶ୍ର କହିଛନ୍ତି, ମୁଁ ଜାଣିନି ମୋତେ କ’ଣ ପାଇଁ ବ୍ୟାନ୍ କରାଯାଇଛି। ମୁଁ କେବେ କୌଣସି ସିନେମାର ବିରୋଧରେ ନୁହେଁ। ସବୁବେଳେ ଓଡ଼ିଆ ସିନେମାର ସପକ୍ଷରେ କହି ଆସିଛି। ‘ରାମ୍’ ସିନେମା ଦେଖନାହିଁ ବୋଲି ମୁଁ କାହାକୁ କହିନାହିଁ। ମୋ ନାଁ ନେଇ କିଏ ବି କିଛି କହିଥାଇପାରେ। ମୁଁ କେବେ ସିନେମା ବିରୋଧୀ ନୁହେଁ। କେହି ସିନେମାକୁ ବିରୋଧ କରୁ – ମୁଁ ଏହା ସପକ୍ଷରେ ନୁହେଁ। ‘ଜୱାନ୍’ ସିନେମାକୁ ବି ବ୍ୟାନ୍ କର ବୋଲି ଅଭିଯୋଗ ଆସୁଥିଲା। ସେ ସିନେମାକୁ କେହି ବ୍ୟାନ୍ କରିଦେଲେ କି। ମୁଁ କହିଦେବି, ଆଉ ଯଦି ସିନେମା ବନ୍ଦ ହୋଇଯିବ ତାହା ହେଲେ ଏହାଠୁ ବଡ଼ ଦୁଃଖଦ କଥା କିଛିନାହିଁ। ଫିଲ୍ମ ଭଲ ଥିଲେ ଯେତେ ଅସୁବିଧା ଆସିଲେ ବି ତାହା ହଲ୍‌ରେ ଚାଲିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରରେ କୌଣସି ଏକ ସାଧାରଣ ଘଟଣାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କେତୁଯୁକ୍ତ ରବି କାରଣରୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଆଶା ଅନୁଯାୟୀ ସଫଳତା ପାଇପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** କୌଣସି ଯୋଜନାରେ ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ନୀଚାରୋହୀ ଶୁକ୍ରଙ୍କ ଯୋଗୁ କାମର ଚାପ ବୃଦ୍ଧି ପାଇବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, ଯାହାକି ଦୁଶ୍ଚିନ୍ତାର ମାତ୍ରାକୁ ବଢ଼ାଇଦେବ। ଅଭିଳାଷ ପୂରଣରେ ଅର୍ଥ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି।

**ମିଥୁନ** ଭଲ ସମ୍ପର୍କ ଥିବା ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଶୁକ୍ର କ୍ଷେତ୍ରରେ ବୁଧ ହେତୁ ସାମାଜିକ ସ୍ତରରେ ସଭାସମିତି, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ଟଣା ନୀତି ହେତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ସ୍ଥଗିତ କାମ ସୁରୁଖୁରୁରେ ହୋଇଯିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଧନାଧିପ ଦୁର୍ବଳ ଯୋଗୁ ଆର୍ଥିକ ଦିଗ ଭଲ ନ ରହିବାରୁ ପ୍ରତ୍ୟେକ କାମ ଅଭାବ ଭିତରେ କରିବେ। ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆତ୍ମୀୟଙ୍କ ସହଯୋଗ ନ ପାଇଲେ ମଧ୍ୟ ଆପଣ ଏକାକୀ ପରିସ୍ଥିତିକୁ ସମ୍ଭାଳି ନେବେ।

**ସିଂହ** କେତେକ କାମ ବନ୍ଧୁମାନଙ୍କ ଅନୁରୋଧବଶତଃ କରିବାକୁ ବାଧ୍ୟ ହେବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ରାଶିରେ ଶୁକ୍ର ଥିବାରୁ ସହକର୍ମୀ ଅସହଯୋଗ କଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଗୁରୁତ୍ୱପୂର୍ଣ୍ଣ କାମରେ ମାନସିକ ଅବସାଦ ଲାଗି ରହିପାରେ।

**କନ୍ୟା** ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବ ପରି ରହିବ ଏବଂ କୌଣସି ପରିବର୍ତ୍ତନର ଲକ୍ଷଣ ଦେଖିପାରିବେ ନାହିଁ। ରାହୁଯୁକ୍ତ ବୃହସ୍ପତିଜନିତ ଆଗାମୀ ଆନୁଷ୍ଠାନିକ କାମ ପାଇଁ ବ୍ୟସ୍ତତା ଅନୁଭବ କରିବେ। କଳା, ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବେ।

**ତୁଳା** ଆଜି କାମ ହାସଲ କରି ଯେତିକି ଖୁସି ହେବେ, ପରିବାରର ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହୋଇ ପାରନ୍ତି। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଭ୍ରମଣଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ବିଛା** ଏକାଧିକ କାମରେ ପ୍ରବେଶ କାରଣରୁ ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ କାମ ସମ୍ପନ୍ନ ହେବ। ଦ୍ୱାଦଶସ୍ଥ ପାପାଗ୍ରହ ହେତୁ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ପାରସ୍ପରିକ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖରେ କଟିବ। କାରଣ ନ ଥାଇ ମଧ୍ୟ ଅଭିଯୋଗର ସାମ୍ନା କରିବାକୁ ପଡିବ।

**ଧନୁ** ପୂର୍ବାପେକ୍ଷା ପାରିବାରିକ ପରିସ୍ଥିତି ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଶନି ଦୃଷ୍ଟି ଗୁରୁ ହେତୁ ହଜି ଯାଇଥିବା ଜିନିଷର ଖବର ପାଇବା ଆଶା ମଉଳି ଯାଇପାରେ। ନିର୍ମାଣାଧୀନ କାମ, ଶିଳ୍ପ, ବାଣିଜ୍ୟ କିମ୍ବା ଜମିଜମା କିଣାବିକା କ୍ଷେତ୍ରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** କର୍ମଭାବସ୍ଥ ରାଜଯୋଗ କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। କୌଣସି କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବାରମ୍ବାର ଅସଫଳତାର କାରଣ ଖୋଜିବାକୁ ଯାଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଅଭାବ ଦୂର ହେବ ଏବଂ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ।

**କୁମ୍ଭ** ପାରିବାରିକ ସ୍ଥିତି, ଶିଳ୍ପ, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସୁଫଳ ପାଇବେ। ସ୍ୱଭାବରୁ ଚନ୍ଦ୍ର ଅଷ୍ଟମସ୍ଥ ଯୋଗୁ ଶ୍ରମଜୀବୀଙ୍କ ଆଜିର ପାରିଶ୍ରମିକ ମନ ଲାଖି ହେବ ନାହିଁ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମୀନ** ଆଜିର କର୍ମକ୍ଷେତ୍ରରେ ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କରେ ଅବନତି ଘଟିପାରେ। ବୁଧ ଦୁଃସ୍ଥାନରେ ଥିବାରୁ ବ୍ୟବସାୟରେ ମାନମନାନ୍ତର ଅଶାନ୍ତିର କାରଣ ହେବ। ଘରର ବରାଦ ମୁତାବକ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଜମିଜମା କାରବାର, ଯାନବାହନ, ଧାତୁ, ଅଳଙ୍କାର ବ୍ୟବସାୟରେ ଲାଭବାନ୍ ହେବେ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୨୬ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୮ ଗତେ ଘ.୦୭।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୬ ଗତେ ଘ.୦୨।୨୧ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୬/୨୦୨୩ | Bhubaneswar, Thursday, October 26/2023 | ପୃଷ୍ଠା-୧



**ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକ**
ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ମିକ୍ସଡ ଡବଲ୍ସରେ ଓଡ଼ିଶାର ପ୍ରମୋଦ ଭଗତ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।
୧୨

୦୪
**ଶ୍ରଦ୍ଧାଙ୍କ ଆକ୍ସନ ମୁଡ୍**
ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏଣିକି ଅଧିକ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି।



# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷ ହେଲେ ଭି.କେ. ପାଣ୍ଡିଆନ

**ଭୁବନେଶ୍ୱର,୨୫।୧୦**
**(ଅନିଲ ଦାସ)**

ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଚାକିରିରୁ ସୋମବାର ସ୍ୱେଚ୍ଛାକୃତ ଅବସର ନେବା ପରେ ଭି.କେ. ପାଣ୍ଡିଆନଙ୍କୁ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଏହି ନୂତନ ନିଯୁକ୍ତି ସହ ପାଣ୍ଡିଆନଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ସେ ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହି କାର୍ଯ୍ୟ କରିବେ ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଥିବା ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ପାଣ୍ଡିଆନ ଗତ ସୋମବାର ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କ ଭିଆରଏସ୍‌ଙ୍କୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭାବେ କାର୍ଯ୍ୟକରି ଓଡ଼ିଶାକୁ ବିକଶିତ ଓ ସମୃଦ୍ଧ କରି ଗଢ଼ିତୋଳିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି।



# ବହିରୁ 'ଇଣ୍ଡିଆ' ହଟାଇ 'ଭାରତ' ରଖାଯାଉ

**୨୦୨୩ ଜୁଲାଇ ୧୮ରେ ୨୭ ବିରୋଧୀ ଦଳ ଏକାଠି ହୋଇ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନାମରେ ଏକ ବ୍ଲକ୍ ଗଠନ କରିବା ପରଠୁ ଭାଜପା ନେତା ଓ କେନ୍ଦ୍ରୀୟ ମନ୍ତ୍ରୀମାନେ ଏହି ଶବ୍ଦ ଉଚ୍ଚାରଣ କରୁନାହାନ୍ତି। ଜି୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମଫଳକରେ 'ପ୍ରାଇମ୍ ମିନିଷ୍ଟର ଅଫ୍ ଭାରତ' ଲେଖାଯାଇଥିଲା। ଫଳରେ ସରକାର ଦେଶର ନାମ କେବଳ 'ଭାରତ' ରଖିବା ପାଇଁ ଯୋଜନା କରୁଥିବା ଚର୍ଚ୍ଚା ହୋଇଥିଲା। ଏହି ବିବାଦ ନ ଥମୁଣୁ ସ୍କୁଲ ପାଠ୍ୟକ୍ରମରୁ 'ଇଣ୍ଡିଆ' ଶବ୍ଦ ହଟାଇ 'ଭାରତ' ଉଲ୍ଲେଖ କରିବା ପାଇଁ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି)ର ଏକ କମିଟି ସୁପାରିସ କରି ନୂଆ ବିତର୍କକୁ ଜନ୍ମ ଦେଇଛି।**

## ଏନ୍‌ସିଇଆର୍‌ଟି କମିଟିର ସୁପାରିସ

**ନୂଆଦିଲ୍ଲୀ,୨୫।୧୦**

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ସ୍କୁଲଗୁଡ଼ିକର ସବୁ ଶ୍ରେଣୀରେ ପଢ଼ାଯାଉଥିବା ପୁସ୍ତକରୁ ଦେଶର ନାମ 'ଇଣ୍ଡିଆ'କୁ ହଟାଇ 'ଭାରତ' ଉଲ୍ଲେଖ କରାଯିବା ଉଚିତ ବୋଲି ସାମାଜିକ ବିଜ୍ଞାନ ଉପରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଛି। ପାଠ୍ୟକ୍ରମରେ 'ପ୍ରାଚୀନ ଇତିହାସ' ପରିବର୍ତ୍ତେ 'ଶାସ୍ତ୍ରୀୟ ଇତିହାସ' ପଢ଼ାଯିବା ସହ ସମସ୍ତ ଶ୍ରେଣୀରେ ଇଣ୍ଡିଆନ୍ ନଲେଜ୍ ସିଷ୍ଟମ୍ (ଆଇକେଏସ୍)କୁ ସାମିଲ କରିବା ପାଇଁ ଉକ୍ତ ପ୍ୟାନେଲ ପ୍ରସ୍ତାବ ଦେଇଥିବା କମିଟି ଅଧ୍ୟକ୍ଷ ସି.ଆଇ. ଇସାକ୍ କହିଛନ୍ତି। ତେବେ ଏହି ସୁପାରିସ ଉପରେ ଅଦ୍ୟାବଧି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ତେଣୁ ଏନେଇ ଏବେଠୁ କିଛି କହିବା ଉଚିତ ହେବନାହିଁ ବୋଲି ଏନ୍‌ସିଇଆର୍‌ଟି ମୁଖ୍ୟ ଦୀନେଶ ସାକ୍‌ଲାନି ସୂଚନା ଦେଇଛନ୍ତି।

ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ହିଷ୍ଟୋରିକାଲ ରିସର୍ଚ୍ଚ (ଆଇସିଏଚ୍‌ଆର୍) ସଦସ୍ୟ ଥିବା ଐତିହାସିକ ତଥା ଇସାକ୍ ଆହୁରି କହିଛନ୍ତି, ସବୁ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଦେଶର ନାମକୁ ସଂଶୋଧନ କରି 'ଭାରତ' ରଖାଯିବା ଉପରେ କମିଟି ସର୍ବସମ୍ମତି କ୍ରମେ ସୁପାରିସ କରିଛି। ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା ଏବଂ ୧୭୫୭ ପଲାସୀ ଯୁଦ୍ଧ ପରଠୁ 'ଇଣ୍ଡିଆ' ଶବ୍ଦର ବ୍ୟବହାର କରାଯାଇଆସୁଛି। କିନ୍ତୁ ଭାରତ ଏକ ପୁରୁଣା ନାମ, ଯାହାକି ପ୍ରାଚୀନ ଲିପିଗୁଡ଼ିକରେ ରହିଛି। ୭,୦୦୦ ବର୍ଷ ପୁରୁଣା ବିଷ୍ଣୁ ପୁରାଣରେ ମଧ୍ୟ 'ଭାରତ' ଉଲ୍ଲେଖ କରାଯାଇଛି। ସେହିପରି ବିଭିନ୍ନ ଯୁଦ୍ଧରେ 'ହିନ୍ଦୁଙ୍କ ବିଜୟ'କୁ ମଧ୍ୟ ପୁସ୍ତକଗୁଡ଼ିକରେ ପ୍ରାଧାନ୍ୟ ଦେବାକୁ ସୁପାରିସ କରାଯାଇଛି। ବ୍ରିଟିଶମାନେ ଭାରତୀୟ ଇତିହାସକୁ ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ବର୍ଗରେ ୩ ଭାଗ କରିଦେଇଥିଲେ। ଭାରତ ଅନ୍ଧାରରେ ରହି ବୈଜ୍ଞାନିକ ଜ୍ଞାନ ଓ ପ୍ରଗତି ସମ୍ପର୍କରେ ଅଜ୍ଞ ବୋଲି ଏଥିରେ ଦର୍ଶାଯାଇଛି। ତେଣୁ ପ୍ରତ୍ୟେକ ସ୍କୁଲରେ ଭାରତୀୟ ଇତିହାସର ଶାସ୍ତ୍ରୀୟ ଯୁଗ ସହିତ ମଧ୍ୟଯୁଗୀୟ ଓ ଆଧୁନିକ ଇତିହାସ ପଠାଇବାକୁ ଆମେ ପ୍ରସ୍ତାବ ଦେଇଛୁ।

ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁସାରେ ଏନ୍‌ସିଇଆର୍‌ଟି ସ୍କୁଲ ଟେକ୍ସଟବୁକ୍‌ଗୁଡ଼ିକର ସମୀକ୍ଷା କରୁଛି। ନିକଟରେ ଏହି ପରିଷଦ ୧୯ ସଦସ୍ୟ ବିଶିଷ୍ଟ ଏକ ନ୍ୟାଶନାଲ ସିଲାବସ୍ ଆଣ୍ଡ ଲର୍ନି ମ୍ୟାଟେରିଆଲ କମିଟି (ଏନ୍‌ଏସ୍‌ଟିସି) ଗଠନ କରିଛି। ଶ୍ରେଣୀଗୁଡ଼ିକରେ ପିଲାଙ୍କୁ ଦିଆଯାଉଥିବା ବହି ଓ ପଢ଼ା ସାମଗ୍ରୀଗୁଡ଼ିକ ଯାଞ୍ଚ କରିବା ହେଉଛି ଏହାର ଉଦ୍ଦେଶ୍ୟ। ସେହିପରି ସବୁ ଶ୍ରେଣୀରେ ଭାରତୀୟ ଜ୍ଞାନ ବ୍ୟବସ୍ଥା (ଆଇକେଏସ୍)କୁ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ କମିଟି ସୁପାରିସ କରିଛି। ଏନେଇ ଏନ୍‌ସିଇଆର୍‌ଟି ଡାଇରେକ୍ଟର ଦୀନେଶ ପ୍ରସାଦ ସାକ୍‌ଲାନି କହିଛନ୍ତି, ସୋସିଆଲ ସାଇନ୍ସ ପ୍ୟାନେଲର ପ୍ରସ୍ତାବକୁ ଏଯାଏ ଅନୁମୋଦନ କରାଯାଇନାହିଁ। ନ୍ୟାଶନାଲ କରିକୁଲମ୍ ଫ୍ରେମ୍‌ୱାର୍କ (ଏନ୍‌ସିଏଫ୍) ହେଉଛି ପାଠ୍ୟଖସଡ଼ା ପାଇଁ ଆନୁଷ୍ଠାନିକ ଦସ୍ତାବିଜ। ଦେଶର ନାମ ପରିବର୍ତ୍ତନ କରାଯିବା ଉଚିତ ବୋଲି ଏନ୍‌ସିଏଫ୍‌ର କୌଣସି ସ୍ଥାନରେ ଉଲ୍ଲେଖ କରାଯାଇନାହିଁ। ଏହା କେବଳ ଗୁଜବ। ଯିଏ ଏପରି ଦାବି କରୁଛନ୍ତି, ସେ ତା'ର ପ୍ରମାଣ ଦେଖାଇବା ଉଚିତ।

ଉକ୍ତ ୭ ଜଣିଆ କମିଟିର ଅନ୍ୟ ସଦସ୍ୟମାନେ ହେଲେ ଆଇସିଏଚ୍‌ଆର୍ ଅଧ୍ୟକ୍ଷ ରଘୁବେନ୍ଦ୍ର ତନୱର, ବନ୍ଦନା ମିଶ୍ର, ଜେଏନ୍‌ୟୁ ପ୍ରଫେସର ବସନ୍ତ ଶିନ୍ଦେ, ଡେକାନ କଲେଜ ଡିମ୍‌ଡ ୟୁନିଭର୍ସିଟିର ପୂର୍ବତନ କୁଳପତି ଏବଂ ହରିୟାଣାର ଏକ ସରକାରୀ ସ୍କୁଲରେ ସମାଜବିଜ୍ଞାନ ପଢ଼ାଉଥିବା ମମତା ଯାଦବ ରହିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ଜି୨୦ ସମ୍ମିଳନୀ ପାଇଁ ଛାପିଥିବା ନିମନ୍ତ୍ରଣ ପତ୍ରରେ ପ୍ରଥମ ଥର ପାଇଁ ସରକାରୀ ଭାବେ ଭାରତ ନାମ ବ୍ୟବହାର କରିଥିଲେ। ସେଥିରେ 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ' ବଦଳରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖାଯାଇଥିଲା।

ଏ ସମ୍ପର୍କରେ ଜଟଣୀସ୍ଥିତ ନାଇଜରର ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ବିଦେଶୀ ଛାପକୁ ହଟାଇବା ପାଇଁ ପୂର୍ବରୁ ଅଧିକାଂଶ ରାଜ୍ୟଗୁଡ଼ିକ ନିଜ ରାଜ୍ୟର ନାମ(ଉଚ୍ଚାରଣ) ପରିବର୍ତ୍ତନ କରିସାରିଛନ୍ତି। ସେହିଭଳି ଆମ ଦେଶର ନାମକୁ 'ଭାରତ' ବୋଲି ପରିଚୟ ଦେବାରେ କୌଣସି ଆପତ୍ତି ନୁହେଁ ବୋଲି ମୁଁ ଭାବୁଛି। ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ଶିକ୍ଷା କ୍ଷେତ୍ରରୁ 'ଭାରତ' ନାମ ଉଚ୍ଚାରଣ କରିବା ଅଭ୍ୟାସ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ଚିନ୍ତା କରିଥାଇପାରନ୍ତି।

# ଜାନୁୟାରୀ ୨୨ରେ ରାମ ମନ୍ଦିର ଉଦ୍‌ଘାଟନ

**ନୂଆଦିଲ୍ଲୀ,୨୫।୧୦**

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧାରେ ନୂଆ ରାମମନ୍ଦିର ଉଦ୍‌ଘାଟନ ସହ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା କରାଯିବ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ବୁଧବାର ନିମନ୍ତ୍ରଣ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଏକ୍ସ'ରେ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ମୋର ସୌଭାଗ୍ୟ ଯେ ମୁଁ ଏହି ଐତିହାସିକ ଅବସରର ସାକ୍ଷୀ ହେବାକୁ ଯାଉଛି। ଏଥିରେ ସେ ରାମମନ୍ଦିର ନିର୍ମାଣ କରୁଥିବା ଟ୍ରଷ୍ଟ ପଦାଧିକାରୀମାନଙ୍କ ଫଟୋ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି। ଟ୍ରଷ୍ଟ ସାଧାରଣ ସମ୍ପାଦକ ଚମ୍ପତ ରାଏ କହିଛନ୍ତି, ଜାନୁୟାରୀ ୨୨ରେ ଗର୍ଭଗୃହରେ ଭଗବାନ ରାମଙ୍କ ବିଗ୍ରହ ସ୍ଥାପନ (ପ୍ରାଣ ପ୍ରତିଷ୍ଠା) କରାଯିବ। ଏଥିରେ ଯୋଗଦେବା ପାଇଁ ଅନ୍ୟ ସଦସ୍ୟମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲୁ। ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**
**ଏକଚ୍ଛତ୍ରବାଦର ପତନ**

# କୁନ୍ଦୁଲି ସାପ୍ତାହିକ ହାଟରେ ଡବଲ ମର୍ଡର

**ପଟ୍ଟାଙ୍ଗି, ୨୫।୧୦(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଧୀନ କୁନ୍ଦୁଲି ହାଟପଦାରେ ଡବଲ ମର୍ଡର ହୋଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସେମିଳିଗୁଡ଼ା ବ୍ଲକ ହାଟଗୁଡ଼ା ପଞ୍ଚାୟତ ଅଧୀନ ଟେମା ଗ୍ରାମର ଗୋବର୍ଦ୍ଧନ ପାଣ୍ଡକା ଓ ହାଟପଦାର ରାଜକୁମାର ରୁଡି। ପୋଲିସ ଗୋବର୍ଦ୍ଧନଙ୍କ ପରିବାର ଓ ରାଜକୁମାରଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଯଥାକ୍ରମେ ନଂ. ୧୩୧/୨୩ ଓ ୧୩୨/୨୩ରେ ୨ଟି ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ସୂଚନାନୁଯାୟୀ, ଗୋବର୍ଦ୍ଧନ ବୁଧବାର ସକାଳେ ହାଟପଦା ବଜାରକୁ ଆସିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ରାଜକୁମାର, ତାଙ୍କ ବାପା ଜଗୁଲୁ ଓ ପରିବାର ଲୋକଙ୍କ ସହ ଗୋବର୍ଦ୍ଧନଙ୍କ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜକୁମାର, ତାଙ୍କ ବାପା ଓ ପରିବାର ଲୋକେ ଧାରୁଆ ଅସ୍ତ୍ରରେ ଆକ୍ରମଣ ☞ପୃଷ୍ଠା-୮

# ବିଶ୍ୱକପ୍ ରେକର୍ଡ: ୪୦ ବଲ୍‌ରେ ୧୦୦

## ମ୍ୟାକ୍ସୱେଲଙ୍କ ଦ୍ରୁତତମ ଶତକ, ଅଷ୍ଟ୍ରେଲିଆର ସର୍ବବୃହତ୍ ବିଜୟ

**ନୂଆଦିଲ୍ଲୀ, ୨୫।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ବୁଧବାର ଏକାଧିକ ରେକର୍ଡ ସୃଷ୍ଟି ହୋଇଛି। ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ବୃହତ୍ ବିଜୟ ହାସଲ କରିଥିବାବେଳେ ଦ୍ରୁତତମ ଶତକ ହାସଲ କରିଛନ୍ତି ଏହି ଦଳର ଗ୍ଲେନ ମ୍ୟାକ୍ସୱେଲ। ନେଦରଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୮ ଉଇକେଟ ହରାଇ ୩୯୯ ରନ କରିଥିଲା। ଜବାବରେ ନେଦରଲାଣ୍ଡ ୨୧ ଓଭରରେ ୯୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ୩୦୯ ରନରେ ବିଜୟ ହାସଲ କରିଥିଲା। ବିଶ୍ୱକପରେ ରନ୍ ଦୃଷ୍ଟିରୁ କୌଣସି ଦଳର ଏହା ସର୍ବବୃହତ୍ ବିଜୟ। ପୂର୍ବରୁ ୨୦୧୫ରେ ଅଷ୍ଟ୍ରେଲିଆ ପର୍ଥଠାରେ ଆଫଗାନିସ୍ତାନ ବିପକ୍ଷରେ ୨୭୫ ରନରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲା। ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଡେଭିଡ ୱାର୍ନର (୧୦୪ ରନ, ୯୩ ବଲ, ୧୧ ଚୌକା, ୩ ଛକା) ଓ ମ୍ୟାକ୍ସୱେଲ (୧୦୬ ରନ, ୪୪ ବଲ, ୯ ଚୌକା, ୮ ଛକା) ଶତକ ଅର୍ଜନ କରିଥିଲେ। ମାତ୍ର ମ୍ୟାକ୍ସୱେଲ ୪୦ ବଲ୍‌ରୁ ଶତକ ପୂରଣ କରି ବିଶ୍ୱକପ୍‌ରେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ହୋଇଥିଲେ। ପୂର୍ବରୁ ଦ୍ରୁତତମ ଶତକ ରେକର୍ଡ ଦକ୍ଷିଣ ଆଫ୍ରିକାର ☞ପୃଷ୍ଠା-୮


ଗ୍ଲେନ ମ୍ୟାକ୍ସୱେଲ

# ୨୮ ବର୍ଷ ପରେ ମିଳିଲା ଚାକିରି

**ନୂଆଦିଲ୍ଲୀ, ୨୫।୧୦(ପି.ଟି.)**

ଭାରତୀୟ ଡାକ ବିଭାଗରେ ଚାକିରି ପାଇଁ ୧୯୯୫ ମସିହାରେ ଆବେଦନ କରିଥିଲେ। ହେଲେ ବିଭାଗୀୟ ତ୍ରୁଟି ଯୋଗୁ ତାଙ୍କୁ ଚାକିରି ମିଳି ପାରି ନ ଥିଲା। ଏବେ ସୁପ୍ରିମକୋର୍ଟ ଉକ୍ତ ବ୍ୟକ୍ତିଙ୍କୁ ଚାକିରି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ବେଲା ଏମ୍ ତ୍ରିବେଦୀ ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଅଙ୍କୁର ଗୁପ୍ତା ୧୯୯୫ରେ ପୋଷ୍ଟାଲ ଆସିଷ୍ଟାଣ୍ଟ ପଦବୀ ପାଇଁ ଆବେଦନ କରିଥିଲେ। ତାଙ୍କ ନାମ ଚୟନ ପରେ ସେ ଚାକିରି ପୂର୍ବ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ। ହେଲେ ସେ ଧନ୍ଦାମୂଳକ ଶିକ୍ଷାକେନ୍ଦ୍ରରୁ ଇଣ୍ଟରମିଡିଏଟ୍ ଶିକ୍ଷା ଯୋଗ୍ୟତା ହାସଲ କରିଥିବା ଦର୍ଶାଇ ପରବର୍ତ୍ତୀ ସମୟରେ ତାଙ୍କ ନାମ ମେରିଟ୍ ଲିଷ୍ଟରୁ ବାଦ୍ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ବିରୋଧରେ ଅଙ୍କୁର ଏବଂ ଅନ୍ୟ କେତେଜଣ ପରୀକ୍ଷାର୍ଥୀ ସେଣ୍ଟ୍ରାଲ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ(କ୍ୟାଟ୍)ର ଦ୍ୱାରସ୍ଥ ହୋଇଥିଲେ। ୧୯୯୯ରେ ଟ୍ରିବ୍ୟୁନାଲ୍ ଅଙ୍କୁରଙ୍କ ସପକ୍ଷରେ ରାୟ ଦେଇଥିଲେ। ହେଲେ ଉକ୍ତ ରାୟକୁ ଡାକ ବିଭାଗ ଚ୍ୟାଲେଞ୍ଜ କରି ୨୦୦୦ ମସିହାରେ ଆଲ୍ଲାହାବାଦ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଲ୍ଲାହାବାଦ୍ ହାଇକୋର୍ଟ ଡାକ ବିଭାଗ ପକ୍ଷରୁ ହୋଇଥିବା ଆବେଦନକୁ ୨୦୧୭ରେ ଖାରଜ କରିବା ସହ ☞ପୃଷ୍ଠା-୮





ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। **-ଶ୍ରୀଅରବିନ୍ଦ**

# ଏକଚ୍ଛତ୍ରବାଦର ପତନ



ଜାସେକ୍ ରୋଷ୍ଟୋସ୍କି

ଅକ୍ଟୋବର ୧୫ (ରବିବାର)ରେ ଶେଷ ହୋଇଥିବା ପୋଲାଣ୍ଡ ସଂସଦୀୟ ନିର୍ବାଚନରେ ଏକଚ୍ଛତ୍ରବାଦୀ ଶାସକ ଦଳ ଲ ଆଣ୍ଡ୍ ଜଷ୍ଟିସ(ପିଆଇଏସ୍)ର ଶୋଚନୀୟ ପରାଜୟ ଘଟିଛି। ଗଣତନ୍ତ୍ର ସପକ୍ଷବାଦୀ ବିରୋଧୀଦଳଗୁଡ଼ିକ ୫୩.୫% ଭୋଟ ପାଇଥିବାବେଳେ ପିଆଇଏସ୍ ପାଇଛି ମାତ୍ର ୩୫.୪%। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଜୋ ବାଇଡେନ୍ ଜିତିବା ପରଠାରୁ ପାଶ୍ଚାତ୍ୟରେ ଏକଚ୍ଛତ୍ରବାଦୀ ନେତାଙ୍କର ଏହା ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପରାଜୟ। ପ୍ରଶ୍ନ ହେଉଛି, ଏହି ପ୍ରକାର ପରାଜୟ ପୋଲାଣ୍ଡ, ୟୁରୋପ ଏବଂ ଅନ୍ୟ ଗଣତନ୍ତ୍ରଗୁଡ଼ିକୁ କି ଶିକ୍ଷା ଦେଇପାରେ। ୨୦୨୦ରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଭଳି ପୋଲାଣ୍ଡ ନିର୍ବାଚନରେ ଭୋଟ ହାର ଥିଲା ୭୪%, ଯାହା ୧୯୮୯ରେ ବାମବାଦର ପତନ ପରେ ସବୁଠୁ ଅଧିକ। ୨୦୧୯ରେ ଏହା ଥିଲା ୬୨%। ପୂର୍ବ ନିର୍ବାଚନ ତୁଳନାରେ ପିଆଇଏସ୍ ତାହାର ମୋଟ ଭୋଟର ସଂଖ୍ୟା ବଢ଼ାଇବାରେ ବିଫଳ ହୋଇଥିବାବେଳେ ୩ଟି ଗଣତାନ୍ତ୍ରିକ ବିରୋଧୀ ଦଳ ମେଣ୍ଟ ସେମାନଙ୍କ ଭୋଟର ସଂଖ୍ୟା ୩୦ ଲକ୍ଷକୁ ବୃଦ୍ଧି କରିପାରିଛନ୍ତି। ବ୍ୟବସ୍ଥା ଦୃଷ୍ଟିରୁ ନିର୍ବାଚନ ଯଦିଓ ମୁକ୍ତ ଥିଲା ତଥାପି ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛ ନ ଥିଲା। ପିଆଇଏସ୍ ସପକ୍ଷରେ ଅବୈଧ ଭାବେ ଅତ୍ୟଧିକ କାର୍ଯ୍ୟ କରାଯାଇଥିଲା ଯାହା ହଙ୍ଗେରୀର ଏକଚ୍ଛତ୍ରବାଦୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କୁ ଗର୍ବିତ କରିଥାଇପାରେ। ସମ୍ପୂର୍ଣ୍ଣ ନିର୍ବାଚନ ପ୍ରଚାର ଅଭିଯାନରେ ସରକାର ନିୟନ୍ତ୍ରଣାଧୀନ ଟିଭି ଚ୍ୟାନେଲ ପିଆଇଏସ୍‌ର କାର୍ଯ୍ୟକ୍ରମଗୁଡ଼ିକୁ ଦିନରାତି ଲଗାତର ପ୍ରସାରଣ କରିଥିଲା। ଏହି ସମୟରେ ପିଆଇଏସ୍ ପ୍ରଚାର ଅଭିଯାନ ବିଜ୍ଞାପନ ବାବଦରେ ଯାହା ଖର୍ଚ୍ଚ କରିଥିଲା ପ୍ରମୁଖ ସରକାରୀ ସଂସ୍ଥା ସହ ରାଷ୍ଟ୍ରାୟତ୍ତ କମ୍ପାନୀ ସବୁ ତାହାଠାରୁ ଯଥେଷ୍ଟ ବେଶି ବ୍ୟୟ କରିଥିଲେ।

କିନ୍ତୁ ହଙ୍ଗେରୀ ପରି ପୋଲାଣ୍ଡର ବୃହତ୍ କେବୁଲ-ନ୍ୟୁଜ୍ ଚ୍ୟାନେଲ,ଟିଭିଏନ୍୨୪ (ଯାହାର ମାଲିକ ଆମେରିକାର ଡିସ୍‌କଭରି କମ୍ପାନୀ) ସ୍ୱାଧୀନ ରହିଲା ଏବଂ ପୋଲାଣ୍ଡର ବିଲିୟନେୟାରଙ୍କ ମାଲିକାନାରେ ଥିବା ଅନ୍ୟ ଏକ ମଧ୍ୟମ ଆକାରର ଚ୍ୟାନେଲ ସରକାର ପକ୍ଷରେ ଥାଇ ବି ବିବିଧ ଖବର ପ୍ରସାରଣ କଲା। ଏହି ସମୟରେ ଅଧିକାଂଶ ଇଣ୍ଟରନେଟ୍ ଏବଂ ପ୍ରିଣ୍ଟ ମିଡିଆ ସ୍ୱାଧୀନ ରହିଲେ। ପିଆଇଏସ୍ ସପକ୍ଷରେ ପ୍ରଚାର କରିବା ଲାଗି ସ୍ଥାନୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରୁ ଅଧିକାଂଶକୁ କିଣିନିଆଗଲା। ଏଣୁ ଏହିସବୁ ଘଟଣାରୁ କି ଶିକ୍ଷା ମିଳେ। ପ୍ରଥମରେ ଯେତେ ଅଧିକ ସମୟ ଏକଚ୍ଛତ୍ରବାଦୀ ଶାସନ ରହିବ ତାହାକୁ ହଟାଇବା ସେତିକି କଷ୍ଟକର। କାରଣ ଯେଉଁମାନେ କ୍ଷମତାରେ ରହନ୍ତି ସେମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକର କ୍ଷମତା ଏବଂ ସ୍ୱାଧୀନ ଗଣମାଧ୍ୟମର ସ୍ୱାଧୀନତାକୁ ଧୀରେ ଧୀରେ ଶେଷ କରିଦିଅନ୍ତି। ହଙ୍ଗେରୀ ଓ ତୁର୍କୀରେ ସମାନ ପ୍ରକାର ବିପରୀତ ସ୍ଥିତି ଘଟିବାର ସୁଯୋଗ ରହିଛି, ଯେଉଁଠାରେ ଏକଚ୍ଛତ୍ରବାଦୀ ଶାସକମାନେ ଏକ ଦଶନ୍ଧିରୁ ଅଧିକ ହେଲା କ୍ଷମତାରେ ରହିଛନ୍ତି।



ଦ୍ୱିତୀୟତଃ, ସମାନୁପାତିକ ପ୍ରତିନିଧିତ୍ୱ ଆଧାରିତ ନିର୍ବାଚନ ପଦ୍ଧତି (ଯାହା ପୋଲାଣ୍ଡରେ ଅଛି)ରେ ଏକଚ୍ଛତ୍ରବାଦୀ ଦଳଗୁଡ଼ିକ 'ଫାଷ୍ଟ ପାଷ୍ଟ ଦି ପୋଷ୍ଟ' ବା ସାଧାରଣ ବହୁମତକୁ ନେଇ ନେତା କିମ୍ବା ଦଳର ଚୟନ ପ୍ରକ୍ରିୟା (ଯାହା ହଙ୍ଗେରୀ ଓ ତୁର୍କୀରେ ହୋଇଥାଏ) ତୁଳନାରେ ପ୍ରାଧାନ୍ୟ ବିସ୍ତାର କରିବା କଷ୍ଟକର। କିନ୍ତୁ ପୋଲାଣ୍ଡରେ ଅନିୟମିତତାର କିଛି ସୁଯୋଗ ଥିବାରୁ ପିଆଇଏସ୍ ମାତ୍ର ୩୫% ଭୋଟ ପାଇ ସେଜ୍‌ମ୍ ବା ନିମ୍ନ ସଦନର ୪୨% ସିଟ୍ ଜିତିଲା। ଏହା ନିଶ୍ଚିତ ବିଜୟ ପାଇ ଯଥେଷ୍ଟ ନ ଥିଲା। ଅପରପକ୍ଷରେ ହଙ୍ଗେରୀରେ, ଓର୍ବାନ ସବୁଠୁ ଅଧିକ ବହୁମତ ହାସଲ କରିଥିଲେ, ଯାହା ସମ୍ବିଧାନ ସଂଶୋଧନ କରିବା ଲାଗି ଯଥେଷ୍ଟ। ସେ ମୋଟ ଭୋଟର ସଂଖ୍ୟାର ପାଖାପାଖି ଅଧା ପାଇଥିଲେ। ଅଧିକନ୍ତୁ, ଫାଷ୍ଟ ପାଷ୍ଟ ଦି ପୋଷ୍ଟ ନିର୍ବାଚନ ପଦ୍ଧତି ଭୋଟରଙ୍କୁ ଧ୍ରୁବୀକୃତ କରି ନିର୍ବାଚନ ଜିତିବାରେ ଗୋଟିଏ କିମ୍ବା ଉଭୟ ପକ୍ଷ ପାଇଁ ଅତ୍ୟାବଶ୍ୟକ ମନେହୁଏ। ଏହାର ଅର୍ଥ ହେଉଛି ଯଦି ଏଭଳି ବ୍ୟବସ୍ଥାରେ ଏକଚ୍ଛତ୍ରବାଦୀମାନେ ଏକ ପ୍ରମୁଖ ଦଳର ନିୟନ୍ତ୍ରଣ ହାସଲ କରନ୍ତି, ତେବେ ସେମାନେ ବହୁ ଦଶନ୍ଧି ଧରି ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିପାରନ୍ତି, ଯାହା ଏବେ ଆମେରିକାରେ ଘଟିବାକୁ ଯାଉଥିବା ଜଣାପଡ଼ିଛି।

ପିଆଇଏସ୍‌ର ପରାଜୟ ପଛର ଏକ ମୁଖ୍ୟ କାରଣ ହେଲା ଥାର୍ଡ ୱେ ପାର୍ଟି। ଏହା ଏକ ଦଳ ଯାହା ଗଣତାନ୍ତ୍ରିକ ଦୃଷ୍ଟିରୁ ଉଦାରବାଦୀ ରକ୍ଷଣଶୀଳ ଦଳଗୁଡ଼ିକର ନେତୃତ୍ୱ ନେଉଛି। ଏହା ସେଜ୍‌ମ୍‌ର ୬୫% ଆସନ ଜିତିଲା। ଚିନ୍ତା କରନ୍ତୁ, ଆମେରିକାରେ ଯଦି ଗୋଟିଏ ଦଳ ନେତୃତ୍ୱ ନେଇଥାଆନ୍ତା ତେବେ ସେଠାକାର ରାଜନୀତି ଭିନ୍ନ ହୋଇଥାଆନ୍ତା। ଉଦାହରଣ ସ୍ୱରୂପ, ୱ୍ୟୋମିଙ୍ଗର ଦୃଢ଼ ରକ୍ଷଣଶୀଳ ପୂର୍ବତନ କଂଗ୍ରେସର ମହିଳା ସଦସ୍ୟା ଲିଜ୍ ଚେନ୍ନୀ ଯିଏ ଟ୍ରମ୍ପଙ୍କୁ ବିରୋଧକରି ବହିଷ୍କୃତ ହୋଇଥିଲେ, ସେ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭରେ ୬୦ଟି ଆସନ ଅକ୍ତିଆର କରିଥିଲେ।

ଏକଚ୍ଛତ୍ରବାଦ ବିପର୍ଯ୍ୟୟରୁ ଯଦି ଆମେ ଗଣତନ୍ତ୍ରକୁ ରକ୍ଷା କରିବା ଲାଗି ଚାହୁଁ ତେବେ ଆମକୁ ନିର୍ବାଚନ ପଦ୍ଧତିକୁ ଯଥାସମ୍ଭବ ସମାନୁପାତିକ କରିବାକୁ ହେବ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଥିଲେ ମଧ୍ୟ ତାହା କରିବାକୁ ପଡ଼ିବ। ୨୦୧୫ରେ କେବଳ ୩୮% ଭୋଟ ପାଇ ପିଆଇଏସ୍ ସଂଖ୍ୟାଧିକ ସଂସଦୀୟ ଆସନ ଜିତିଥିଲା। ଏହା ଘଟିବାର କାରଣ ଥିଲା ସଂସଦର ଆବଶ୍ୟକ ପ୍ରବେଶ ସୀମ ଯାହା ଥିଲା ତାହା ସବୁ ଦଳକୁ ବଞ୍ଚିତ କରିଥିଲା ଯେଉଁମାନେ ମୋଟରେ ୧୬%ରୁ କମ୍ ଭୋଟ ପାଇଥିଲେ। ଜର୍ମାନୀରେ ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ ନାଜିଙ୍କୁ ବହୁମତ ପାଇବାରେ ବାଧକ ହୋଇଥିଲା। କେବଳ ରିଚ୍‌ଷ୍ଟାଗ୍ ଅଗ୍ନିକାଣ୍ଡ ପରେ ଅବୈଧ ଭାବେ ସେମାନେ ସମ୍ପୂର୍ଣ୍ଣ କ୍ଷମତା ହାସଲ କରିଥିଲେ। ଆଗକୁ ଗଣତନ୍ତ୍ର ସପକ୍ଷବାଦୀ ଶକ୍ତିଗୁଡ଼ିକ ଆମେରିକାରେ ନିର୍ବାଚନର ପ୍ରାରମ୍ଭିକ ପର୍ଯ୍ୟାୟରେ ୨ ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନ ପାଇଁ ସ୍ୱର ଉତ୍ତୋଳନ କରିବା ଉଚିତ। ସେହିଭଳି ପୋଲାଣ୍ଡରେ ସଂସଦରେ ପ୍ରବେଶ ସୀମାକୁ ମୂଳ ରୂପରୁ କମ୍ କରି ୧% କରିବା ଉଚିତ।

ତୃତୀୟ ଶିକ୍ଷା ହେଉଛି ଗଣତନ୍ତ୍ର ସମର୍ଥକ ଶକ୍ତି କେବଳ ଭୋଟରଙ୍କୁ ବିବିଧତା ପ୍ରଦାନକରି ମତଦାନ ବୃଦ୍ଧି କରିବା ଆବଶ୍ୟକ। ସେଥିପାଇଁ ପୋଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଡୋନାଲ୍ଡ ଟସ୍କ ଚଳିତ ବର୍ଷ ନିରନ୍ତର ୮ ମାସ ଧରି ପ୍ରଚାର କରିଥିଲେ । ପିଆଇଏସ୍‌ର ଗଡ଼ ଭାବେ ଜଣାଶୁଣା ଗ୍ରାମୀଣ ଅଞ୍ଚଳରେ ପ୍ରତି ସପ୍ତାହରେ ୩-୪ଟି ସାଧାରଣ ସଭା ଆୟୋଜନ କରିଥିଲେ। ଅପରପକ୍ଷେ ଥାର୍ଡ ୱେ ଅସନ୍ତୁଷ୍ଟମାନଙ୍କ ପ୍ରତି କିଛି ମାତ୍ରାରେ କୋହଳ ଭାବ ପ୍ରଦର୍ଶନ କରିଥିବାବେଳେ ଟସ୍କ ଗଣତନ୍ତ୍ର ସମର୍ଥକଙ୍କୁ ଭାବଗତ ପ୍ରତିକ୍ରିୟା ପାଇଁ ଆହ୍ୱାନ ଦେଇଥିଲେ।

ଶେଷରେ ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଗଣତନ୍ତ୍ରକୁ ଆଧାରକରି ଗଢ଼ି ଉଠୁଥିବା ଏକଚ୍ଛତ୍ରବାଦ ବିପଦର ଛାୟା ପାଶ୍ଚାତ୍ୟକୁ ଢାଙ୍କି ରହିଛି। ସେଠାରେ ଗଣତାନ୍ତ୍ରିକ ପ୍ରତିକ୍ରିୟା ମଧ୍ୟ ସମାନ ଭାବରେ ବ୍ୟାପକ ହେବା ଆବଶ୍ୟକ। ୟୁରୋପରେ, ପୋଲାଣ୍ଡର ନୂତନ ସରକାର ହଙ୍ଗେରୀରେ ନିୟମ ଉଲ୍ଲଂଘନ ବିରୋଧରେ ୟୁରୋପୀୟ ସଂଘ (ଇୟୁ) ପ୍ରମୁଖ କାର୍ଯ୍ୟାନୁଷ୍ଠାନକୁ ଅସ୍ୱୀକାର କରି ଓର୍ବାନଙ୍କୁ ପିଆଇଏସ୍ ଦେଇଥିବା ସୁରକ୍ଷା ଢାଲକୁ ଦୂର କରିବା ଆବଶ୍ୟକ। ୟୁରୋପୀୟ ସଂଘ ଚୁକ୍ତିନାମାର ଧାରା ୭ ଅନୁଯାୟୀ ଓର୍ବାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବିଳମ୍ବ ନ କରି ପୁନର୍ଜୀବିତ କରାଯିବା ଉଚିତ ଏବଂ ଯେପର୍ଯ୍ୟନ୍ତ ହଙ୍ଗେରୀ ଠିକ୍ ଭାବରେ କାର୍ଯ୍ୟ କରୁଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପୁନଃ ସ୍ଥାପିତ ନ କରିଛି ସେ ଯାଏ ତାକୁ ଇୟୁ ମତଦାନ ଅଧିକାରରୁ ବାଦ୍ ଦେବା ଉଚିତ। ଏପରିକି ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଏହାର ପରିଣାମ ଦେଖାଯିବା ଦରକାର।

**ପୋଲାଣ୍ଡର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀ**

## ଏଇ ଭାରତରେ

ପହଁରା (ସୁଇମିଂ) ଶିଖି ନ ଥିବା ପିଲାଙ୍କର ଏବେ ପାଣିରେ ବୁଡ଼ି ମୃତ୍ୟୁ ହେବା ଘଟଣା ଅଧିକ ସାମ୍ନାକୁ ଆସୁଛି। ତେବେ ଏହାର ପ୍ରତିକାର ପାଇଁ ମାଗଣାରେ ପିଲାଙ୍କୁ ପହଁରା ଶିଖାଉଛନ୍ତି କେରଳର ୬୩ ବର୍ଷୀୟା ଜାନକୀ ଆମ୍ମା। ପିଲାମାନଙ୍କ ସହ ମହିଳାମାନେ ମଧ୍ୟ ତାଙ୍କଠାରୁ ପହଁରା ଶିଖୁଛନ୍ତି। ଆମ୍ମା ରହନ୍ତି କନ୍ନୁରର ଥାଙ୍କେକାଡେରେ। କେରଳରେ ହେଉଥିବା ନୌକା ଦୁର୍ଘଟଣାରେ ଅଧିକ ସଂଖ୍ୟକ ପିଲା ଓ ମହିଳାଙ୍କ ମୃତ୍ୟୁ ହେଉଥିବାରୁ ୧୧ ବର୍ଷ ପୂର୍ବେ ସେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେ ପ୍ରତିଦିନ ପାଖାପାଖି ୧୦୦ ଜଣଙ୍କୁ ସକାଳେ ଓ ଅପରାହ୍ନରେ ପହଁରା ଶିଖାଉଛନ୍ତି। ସୁଇମିଂ କ୍ଲାସ୍ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୪ଟାରେ ଆରମ୍ଭ ହେଉଛି। ଏହି କାର୍ଯ୍ୟରେ ତାଙ୍କ ପରିବାରର ସହଯୋଗ ମିଳୁଛି। ଯେ ପର୍ଯ୍ୟନ୍ତ ସେ ସୁସ୍ଥ ରହିବେ ସେ ଯାଏ ସେ ସୁଇମିଂ ଶିଖାଇବେ ବୋଲି କହନ୍ତି ଆମ୍ମା।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୯୮

- ଭାରତୀୟ ଉଦ୍ୟୋଗ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କ ସାତସୂତ୍ରୀ ଉଚ୍ଚାଭିଳାଷୀ ଯୋଜନା ଘୋଷଣା।
- କେରଳରେ ଇ.କେ. ନାୟାନାର ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ସିପିଏମ୍ ନେତା ଏସ୍. ଶର୍ମାଙ୍କ ରାଜ୍ୟର ବିଦ୍ୟୁତ୍ ଓ ସହଯୋଗ ମନ୍ତ୍ରୀ ଭାବେ ଶପଥ ଗ୍ରହଣ।
- ଜୀ ଟିଭିର ଆବାସିକ ନିର୍ଦ୍ଦେଶକ ପି. ରାମକ୍ରିଷ୍ଣ ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ଶେଷଗିରି ରାଓଙ୍କ ପୋଲିସ ନିକଟରେ ଆତ୍ମସମର୍ପଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | 4 | | 6 |
| | 2 | 3 | | | | | | |
| | | | | | 2 | | 1 | 5 |
| 4 | | | 6 | | 5 | | | |
| | | 9 | | | | | | 7 |
| | 8 | | | 1 | | 5 | 3 | |
| | | | | | | 9 | | |
| | | 7 | | | | | | |
| | | | 4 | | 1 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 3 | 7 | 8 | 2 | 6 | 9 | 5 |
| 6 | 8 | 2 | 9 | 4 | 5 | 1 | 7 | 3 |
| 7 | 9 | 5 | 3 | 1 | 6 | 8 | 4 | 2 |
| 8 | 6 | 1 | 5 | 3 | 4 | 9 | 2 | 7 |
| 2 | 5 | 9 | 1 | 7 | 8 | 4 | 3 | 6 |
| 3 | 7 | 4 | 2 | 6 | 9 | 5 | 1 | 8 |
| 1 | 2 | 8 | 4 | 5 | 7 | 3 | 6 | 9 |
| 5 | 3 | 7 | 6 | 9 | 1 | 2 | 8 | 4 |
| 9 | 4 | 6 | 8 | 2 | 3 | 7 | 5 | 1 |

ଗତ ସଂସ୍କରଣର ଉତ୍ତର

# ଜଘନ୍ୟ ଯୁଦ୍ଧନୀତି



ମାୟାଧର ନାୟକ

ମଧ୍ୟପ୍ରାଚ୍ୟ ଇସ୍ରାଏଲ୍-ପାଲେଷ୍ଟାଇନ୍-ଗାଜାରେ ଆମେରିକା ରାଷ୍ଟ୍ରପତି ବାଇଡେନ୍, ଇଂଲଣ୍ଡ ପ୍ରଧାନମନ୍ତ୍ରୀ ସୁନକ ପହଞ୍ଚି ନିଆଁରେ ଘିଅ ଢାଳୁଛନ୍ତି। ରୁଷ୍ ରାଷ୍ଟ୍ରପତି ପୁଟିନ୍ ଚାଇନା ଯାଇ ରାଷ୍ଟ୍ରପତି ଜୀ'ଙ୍କ ସଙ୍ଗେ ଗୁପ୍ତମନ୍ତ୍ରଣା କରିଛନ୍ତି। ଗାଜା ହସ୍‌ପିଟାଲ ଉପରେ ବୋମା ମାଡ଼ କରାଯାଇ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲିଦେବା ଭଳି ବର୍ବରତା ଏ ବିଶ୍ୱ ଦେଖିଲା। ଏଭଳି ଭୟଙ୍କର ସମୟରେ ବିଶ୍ୱନେତାଙ୍କ ପୈଶାଚିକ ମାନସିକତା, କୋଳାକୋଳି ଅତ୍ୟନ୍ତ ଘୃଣ୍ୟ। ନିଜକୁ ବିଶ୍ୱନେତା, ଆତ୍ମପ୍ରଚାର କରୁଥିବା ନେତାମାନେ ଭୋକ-ରୋଗକୁ ଲୋପ କରିପାରୁନାହାନ୍ତି। ଯୁଦ୍ଧ ଲଗାଇ ଦେଶ ଦଖଲ କରିବା ପାଇଁ ଧ୍ୱଂସଲୀଳା ଲଗାଇଛନ୍ତି। ଏମାନଙ୍କ ମାନସିକତା ମାନବତା ପ୍ରତି ଅପରାଧ। ଜଘନ୍ୟ ଯୁଦ୍ଧନୀତିର ପରିଣାମ ଏକ ପାଂଶୁଳ ପୃଥିବୀ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ଇତିହାସ ପଢୁଛେ। ଆମେରିକା-ଭିଏତ୍‌ନାମ ଯୁଦ୍ଧ ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଲା। ଆମେରିକା ସୈନ୍ୟମାନେ ଭିଏତ୍‌ନାମବାସୀଙ୍କୁ ଅତ୍ୟାଚାର, ହତ୍ୟା, ପାଶବିକ ଯୌନାଚାର ଘଟାଇ ମଧ୍ୟ ଜିତିପାରିଲେ ନାହିଁ। ଏଇ ଲେଖକ ୧୯୭୧ରେ ବାଂଲାଦେଶକୁ ଜଣେ ସାମ୍ବାଦିକ ଭାବରେ ଯାଇଥିଲା। ପାକ୍‌ସେନାଙ୍କ ଘୃଣ୍ୟ, ପାଶବିକ ଅତ୍ୟାଚାରର କାହାଣୀ ଶୁଣିଛି- ଯେଉଁ ସ୍ଥାନରେ ହଜାର ହଜାର ମଣିଷଙ୍କୁ ମାରି ପକେଇଦେଇଥିଲେ, ସେ ସ୍ଥାନ ମଧ୍ୟ ଦେଖିଛି। ସେଇ ଆତ୍ମୀୟମାନଙ୍କ କାନ୍ଦଣା ଏବେବି ମୋ ଆତ୍ମାକୁ ମନ୍ଥିତ କରେ। ଏବେ ଆମେ ଆଖିଆଗରେ ଦେଖୁଛେ ଇସ୍ରାଏଲ-ପାଲେଷ୍ଟାଇନ୍-ଗାଜାର ରକ୍ତପ୍ରଳୟ ପୟୋଧିରେ କ୍ଷୁଦ୍ର ବଟପତ୍ର ଭଳି ଭାସୁଛି ମଣିଷର ରକ୍ତ ଜୁଡୁବୁଡୁ ଶବ।

ଆଗକୁ ଘନେଇଆସୁଛି ମହାବିଭୀଷିକା, ଯାହା ଥରହର କରିଦେବ ଏ ଜଗତକୁ। ଆଗକୁ ଯେତେ ଯୁଦ୍ଧ ହେବାର ଅଛି ସେସବୁରେ ଶତ୍ରୁ ମରିବ କି ମିତ୍ର , ତା'ର ମୀମାଂସା ହେବ ପରେ। କିନ୍ତୁ ମଣିଷ ହିଁ ମରିବ। ଏ ତ ହେବ, ଏଥିସହିତ ସାରା ଜଗତରେ ଦେଖାଦେବ ଦାରୁଣ ଦୁଃଖ। ପ୍ରତ୍ୟେକ ଦେଶରେ ପୁଣି ଘନେଇ ଆସିବ ମହାପରାଧୀନତାର କରାଳ କାଳରାତ୍ରି।

ଯୁଦ୍ଧ ଶବ୍ଦ ଆଦିମକାଳରୁ ଆଜିପର୍ଯ୍ୟନ୍ତ ସବୁଯୁଗରେ ଜୀବଜଗତର ଅସ୍ଥିମଜ୍ଜାଗତ। ଯୁଦ୍ଧର ମୂଳକାରଣ- ସାମାଜିକ ମୂଲ୍ୟବୋଧ, ସମାଜ ଓ ମଣିଷର ମଙ୍ଗଳ ପାଇଁ ଏବଂ ବ୍ୟକ୍ତିଗତ ସ୍ୱାର୍ଥ, ଧନ, ଦୌଲତ, କ୍ଷମତାବଳରେ ପରନାରୀ ଅପହରଣ, ପରଦେଶ ଅଧିକାର ପାଇଁ ଯୁଦ୍ଧ ଚାଲିଛି। ଜଘନ୍ୟ ଯୁଦ୍ଧରେ ଜଳୁଛି ପୃଥିବୀ। ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ପାଲଟିଛି ମଣିଷପଣର ମଶାଣିପଦା। ବର୍ତ୍ତମାନ ଯାହା ଜଣାପଡୁଛି- ଯୁଦ୍ଧ ଓ ଶାନ୍ତିର ସହାବସ୍ଥାନ ଅସମ୍ଭବ। ୨୦୨୩ ଶେଷବେଳକୁ ଦେଶେଦେଶେ ଯୁଦ୍ଧ ଲାଗିଯାଇପାରେ। ୨୦୨୪ରେ ପୃଥିବୀ ଧ୍ୱଂସଆଡ଼କୁ ଅଗ୍ରସର ହେଉଛି। ପ୍ରାକୃତିକ, ମନୁଷ୍ୟକୃତ ବିପର୍ଯ୍ୟୟ ଏକାକାର। ଡିଜିଜ୍ 'ଏକ୍ସ' ମହାମାରୀ ମାଡ଼ିଆସୁଛି। ମନୁଷ୍ୟକୃତ ଯୁଦ୍ଧରେ ମଣିଷ ମରୁଛି- ସେମାନଙ୍କର ଚିତ୍କାର ଶୁଣୁଛେ, ଦେଖୁଛେ। ନିର୍ଜୀବ ସମ୍ପତ୍ତି ନଷ୍ଟକୁ କିଏ ପଚାରେ!

ରୁଷ୍-ୟୁକ୍ରେନ୍, ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱ ଦୁଇଭାଗ ହୋଇଗଲାଣି। କୌଣସି ଦେଶ ଶାନ୍ତି କଥା କି ଯୁଦ୍ଧ ବନ୍ଦକର କହିବା ବାହୁଲ୍ୟମାତ୍ର। ଯେଉଁ ଦେଶଗୁଡ଼ିକ ଯୁଦ୍ଧାସ୍ତ୍ର ବିକିବାରେ ମାହିର, ସେମାନଙ୍କ ଚେତା ଉଡ଼ିଗଲାଣି। ବିଶେଷକରି ଆମେରିକା, ରୁଷ୍, ଇସ୍ରାଏଲ ଗୋଇନ୍ଦା ସଂସ୍ଥା ବିଫଳ ହୋଇଗଲା। ଏବେ ଆମେରିକା ଯେତେ କହିଲେ ବି ଇସ୍ରାଏଲ ଯୁଦ୍ଧକ୍ଷେତ୍ରରୁ ଫେରିବା ଅବସ୍ଥାରେ ନାହିଁ। ହମାସ୍ ଆରବଦେଶରୁ ସମର୍ଥନ ପାଇ ଯୁଦ୍ଧକ୍ଷେତ୍ରରୁ ହଟିବା ସମ୍ଭବନା ନାହିଁ। ଇସ୍ରାଏଲ ପାତାଳକୁ ପଶିବ। ପାତାଳରେ ଲୁଚି ରହିଥିବା ହମାସ୍‌କୁ ଧରିବ। ହୁଏତ ଏତେ ସ୍ୱପ୍ନକୁ ରାତି ଅଣ୍ଟିବନି।



ଯୁଦ୍ଧରେ ପେଟ୍ରୋଲ୍‌ଜାତ ତୈଳ ସଂକଟ ଯୋଗୁ ବିଶ୍ୱ ଅର୍ଥନୀତି ସଂକଟାପନ୍ନ। ରୁଷ୍- ଆମେରିକା, ଇରାନ୍, ଆରବଦେଶ ସମୂହ ତୈଳ ବିକି ଧନୀ। ଏବେ ସେ ତୈଳ ନ ଆସିବାରୁ ଅଚିନ୍ତନୀୟ ସଂକଟ ସୃଷ୍ଟି ହେବାକୁ ଯାଉଛି। ଦେଶରେ ମହାଭାଳେଣିର ଭଉଁରି ସୃଷ୍ଟି ହୋଇଛି। ଆସନ୍ନ ନିର୍ବାଚନର ଅଙ୍କଗୁଡ଼ିକ ଗଡ଼ବଡ଼ କରିଦେଇପାରେ। ମହାଭାରତର ଚକ୍ରବ୍ୟୂହକୁ ବର୍ଣ୍ଣନା କରାଯାଇପାରେ, ମାତ୍ର ଆମ ସମୟର ଚକ୍ରବ୍ୟୂହ ଅବର୍ଣ୍ଣନୀୟ, ଅଦୃଶ୍ୟମାନ। ସାରାବିଶ୍ୱର ତାରୁଣ୍ୟ ଏଇ ଚକ୍ରବ୍ୟୂହରେ ତୀରବିଦ୍ଧ, ଅସିବିଦ୍ଧ, ଅବସ୍ଥାରେ ଊର୍ଦ୍ଧଶ୍ୱାସ- ଅଥଚ ଏ ଅବସ୍ଥା ଦେଖିବାକୁ ଆଖିନାହିଁ କି ସାକ୍ଷୀନାହିଁ। ଏହା ତେବେ କିଭଳି ଚକ୍ରବ୍ୟୂହ? କାହିଁକି ଏ ଯୁଦ୍ଧ ଚାଲିଛି?

ଯେତେବେଳେ ବିଶ୍ୱରେ ଅଶାନ୍ତି ଅସନ୍ତୋଷ ସୃଷ୍ଟି ହୁଏ- ସେଇଥିରୁ ଆରମ୍ଭ ହୁଏ ଆତଙ୍କବାଦ। ପାଲେଷ୍ଟାଇନ୍-ଇସ୍ରାଏଲ୍ ଉଭୟେ ହିଂସ୍ର। ମାନବତା ବିରୋଧୀ। ଏ ଦୁହିଁଙ୍କୁ ତୀବ୍ର ନିନ୍ଦା କରୁଛି। ବର୍ତ୍ତମାନ ସ୍ଥିତିରେ କୌଣସି ଦେଶ କାହା ପକ୍ଷ ନେବା ଉଚିତ୍ ନୁହେଁ। ଯଦି ଏହା ହୁଏ, ତା'ହେଲେ ଯୁଦ୍ଧ ଦିନକ ମଧ୍ୟରେ ଶେଷ ହୋଇପାରେ। ହେ ବିଶ୍ୱବାସୀ! ଜାଣିରଖନ୍ତୁ, ଯୁଦ୍ଧ ଯୋଗୁ ଏ ଜଗତ ଦିନେ ହୋଇଯାଇପାରେ 'ଗତ'।

ନିତ୍ୟନମସ୍ୟ ସାହିତ୍ୟକାର ଟଲ୍‌ଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ପଢ଼ି ତନ୍ମୟ ହୋଇଥିଲି। ଆଜି ଆଖିଆଗରେ ଗଗନ ପବନରେ ପାଉଁଶ ଉଡୁଛି- ଝୁଲ ଝରୁଛି- ଫୁଲ ପଡୁଛି- ତମାମ୍ ଜଗତ ତ୍ରସ୍ତସନ୍ତ୍ରସ୍ତ ଜଘନ୍ୟ ଯୁଦ୍ଧଜ୍ୱାଳାରେ। ମନେହେଉଛି ଯୁଦ୍ଧ ଓ ଶାନ୍ତି ସହାବସ୍ଥାନ ଅସମ୍ଭବ। କୋଉ ଭଗବାନ୍ କେଉଁ ଦେଶରେ ଅଛନ୍ତି - ଏ ଜଘନ୍ୟ କାଣ୍ଡକୁ ଦେଖି ପ୍ରତିକାର କରିବେ? କୌଣସି ଦେଶର କୌଣସି ସ୍ଥାନ ବର୍ତ୍ତମାନ ସୁରକ୍ଷିତ ନୁହେଁ। ହଜାର ହଜାର ବର୍ଷ ଧରି ଜାତି-ଜାତି ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ବୈଚିତ୍ର୍ୟସମ୍ପନ୍ନ ନାନା ଭେଦବୈଷମ୍ୟ ବଳବତ୍ତର ରହିଆସିଥିବା ସତ୍ତ୍ୱେ ବିଶ୍ୱ ସଭ୍ୟତାର ଗତି ଥିଲା ଅବାଧ, ଅବ୍ୟାହତ, ଏପରିକି ପ୍ରଚୁର ପ୍ରତିକୂଳତା ସତ୍ତ୍ୱେ ସ୍ୱାଭାବିକ ମଧ୍ୟ। ଆଜି କିନ୍ତୁ ସେ ଜାତି ସଂସ୍କୃତି ରୀତିଗତ ବୈଚିତ୍ର୍ୟକୁ 'ଶତ୍ରୁ' ବୋଲି ଚିହ୍ନଟ କରି ପ୍ରଚଣ୍ଡ ହିଂସ୍ରତାର ବିଷ ବର୍ଷା ପ୍ରଚାର କରାଯାଉଛି।

ଫୁଲପତ୍ରର ଏଇ ପୃଥିବୀରେ ପ୍ରତିହିଂସା ନିଜ ବିଷବୃକ୍ଷର କଣ୍ଟା ବିଛାଇ କେତେଯେ ଅଘଟଣ ଘଟାଇଯାଇଛି, କେବଳ ଇତିହାସ ତା'ର ହିଁ ମୂକସାକ୍ଷୀ। ସବୁଠି କ୍ଷମତା ଓ ସମ୍ପତ୍ତି ଲୋଭରେ ରକ୍ତପାତ। ଏବେ ମଧ୍ୟପ୍ରାଚ୍ୟରେ ରକ୍ତଯୁଦ୍ଧ।

ଯୁଦ୍ଧର ଚରିତ୍ର ହେଉଛି ଆତ୍ମଘାତୀ ଚିରକାଳ। ଯେଉଁ ଦେଶ ଭାବେ ସେ ଯୁଦ୍ଧ ଜିଣିଛି, ଦିନେ ଅନୁଭବ କରେ ଯେ, ସେ ଜିଣିଥିବା ଯୁଦ୍ଧ ତା' ଅନ୍ତରାତ୍ମାକୁ ଖୁଣି ଖାଉଛି। ତା'ର ଅସଂଖ୍ୟ ବୀର ସନ୍ତାନଙ୍କ ଚିର ବିଦାୟରେ ଆକାଶ ଅଥୟ ଆଉ ବତାଶ ବେଦନାହତ। ଏହା ହିଁ ହେଉଛି ଜୟ ପରାଜୟ ନିର୍ବିଶେଷରେ ଯେକୌଣସି ଯୁଦ୍ଧର ଅସଲ ଆତ୍ମଘାତୀ ଅବଧାରିତ ଚରିତ୍ରଲିପି। ସୁତରାଂ ଆମର ଏ ସଂସାର ଯେକୌଣସି ଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସର୍ବାଦୌ ବାଞ୍ଛନୀୟ।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ମିଛରେ ସବୁ ଚାଲିଛି

ମହାଶୟ,

ମିଛ କହିବା ମହାପାପ, ଏଇ କଥାଟି ଆମେ ପିଲାବେଳୁ ପଢ଼ିଆସିଛୁ। ମାତ୍ର ମାଡ଼ ଭୟରେ ସ୍କୁଲରେ ସାର୍‌ଙ୍କୁ ମିଛ କହି ମାଡ଼ରୁ ବର୍ତ୍ତିଯାଉଥିଲୁ। ଆଜି ବଡ଼ ହେଲା ପରେ ମଧ୍ୟ ଆମେମାନେ ମିଛ କହୁଛୁ। ଅବଶ୍ୟ ମଣିଷ ଜୀବନ ସହ ମିଛ ଜଡ଼ିତ ଅଛି। ଅତ୍ୟଧିକ ମିଛ ଆମକୁ ମିଛୁଆ ଭାବେ ପରିଚିତ କରାଉଛି। ନେତା ଜନତାଙ୍କୁ ମିଛ, କର୍ମଚାରୀ ମାଲିକଙ୍କୁ ମିଛ, ଦୋକାନୀ ଗ୍ରାହକଙ୍କୁ ମିଛ କହୁଛନ୍ତି ଇତ୍ୟାଦି। ସତେଯେମିତି ମିଛ ବିନା ଆମେ ବଞ୍ଚିବା ଅସମ୍ଭବ। କିନ୍ତୁ ଆମେ ଭୁଲିଯାଉଛୁ ଯେ, ମିଛର ଅତ୍ୟଧିକ ବ୍ୟବହାର ଆମକୁ ଆମର ସ୍ୱାଭିମାନ ଓ ସଙ୍କୋଚତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ଆମେ ଯଦି ମିଛର ଆବଶ୍ୟକତାକୁ ଅନୁଭବ ନ କରି ମିଛ କହିଚାଲିବା, ତେବେ 'ଧାଇଁ ଆସ ହୋ ଧାଇଁ ଆସ, ଗଧିଆ ମୋ ଛେଳି ଖାଇଗଲା' ପରି ସ୍ଥିତି ଆମର ନ ହେବ, ସେ କଥା କିଏ କହିବ ?

**-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

# ଯେମିତି ପ୍ରଜା ସେମିତି ରାଜା



ଯତିଦାନନ୍ଦ ଦାଶ

ବହୁ ପୁରାତନ କାଳର ଲୋକ କଥାଟିଏ ରହିଆସିଛି – ''ଯେମିତି ରାଜାକୁ ସେମିତି ପ୍ରଜା'', ଯାହାକି ରାଜତନ୍ତ୍ର ଶାସନର ମୂଳଦୁଆ। ଆଗକାଳରେ ରାଜାମାନେ ଯାହା କରୁଥିଲେ ତାହାକୁ ପ୍ରଜାମାନେ ଅନୁସରଣ କରୁଥିଲେ। ରାଜା ଯାହା କହୁଥିଲେ, ସେଇଟା ବେଦର ଗାର ରୂପେ କାର୍ଯ୍ୟକାରୀ ହେଉଥିଲା। ଇତିହାସ କହେ, ହିଟ୍‌ଲର, ଷ୍ଟାଲିନ୍ ଓ ନେପୋଲିୟନ ଏକଚ୍ଛତ୍ରବାଦୀ ଶାସକର ପ୍ରମାଣ ଦେଇଯାଇଛନ୍ତି। ରାଜତନ୍ତ୍ରରେ କେତେଜଣ ଭଲ ରାଜା ଥିଲେ, ଯେଉଁମାନେକି ଦେଶକୁ ସୁଶାସନ ଦେଉଥିଲେ। ରାଜତନ୍ତ୍ରକୁ ନେଇ କିଛି ଉଦାହରଣ ଅବତାରଣା କରିବାକୁ ମନେକରେ।

ମୋଗଲ ସମ୍ରାଟ୍ ଆଉରଙ୍ଗଜେବଙ୍କ ଶାସନ କାଳରେ ହତ୍ୟା, ହିଂସା, ଲୁଣ୍ଠନ ଏବଂ ହିନ୍ଦୁ ଶିଖ୍ ପ୍ରତି ଅତ୍ୟାଚାର ଦୁଃଖଦାୟକ ଥିଲା। ଅନ୍ୟ ଦିଗକୁ ଦେଖିଲେ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଜଣେ ସୁଦକ୍ଷ ଓ ପ୍ରଜାବତ୍ସଳ ରାଜା ଥିଲେ। ସେ ପ୍ରଜାଙ୍କୁ ସୁଶାସନ ଦେବାରେ ସିଦ୍ଧହସ୍ତ ଥିଲେ। ଯେମିତି ରାଜା ସେମିତି ପ୍ରଜାଭକ୍ତିକୁ ବର୍ଣ୍ଣନା କରିବାକୁ ଯାଇ ପଣ୍ଡିତ ଆଚାର୍ଯ୍ୟ ଚାଣକ୍ୟଙ୍କର ଏକ ଶ୍ଳୋକର ଉଦାହରଣ ଦେବାକୁ ମନେକରେ ଯଥା – ''ରାଜ୍ଞେଧର୍ମାଣି ଧର୍ମିଷ୍ଠା ପାପେ ପାପାଃ ସମେସମାଃ ରାଜାନମନୁର୍ତନ୍ତେୟଥା ରାଜା ତଥା ପ୍ରଜାଃ ।'' ଅର୍ଥାତ୍ ରାଜା ପାପୀ ହେଲେ ପ୍ରଜାମାନେ ମଧ୍ୟ ପାପକର୍ମର ଆଶ୍ରୟ ନେଉଥିଲେ। ରାଜା ଧାର୍ମିକ ହେଲେ ପ୍ରଜାମାନେ ଧର୍ମଭାବନାର ବ୍ରତୀ ହେଉଥିଲେ। ଶାସନର ଢାଞ୍ଚା ଆଦେଶ ଓ ଅନୁଗ୍ରହରେ ଚାଲିଥିଲା। ରାଜା ଆଦେଶ ଦେଉଥିଲେ ଏବଂ ପ୍ରଜା ଅନୁଗ୍ରହର ବଶବର୍ତ୍ତୀ ହେଉଥିଲେ। ଆସନ୍ତୁ ବର୍ତ୍ତମାନର ଶାସନ ବ୍ୟବସ୍ଥାର ଅନୁଶୀଳନକୁ ଆସିବା। ଆଗକାଳର ଶାସନ ଢଙ୍ଗ ବଦଳି ଏବେକାର ଢାଞ୍ଚା ହୋଇଛି, ''ଯେମିତି ପ୍ରଜାକୁ ସେମିତି ରାଜା'', ଯାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭାବରେ ପରିଚିତ। ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତେ ପ୍ରଜା ରାଜା। ସମସ୍ତ ପ୍ରଜା ପାଖରେ ସମାନ ଅଧିକାର। ପ୍ରଜା ମଧ୍ୟରୁ ରାଜା ଚୟନ ହୁଏ । ରାଜାର ଭାବନା ନେଇ ପ୍ରଜା ନିଜର ଦାୟିତ୍ୱ ନିର୍ବାହ କରିଥାନ୍ତି, ଅର୍ଥାତ୍ ରାଜା ନିଜେ ଚୟନ କରି ଗାଦିରେ ବସେଇଥାନ୍ତି।

ଗଣତନ୍ତ୍ର ବା ପ୍ରଜାତନ୍ତ୍ରରେ ଭରି ରହିଛି ସେବା ଓ ବିକାଶର ଭାବ। ଏଥିରେ ପ୍ରଜାର ସେବାରେ ରାଜା ନିଜକୁ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ନିୟୋଜିତ କରିଦିଏ। ଏ ପ୍ରକାର ଶାସନ ବ୍ୟବସ୍ଥାରେ ପ୍ରଜା ହେଉଛି ମୂଳଦୁଆ। ପ୍ରଜାମାନେ ଯେତେ ଭଲ ହେବେ, ସେପରି ତାଙ୍କରି ସେବା ପାଇଁ ଭଲ ରାଜା ଜଣେ ବାଛି ପାରିବେ। ପ୍ରଜା ଯଦି ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ଲିପ୍ତ ରହିବେ, ରାଜା ଦୁର୍ନୀତିଗ୍ରସ୍ତ ଓ ବିଶୃଙ୍ଖଳିତ ହେବେ। ପ୍ରଜା ବା ଲୋକମାନେ ସୁଚିନ୍ତିତ ମନରେ କଳନା କରିବା ଉଚିତ ଯେ, କେଉଁ ବ୍ୟକ୍ତି ପ୍ରଜାଙ୍କୁ ସୁଶାସନ ଦେଇପାରିବ ଏବଂ ବିକାଶର ପଥରେ ଆଗେଇ ନେଇପାରିବ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜା ବା ମୁଖିଆ ଯାହା ଚାହିଁବେ, ତାହା କାର୍ଯ୍ୟାନ୍ୱୟନ କରିପାରିବେ ନାହିଁ। କୌଣସି ଖରାପ ବିକାଶର ବ୍ୟବସ୍ଥା ପ୍ରଚଳନ କଲେ, ତାକୁ ପ୍ରଜା ବା ବିରୋଧୀଦଳ ବିରୋଧ କରିପାରିବେ। କାରଣ ଭାରତ ଏକ ସଂସଦୀୟ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର। ଦେଶର ନାଗରିକମାନେ ଶାସନର ଏକ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ; ଗଣତନ୍ତ୍ରର ସଫଳତା ଲୋକଙ୍କର ସଂପୃକ୍ତି ବିନା ସମ୍ଭବ ନୁହେଁ।

ଭାରତ ଏକ ନୂତନତ୍ୱର ଆଧାରଶିଳା ଭାବରେ କାମ କରୁଅଛି, ଯେଉଁଥିରେ ଦେଶର ପ୍ରତ୍ୟେକ ନାଗରିକ ନିଜକୁ ବିକାଶ କାର୍ଯ୍ୟ ଦିଗରେ ନିଷ୍ପତ୍ତି ନେବାରେ ନିୟୋଜିତ କରିପାରିବେ। ଫଳରେ ଦେଶରେ ସୁଶାସନ ପ୍ରତିଷ୍ଠା ହୋଇପାରିବ। ଲୋକତନ୍ତ୍ର ଏକ ଅଭିନବ ପରିକଳ୍ପନା। ଏହି ପରିକଳ୍ପନା ଦ୍ୱାରା ବହୁ ନାଗରିକ ବିକାଶର ଅଗ୍ରଗତିରେ ନିଜର ସୁଭାବନାକୁ ଉପସ୍ଥାପନା କରିପାରିବେ। ଫଳରେ ଏକ ଶାସିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ର ଭାବେ ଆମ ଦେଶ ଉଭା ହୋଇପାରିବ। ତେଣୁ ଆସନ୍ତୁ ଆମ ଗଣତନ୍ତ୍ରକୁ ଗୌଣ କରିଦେବାନି। ବରଂ ପ୍ରତ୍ୟେକ ନାଗରିକ ବା ପ୍ରଜା ନିଜର ଜ୍ଞାନ ଓ ବୁଦ୍ଧିମତ୍ତାକୁ ଏପରି ପ୍ରୟୋଗ କରିବା ଉଚିତ, ଯେପରି ଆମେ ଏକ ସୁପ୍ରଶାସକ ବାଛିପାରିବା ଏବଂ ତତ୍‌ସଙ୍ଗେ ଦେଶର ହିତରେ ନିଜକୁ ନିୟୋଜିତ କରିପାରିବା। ନଚେତ୍ ଆମେ ରାଜତନ୍ତ୍ରର ପୂର୍ବ କୀର୍ତ୍ତିମାନ ଯଥା ''ଯେମିତି ରାଜାକୁ ସେମିତି ପ୍ରଜା'' ଅବସ୍ଥାକୁ ଅନ୍ୟଥା ଫେରିଆସିବା।

**ମୋ : ୯୯୩୮୧୮୧୩୨୦**

## ଚିରନ୍ତନୀ

ଶିଶୁ କଳକଣ୍ଠେ ଭରା ମୋ ଦୀନ କୁଟୀର
ମୋ ବିଚ୍ଛେଦେ ଭଜିଥିବ ବିଷାଦ ଗଭୀର,
ଦୟା ସ୍ନେହର ଆକର
ଦୁଃଖିନୀ ଜନନୀ ମୋର
ମୋ ଲାଗି କି ହେଉଥିବ କାତର ଅଧୀର,
ତୋଷିବ ତାହାକୁ ଏହି ଶୀତର ସମୀର!
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସରିଲା ଲାଠୋର ବଏଲ ଯାତ୍ରା


ବରୁଆ ଗ୍ରାମ ପରିକ୍ରମା କରୁଛନ୍ତି।

ଲାଠୋର,୨୫।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋରରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶହରା ଦଶମୀ ମଙ୍ଗଳବାର ଗଙ୍ଗାଦେଇ ଠାକୁରାଣୀଗୁଡ଼ିରେ ପୂଝାରୀ ବରୁଣ ଭଇଁଷାଲଙ୍କ ପୂଜାର୍ଚ୍ଚନା ପରେ ଦେହରୀମାନଙ୍କୁ ବୁଢ଼ୀମା, ବାବୁରା ଏବଂ କାଳିକା ଦେବୀ ଆବିର୍ଭାବ ହୋଇଥିଲେ। ଦେବୀମାନେ ଲୁହାକଣ୍ଟା ଦୋଳିରେ ଖେଳିବା ପରେ ସେମାନଙ୍କ ଜିଭରେ ତ୍ରିଶୂଳ ମରାଯାଇଥିଲା। ତ୍ରିଶୂଳ ମାରିବା ପରେ ଦେବୀମାନଙ୍କୁ ମୁହଁଛେରା ପାଇଁ ପକ୍ଷୀରକ୍ତ ଅର୍ପଣ କରାଯାଇଥିଲା। ପରେ ଦେବୀମାନେ ଗ୍ରାମ ପରିକ୍ରମାରେ ବାହାରିଥିଲେ। ବାଜାର ତାଳେତାଳେ ଦେବୀମାନେ ନାଚିନାଚି ଗ୍ରାମର ପ୍ରତ୍ୟେକ ଘରକୁ ଘର ଯାଇଥିଲେ। ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା ପୂରଣ ପାଇଁ ଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଦେବୀମାନେ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲେ। ରାତିରେ ଶ୍ରଦ୍ଧାଳୁମାନେ ପଶୁପକ୍ଷୀଙ୍କୁ ବଳି ଦେଇ ପ୍ରସାଦ ସେବନ ପରେ ବଏଲ ଯାତ୍ରାର ସମାପନ ହୋଇଥିଲା।

### ରେଳଷ୍ଟେଶନରୁ ଉଦ୍ଧାର ବାଳକ ଗଲେ ଶିଶୁଗୃହ

ଲାଠୋର,୨୫।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ହରିଶଙ୍କର ରୋଡ଼ ରେଳ ଷ୍ଟେଶନରୁ ବୁଧବାର ସକାଳେ ଏକ ୧୧ବର୍ଷର ବାଳକକୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ବଲାଙ୍ଗୀର ଶିଶୁ ଗୃହକୁ ପଠାଯାଇଛି। ଦୀର୍ଘ ଦିନ ତଳେ ଏହି ପିଲାକୁ ତାଙ୍କ ମା' ଲାଠୋରରେ ଛାଡ଼ି କୁଆଡ଼େ ଚାଲି ଯାଇଥିଲେ। ପିଲାଟି ମାଗିଯାଚି ଖାଉଥିଲା। ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ଆଶ୍ରୟ ନେଉଥିଲେ। ଲାଠୋରର ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ପିଲାର ଏଭଳି ଅବସ୍ଥା ଦେଖି ଜିଲା ଶିଶୁ ସରକ୍ଷା ୟୁନିଟ ସହ ଯୋଗାଯୋଗ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କ ନିର୍ଦ୍ଦେଶକ୍ରମେ ଡ଼ିସିପିୟୁ ହିଟକ୍ଷ ତାଣ୍ଡି, ଏଡ଼ଏଟ ଆକ୍ସନ ଖପ୍ରାଖୋଲ ବ୍ଲକ କୋଅର୍ଡ଼ିନେଟର ରୁକ୍ଷ ଧରୁଆ ଲାଠୋର ପୋଲିସ ସହ ଯୋଗାଯୋଗ କରିଥିଲେ। ବୁଧବାର ସକାଳେ ଆଇଆଇସି ଝସକେତନ ଭୋଇଙ୍କ ମାଧ୍ୟମରେ ହରିଶଙ୍କର ରୋଡ଼ ରେଳଷ୍ଟେଶନରୁ ସମ୍ପୃକ୍ତ ବାଳକକୁ ଉଦ୍ଧାର କରାଯାଇଥିଲା। ପରେ ପୋଷାକ ଏବଂ ଖାଦ୍ୟପେୟ ଦେଇ ବଲାଙ୍ଗୀର ଆଦୃକ୍ତି ଶିଶୁଗୃହକୁ ଏକ ଗାଡି ଯୋଗେ ତାଙ୍କୁ ପଠାଯାଇଥିଲା।

# ଧାନ ଫସଲରେ ବ୍ୟାପୁଛି ଚକଡ଼ା

ଖପ୍ରାଖୋଲ,୨୫।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଚଳିତବର୍ଷ ଭଲ ଧାନ ଫସଲ ହୋଇଥିଲା। ଭଲ ଆୟ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ହେଲେ କିଛି ଦିନ ହେଲା ଧାନଫସଲରେ ଚକଡ଼ା ରୋଗ ବ୍ୟାପୁଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ପ୍ରଥମେ କିଛି ଧାନଗଛର ପତ୍ର ଝାଉଁଳି ପୋଡ଼ିବା ଭଳି ହୋଇଥିଲା। ପରେ କିଛି କିଛି ଅଂଶ ସମ୍ପୂର୍ଣ୍ଣ ପୋଡିଲା ଭଳି ହୋଇଯାଉଛି। ଜମିରେ ଅନେକ ସ୍ଥାନରେ ମଧ ଏଭଳି ଦେଖାଯାଉଛି। ବ୍ଲକର ଦମାଇପାଳି, ପଡ଼ିଆବହାଲ, ଭାନପୁର ପଞ୍ଚାୟତ ଅଞ୍ଚଳରେ ଧାନ ଫସଲରେ ଚକଡ଼ା


ଚକଡ଼ା ପ୍ରଭାବିତ କ୍ଷେତରେ ଚାଷୀ ଔଷଧ ସିଞ୍ଚନ କରୁଛନ୍ତି।

ରୋଗ ବ୍ୟାପୁଥିବା ବେଳେ ଅନ୍ୟ ଅଞ୍ଚଳକୁ ମଧ ସଂକ୍ରମିତ ହେଉଥିବା ଅଭିଯୋଗ ହେଉଛି। ଏନେଇ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର

**ଚିନ୍ତାରେ ଖପ୍ରାଖୋଲ ବ୍ଲକର ଚାଷୀ**

ମେହେରଙ୍କୁ ପଚାରିବାରୁ ବ୍ଲକର କେତେକ ସ୍ଥାନରେ ଫସଲ ଚକଡ଼ା ପ୍ରଭାବିତ ହୋଇଥିବା ଖବର ମିଳିଛି। ଏନେଇ ବିଭାଗୀୟ କର୍ମଚାରୀମାନେ ଚାଷୀଙ୍କୁ ସଚେତନ କରିବା ସହ ନିୟନ୍ତ୍ରଣ ପାଇଁ ଔଷଧ ସିଞ୍ଚନ ପାଇଁ କୁହାଯାଉଛି। ଔଷଧ ଅଧାଦରରେ ମିଳି ପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ପ୍ରତିଭାବାନ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ


 କଳାକାର ସୁଦର୍ଶନ ଦୀପଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୁରିବାହାଲ,୨୫।୧୦(ଶ୍ରୀବତ୍ସ ବେହେରା)

**ଜମିଦାରପଡ଼ା ରୌପ୍ୟ ଜୟନ୍ତୀ ଦୁର୍ଗାପୂଜା**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଜମିଦାରପଡାଠାରେ ରୌପ୍ୟ ଜୟନ୍ତୀ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ଦଶହରା ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ଗତ ୨୫ ବର୍ଷ ଧରି ଦୁର୍ଗାପୂଜା ଶୃଙ୍ଖଳିତର ସହ ସହ ପାଳନ କରି ଆସିଥିବାରୁଆୟୋଜକମାନଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତି ହରିବନ୍ଧୁ ମେହେର, ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ ଯୋଶୀ, ମୁଖ୍ୟବକ୍ତାଭାବେ ମୁରିବାହାଲ ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ଦିଲୀପ ପଶାୟତ ଯୋଗଦେଇଥିଲେ। କମିଟି ପକ୍ଷରୁ ଅଞ୍ଚଳର ପ୍ରତିଭାବାନବ୍ୟକ୍ତି ବିଶେଷ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ କଳାକର ସୁଦର୍ଶନ ଦୀପ, ପ୍ରଦୀପ ବଘାର, ଦାମୋଦର ଭୋଇ, ଲୟା ଭୋଇଙ୍କ ସହ ସାମ୍ବାଦିକ ସଂଘ ମୁରିବାହାଲ ତଥା ଅଂଚଳର ସାମାଜିକ କର୍ମୀ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟି ସଭାପତି ଶମ୍ଭୁ ପ୍ରସାଦ ଭୋଇ, ଉପ ସଭାପତି ଯୁବରାଜ ଭୋଇ, ସମ୍ପାଦକ ଅଭିଲାଶ ବଘାର, କୋଷାଧକ୍ଷ ବିକ୍ରମ ଭୋଇ ତଥା କମିଟିର ଘନ ଭୋଇ, ନୀଳାଞ୍ଚଳ ଭୋଇ, କ୍ରୁତି ଭୋଇ, ନେତ୍ରାନନ୍ଦ ଭୋଇ, ମନୋରଞ୍ଜନ ଭୋଇ, ବଳିଆର ଭୋଇ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ବୁର୍ଡା, ବାଦିବାହାଲରେ ରାବଣ ଦରବାର

ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)

ଦୁର୍ଗାପୂଜା ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡାରେ ଦୁଇଦିନିଆ ରାବଣ ଦରବାର ଆୟୋଜିତ ହୋଇଥିଲା। ମଙ୍ଗଳବାର ବିଜୟା ଦଶମୀ ରାବଣ ଦରବାରରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଏଆଇସିସି ସଭ୍ୟ ଅଭିଷେକ ମହାନନ୍ଦ, ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ ବୁର୍ଡା ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାମର ତଥ୍ୟ ରଖିଥିଲେ। ଟେଁଡିବନ୍ଧ(ପୋଖରୀ)ର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଦୁଇଦିନଧରି କୁନି ପିଲାଙ୍କ ନୃତ୍ୟ ଏବଂ ସୁରସଙ୍ଗମ ସାଂସ୍କୃତିକ


ବୁର୍ଡାରେ ଦିଗ୍‌ବିଜୟରେ ରାବଣ ବାହାରିଛନ୍ତି।

ସଂସଦ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ରାବଣ ପୋଡି ଓ ଆତସବାଜି ଖେଳ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା। ସେହିପରି ଲୋଇସିଂହା ସାପ୍ତାହିକ ବଜାର ପଡିଆରେ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ଯୋଗୀସର୍ଡାରେ ପୂଜା ଉପଲକ୍ଷେ ବୈଠକୀ ସଂକୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଯାଇଛି । ବାଦିବାହାଲ ପୂଜାରେ ଦୁଇଦନ ଧରି ରାବଣ ଦରବାର ଅନୁଷ୍ଠିତ ହୋଇଥିଲା।

### କଙ୍କ୍ରିଟ କାମ ବନ୍ଦ କଲେ ଲୋକେ

**ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ କାମ**

ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ବାରତୋଲ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ସାମିଲ କରି ବିକାଶମୂଳକ କାମ ହାତକୁ ନିଆଯାଇଛି। ହେଲେ ବିନା ଆଲୋଚନା ଏବଂ ସୂଚନା ଫଳକରେ କାମ କରାଯାଉଛି। କେତେକ ପୂର୍ବ କାମ ଶୁଭ ଦେଇ ମଧ୍ୟ ଅଗ୍ରଗତି କରାଯାଉ ନ ଥିବା ଅଭିଯୋଗ କରି ହରିଜନ ବସ୍ତିର ଲୋକେ ଉନ୍ନୟନ କାମକୁ ବନ୍ଦ କରି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ପ୍ରତିବାଦକାରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ତରଫରୁ ୨୦୧୯ ମସିହାରୁ ବାରତୋଲ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ମାନ୍ୟତା ମିଳିଛି। ହେଲେ ଅନୁଦାନ ମିଳି ନ ଥିବାରୁ ଉନ୍ନୟନ କାମ ଆରମ୍ଭ ହୋଇ ପାରି ନ ଥିଲା। ପ୍ରଥମ ଦଫାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଣ୍ଠିରୁ ୪୦ ଲକ୍ଷ ଅନୁଦାନ ପ୍ରଦାନ କରାଯାଇଛି। ଏଥିରେ ଗ୍ରାମରେ ଆଲୋକୀକରଣ ପାଇଁ ଲାଇଟ ସଂଯୋଗୀକରଣ କରାଯାଇଛି। ଏବେ ୨୦ଲକ୍ଷ ବ୍ୟୟରେ ବସ୍ତିରେ କଙ୍କ୍ରିଟକରଣ ଚାଲିଛି। ଅଧା କାମ ସରିଯାଇଛି। ବିନା ସୂଚନା ଓ ବିନା ଆଲୋଚନାରେ ଉକ୍ତ କାମ ହେଉଥିବା ଗ୍ରାମର ହରିଜନ ସାହିର ଲୋକେ ଅଭିଯୋଗ କରି ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଗତ ସୋମବାର ସେମାନେ କାର୍ଯ୍ୟସ୍ଥଳକୁ ଯାଇ ଶ୍ରମିକ ଓ ମିସ୍ତ୍ରୀଙ୍କୁ କାମ କରିବାକୁ ବାରଣ କରିଥିଲେ। ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ପାଣ୍ଠିରୁ ଅନୁଦାନ ଆସିଥିଲେ ସୁଦ୍ଧା କାହିଁକି ହରିଜନ ବସ୍ତିରେ କାମ ହେଉନାହିଁ ବୋଲି ପ୍ରତିବାଦ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନ ବେଳେ କମ୍ୟୁନିଟି ସେଣ୍ଟର ପାଇଁ ଶୁଭ ଦିଆଯାଇଥିଲା। ସେହି କାମ କାହିଁକି ଆଗଉନାହିଁ ବୋଲି ପ୍ରଶ୍ନ କରିଥିଲେ। ସରପଞ୍ଚ ବିଶ୍ୱାଳ କହିଛନ୍ତିବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ କାମକୁ ବନ୍ଦ କରିଦିଆଯାଇଛି। ଅନୁଦାନ ମିଳି ନ ଥିବାରୁ କମ୍ୟୁନିଟି ସେଣ୍ଟ ଆଗଉନାହିଁ। ଯନ୍ତ୍ରୀ ଲେଆଉଟ ଦେଲା ପରେ କାମ ଚାଲିଛି। କେତେଜଣ ନିଜ ସ୍ୱାର୍ଥ ପାଇଁ ବିରୋଧ କରୁଥିବା ସେ କହିଥିଲେ। ବିବାଦ ସମାଧାନ ପାଇଁ ବୁଧବାର ସନ୍ଧ୍ୟାରେ ଉଭୟ ପକ୍ଷକୁ ନେଇ ଆଲୋଚନା କରାଯାଇଥିବା ସୂଚନା ମିଳିଛି।

# ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ବିଦାୟ


ଟିକ୍ରାପଡା ଗାନ୍ଧୀ ପାଠାଗାର ପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରା କରାଯାଇଛି।

ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଶାରଦୀୟ ଦୁର୍ଗାପୂଜାର ଉଦ୍‌ଯାପନୀ ହୋଇଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ସହରର ସମୁଦାୟ ୧୩ଟି ପୂଜା କମିଟିର ଦୁର୍ଗା ବିସର୍ଜନ ପର୍ବ ସମାପନ ହୋଇଛି। ସହରରେ ଚଳିତବର୍ଷ ୨୩ଟି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଏବଂ ଦୁର୍ଗା ମନ୍ଦିରର ଦୁର୍ଗାପୂଜାକୁ ଛାଡିଦେଲେ ଅନ୍ୟସ୍ଥାନର ମୃଣ୍ମୟୀ ପ୍ରତିମୂର୍ତ୍ତି ବିସର୍ଜନ ସରିଛି। ବିସର୍ଜନ ଶୋଭାଯାତ୍ରାକୁ ସୁରୁଖୁରରେ ପରିଚାଳିତ କରିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ଏବଂ ପୂଜା କମିଟିଗୁଡିକ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶଙ୍ଖଳାର ସହ ଶୋଭାଯାତା କରିବା ଏବଂ ଭିଡ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଟିକ୍ରାପଡା ଗାନ୍ଧୀ ପାଠାଗାର ଦୁର୍ଗା ପୂଜା କମିଟି ପକ୍ଷରୁ ରଙ୍ଗାରଙ୍ଗ ବିସର୍ଜନ ପର୍ବ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ପ୍ରକାଶ ନେପାକ, ସଂଗ୍ରାମ ବହିଦାର, ସନ୍ତକ ବହିଦାର, ରାଜେନ୍ଦ୍ର ପାଣି, ପ୍ରଦୀପ ସାହୁ ଓ କମିଟି ସଦସ୍ୟ ଶୋଭାଯାତ୍ରା ପରିଚାଳନା କରିଥିଲେ। ଆସନ୍ତା ୨୭ ତାରିଖରେ ଜଗନ୍ନାଥପଡା, ରାଧାରାଣୀପଡା ସମେତ ୬ଟି ପୂଜା କମିଟି ଦେବୀ ପ୍ରତିମା ବିସର୍ଜନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଭସାଣୀ ଶୋଭାଯାତ୍ରାରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପରିକ୍ରମା କଲାବେଳେ ସହରର ବିଭିନ୍ନ ପଡାରେ ସହସ୍ରାଧିକ ଶ୍ରଦ୍ଧାଳୁ ଦେବୀ ମା'ଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖାଯାଇଥିଲା। ଚଳିତବର୍ଷ ରୁଗୁଡିପଡା, ପ୍ୟାଲେସଲାଇନ୍, ଶାନ୍ତିପଡା, ଗାନ୍ଧୀନଗରପଡା ପୂଜା ମଣ୍ଡପରେ ନବଦିନାତ୍ମକ ପୂଜା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଭସାଣୀ ଶୋଭାଯାତ୍ରା ପାଇଁ ବିଭିନ୍ନ ବନ୍ଧ ଚିହ୍ନଟ କରାଯାଇଛି।

# ଗୌରଗୋଠ ପାଟଖଣ୍ଡା ମହୋତ୍ସବ ଉଦ୍‌ଘାଟିତ



ଗୌରଗୋଠ ପାଟଖଣ୍ଡା ମହୋତ୍ସବ ଅବସରରେ ମଞ୍ଚାସୀନ ଅତିଥି।

ଦେଓଗାଁ,୨୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପାଟଖଣ୍ଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ଦୁର୍ଯ୍ୟୋଧନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ମୁଖ୍ୟବକ୍ତା ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅଶୋକ ରଣା, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, କୈଳାସ ମହାନ୍ତି, ସ୍ଥାନୀୟ ସମିତି ସଭ୍ୟ ଟଙ୍କଧର ବେରିଆ, ବଡବାହାଲ ସମିତି ସଭ୍ୟ ସିତାଂଶୁ ମିଶ୍ର, ଜୟ ରଣା ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସିଂଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଆଞ୍ଚଳିକ କଳାକାରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପାଟଖଣ୍ଡା ମହୋତ୍ସବ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାବଣ ପୋଡ଼ି ସହ ଦଶହରା ସମ୍ପନ୍ନ

ଟିଟିଲାଗଡ଼,୨୫।୧୦(ଶରତ ମିଶ୍ର)

ଟିଟିଲାଗଡ଼ ବାଳକ ହାଇସ୍କୁଲ ପଡିଆରେ ରାବଣ ପୋଡି ଉତ୍ସବ ସହ ସମ୍ପନ୍ନ ହୋଇଛି ଦଶହରା ପର୍ବ। ଦଶମୀରେ ରାବଣ ଦହନ କମିଟି ପକ୍ଷରୁ ଆୟୋଜିତ ରାବଣପୋଡି ସ୍ଥାନୀୟ ଏହି ଅବସରରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଟିଟିଲାଗଡ଼ ଅଞ୍ଚଳର ବିକାଶଧାରାରେ ଅନେକ ଅଭିବୃଦ୍ଧି ହୋଇଥିବା ବେଳେ ଆଗାମୀ ଦିନରେ ରାଜ୍ୟରେ ନୂତନ ଜିଲା ଗଠନ ହେଲେ ଟିଟିଲାଗଡ଼ ଜିଲା ନିଶ୍ଚିତ ହେବ ବୋଲି ମନ୍ତ୍ରୀ ସାହୁ କହିଥିଲେ। ସମ୍ମାନୀତ ଅତିଥି ବଲାଙ୍ଗୀର ଏସ୍‌ପି ଋଷିକେଷ ଖିଲାରି ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ବିଜେଡି ନଗର ସଭାପତି ରଞ୍ଜିତ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଦୟାମୟ ପାଢ଼ୀ ରାବଣ ଦହନ କମିଟି ଅଧକ୍ଷ ଦୀପକ ସାହୁ, ଅନ୍ତର୍ଜାତୀୟ ଚଳଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର, ପୌର ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜାତୀୟ ବିଶ୍ୱବିଦ୍ୟାଳୟସ୍ତରରେ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ସେକସୋଫୋନ ବର୍ଗରେ ପ୍ରଥମ ଟିଟିଲାଗଡ଼ର ତରୁଣ କୁମାର ମଞ୍ଚରେ ନିଜ କଳା ପ୍ରଦର୍ଶନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ସୁମନ୍ତ ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ଦିଲୀପ ବାଗ, ରୁଟୁ ବାଗ, ଜଗଦିଶ ମହାଲିଙ୍ଗ, କୃଷ୍ଣ ସିଂ ପାତ୍ର, ଦିଲୀପ ବେହେରା, ଆଶିଷ ବେହେରା, ବୁଲୁ ଆଚାର୍ଯ୍ୟ, ସନ୍ଦୀପ ତ୍ରିପାଠୀ, ପୁଷ୍ଟୁ ଜୈନ, କିଶୋର ସାହୁ, ବୈକୁଣ୍ଠ ନାଗ, କୁମୁଦ ଭଇଁସାଲ, ଲାଲା ବର୍ମା, କାଉନସିଲର ଗୋପାଳକୃଷ୍ଣ ବେହେରା, ଚନ୍ଦ୍ରକାନ୍ତି ନାଗ, ସୁନିତା ଦାଶ, ସାବିତ୍ରୀ ବାରିକ, ଅଞ୍ଜନା ବର୍ମା, ସୁଧୀର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।


ରାବଣ ପୋଡ଼ିରେ ମଞ୍ଚାସୀନ ଅତିଥି।

# ଜରାସିଂହା ପାଟଖଣ୍ଡା ଯାତ୍ରା: ନିଶିପୂଜା, ଲିଙ୍ଗାବରଣ

ଦେଓଗାଁ,୨୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ଐତିହାସିକ ପାଟଖଣ୍ଡା ଯାତ୍ରା ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ପାଟଖଣ୍ଡା ଦେବତା ନିକଟସ୍ଥ ଦେଝାର ଜଙ୍ଗଲରୁ ଆଗମନ କରିଥିଲେ। ଜରାସିଂହା ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଦେହୁଲିଗଣ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଗିଣ୍ଡୁଲବାହାଲ ଖଳାରେ ଦେବତା ବରଣ କରାଯାଇଥିଲା । ପରେ ଦେବତା ସୋନଗଡ ନଦୀରେ ଢ଼ୋଳ ଉପରେ ବସି ପୀଠସ୍ଥଳୀରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମାନସିକଧାରୀଙ୍କ ହାରିଗୁହାରି ଶୁଣି ବର ପ୍ରଦାନ କରିଥିଲେ। ସନ୍ତାନପ୍ରାପ୍ତି ନିମନ୍ତେ ଫଳଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅସ୍ଥାୟୀ ରାଜନଅରରେ ବଳି ପଡିଥିଲା। ମଙ୍ଗଳବାର ଉଛବାହାଳି ମହାଖଳାରେ ଯାତ୍ରା ପରେ ଅପରାହ୍ଣରେ ସେଠାରୁ ଦେବତା ବଉରାପିଟାସ୍ଥଳକୁ ଆଗମନ କରିଥିଲେ। ବୁଧବାର ସେଠାରେ


ଦେବତାଙ୍କୁ ଜମିଦାରଙ୍କ ଖଳାରେ ବରଣ କରାଯାଉଛି।

ନିଶିପୂଜା, ଲିଙ୍ଗାବରଣ ଓ ସନ୍ଧିପୂଜା ହୋଇଥିଲା । ଗୁରୁବାର ବଉରାପିଟାରେ କାର୍ଯ୍ୟକ୍ରମ ପରେ ଦେବତାଙ୍କ ନିଶିଗୁଡିକୁ ଆଗମନ ଓ ଅପରାହ୍ଣରେ ବିରୁପାଣି ପୂଜା, ଜେନାପୂଜା ପରେ ରାତିରେ ନିଶିଗୁଡି ଯାତ୍ରା ଅନୁଷ୍ଠିତ ହେବ। ଶୁକ୍ରବାର ପୁଣି ନିଶିଗୁଡି ଯାତ୍ରାପରେ ଦେବତାଙ୍କ ବାହୁଡା ବିଜୟ ପର୍ବ ଯାତ୍ରା ସମ୍ପନ୍ନ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ଯାତ୍ରାରେ ଦିଲୀ ଗୁରଗାଁଓରେ ରହୁଥିବା ଜରାସିଂହା ଜମିଦାର ପୁଷ୍ପମିତ୍ର ସିଂଦେଓଙ୍କ ସୁପୁତ୍ର ଅଞ୍ଜୋନୀୟ ସିଂଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟା ସୁମତି ସେଠ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରାରେ ମୁଖ୍ୟ ସେବାୟତ ସନ୍ତୋଷ ଥନାପତି, ପଣ୍ଡିତ ଅସିତ ତ୍ରିପାଠୀ, ଆଲୋକ ତ୍ରିପାଠୀ, ମୁଖ୍ୟ ସେବକ ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଡା. ସରୋଜ କୁମାର ସାହୁ, ମଶାଲିଆ ଶ୍ରୀବଚ୍ଛ ସାହୁ, ୩୨ ଦେହୁଲି, ବିଏନଏଏ ସଭାପତି ଭାଗ୍ୟବନ୍ତ ମେହେର, ସମ୍ପାଦକ ରାଜ କିଶୋର ସେଠ, ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବରଗଡ଼,୨୫ା୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବଳାତ୍କାର ଅଭିଯୁକ୍ତ ଜଣେ ବିବାହିତ ଯୁବକ ଏବଂ ତାଙ୍କ ଏକ ପୁତ୍ର ସନ୍ତାନ ରହିଥିବା ଆଲୋଚନା ହେଉଛି । ଏ ନେଇ ବୁଧବାର ପୀଡ଼ିତା ନାବାଳିକାଙ୍କ ବାପା ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୭୬ରେ ଏକ ମାମଲା (ନଂ.୧୯୬/୨୩) ରୁଜୁ କରିଛି ଏବଂ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ଇସମାଇଲ ଏକ୍କା କହିଛନ୍ତି । ଅଭିଯୁକ୍ତ ଯୁବକ ଜଣକ ପୀଡ଼ିତାଙ୍କ ପଡ଼ୋଶୀ। ସେ ଗତ ୨୩ତାରିଖରେ ଉକ୍ତ ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ପୂର୍ବରୁ ମଧ୍ୟ ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ପଚାରିଲେ ଓଲଟା ଧମକଚମକ ମିଳୁଥିବା ଅଭିଯୋଗ ହୋଇଛି।

### ପୁସ୍ତକ ଉନ୍ମୋଚନ ସମାରୋହ

ବରଗଡ଼,୨୫ା୧୦(ପ୍ରେମାନନ୍ଦ ଖମାରୀ): ଶାରଦୀୟ ବିଜୟା ଦଶମୀ ଅବସରରେ ବରଗଡ଼ ସିମେଣ୍ଟ ନଗର ଦୁର୍ଗା ମଣ୍ଡପରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଉତ୍କଳ କର୍ମକାଣ୍ଡ ମହାସଭା ସଭାପତି ଜ୍ୟୋତିର୍ବିଦ୍ ପଣ୍ଡିତ କୁଳମଣି ମହାପାତ୍ର ଶର୍ମାଙ୍କ ଦ୍ୱାରା ରଚିତ ୨ପୁସ୍ତକ ଶ୍ରୀ ଦୁର୍ଗା ମାନସ ପୂଜା ଏବଂ ଶ୍ରୀ ଶ୍ରୀ ଶତ ରୁଦ୍ରାଭିଷେକ ପୁସ୍ତକକୁ ଅତିଥି ଭାବେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ସିମେଣ୍ଟ କାରଖାନାର ନିର୍ଦ୍ଦେଶକ ସୁନିଲ କୁମାର, କର୍ମଚାରୀ ସଂଘ ସଭାପତି ମହେନ୍ଦ୍ର କୁମାର ଦାଶ, ଦୁର୍ଗାପୂଜା କମିଟି ସମ୍ପାଦକ ଭୁବନେଶ୍ୱର ସିଂ କୌଶିକ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ଛାପା ହୋଇଛି। ଉକ୍ତ ପୁସ୍ତକ ପଢ଼ି ସାଧାରଣ ଜନତା ନିଜ ଘରେ ଦୁର୍ଗାଦେବୀଙ୍କ ମାନସ ପୂଜା ତଥା ଶତ ରୁଦ୍ରାଭିଷେକ ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି।

### କ୍ରିକେଟ: ଶିକାରୀପାଲି ଚାମ୍ପିୟନ

**ପଦ୍ମପୁର,୨୫ା୧୦(ପ୍ରଦୀପ୍ତ ଦାଶ):** ଧଉରାଭଟା କ୍ରିକେଟ ପଡିଆରେ ଜ୍ଞାନ ଭାରତୀ ଗୁରୁକୁଳ ଓ ଜଗଦଲପୁର ରେସିଡେନ୍ସିଆଲ ଯୁକ୍ତ ୨ ମହାବିଦ୍ୟାଳୟ ଆନୁକୂଲ୍ୟରେ ତୃତୀୟ ଜୟ ମାଁ ଦୁର୍ଗା କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଉପେନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସାଧୁଚରଣ ବରିହା ମୁଖ୍ୟ ବକ୍ତା, ଆନନ୍ଦ ନାୟକ, ଶରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଶିକାରିପାଲି ଓ ଉପ ବିଜେତା ରେସିଡେନ୍ସିଆଲ କଲେଜ ଏକାଦଶକୁ ପୁରସ୍କୃତ କରିଥିଲେ। ବସନ୍ତ, ଲଳିତ, ମୋହିତ, ମ୍ୟାନେଜର ଖେଳ ପରିଚାଳନା କରିଥିବା ବେଳେ ଚନ୍ଦନ ବାଗ ସ୍କୋରିଂ ଓ ଦୁଃଖନାଶନ ନାୟକ ଉଦଘୋଷକ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସଂଯୋଜନା କରିଥିଲେ। ଉତ୍ତମ ବୋଲର ଭାବେ ଅମର, ମ୍ୟାନ ଅଫ ଦି ମ୍ୟାଚ ବିକାଶ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ଅମୀରଙ୍କୁ ସମ୍ମାନିତ କରାଯାଇଥିଲା।



# ଲଙ୍କେଶ୍ୱରୀ ବେଶରେ ପଦ୍ମଶ୍ରୀ ହଳଧର

**ସୋହେଲା,୨୫ା୧୦(ଅଶ୍ୱିନୀ କୁମାର ପାତ୍ର)**

ଦଶହରା ଉପଲକ୍ଷେ ପଦ୍ମଶ୍ରୀ ହଳଧର ନାଗ ଲଙ୍କେଶ୍ୱରୀ ବେଶରେ ନିଜ ଗାଁ ଘେଁସ ପରିଭ୍ରମଣ କରିଛନ୍ତି। ସେ ୧୯୯୮ରୁ ୨୫ ବର୍ଷ ହେଲା ଏହି ବେଶ ଧାରଣ କରି ଗାଁ ପରିକ୍ରମା କରିଆସୁଛନ୍ତି। ହଳଧର ନବମୀ ଦିନ ଲଙ୍କେଶ୍ୱରୀ ବେଶ ଧାରଣ କରି କାଳୀ ମନ୍ଦିରରୁ ବାହାରି ହାଟପଦା, ଦଳଦଲି ଖଣ୍ଡା, ରାଜବାଟି ଦେଇ କୁଞ୍ଜେଲପଡ଼ାରେ ପହଞ୍ଚିଥିଲେ। ସେଠାରେ ହନୁମାନଙ୍କ ସହ ତାଙ୍କର ଯୁଦ୍ଧ ହୋଇଥିଲା। ହନୁମାନଙ୍କଠାରୁ ଏକ ପ୍ରଚଣ୍ଡ ବିଧା ଖାଇ ସେ ପରାସ୍ତ ହୋଇଥିଲେ। ସେଠାରେ ରାବଣର ଅନ୍ତିମ ସମୟ ଆସିବାର ଭବିଷ୍ୟବାଣୀ କରିଥିଲେ। ପଦ୍ମଶ୍ରୀଙ୍କୁ ଲଙ୍କେଶ୍ୱରୀ ବେଶରେ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

ଦଶହରା ଅବସରରେ ପଦ୍ମଶ୍ରୀ ହଳଧର ନାଗ ଲଙ୍କେଶ୍ୱରୀ ବେଶ ଧାରଣ କରି ନିଜ ଗାଁ ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ ପରିକ୍ରମା କରୁଛନ୍ତି।

# ଏକତା, ଭାଇଚାରା ପାଇଁ ଆହ୍ୱାନ

**ବରଗଡ଼,୨୫ା୧୦(ପ୍ରେମାନନ୍ଦ ଖମାରୀ)**

ଏକତା, ଅଖଣ୍ଡତା ଏବଂ ଭାଇଚାରାର ପ୍ରତୀକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର। ଏହି ପଡ଼ାବାସୀଙ୍କ ମଧ୍ୟରେ ଥିବା ସଂହତି ଅନନ୍ୟ, ନିଆରା। ଫଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ଏକତା, ଭାଇଚାରାକୁ ସବୁବେଳେ ବଜାୟ ରଖିବା ଉଚିତ୍ ବୋଲି ନିଗମାନନ୍ଦ ବିହାରରେ ଅନୁଷ୍ଠିତ ଅର୍ଘ୍ୟଥାଳି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। ଦୁର୍ଗାପୂଜା କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ମହାଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଚନ୍ଦ୍ରଶେଖର କମ୍ପ, ଚନ୍ଦ୍ରକାନ୍ତ ସାହୁ, ଧର୍ମେନ୍ଦ୍ର ପତି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂଜା ସମ୍ପାଦକ ନବୀନ ସାବତ ବିବରଣୀ ଉପସ୍ଥାପନ ଓ ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ସାଂସ୍କୃତିକ ସନ୍ଧ୍ୟା ଅର୍ଘ୍ୟଥାଳିକୁ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅବସରପ୍ରାପ୍ତ ଶିକ୍ଷକ ଟିକେଲାଲ ପ୍ରଧାନ, ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକ, ପୂଜା କମିଟି ସମ୍ପାଦକ ନବୀନ ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡୋଲାମଣି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଡ଼ାର ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ଗୋପାଳ ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ର ଭାରତୀ କଳା ପରିଷଦ, ଡୋରାର ମାଁ ସମଲେଶ୍ୱରୀ ଲୋକକଳା ସଂସ୍କୃତି ଗବେଷଣା କେନ୍ଦ୍ର, ସାଇପାଲି(କଟାପାଲି)ର ସାତବହନୀ ଲେକକଳା ପରିଷଦ ଲୋକନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, କଣ୍ଠଶିଳ୍ପୀ ଦିଲୀପ ସୁନା, ନୃତ୍ୟ ନିର୍ଦ୍ଦେଶକ ବିରେନ୍ଦ୍ର କୁମ୍ଭାର, ରାଜେଶ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଧ୍ୟାପକ ସୁରେଶ ବାରିକ, ସନ୍ତୋଷ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କୁ ଯଥାକ୍ରମେ ସ୍ୱର୍ଗତ ଦିଲୀପ ସାହୁ, ଅଶ୍ୱିନୀ ପ୍ରଧାନ ଓ ପୂର୍ଣ୍ଣମାସୀ ଭୋଇ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ରୂପକ ଆଚାର୍ଯ୍ୟ, ବାଙ୍କା ବିହାରୀ ସାହୁ, ପ୍ରଦୀପ ସାହୁ, ଶୋଭାରାମ ମହାପାତ୍ର, ନୀଳକଣ୍ଠ ସାହୁ, ହେମନ୍ତ ପ୍ରଧାନ, ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ ପଣ୍ଡା, ଜୀବର୍ଦ୍ଧନ ସାହୁ, ସତ୍ୟବାନ ସାହୁ, କୁଞ୍ଜବିହାରୀ ଭୋଇ, ରାଜେନ୍ଦ୍ର ସାହୁ, ଭାଗୀରଥି ପ୍ରଧାନ, ଦୈତାରୀ ସାହୁ, ଗୋବିନ୍ଦ ମିଶ୍ର, ଅର୍ଜ୍ଜୁନ ସେଟ୍, ଦୁଃଖୁ ମିଶ୍ର, କାଳିଆ ସାହୁ, ରାଜେନ୍ଦ୍ର ମେହେର, ଚନ୍ଦ୍ରମଣି ଦାଶ, ଅଚ୍ୟୁତ ବାରିକ, ଅରୁଣ ସେଟ୍, ଭାଗବତିଆ ପରୁଆ, ବିରେନ୍ଦ୍ର ଦାଶ, ଆକା ସେଠୀ, ଦିନେଶ ବିଶ୍ୱକର୍ମା, ଲକ୍ଷ୍ମୀ ଶତପଥି, ଉତ୍ତମ ଆଚାର୍ଯ୍ୟ, ଯଦୁନନ୍ଦନ ମେହେର ପ୍ରମୁଖ ସହଯୋଗ କରିଥିଲେ ।



ଅର୍ଘ୍ୟଥାଳି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଏସ୍‌ଡିସିସି ପଦ୍ମପୁର ଶାଖାର ବ୍ୟାଙ୍କ କର୍ମଚାରୀଙ୍କ ଧାରଣା

**ପଦ୍ମପୁର,୨୫ା୧୦(ପ୍ରଦୀପ୍ତ ଦାଶ)**

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଦ୍ମପୁର ଶାଖାର କର୍ମଚାରୀମାନେ ପ୍ରମୁଖ ୩ ଦାବି ଓ ୨ଟି ନିୟମକୁ ବିରୋଧ କରି ତିନି ଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ବିଶେଷ କରି ୭ମ ବେତନ କମିଶନ ଲାଗୁ, ପେନସନ ସୁବିଧା ଓ ଅନ୍ୟାନ୍ୟ ଦାବିରେ ଏହି ଧାରଣା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମଚାରୀମାନେ କହିଛନ୍ତି। ଧାରଣାରେ ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀ, ମନୋଜ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଧାରଣା ଯୋଗୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।


ବରଗଡ଼ ଭଜନାଶ୍ରମ ଦୁର୍ଗାପୂଜାର ମୂର୍ତ୍ତି ଭସାଣି ଶୋଭାଯାତ୍ରା ।


ବରଗଡ଼ ଗୌରପଡ଼ା ଦୁର୍ଗାପୂଜାର ଭସାଣି ଶୋଭାଯାତ୍ରା ।

# ମାରୱାଡି ସମ୍ମେଳନର ପାଣି କୁଲର ପ୍ରଦାନ

**ପଦ୍ମପୁର ୨୫ା୧୦ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ନୂଆପାଲି କନ୍ୟା ଗୁରୁକୁଳରେ ଥଣ୍ଡା ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର ପାଇଁ ଏକ ପାଣି କୁଲର ପ୍ରଦାନ କରାଯାଇଛି। ସଭାପତି କୃଷ୍ଣ ଅଗ୍ରୱାଲଙ୍କ ପରାମର୍ଶକ୍ରମେ ସମ୍ମେଳନର ସମ୍ପାଦିକା ଏନୀ ଅଗ୍ରୱାଲ, କୋଷାଧ୍ୟକ୍ଷ ସଙ୍ଗୀତା ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ରାଜକୁମାରୀ ଅଗ୍ରୱାଲ, ସଙ୍ଗୀତା ଅଗ୍ରୱାଲ, ଶାରଦା ଅଗ୍ରୱାଲ, ସବିତା ଅଗ୍ରୱାଲ, ମମତା ଅଗ୍ରୱାଲ, ସଙ୍ଗୀତା ଶର୍ମା, କିର୍ତ୍ତି ଅଗ୍ରୱାଲ ଗୁରୁକୁଳକୁ ଯାଇ ଅଧକ୍ଷ ଭଗବାନ ଦେବଙ୍କ ଉପସ୍ଥିତିରେ ପାଣି କୁଲର ସ୍ଥାପନ କରାଇଥିଲେ। କନ୍ୟା ଗୁରୁକୁଳର ୪୦ଜଣଙ୍କୁ ଫଳ ବଣ୍ଟନ କରାଯାଇଥିଲା।



ପାଣି କୁଲର ପ୍ରଦାନ ଅବସରରେ ମାରୱାଡି ସମାଜର ମହିଳାମାନେ।

# ଫୁଟ୍‌ବଲ: କଦଳୀପାଲି ଚାମ୍ପିୟନ

**ସୋହେଲା,୨୫ା୧୦(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ମିନି ଷ୍ଟାଡିୟମରେ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାରେ କଦଳୀପାଲି ଚାମ୍ପିୟନ ହୋଇଛି। କଦଳୀପାଲି ଏବଂ ଗୋଲଡେନ୍ ଇଗଲ ଅତାବିରା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କଦଳୀପାଲି ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ମହାରାଜ ରାବଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ନଗଦ ରାଶି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବରଗଡ ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଲ ପ୍ରାସାଦ ସିଂ, ଆଥ୍‌ଲେଟିକ୍ ସେକ୍ରେଟାରୀ ହରଦୀପ ସିଂ, ବିଶିଷ୍ଟ କ୍ରୀଡାବିତ୍ ଡାକ୍ତର ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଦଳୀପାଲି ଦଳର ସୁଶାନ୍ତ ଓରାମ ଶ୍ରେଷ୍ଠ ମ୍ୟାଚ୍‌ର ଖେଳାଳି ଓ କଦଳୀପାଲି ଦଳର ସିଦ୍ଧାନ୍ତ ପଧାନ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

# ରାବଣପୋଡ଼ି ସହ ଦୁର୍ଗାପୂଜା ସମ୍ପନ୍ନ

**ସୋହେଲା,୨୫ା୧୦(ଅଶ୍ୱିନୀ କୁମାର ପାତ୍ର)**

ସୋହେଲାରେ ଚାଲିଥିବା ଦୁର୍ଗାପୂଜା ମୂର୍ତ୍ତି ବିସର୍ଜନ ସହ ଶେଷ ହୋଇଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷାଧିକ ଲୋକଙ୍କ ଭିଡରେ ଆତସବାଜି ପ୍ରତିଯୋଗିତା ହୋଇଥିଲା। ବୁଧବାର ସକାଳେ ଭସାଣି ଶୋଭାଯାତ୍ରା ବାହାରିଥିଲା। ଘଣ୍ଟବାଦ୍ୟ, ଡିଜେ, ଛତିଶଗଡ କଳଙ୍ଗୀ ନାଚ, ଉତ୍ତରପ୍ରଦେଶର ଅଘୋରି ନାଚ, ପୁରୀରୁ ମୂର୍ତ୍ତି ନାଚ ଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦିନ ପ୍ରାୟ ୧୨ଟାରେ ସ୍ଥାନୀୟ ପୂର୍ଣ୍ଣବନ୍ଧରେ ମା'ଙ୍କ ବିଗ୍ରହ ଭସାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।


ମା'ଙ୍କ ମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

# ଗୋଡ଼ଭଗା କ୍ୟାମ୍ପ ଦୁର୍ଗାପୂଜା ସମ୍ପନ୍ନ

**ସରଣ୍ଡା,୨୫ା୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା କ୍ୟାମ୍ପ ଦୁର୍ଗାପୂଜା ବୁଧବାର ଭସାଣି ସହ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଗତ ଶୁକ୍ରବାର ସପ୍ତମୀରୁ ମା'ଙ୍କ ପୂଜା ଆରମ୍ଭ ହୋଇ ମଙ୍ଗଳବାର ବିଜୟା ଦଶମୀରେ ପୂର୍ଣ୍ଣାହୁତି ପରେ ଏହା ସମାପନ ହୋଇଥିଲା। ଏହି ଅବସରରେ ଗତ ରବିବାର ରାମଲୀଳା ଉଦ୍‌ଘାଟିତ ହୋଇ ମଙ୍ଗଳବାର ରାମ ରାବଣକୁ ବଧ କରିବା ପରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାବଣ ପୋଡି ସମୟରେ ଗୋଡ଼ଭଗା ଅଞ୍ଚଳ ଆତସବାଜି ଓ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା। କମିଟି ସଭାପତି ରାମକୃଷ୍ଣ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଦସ୍ୟ ମଧୁସୂଦନ ଶର୍ମାଙ୍କ ସଂଯୋଜନାରେ ଉଦଘାଟନୀ ଉତ୍ସବରେ ମହାରାଜ ରାବଣ ପ୍ରଫୁଲ୍ଲ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଦାଶ, କୁଳମଣି ପ୍ରଧାନ, ଦେବବ୍ରତ ରଥ, ଗୋଡ଼ଭଗା ସରପଞ୍ଚ ପ୍ରତିନିଧି ପୁରନ ସେଟ, କେୱାରୀ ପ୍ରସାଦ, ରାଜେଶ ଯଶଶ୍ୱାଲ, ସଞ୍ଜୀବ ପୋଡ଼, ରାଜେନ୍ଦ୍ର ଅଗ୍ରୱାଲ, ନାରାୟଣ ଅଗ୍ରୱାଲ, କୈଳାସ ସାହୁ, ମକରଧ୍ୱଜ ଭୋଇ, ମୋହନ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ରାବଣଙ୍କୁ ମୁକୁଟ ବରଣ କରି ମଞ୍ଚ ହସ୍ତାନ୍ତର କରାଯାଇଥିଲା। ରାମଲୀଳାରେ ରାବଣ ଭୂମିକାରେ ପ୍ରଫୁଲ୍ଲ ମେହେର, ରାମ ଶ୍ୟାମ ମେହେର, ସୀତା ରଶ୍ମିତା ତାଣ୍ଡି, ଲକ୍ଷ୍ମଣ ଅକ୍ଷୟ ବାଗ ଓ ହନୁମାନ ଭୂମିକାରେ ରଞ୍ଜିତ ମେହେର ଅଭିନୟ କରିଥିଲେ। ପୂଜାରେ ପ୍ରଦୀପ ପ୍ରଧାନ ଓ ଶକୁନ୍ତଳା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କେନାଲ କଲୋନୀ ସମ୍ମୁଖ ମଞ୍ଚରେ ଅତାବିରା ନଟରାଜ କଳା ପରିଷଦର ନୃତ୍ୟ, କୃଷ୍ଣଗୁରୁ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷଦିନ ରାମଲୀଳା ମହୋତ୍ସବ ଉଦ୍‌ଯାପନୀ ଓ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା।


ରାମଲୀଳାରେ ସୀତା ଚୋରି ଦୃଶ୍ୟ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୨୫ା୧୦(ସଙ୍ଗୀତା ଜେନା): ଝିରପାଣି ଥାନା ଅଧୀନ କୋଏଲନଗର ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ଜବତ କରାଯାଇଛି। ମୃତକ ହେଲେ ନିହାର ରଞ୍ଜନ ପରିଡ଼ା(୫୧)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନଯୋଗ୍ୟ, କୋଏଲନଗର ସି/୭୯ରେ ନିହାର ଓ ତାଙ୍କ ପିତା ଉମେଶ ଚନ୍ଦ୍ର ପରିଡ଼ା ରହୁଥିଲେ। କୌଣସି କାରଣରୁ ନିହାରଙ୍କ ସ୍ତ୍ରୀ ଓ ପୁଅ ସେଠାରେ ରହୁ ନ ଥିଲେ। ସୋମବାର ନିହାର ଏକୁଟିଆ ଥିବାବେଳେ ଶୋଇବା ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କର ଅନ୍ୟ ୨ ଭାଇ ବମ୍ବେରେ ଚାକିରି କରୁଛନ୍ତି।

### ଛୁରାମାଡ଼ରେ ଯୁବକ ଆହତ, ଜଣେ ଅଟକ

ରାଉରକେଲା,୨୫ା୧୦(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ ଥାନା ଅଧୀନ ମେନ୍‌ରୋଡ୍‌ରେ ବୁଧବାର ଛୁରାମାଡ଼ରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଜନତା ନିୱାସ ଗଳିର ସାହିଲ ସିଂ। ତେବେ ଛୁରାମାଡ଼ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଛି। ସୂଚନା ଅନୁସାରେ, ସନ୍ଧ୍ୟାରେ ୩ ଜଣ ଯୁବକ ସାହିଲଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ସାହିଲଙ୍କ ପିଠି ଓ କାନ୍ଧରେ ଆଘାତ ଲାଗିଛି। ଏହି ସମୟରେ ସାହିଲ ପାଟି କରିବାରୁ ସ୍ଥାନୀୟ ଲୋକେ ଜଣଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀ ଅନୀଲ ପ୍ରଧାନ, ଥାନାଧିକାରୀ ଜ୍ୟୋତି ପତି ପ୍ରମୁଖ ସେଠାରେ ପହଞ୍ଚି ତଦନ୍ତ କରୁଛନ୍ତି। ଫେରାର ଅନ୍ୟ ୨ ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### କୁଆଁରମୁଣ୍ଡାରେ ବିଡିଓଙ୍କ ଯୋଗଦାନ

କୁଆଁରମୁଣ୍ଡା,୨୫ା୧୦(ମହେନ୍ଦ୍ର କୁମାର ସାହୁ): ଜନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ପାଇଁ ଲୋକଙ୍କୁ ପ୍ରଶାସନିକ କାର୍ଯ୍ୟାଳୟ ବିଶେଷକରି ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିଥାଏ।



ହେଲେ ଲୋକଙ୍କ ନିକଟରେ କିଭଳି ସରକାରୀ ଯୋଜନା ପହଞ୍ଚିବ ସେ ଦିଗରେ ମୁଁ ପ୍ରାଥମିକତା ଦେବି ବୋଲି ବୁଧବାର କୁଆଁରମୁଣ୍ଡା ବ୍ଲକରେ ନୂତନ ବିଡିଓଭାବେ ଯୋଗ ଦେଇଥିବା ଗଙ୍ଗାରାମ ବୁଡେକ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହାସହ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ସରକାରୀ ଯୋଜନାଗୁଡିକ କିଭଳି ତ୍ୱରାନ୍ୱିତ ହେବ ସେ ଦିଗରେ ନିଜେ ପ୍ରୟାସ କରିବା ସହ ସହଯୋଗୀ କର୍ମଚାରୀଙ୍କୁ ମଧ୍ୟ ଅଧିକ ତତ୍ପର ହେବା ପାଇଁ ନିର୍ଦ୍ଦେଶ ଦେବି ବୋଲି ବିଡିଓ ବୁଡ଼େକ କହିଛନ୍ତି।



ରାଉରକେଲା ଖଣ୍ଡା ଭବନ ସମ୍ମୁଖରେ ମହିଳା ପୁରୁଷ।

# ଓଡ଼ିଶାରେ ଖଣ୍ଡାୟତ ରେଜିମେଣ୍ଟର ଆବଶ୍ୟକତା ରହିଛି

## ଖଣ୍ଡାୟତ କ୍ଷତ୍ରୀୟ ମହାସଭାର ଖଣ୍ଡା ଶୋଭାଯାତ୍ରା

ରାଉରକେଲା,୨୫ା୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରେ ଖଣ୍ଡାୟତ କ୍ଷତ୍ରିୟ ମହାସଭା ପକ୍ଷରୁ ଖଡ୍ଗ ଶୋଭାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାସଭାର ଶତାଧିକ ମହିଳାପୁରୁଷ ଖଡ୍ଗ ଭବନରେ ସ୍ଥାପିତ ଖଣ୍ଡାୟତମାନଙ୍କ ବାରହାତ ଖଣ୍ଡାକୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଖଡ୍ଗ ଭବନରୁ ବାହାରି ସେକ୍ଟର-୨ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ଯାଏ ଯାଇଥିଲା। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ଖଡ୍ଗ ଭବନକୁ ଫେରିଥିଲା। ପରେ ମାତୃ ଶକ୍ତିଙ୍କ ଉପାସନା ପୂର୍ବକ ଖଣ୍ଡାକୁ ପୁନଶ୍ଚ ଖଡ୍ଗ ଭବନରେ ଅବସ୍ଥାପିତ କରାଯାଇଥିଲା। ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଓ ଇସ୍ପାତ ନଗରୀ କମିଟି ପାଟଖଣ୍ଡା ମହାସଭା କାର୍ଯ୍ୟକାରୀ ସଭାପତି ଯଦୁମଣି ସ୍ୱାଇଁଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ଶୋଭାଯାତ୍ରା ପରିଚାଳିତ ହୋଇଥିଲା। ଏହାପରେ ମହାସଭାର ଉପ ସଭାପତି ଉପେନ୍ଦ୍ର କୁମାର ନାୟକ ଓ ସୁରେନ୍ଦ୍ର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଇତିହାସ ବିଭାଗର ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଣ୍ଡାୟତ କ୍ଷତ୍ରିୟଙ୍କ ଉତ୍ପତ୍ତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସୈନ୍ୟ ବାହିନୀ ମଧ୍ୟରେ ସାହସ ଓ ସମର ପ୍ରବଣତା ସୃଷ୍ଟି କରିବାକୁ ସମ୍ଭବତଃ ଶରତ କାଳୀନ ଦୁର୍ଗାପୂଜାରୁ ଖଣ୍ଡାୟତଙ୍କ ପକ୍ଷରୁ ଖଡ୍ଗ ଉପାସନା ଆବହମାନ କାଳରୁ ହୋଇଆସୁଛି। ଖଣ୍ଡା ଶବ୍ଦରୁ ହିଁ ଖଣ୍ଡାୟତ ସୃଷ୍ଟି। ସମର ସଂସ୍କୃତିରେ ଦୁର୍ଗାମାଧବଙ୍କ ଖଡ୍ଗ ଉପାସନା ଓ ସେକ୍ଟର-୩ ଖଡ୍ଗ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଉଲ୍ଲେଖ କରିବା ସହିତ ଓଡିଶାରେ ଖଣ୍ଡାୟତ ରେଜିମେଣ୍ଟ ହେବା ନିହାତି ଆବଶ୍ୟକ। ଏଣି ଏ ଦିଗରେ ପ୍ରୟାସ କରାଯିବା ଜରୁରୀ ବୋଲି ମଲ୍ଲିକ କହିଥିଲେ। ଏହାପରେ କୁଞ୍ଜ ବିହାରୀ ରାଉତ ଏବଂ ଯଦୁମଣି ସ୍ୱାଇଁ ଖଡ୍ଗ ଭବନର ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ। ମିନତୀ ବିଶ୍ୱାଳଙ୍କ ପରିଚାଳନା ଏବଂ ସାଗରିକା ଭୁଜବଳ ଓ ପ୍ରଯୁକ୍ତା ଭବାନୀ ନାୟକଙ୍କ ସଂଯୋଜନାରେ ଆଲୋଚନାଚକ୍ର ହୋଇଥିଲା। ପରେ ଖଣ୍ଡାୟତ କ୍ଷତ୍ରିୟମାନଙ୍କ ଦ୍ୱାରା ଖଣ୍ଡା ଚାଳନା କଳା କୌଶଳ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସସ୍ମିତା ପ୍ରଧାନଙ୍କୁ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ହରିହର ରାଉତରାୟ, ନାରାୟଣ ସାମଲ, ରାଧେଶ୍ୟାମ ପରିଡା, ଜ୍ୟୋତ୍ସ୍ନା ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶଶଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

#### ଫଟୋ ଭାଇରାଲ ପରେ ଚରମ ପଦକ୍ଷେପ

ରାଉରକେଲା, ୨୫ା୧୦(ସଙ୍ଗୀତା ଜେନା) ରାଉରକେଲା ସେକ୍ଟର-୧୯ ଥାନା ଅଧୀନ ଆଇଜିଏଚ୍‌ର ଜଣେ ୨ୟ ବର୍ଷ ନର୍ସିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ହଷ୍ଟେଲର ବନ୍ଦ ଘରୁ ଜବତ କରିଛି। ମୃତା ଛାତ୍ରୀ ହେଲେ ଅନୀତା ମାଝୀ(୨୧) ଏବଂ ତାଙ୍କ ଘର କେନ୍ଦୁଝରରେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୫/୨୩) ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ମୃତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ବିରୋଧରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡିଏସ୍‌ପି ପୁଷ୍ପାରାଣୀ ନିନଗୀ କହିଛନ୍ତି, ଅନୀତା ଇସ୍ପାତ ଜେନେରାଲ ହସ୍ପିଟାଲର ଦ୍ୱିତୀୟ ବର୍ଷ ନର୍ସିଂ ଛାତ୍ରୀ ଥିଲେ। ଗତ ୧୯ ତାରିଖରେ ଅନୀତା ହଷ୍ଟେଲ ରୁମ୍ ବନ୍ଦ କରି ଆତ୍ମହତ୍ୟା କରିଥିଲେ। ଏହି ସୂଚନା ପାଇ ତାଙ୍କ ପିତାମାତା ରାଉରକେଲା ଆସିଥିଲେ। ଅନୀତାଙ୍କ କେହି ଜଣେ ପୁରୁଷ ବନ୍ଧୁ ସୋଶିଆଲ ମିଡ଼ିଆରେ ଫଟୋ ଭାଇରାଲ କରିଥିବା ଦେଖି ସେ ଆତ୍ମହତ୍ୟା କରିଥିବା ୨୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଡିଏସ୍‌ପି ନିନଗୀ କହିଛନ୍ତି।

## ଜଳିଗଲା ମିଲେଟ୍ ଶକ୍ତି କାଫେ

### ପାଣିରେ ପଡ଼ିଲା ୨୦ଲକ୍ଷ ଟଙ୍କା, ଥାନାରେ ମାମଲା

ରାଉରକେଲା,୨୫ା୧୦(ସଙ୍ଗୀତା ଜେନା)

ରାଉରାକେଲା ପ୍ଲାଣ୍ଟସାଇଟ୍ ଥାନା ପାର୍କିଂ ସ୍ଥଳରେ ଥିବା ଶକ୍ତି କାଫେ ମଙ୍ଗଳବାର ଦ୍ୱିପ୍ରହରରେ ନିଆଁ ଲାଗି ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହେବା ସହ ୨୦ ଲକ୍ଷ ଟଙ୍କା ପାଣିରେ ପଡିଛି। ଏ ସମ୍ପର୍କରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଏକ ମାମଲା (ନଂ.୩୭୭/୨୩) ରୁଜୁ କରି ତଦନ୍ତ କରୁଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସୁନ୍ଦରଗଡ଼ ଜିଲାରେ ଉତ୍ପାଦିତ ମିଲେଟର ସଦ୍‌ବିନିଯୋଗ କରିବା ପାଇଁ ରାଉରକେଲା କୋଏଲନଗର ଓ ପ୍ଲାଣ୍ଟସାଇଟ୍ ଥାନା ପାର୍କିଂସ୍ଥଳରେ ୨୦ଲକ୍ଷ ଟଙ୍କା ବ୍ୟୟରେ ଶକ୍ତି କାଫେ ନିର୍ମାଣ କରାଯାଇଥିଲା। ପରେ ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ ଏକ ଏସ୍‌ଏଚ୍‌ଜିକୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଏସ୍‌ଏଚ୍‌ଜି ଏହାକୁ ଚଳାଇବାରେ ଅସାମର୍ଥ୍ୟ ପ୍ରକାଶ କରି ଦାୟିତ୍ୱରୁ ଓହରି ଯାଇଥିଲା। ପ୍ରାୟ ଏକ ମାସ ତଳେ ଉକ୍ତ କାଫେରେ ଚୋରି ଅଭିଯୋଗ ହୋଇଥିଲା। ତେବେ ମଙ୍ଗଳବାର ଏଥିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ୨ଟି ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମସ୍ତ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଶର୍ଟ ସର୍କିଟ ଯୋଗୁ ଏପରି ହୋଇଥାଇପାରେ ବୋଲି ଆଲୋଚନା ହେଉଥିବା ବେଳେ କେତେକ ନିଶାସକ୍ତ ସେଠାରେ ନିଆଁ ଲଗାଇଥିବା କୁହାଯାଉଛି। ତେବେ ପୋଲିସ ତଦନ୍ତ ଜାରି ରହିଛି।



ଅଗ୍ନିକାଣ୍ଡ ଯୋଗୁ ପୋଡ଼ି ଯାଇଥିବା ଶକ୍ତି କାଫେ।

## ୨୮ରେ କୁମାର ଉତ୍ସବ

ରାଉରକେଲା,୨୫ା୧୦(ସଙ୍ଗୀତା ଜେନା)

ସେକ୍ଟର-୫ ସ୍ଥିତ ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ଆଦର୍ଶ ପାଠାଗାରର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ଭଞ୍ଜ ପ୍ରେକ୍ଷାଳୟରେ କୁମାର ଉତ୍ସବ ପାଳିତ ହେବ। ଏଥିରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏହାସହ ଅଭିନେତ୍ରୀ ତ୍ରିପୁରା ମିଶ୍ର ଓ କଣ୍ଠଶିଳ୍ପୀ ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ପୁହାଣଙ୍କୁ 'କୁମାର ଉତ୍ସବ-୨୦୨୩'ରେ ସମ୍ବର୍ଦ୍ଧିତ କରାଯିବ। ଏ ନେଇ ବୁଧବାର ପୂର୍ବାହ୍ନରେ ଆଦର୍ଶ ପାଠାଗାର ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସେହିପରି ଫକୀର ଚରଣ ପତିଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସୁଦେଷ୍ଣା ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ କୁଆଁର ପୁନେଇ ଜହ୍ନ ଗୋ ନୃତ୍ୟ ନାଟିକା ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ବିଷ୍ଣୁ ମହାନ୍ତି, ଇଂ. ଅଭୟ ଦାସ, ସଭାପତି ଚନ୍ଦ୍ରଶେଖର ଶତପଥୀ, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ସୁରେଶ ମାଝୀ, ରାଧାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

### ବଡ଼ଗାଁରେ ସୁମନାଥ ବ୍ରତ

ବଡ଼ଗାଁ,୨୫ା୧୦( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସିଆଁମାଲ ଗ୍ରାମବାସୀ ଦୀର୍ଘ ଦେଢ଼ଶହ ବର୍ଷ ହେଲା ସୁମନାଥ ବ୍ରତ କରି ଆସୁଛନ୍ତି। ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଦିନ ଅଧିବାସ ହୋଇ ବିଜୟା ଦଶମୀ ଦିନ ଅହୋରାତ୍ର ଜାଗର ଓ ଉପାସନା ପରେ ଏକାଦଶୀ ତିଥିରେ ଏହି ବ୍ରତ ଓ ପୂଜା ସମାପନ ହୋଇଥାଏ। ଗତ ୫୦ ବର୍ଷ ହେଲା ଗ୍ରାମର ଶତାୟୁ ବ୍ୟକ୍ତି ରାମଚନ୍ଦ୍ର ରାଉତ ସୁମନାଥ ବ୍ରତର ପୂଜା କାର୍ଯ୍ୟ ତୁଲାଇ ଆସୁଛନ୍ତି। ତାଙ୍କ ପୂର୍ବରୁ ସ୍ୱର୍ଗତ ଗୋପବନ୍ଧୁ ରାଉତ, ସ୍ୱର୍ଗତ ଶୁକ୍ରୁ ରାଉତ, ସ୍ୱର୍ଗତ ଦାମୋଦର ରାଉତ, ସ୍ୱର୍ଗତ ମୁଡୁ ରାଉତ ଓ ସ୍ୱର୍ଗତ ରତ୍ନାକର ରାଉତ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏହି ବ୍ରତ ଓ ପୂଜାରେ କାଳିଶିମାନେ ଅଗ୍ନିକୁଣ୍ଡରେ ଚାଲିଥାନ୍ତି। ବିଳମ୍ବିତ ରାତିରେ ପୂଜକଙ୍କ ଦ୍ୱାରା ବିଶେଷ ପୂଜା କରାଯାଇଥାଏ। ବ୍ରତରେ ଥିବା ମହିଳାମାନେ ରାତିସାରା ଚନ୍ଦ୍ରଦେବ, ଧରିତ୍ରୀ ମା', ତାରାଗଣ, ଦଶଦିଗପାଳ ଆଦି ଦେବଦେବୀଙ୍କ ପୂଜା କଲାପରେ ଭୋର୍ ୪ଟାରେ ବୃନ୍ଦାବତୀ , ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସ୍ୱତନ୍ତ୍ର ପୂଜା କରିଥାନ୍ତି। ଏହାପରେ ଗ୍ରାମଦେବୀଙ୍କ ପୂଜାକରି ବ୍ରତ ସମାପନ କରାଯାଇଥାଏ। ମହାକୁଡ଼ ସମାଜରେ ଏହି ବ୍ରତକୁ ବଡ଼ଓଷା କୁହାଯାଇଥାଏ। ବ୍ରତ ଓ ପୂଜା ଦେଖିବା ପାଇଁ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ଲୋକେ ଆସିଥାନ୍ତି।

## ମା'ଙ୍କୁ ମେଲାଣି, ୮୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ବିସର୍ଜନ

ରାଉରକେଲା,୨୫ା୧୦(ସଙ୍ଗୀତା ଜେନା)

ଶାରଦୀୟ ପୂଜା ମହୋତ୍ସବ ଦଶହରା ପରେ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ରାଉରକେଲାରେ କେନ୍ଦ୍ରୀୟ ପୂଜା କମିଟି ତତ୍ତ୍ୱାବଧାନରେ ଷ୍ଟିଲ ଟାଉନଶିପ୍, ସିଭିଲଟାଉନଶିପ୍ ଓ ଫର୍ଟିଲାଇଜର ଟାଉନଶିପ୍ ସମେତ ୧୦୮ ପୂଜା ମଣ୍ଡପରେ ପୂଜା କରାଯାଇଥିଲା। ବିଜୟା ଦଶମୀ ପରେ ମୂର୍ତ୍ତିଗୁଡ଼ିକୁ ରାଉରକେଲା ମହାନଗର ନିଗମ ପକ୍ଷରୁ ବାଲୁଘାଟଠାରେ ନିର୍ମିତ କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଛି। ଭସାଣି ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲା ପ୍ରଶାସ ନର ନିର୍ଦ୍ଦେଶକ୍ରମେ ପୂଜା କମିଟି ନିଜ ନିଜ ମଣ୍ଡପରେ ପୂଜିତ ମୂର୍ତ୍ତିଗୁଡିକୁ ମଧ୍ୟାହ୍ନରୁ ଶୋଭାଯାତ୍ରାରେ ଆଣିଥିଲେ। ପ୍ରଥମେ କୋଏଲନଗର ଇ ବ୍ଲକ ଦୁର୍ଗା ପ୍ରତିମା ଭସାଣି ପାଇଁ ବାଲୁଘାଟକୁ ଆସିଥିଲା। ଖବର ଲେଖା ହେବା ସୁଦ୍ଧା ପ୍ରାୟ ୮୦ଟି ମୂର୍ତ୍ତି ବିସର୍ଜନ ହୋଇଥିଲା। ଉକ୍ତ ପୋଖରୀ ନିକଟରେ ଆରଏମସି କର୍ମଚାରୀ ଉପସ୍ଥିତ ରହିବା ସହ ୨ଟି କ୍ରେନ ଓ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଆଇନଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲା। ଆରଏମସି କମିଶନର ଡ. ଶୁଭଙ୍କର ମହାପାତ୍ର, ଉପାୟୁକ୍ତ ସୁଧାଂଶୁ ଭୋଇଙ୍କ ସମେତ ବରିଷ୍ଠ ଅଧିକାରୀ ବାଲୁଘାଟ କୃତ୍ରିମ ପୋଖରୀକୁ ଅନୁଧ୍ୟାନ କରିଥିଲେ। ଚଳିତ ଥର ଏଥିରେ ଅଧିକ ପାଣି ସହ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ସେହିପରି ରିଂରୋଡ୍‌ର ଏକ ପାର୍ଶ୍ୱକୁ ଶୋଭାଯାତ୍ରା ପାଇଁ ସଂରକ୍ଷିତ କରାଯାଇଥିଲା।

## ବନ୍ଧମୁଣ୍ଡାର ବିଭିନ୍ନ ମଣ୍ଡପରେ ସିନ୍ଦୂର ଖେଳ

ବନ୍ଧମୁଣ୍ଡା,୨୫ା୧୦(ସୁବ୍ରତ ଡେ)

ବିଜୟା ଦଶମୀରେ ବନ୍ଧମୁଣ୍ଡା ସହରରେ ଥିବା ସି- ସେକ୍ଟର, ଡି- ସେକ୍ଟର, ବି- ସେକ୍ଟର, ଡିଜେଲ କଲୋନୀ, ଡି-କେବିନ ସମେତ ବିଭିନ୍ନ ପୂଜାମଣ୍ଡପ ଗୁଡିକରେ ମହିଳାଙ୍କ ଦ୍ୱାରା ସିନ୍ଦୂର ଖେଳ ଆୟୋଜିତ ହୋଇଥିଲା। ବିଜୟା ଦଶମୀରେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ସମାପ୍ତ ପରେ ବଙ୍ଗୀୟ ନୀତି ଓ ପରମ୍ପରା ଅନୁଯାୟୀ ସଧବା ମହିଳାମାନେ ମା'ଙ୍କୁ ସିନ୍ଦୂର ଅର୍ପଣ କରିବା ସହ ନୈବେଦ୍ୟ ଖୁଆଇ ବିଦାୟ ଦେଇଛନ୍ତି। ଯେଉଁଭଳି ବାପ ଘରୁ ଝିଅକୁ ବିଦାୟ କରାଯାଇଥାଏ ଠିକ୍ ସେହିପରି ଏହି ପରମ୍ପରା ପାଳନ ହୁଏ। ମା'ଙ୍କୁ ଏପରି କରିବା ଦ୍ୱାରା ପରିବାରର ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହ ଶଙ୍ଖାସିନ୍ଦୁର ବଜ୍ର ହୁଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ମହିଳାମାନେ ମା'ଙ୍କୁ ସିନ୍ଦୁର ଅର୍ପଣ ପରେ ପରସ୍ପରର ମଥାରେ ଓ ଶଙ୍ଖାରେ ସିନ୍ଦୂର ବୋଳନ୍ତି।



ମହିଳାମାନେ ପରସ୍ପରକୁ ସିନ୍ଦୁର ବୋଳୁଛନ୍ତି।

## ଆର୍‌ଏସ୍‌ପି କ୍ୱାଲିଟି ସର୍କଲ ଦଳର ସଫଳତା

ରାଉରକେଲା,୨୫ା୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଓ ଅକ୍ସିଜେନ ପ୍ଲାଣ୍ଟର ଉଦୟ କ୍ୱାଲିଟି ସର୍କଲ ଦଳର ଏକ ଅଭିନବ ପ୍ରକଳ୍ପ ଏଏସ୍‌ୟୁ-୩ରେ କୁଲିଂ ୱାଟର ଓ ପମ୍ପଗୁଡିକର ରକ୍ଷଣାବେକ୍ଷଣ ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିଛି। ବିଭାଗର ଏମ୍‌ଓଏମ୍‌ଟି ସି.ଏଲ୍.ଡି ବରାଳ, ଆର. ଏନ୍. ନାୟକ ଓ ଏସ୍‌ଇଟି ସି. ଏନ୍. ରାଉତଙ୍କୁ ନେଇ ଗଠିତ ଏହି କ୍ୱାଲିଟି ସର୍କଲ ଦଳ ଏଏସ୍‌ୟୁ-୩ରେ କୁଲିଂ ୱାଟର ପମ୍ପର ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଯାହା କୁଲିଂ ୱାଟର ପମ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବା ସହ ବହୁ ସଞ୍ଚୟ ସାଧନ ଏବଂ ବିଭାଗର ଉତ୍ପାଦକତାରେ ଉନ୍ନତି ହାସଲ ପାଇଁ ମାର୍ଗ ପ୍ରଶସ୍ତ କରିଛି। ଏଏସ୍‌ୟୁ-୩ର କୁଲିଂ ୱାଟର ପମ୍ପଗୁଡିକ ୬ ମାସରେ ନିୟମିତ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିଲା। ଯାହାର ମୂଲ୍ୟ ପ୍ରାୟ ପମ୍ପ ପ୍ରତି ୦.୮୦ଲକ୍ଷ ରହିଥିଲା। ଚାରୋଟି ପମ୍ପ କାର୍ଯ୍ୟକ୍ଷମ ରହୁଥିବା ଏବଂ ରକ୍ଷଣାବେକ୍ଷଣ ସମୟରେ କୌଣସି ଅତିରିକ୍ତ ୟୁନିଟ ଉପଲବ୍ଧ ନ ଥିବାରୁ ଏହାର ଏକ ଲଜିଷ୍ଟିକ ଚ୍ୟାଲେଞ୍ଜ ସହିତ ଆର୍ଥିକ ବୋଝ ସୃଷ୍ଟି କରୁଥିଲା। ଏହି ପୁନଃପୌନିକ ରକ୍ଷଣାବେକ୍ଷଣ ଖର୍ଚ୍ଚର ମୂଳ କାରଣ ହେଲା ଗ୍ଲାଣ୍ଡ ପ୍ୟାକିଂ ଜନିତ ସାଫ୍ଟ ସ୍ଲିପ୍‌ର ଦ୍ରୁତ ଅବକ୍ଷୟ। ଯାହା ଉନ୍ନତି ଆବଶ୍ୟକତା ସମ୍ପର୍କରେ ଉଦୟ ଗୁଣବତ୍ତା ମଣ୍ଡଳୀ ଅବଗତି କରାଇଥିଲା। ଫେବୃୟାରୀ ମାସରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ରକ୍ଷଣାବେକ୍ଷଣ ସମସ୍ୟାର ମୂଳ କାରଣ ଉପରେ ଧ୍ୟାନ ଦିଆଗଲା। ବିଦ୍ୟମାନ ପମ୍ପ ଗୁଡିକରେ କୌଣସି ପରିବର୍ତ୍ତନର ଆବଶ୍ୟକତା ବିନା ସେମାନଙ୍କ ଅଭିନବ ସମାଧାନ ପାରମ୍ପରିକ ଗ୍ଲାଣ୍ଡ ପ୍ୟାକିଂକୁ ଉନ୍ନତ ମେକାନିକାଲ ସିଲ ବଦଳାଇବା ଆଧାରିତ ଥିଲା। ମେକାନିକାଲ ସିଲ୍‌ଗୁଡିକର କାର୍ଯ୍ୟାନ୍ୱୟନ କୁଲିଂ ୱାଟର ପମ୍ପ ରକ୍ଷଣାବେକ୍ଷଣ କାର୍ଯ୍ୟଧାରାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ରକ୍ଷଣା ବେକ୍ଷଣର ଧାରା ଯଥେଷ୍ଟ ହ୍ରାସ ପାଇଥିଲା। ଯାହା ଯଥେଷ୍ଟ ସଞ୍ଚୟ ସୁନିଶ୍ଚିତ କରିଥିଲା। ପ୍ରତ୍ୟେକ ପମ୍ପ ବାର୍ଷିକ ପ୍ରାୟ ୯.୬୦ଲକ୍ଷ ଟଙ୍କା ସଞ୍ଚୟ କରୁଛି। ଯାହାଦ୍ୱାରା ରକ୍ଷଣାବେକ୍ଷଣ ଖର୍ଚ୍ଚରେ ପ୍ରଭାବଶାଳୀ ହ୍ରାସ ଘଟିଛି। ନିକଟରେ ରାଉରକେଲାରେ ଆୟୋଜିତ ଅଧ୍ୟାୟ ସ୍ତରୀୟ ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତାରେ ଅଭିନବ ପ୍ରକଳ୍ପ ପାଇଁ ଉଦୟ ଗୁଣାବତ୍ତା ମଣ୍ଡଳୀ ଦଳକୁ ପୁରସ୍କୃତ କରାଯାଇଥିଲା।




ଉଦୟ ଦଳ ପୁରସ୍କୃତ ହେଉଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ମୁନରେ ଡକାୟତି: ସୁନା ଗହଣା ଓ ଟଙ୍କା ଲୁଟ୍

କୁଚିଣ୍ଡା,୨୫।୧୦(ବିରଞ୍ଚି ଦର୍ଦ୍ଦା)

ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତର ଡଙ୍ଗାଯୋର ଗ୍ରାମରେ ମଙ୍ଗଳବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। କେତେଜଣ ମୁଖା ପିନ୍ଧା ଡକାୟତ ଭିକାରୀ ରଣା ଓ ସଞ୍ଜୀବ ରଣାଙ୍କ ଘରେ ପଶି ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ମହୁଲପାଲି ଭାରପ୍ରାପ୍ତ ଥାନା ଅଧିକାରୀ ଦିଲୀପ କୁମାର ବେହେରା ଓ କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବୁଧବାର ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ସହ ଡଗ ସ୍କ୍ୱାଡ୍ ତଦନ୍ତ କରି ଫେରିଛନ୍ତି। ଏନେଇ ମହୁଲପାଲି ଥାନାରେ ଏକ ଡକାୟତି ମାମଲା ରୁଜୁ ହୋଇ ତନାଘନା ଚାଲିଛି।

### ବୋଲେରୋକୁ ପଛପଟୁ ଧକ୍କା: ୨ ବାଇକ୍ ଆରୋହୀ ଗୁରୁତର

କୁଚିଣ୍ଡା,୨୫।୧୦(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ରାସ୍ତା କଡରେ ଛିଡା ହୋଇଥିବା ଏକ ବୋଲେରୋକୁ ଧକ୍କା ଦେଇ ୨ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୯ଟାରେ ଛିଡା ହୋଇଥିବା ବୋଲେରୋଟିକୁ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ଦ୍ରୁତ ଗତିରେ ଆସି ପଛପଟୁ ପିଟି ହୋଇଥିଲେ। ଫଳରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ। ଖବରପାଇ ମହୁଲପାଲି ଥାନାଅଧିକାରୀ ଦିଲୀପ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲେ। ଆହତଙ୍କ ପରିଚୟ ମିଳି ନ ଥିବାବେଳେ,ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

### ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୫।୧୦(ବି.ଶଙ୍କର)

ସମ୍ବଲପୁରର ପୁରାତନ ସାମାଜିକ ଅନୁଷ୍ଠାନ ଓଡିଶା ସାଂସ୍କୃତିକ ସମାଜର ୫୩ତମ ପ୍ରତିଷ୍ଠା ଦିବସ ବିଜୟା ଦଶମୀ ତିଥିରେ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଚଳିତବର୍ଷ ଅନୁଷ୍ଠାନର ପ୍ରତିଷ୍ଠା ଦିବସକୁ ଆତ୍ମସମୀକ୍ଷା ଦିବସ ଭାବରେ ପାଳିତ କରାଯାଇଥିଲା। ଏଥିରେ ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା, ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ବାବଦ ସୂଚିତ କରିଥିଲେ। ସଭାପତି ଶିବନାରାୟଣ ପାଣିଗ୍ରାହୀ ଏବଂ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟାଳୟ ସମ୍ପାଦକ ଲୋକନାଥ ପାଣ୍ଡେ, ଖାଉଟି ସମିତି ଆବାହକ ଅଖିଳ ପଟ୍ଟନାୟକ, ଶିକ୍ଷା ଓ ପାଠାଗାର ଉପସମିତିର ଆବାହକ ଡ. ଗୌରିଦାସ ପଧାନ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋଚନା କରିଥିଲେ। ଡ. ପରେଶ ଦାନୀ, ପ୍ରଶାନ୍ତ ପାଟଯୋଶୀ, ଡ. ହରିଶଙ୍କର ପଣ୍ଡା, ରାମାନୁଜ ପଣ୍ଡା, ହୃଷୀକେଶ ପୂଜାରୀ, କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ସଦସ୍ୟ ନିଜସ୍ୱ ମତ ଉପସ୍ଥାପନ କରି ଅନୁଷ୍ଠାନର ଉନ୍ନତି ସକାଶେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

# ବୁଣାକାରଙ୍କୁ ସଶକ୍ତ କରିବ ଡିଜିଟାଲ ପ୍ରସାର

ସମ୍ବଲପୁର,୨୫।୧୦(ବି.ଶଙ୍କର)



ଆଇଆଇଏମ୍ ସମ୍ବଲପୁର ଆୟୋଜିତ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

ଆଇଆଇଏମ ସମ୍ବଲପୁର ପକ୍ଷରୁ ତାନା-ବାନା ଜିଲାସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ-୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପାଞ୍ଚ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀ ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଓ ଭୁବନେଶ୍ୱର ବୁଣାକାର ସେବା କେନ୍ଦ୍ର ସହଯୋଗରେ କରାଯାଇଛି। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ତାନା ବାନା ଜିଲା ହସ୍ତତନ୍ତ ଏକ୍ସପୋର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ହସ୍ତତନ୍ତ ଓ ଖଦି ଉତ୍ପାଦର ପ୍ରସାର କରି ଭୋକାଲ ଫର ଲୋକାଲ ଚିନ୍ତାଧାରାକୁ ସୁଦୃଢ଼ କରିବ। ଆଇଆଇଏମ ସମ୍ବଲପୁର ଏହି ଅଞ୍ଚଳର ବୁଣାକାର ଓ ସ୍ୱଦେଶୀ ହସ୍ତକଳାର ଉତ୍ପାଦଗୁଡ଼ିକୁ ସାରା ଦେଶରେ ଡିଜିଟାଲ ମାଧ୍ୟମରେ ପ୍ରସାର କରିବା

**ତାନା-ବାନା ଜିଲା ହସ୍ତତନ୍ତ ପ୍ରଦର୍ଶନୀ**

ସହ ବୁଣାକାରଙ୍କ ପାଇଁ ଜାତୀୟସ୍ତରର ବଜାର ବିକାଶ କରି ସେମାନଙ୍କୁ ସହାୟତା ଓ ସଶକ୍ତ କରିବା ଜାରି ରଖିବ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ବିକାଶ କୁମାର କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ବୁଣାକାରମାନେ ବିଭିନ୍ନ ହସ୍ତତନ୍ତ ସ୍କିମର ଲାଭ ହାସଲ କରିପାରିବେ।

ଆଇଆଇଏମ ସମ୍ବଲପୁର ଓ ବିଭାଗର ମିଳିତ ସହଯୋଗ ହସ୍ତତନ୍ତ କ୍ଷେତ୍ରର ପ୍ରସାର ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ। ଏହି ପ୍ରଦର୍ଶନୀରେ ୨୫ରୁ ଅଧିକ ଷ୍ଟଲରେ ବିବିଧ ପ୍ରକାରର ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ କରାଯାଇଛି । ଶାଢ଼ି, ବେଡସିଟ୍, ଡ୍ରେସ, ମାଟେରିଆଲ, ଟେବୁଲ ରନର, ଛତା ଏବଂ ଅନ୍ୟାନ୍ୟ ଫ୍ୟାବ୍ରିକ ଭିତିକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଯାହାକି ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କୌଶଳକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି। ଫ୍ଲିପକାର୍ଡ ଓ ସିଡବି ସହ ସ୍ୱାକ୍ଷରିତ ହୋଇଥିବା ଏମଓୟୁ ଅନୁସାରେ ମଧ୍ୟ ଡିଜିଟାଲ ମାର୍କେଟରେ ବୁଣାକାରଙ୍କ ଉତ୍ପାଦଗୁଡ଼ିକର ପ୍ରସାର କରୁଛି । ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଚଳିତ ବର୍ଷ ଡିସେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ସମ୍ମାନଜନକ ପାନ ଆଇଆଇଏମ ୱାର୍ଲଡ ମ୍ୟାନେଜମେଣ୍ଟ କନକ୍ଲେଭ ଆୟୋଜନ କରାଯିବ। ଏଥିରେ ନବସୃଜନ ଓ ଅଭିନବ ଚିନ୍ତାଧାରା ଉପରେ ଆଲୋକପାତ କରାଯିବା ଲକ୍ଷ୍ୟ ରହିଛି ।

## କୁଚିଣ୍ଡାରେ ରାବଣପୋଡ଼ି ସହ ଦଶହରା ସମ୍ପନ୍ନ

କୁଚିଣ୍ଡା,୨୫।୧୦ (ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା କୁଚିଣ୍ଡାରେ ଆନନ୍ଦଉଲ୍ଲାସର ସହ ୯୬ତମ ରାବଣପୋଡି ଓ ଦୁର୍ଗାପୂଜା ସମ୍ପନ୍ନ ହୋଇଛି। ରାବଣପୋଡ଼ି ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବୁଧବାର ଭୋରରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ଖର୍ଲା ନଦୀରେ ବିସର୍ଜନ କରାଯାଇଥିଲା। ମଙ୍ଗଳବାର ଦଶହରା ଉପଲକ୍ଷେ ମୁକୁନ୍ଦି ଷ୍ଟାଡିୟମରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ସନ୍ଧ୍ୟାରେ ମନ୍ଦିରଛକ ଦୁର୍ଗା ମଣ୍ଡପରୁ ରାମଲକ୍ଷ୍ମଣ ଯୋଡିଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ମୁକୁନ୍ଦି ଷ୍ଟାଡିୟମକୁ ନିଆଯାଇଥିଲା। ପରେ ସେମାନେ ୨୫ଫୁଟ ଉଚ୍ଚତା ବିଶିଷ୍ଟ ରାବଣଙ୍କ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଆଖିଝଲସା ଆତସବାଜି ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ମନ୍ଦିରଛକ, ପଞ୍ଚମୁଖି ଓ ବସଷ୍ଟାଣ୍ଡ ପୂଜାମଣ୍ଡପ ପକ୍ଷରୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ରାତିସାରା ବାନ୍ଧି ରଖିଥିଲା। ଦଶହରା ପାଇଁ ବୁଧବାର ରାତି ପର୍ଯ୍ୟନ୍ତ ଦୋକାନଗୁଡ଼ିକରେ ଦର୍ଶକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ରାବଣ ପୋଡି ଓ ଦଶହରା ଦେଖିବାକୁ ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ମୋଟା ମୋଟି ଭାବେ ଶାନ୍ତିଶୃଙ୍ଖଳାର ସହ ଦଶହରା ସମ୍ପନ୍ନ ହୋଇଥିଲା।

## ନିଜ ଶିକ୍ଷକଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନ ।

ସମ୍ବଲପୁର,୨୫।୧୦ (ବି.ଶଙ୍କର)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତ କରି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକରେ ଯୋଗଦେଇଛନ୍ତି। ଏହି କ୍ରମରେ ସେ ତାଙ୍କର ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ସୁଦର୍ଶନ ପୂଜାରୀଙ୍କୁ ସାକ୍ଷାତ କରିଥିଲେ । ପ୍ରଫେସର ସୁଦର୍ଶନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରିବା ସହ ନିରାମୟ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ୧୯୮୦ ଦଶକରେ ପ୍ରଫେସର ପୂଜାରୀ ଅନୁଗୋଳ ଜିଲାର ତାଳଚେର କଲେଜରେ ଅଧ୍ୟାପନା କରୁଥିବା ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ତର୍କଶାସ୍ତ୍ରରେ ତାଙ୍କର ପ୍ରିୟ ଛାତ୍ର ଥିଲେ। ଦୀର୍ଘ ଚାରି ଦଶନ୍ଧି ଧରି ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଅତୁଟ ହୋଇ ରହିଛି। ଏହି କ୍ରମରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଗସ୍ତ ସମୟରେ ପ୍ରଫେସର ପୂଜାରୀଙ୍କ ଗୋବିନ୍ଦତୋଲାସ୍ଥିତ ବାସଭବନକୁ ଯାଇ ଭେଟିଥିଲେ। ଏହି ସମୟରେ ଡ଼. ପୂଜାରୀଙ୍କ ସ୍ତ୍ରୀ ଶାନ୍ତା ପଣ୍ଡା, ତାଙ୍କ ଭାଇ, ଦୁଇ କନ୍ୟା ଓ ନାତୁଣୀ ମଧ୍ୟ ଉପସ୍ଥିତ ଥିଲେ।

# କାନଭାସରେ ଦୁର୍ଗୋତ୍ସବ ପ୍ରତିଫଳିତ



ସମ୍ବଲପୁରରେ ବିଜୟା ଦଶମୀ ତିଥିରେ ଚିତ୍ରଶିଳ୍ପୀ କୁଳଦୀପଙ୍କ ଚିତ୍ରକଳା।

ସମ୍ବଲପୁର,୨୫।୧୦(ବି.ଶଙ୍କର)

ବିଜୟା ଦଶମୀର ପବିତ୍ର ତିଥିରେ ଜଗଜ୍ଜନନୀ ମା' ଦୁର୍ଗାଙ୍କ ସମେତ ଭଗବାନ ଶ୍ରୀଗଣେଶ, କାର୍ତ୍ତିକେୟ, ମା' ଲକ୍ଷ୍ମୀ ଏବଂ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କ ଚିତ୍ର କାନଭାସରେ ପ୍ରତିଫଳିତ ହୋଇଛି। ଯାହାକି ଜୀବନ୍ତ ହୋଇ ଉଠିଛି। ଏହି ଜୀବନ୍ତ ଚିତ୍ରକୁ ସମ୍ବଲପୁରର ତରୁଣ ଚିତ୍ରଶିଳ୍ପୀ କୁଳଦୀପ ବର୍ମା ସପ୍ତରଙ୍ଗ ଓ ସୂକ୍ଷ୍ମ ତୂଳୀର ସ୍ପର୍ଶରେ ଚିତ୍ରଆଙ୍କି ପୁଣି ଚର୍ଚ୍ଚାକୁ ଆସିଛନ୍ତି। କୁଳଦୀପଙ୍କ ଏହି ଚିତ୍ରକୃତି ସାମାଜିକ ଗଣମାଧ୍ୟମରେ ତୀବ୍ର ଗତିରେ ଭାଇରାଲ ହୋଇଛି। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ କୁଳଦୀପ ବର୍ମାଙ୍କ ଏହି ଚିତ୍ରକଳାକୁ ପ୍ରଶଂସା କରିବା ସହ ଶେୟାର କରିଛନ୍ତି। ବହୁ ଲୋକ ତାଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ସମ୍ବଲପୁର ସହରର କେନ୍ଦ୍ରସ୍ଥଳ-ଗୋଲବଜାର ଛକରେ ଥିବା ମା' ଦୁର୍ଗାଙ୍କ ମନ୍ଦିର ସମ୍ମୁଖ ରାସ୍ତାରେ ବର୍ଷା ସ୍ନାତ ପରିବେଶରେ ଜଗଜ୍ଜନନୀ, ଶ୍ରୀଗଣେଶ, କାର୍ତ୍ତିକେୟ, ଲକ୍ଷ୍ମୀ ଏବଂ ସରସ୍ୱତୀ ବାହାରୁ ଥିବା ଏକ୍ରେଲିକ ଚିତ୍ର ଏହି କୃତିରେ ନିଖୁଣ ପରିକଳ୍ପନା କରାଯାଇଛି।

**ତରୁଣ ଚିତ୍ରଶିଳ୍ପୀ କୁଳଦୀପ ପ୍ରଶଂସିତ**

ସ୍କୁଲ ପଢ଼ିବା ସମୟରୁ ଚିତ୍ର ଆଙ୍କିବା ପ୍ରତି ଥିବା ରୁଚି ଯୋଗୁ କୁଳଦୀପ ସବୁବେଳେ ବ୍ୟସ୍ତ ରହି ଆସିଛନ୍ତି। ରଙ୍ଗ ଓ କେନଭାସ ପ୍ରତି ତାଙ୍କର ସମ୍ପର୍କ ରହି ଆସିଛି। ସମ୍ବଲପୁର ଓ କଳା ଓ ସଂସ୍କୃତି ଉପରେ ଆଧାରିତ କୃତି ପ୍ରତି ତାଙ୍କର ଦୁର୍ବଳତା ରହିଛି ବୋଲି କୁଳଦୀପ କହିଛନ୍ତି। ତତ୍କାଳୀନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମ ପ୍ରାୟ ୧୦ ବର୍ଷ ପୂର୍ବରୁ ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ୧୫୦ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିଲେ। ସେତେବେଳେ ଡ. କଲାମଙ୍କ ଏକ ପ୍ରତିଛବି ତିଆର କରି ସେ ଉପାହାର ସ୍ୱରୂପ ପ୍ରଦାନ କରିଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା ପ୍ରମୁଖ ବ୍ୟକ୍ତିମାନଙ୍କ ଏକ୍ରେଲିକ ଚିତ୍ର ସେ ପ୍ରସ୍ତୁତ କରିଥିଲେ। ଏ କ୍ଷେତ୍ରରେ କୃତିତ୍ୱ ପାଇଁ କୁଳଦୀପ ବର୍ମାଙ୍କୁ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଛି।

## ପାଞ୍ଚପାଲି କୁଲତା ସମାଜ କୁଣ୍ଡେସରାରେ ଦଶହରା

ପଡ଼ିଆବାହାଲ, ୨୫।୧୦ (ରାଧାମୋହନ ଷଡ଼ଙ୍ଗୀ)

ମଙ୍ଗଳବାର ରସିଆପାଲି ପାଞ୍ଚପାଲି କୁଲତା ସମାଜ ପକ୍ଷରୁ ସାନକୁଣ୍ଡେସରା ଗ୍ରାମରେ ମା' ରଣେଶ୍ୱର ରାମଚଣ୍ଡିଙ୍କ ବିଜୟା ଦଶମୀ ପୂଜା ଉତ୍ସବ ମହାସମାରୋହରେ ସମସ୍ତ ନୀତିକାନ୍ତି ସହିତ ପାଳିତ ହୋଇଯାଇଛି। ଉକ୍ତ ପୂଜା ଉତ୍ସବରେ କୁଲତା ସମାଜର ବହୁ ସଂଖ୍ୟାରେ ମା'ଙ୍କ ଭକ୍ତ ତଥା ଭାଇଭଉଣୀ ଯୋଗ ଦେଇଥିଲେ। ପାଞ୍ଚପାଲି କୁଲତା ସମାଜର ପୁଅ ଝିଅ ଯେଉଁମାନେ ମାଟ୍ରିକ ପରୀକ୍ଷାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ସମ୍ମାନପତ୍ର ପ୍ରଦାନ ପୂର୍ବକ ୧୪ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପାଞ୍ଚପାଲି କୁଲତା ସମାଜର ସ୍ଥାୟୀ ସଭାପତି ଚତୁର୍ଭୁଜ ପଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ କୁଲତା ସମାଜର ଅନେକ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୫।୧୦(ବି.ଶଙ୍କର)




ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଉତ୍ସବ ସମ୍ବଲପୁର ମହାନଗର ନିଗମସ୍ଥିତ ମନ୍ଦଲିଆ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ସହରର ସାମାଜିକ କର୍ମୀ ତ୍ରାହିକର ଦୁଙ୍ଗୁରୀ ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସର୍ବ ଭାରତୀୟ କାର୍ଯ୍ୟକାରୀ ସଦସ୍ୟ ଭି. ଭାଗେୟା ମୁଖ୍ୟବକ୍ତା, ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଅଧ୍ୟାପକ ପୀୟୁଶ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଶ୍ଚିମପ୍ରାନ୍ତ ସଂଘ ଚାଳକ ବିପିନ ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଭାରତମାତା ପୂଜନ କାର୍ଯ୍ୟକ୍ରମ, ଶାରୀରିକ ବ୍ୟାୟାମ ହୋଇଥିଲା। ଏହାକୁ ସଂଘର ସ୍ୱୟଂ ସେବକମାନେ ପ୍ରଦର୍ଶନ କରିଥିଲେ। ଏକକ ସଙ୍ଗୀତ ଓ ସାମୂହିକ ଗୀତ ପରିବେଷଣ କରାଯାଇଥିଲା। ସଭାରେ ମୁଖ୍ୟତଃ ହିନ୍ଦୁ ଧର୍ମର ଏକତା ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଥିଲା । ଦୀର୍ଘ ସାଢ଼େ ଆଠ ହଜାର ବର୍ଷ ପରେ ମଧ୍ୟ ରାବଣମାନେ ମରି ନାହାନ୍ତି। ବର୍ତ୍ତମାନ ମଧ୍ୟ ସେମାନେ ସମାଜକୁ ପଥଭ୍ରଷ୍ଟ କରି ନାନାଦି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଆମେ ସମସ୍ତେ ଦଶହରା ପର୍ବ ଏକତ୍ର ପାଳନ କରୁଛୁ। କିନ୍ତୁ ଏକତା ଅଭାବରୁ କିଛି ମୁଷ୍ଟିମେୟ ଲୋକ ଆମ ଉପରେ ଆକ୍ରମଣ କରିବାର ସାହାସ କରୁଛନ୍ତି। ଯାହାକି ଅତ୍ୟନ୍ତ ପରିତାପର ବିଷୟ। କେବଳ ଯେ ପର୍ବପାଳନ କରିଦେଲେ ହୋଇଗଲା ତାହା ନୁହେଁ, ମହାପୁରୁଷ ମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂଜକଙ୍କୁ ଘର ଭିତରେ ତାଲା ପକାଇ ମନ୍ଦିରରୁ ଚୋରି ଉଦ୍ୟମ

ସମ୍ବଲପୁର,୨୫।୧୦(ପ୍ରମୋଦ ବହିଦାର)

ଧନୁପାଲି ଥାନା ସମ୍ମୁଖସ୍ଥ ଭୁବାପଡ଼ାର ମା'ମଙ୍ଗଳାଙ୍କ ମନ୍ଦିରର ହୁଣ୍ଡିକୁ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସେମାନେ ନିଜ ଘର ଭିତରେ ଥିବା ପୂଜକଙ୍କୁ ବାହାରୁ ତାଲାଦେଇ ମନ୍ଦିର ପ୍ରବେଶ ଦ୍ୱାରରେ ଥିବା ଦାନବାକ୍ସ ବା ହୁଣ୍ଡିକୁ ଚୋରି ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି ନିଜେ ପୂଜକ ମହେଶ୍ୱର ପଣ୍ଡା। ରବିବାର ରାତ୍ର ୧୦ଟାରେ ପୂଜା ସମ୍ପନ୍ନ କରି ମନ୍ଦିର କବାଟ ବନ୍ଦ କରି ଘରକୁ ଯାଇଥିଲେ। ରାତିରେ ଘରେ ସେ ଶୋଇଥିବା ବେଳେ ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରେ ମନ୍ଦିରରେ ପ୍ରଚଣ୍ଡ ଶବ୍ଦ ଶୁଣି ସେ ନିଦରୁ ଉଠି ଯାଇଥିଲେ। ନିଦରୁ ଉଠି ମନ୍ଦିରରେ ଲାଗିଥିବା ସିସି ଟିଭିରେ ଜଣେ ଦୁର୍ବୃତ୍ତ ମନ୍ଦିରର ହୁଣ୍ଡି ବା ଦାନବାକ୍ସକୁ ଧରି ପଳାୟନ କରୁଥିବା ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ଧନୁପାଲିଥାନାକୁ ଫୋନ କରି ଏସମ୍ପର୍କରେ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ପୂଜକଙ୍କୁ ଉଦ୍ଧାର କରିଥିଲେ। ଏହା ସହିତ ପୋଲିସ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ମନ୍ଦିର ପଛପଟେ ପଡ଼ିଥିବା ହୁଣ୍ଡିକୁ ସୁରକ୍ଷିତ ଉଦ୍ଧାର କରିଥିଲା। ଦୁର୍ବୃତ୍ତମାନେ ହୁଣ୍ଡିକୁ ନେଇ ନପାରି ସେହିଠାରେ ପକାଇ ଫେରାର ହୋଇ ଯାଇଥିଲେ। ତେବେ ମନ୍ଦିର ମଧ୍ୟରେ ଥିବା ଥାଳରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପକ୍ଷରୁ ଦାନ କରାଯାଇଥିବା ପ୍ରାୟ ୬ରୁ ୭ଶହ ଟଙ୍କା ଚୋରି ହୋଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

# ବିଜୟା ଦଶମୀରେ ସିନ୍ଦୂରଖେଳ

ସମ୍ବଲପୁର,୨୫।୧୦(ପ୍ରମୋଦ ବହିଦାର)



ବଙ୍ଗୀୟ ପରମ୍ପରା ଅନୁସାରେ ମହିଳାମାନେ ସିନ୍ଦୁର ଖେଳୁଛନ୍ତି।

ସମ୍ବଲପୁର ସହରର କାଳିବାଡ଼ି ଓ ବଙ୍ଗାଳିପଡ଼ାରେ ବଙ୍ଗୀୟ ପରମ୍ପରା ଅନୁସାରେ ମଙ୍ଗଳବାର ବିଜୟା ଦଶମୀ ତିଥିରେ ଜଗତଜନନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ଏହିଦିନ ବଙ୍ଗାଳି ସମ୍ପ୍ରଦାୟର ଅନନ୍ୟ ପରମ୍ପରା ସିନ୍ଦୁର ଖେଳ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସହରସ୍ଥିତ କାଳିବାଡ଼ି ଓ ବଡ଼ବଜାର ବଙ୍ଗାଳିପଡ଼ାରେ ଅନୁଷ୍ଠିତ ସିନ୍ଦୁର ଖେଳରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହିତ ବଙ୍ଗାଳି ସମ୍ପ୍ରଦାୟର ସଧବା ମହିଳା ଯୋଗଦେଇ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମା' ଦୁର୍ଗାଙ୍କୁ ସିନ୍ଦୁର ଲଗାଇ ପାନପତ୍ରରେ ଗାଲ ସେକିଥିଲେ। ସିନ୍ଦୁର ଖେଳ କେବଳ ଯେ ବଙ୍ଗଳା ସମ୍ପ୍ରଦାୟର ସଧବା ମହିଳାଙ୍କ ମଧ୍ୟରେ ସୀମିତ ଥିଲା ତାହା ନୁହେଁ, ବରଂ ଏଥିରେ ବହୁ ସଂଖ୍ୟାରେ ଓଡ଼ିଆ, ପଞ୍ଜାବି, ମାରୱାଡ଼ି, ଗୁଜୁରାଟି ସମ୍ପ୍ରଦାୟର ମହିଳା ଯୋଗଦେଇ ଅତ୍ୟନ୍ତ ଉତ୍ସାହର ସହିତ ପରସ୍ପରଙ୍କୁ ମିଷ୍ଟାନ୍ନ ଖୁଆଇ ଆପ୍ୟାୟତ କରିବା ସହ ସିନ୍ଦୁର ଲଗାଇ ସିନ୍ଦୁର ଖେଳକୁ ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସର୍ବପ୍ରଥମେ ଏଠାରେ ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିମଧ୍ୟରେ ପରମ୍ପରା ଅନୁସାରେ ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ପୁରୁଷ ଓ ମହିଳା ହାତରେ ଅପରାଜେୟର ପ୍ରତୀକ ଭାବେ ଅପରାଜିତା ଲତାକୁ ବାନ୍ଧିଥିଲେ। ଏଥିପାଇଁ ଉଭୟ କାଳିବାଡ଼ି ଓ ବଡ଼ବଜାର ବଙ୍ଗାଳିପଡ଼ାରେ ମା'ଙ୍କ ପୂଜା ମଣ୍ଡପରେ ପ୍ରବଳ ଭିଡ଼ ଅନୁଭୂତ ହୋଇଥିଲା। ଏହି ଅବସରରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ଏହାବାଦ ମା'ଙ୍କୁ ମେଲାଣି ଦିଆଯାଇଥିଲା। ପରମ୍ପରା ଅନୁସାରେ କାଳିବାଡ଼ି ଓ ବଙ୍ଗାଳିପଡ଼ାରେ ଦଶମୀ ତିଥି ବା ବିଜୟା ଦଶମୀରେ ମା'ଙ୍କ ଭସାଣି ଅନୁଷ୍ଠିତ ହୋଇଥିଲା। ତେବେ ଚଳିତବର୍ଷ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ଭସାଣି ପାଳନ ପାଇଁ ପ୍ରଶାସନିକ ନିର୍ଦ୍ଦେଶକୁ ସମ୍ମାନ ଦେଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ କାନ୍ଧରେ ବୋହି ନେବା ବଙ୍ଗୀୟ ପରମ୍ପରା ବଦଳରେ ସୀମିତ ସଂଖ୍ୟକ କମକର୍ତ୍ତା ଏକ ଟ୍ରାକ୍ଟରରେ ନେଇ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ମହାନଦୀ ଘାଟରେ ବିସର୍ଜନ କରିଥିଲେ।

# ଭକ୍ତିମୟ ପରିବେଶରେ ଦଶହରା ସମ୍ପନ୍ନ

ସମ୍ବଲପୁର,୨୫।୧୦(ବି.ଶଙ୍କର)



ସମ୍ବଲପୁର ମହାନଦୀରେ ଦେବୀଙ୍କୁ ଭସାଣି ।

ସମ୍ବଲପୁର ମହାନଗର ଅନ୍ତର୍ଗତ ୫୭ଟି ସ୍ଥାନକୁ ମିଶାଇ ଜିଲାର ପ୍ରାୟ ୧୦୦ଟି ସାର୍ବଜନୀନ ମଣ୍ଡପରେ ମାତା ଜଗତଜନନୀଙ୍କୁ ପୂଜା କରାଯାଇଥିଲା। ସେହିଭଳି ବିଭିନ୍ନ ଘରଗୁଡିକରେ କଳ ଦେବୀଙ୍କ ଦଶହରା ପୂଜା ହୋଇଯାଇଛି। ଏହି କ୍ରମରେ ଅଷ୍ଟମୀ ତିଥିରେ ପାଟଣେଶ୍ୱରୀ ସୁନା ଅଳଙ୍କାରରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସେହିପରି ଜୁଜୁମୁରା ବ୍ଲକ ଅନ୍ତର୍ଗତ ପଡ଼ିଆବାହାଲଠାରେ ସାର୍ବଜନୀନ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ହୋଇଥିଲା। ରାମଲୀଲା ଆୟୋଜନ ଓ ସ୍ମରଣିକା ଉନ୍ମୋଚନ କରାଯାଇଛି। ମଙ୍ଗଳବାର ସର୍ବତ୍ର ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଥିଲା। ଏଥିସହ ଜିଲା ପ୍ରଶାସନ ଓ ଜିଲା ପୋଲିସ ନିର୍ଦ୍ଦେଶକ୍ରମେ ଭସାଣି ପର୍ବ ନିରାଡମ୍ବର ଭାବେ ପାଳନ ହୋଇଛି। ବିଜୟା ଦଶମୀ ଦିନ ସମଲେଶ୍ୱରୀ ଓ ଅନ୍ୟାନ୍ୟ ମନ୍ଦିରରେ ରଣଜିତା ଉତ୍ସବ ପାଳନ କରାଯାଇଛି। ସପ୍ତମୀ ଠାରୁ ନବମୀ ତିଥି ପର୍ଯ୍ୟନ୍ତ ସମଲେଶ୍ୱରୀ ଯୁବକ ସଂଘ, ହାଟପଡ଼ା, ଦଲେଇପଡ଼ା, ମୁଦିପଡ଼ା ପ୍ରଭୃତି ପଡ଼ାର ଏବଂ ବାଟମଙ୍ଗଳା ମନ୍ଦିରରୁ ଯୁବକମାନେ ପାରମ୍ପରିକ ଆଖଡ଼ା ସହ ସହର ପରିକ୍ରମା କରିବାର ପରମ୍ପରା ନିର୍ବାହ କରାଯାଇଥିଲା। ଆଖଡା ଦଳ ଜୁଗାର ଓ ପୂଜା ସାମଗ୍ରୀ ନେଇ ସମଲାଇ, ପାଟଣେଶ୍ୱରୀ ପ୍ରଭୃତି ପୀଠଠାରେ ପୂଜା ଆରାଧନା କରିଥିଲେ। ଅଷ୍ଟମୀ ଦିନ ସମଲାଇ ମନ୍ଦିରର ପୂଜକମାନେ ମହାନଦୀକୁ ଯାଇ ଆୟୁଧ ଆଣିଥିଲେ । ଆସନ୍ତା ଆଶ୍ୱିନ ଶୁକ୍ଳ ପକ୍ଷର ପୂର୍ଣ୍ଣିମା ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି

**ମେଲାଣି ନେଲେ ମା'**

ଚାଲିଛି । ଏହି ଦିନ ପଶ୍ଚିମ ଓଡ଼ିଶାର ଗ୍ରାମଗୁଡିକରେ ସ୍ୱତନ୍ତ୍ର ଯାତ୍ରା ପାରମ୍ପାରିକ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ସମ୍ବଲପୁର ସହରରେ ଭସାଣି ଶୋଭାଯାତ୍ରା ବନ୍ଦ ହୋଇଛି । ତେଣୁ ବିଭିନ୍ନ ପୂଜା ମଣ୍ଡପରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦଶମୀଠାରୁ ପାରମ୍ପରିକ ରୀତିନିତୀରେ ଶୋଭାଯାତ୍ରା ବଦଳରେ ମାତାଙ୍କୁ ମହାନଦୀ ଓ ଜୋର(ନାଳା)ଗୁଡ଼ିକରେ ମେଲାଣି ଦିଆଯାଇଥିଲା। ଦଶହରା ପୂର୍ଣ୍ଣିମା ତିଥିରେ ସମଲେଶ୍ୱରୀ ରାଜରାଜେଶ୍ୱରୀ ଏବଂ ପାଟଣେଶ୍ୱରୀ, ବାଟମଙ୍ଗଳା, ବନଦୁର୍ଗା ପ୍ରଭୃତି ମନ୍ଦିରେ ଦେବୀ ସ୍ୱତନ୍ତ୍ର ବେଶରେ ଦର୍ଶନ ଦେବେ। ଏଥିସହ ଦେବୀ ମନ୍ଦିରରେ ନୂତନ ଧ୍ୱଜା ରୋହଣ ହେବା କାର୍ଯ୍ୟକ୍ରମ ରହିଛି। ତେଣୁ ମନ୍ଦିର କର୍ମକର୍ତ୍ତାମାନେ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଅନ୍ୟ ପକ୍ଷରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ଝାଡ଼େଶ୍ୱରୀ ମନ୍ଦିରରେ ମଙ୍ଗଳବାର ସ୍ୱତନ୍ତ୍ର ଯାତ୍ରା ହୋଇଥିଲା । ସେହିପରି ବହିଦାର ନୂଆଁପାଲିସ୍ଥିତ ଶ୍ରୀଶ୍ରୀ କାମାକ୍ଷା ଦେବୀଙ୍କ ମନ୍ଦିର ପରିସରରେ ନବଗ୍ରହଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ ଆୟୋଜିତ ହୋଇଛି।



ଶ୍ରଦ୍ଧା

# ଶ୍ରଦ୍ଧାଙ୍କ ଆକ୍ସନ ମୁଡ୍

**ଶ୍ରଦ୍ଧା** କପୁର ଏଣିକି ଅଧିକ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି? ଏ ନେଇ ଶ୍ରଦ୍ଧା କହନ୍ତି, ''କୋଭିଡ୍ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଥିଲି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି, ତେବେ ମୋର ଆଶା ପୂରଣ ହେବ।'' ତେବେ ଶ୍ରଦ୍ଧାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ, ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରୁ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ତିନ୍ ପତି'। ତା'ପରେ ସେ 'ଆସିକ୍-୨', 'ଗୋରୀ ତେରେ ପ୍ୟାର୍ ମେଁ', 'ଏକ ଭିଲେନ୍', 'ହାଇଦର', 'ଉଙ୍ଗଲି', 'ଏବିସିଡି-୨', 'ବାଗୀ', 'ହାଫ୍ ଗର୍ଲଫ୍ରେଣ୍ଡ', 'ବାଗୀ-୩' ଏବଂ 'ତୁ ଝୁଟି ମେଁ ମକ୍କାର'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ସେ ଅଭିନୟ କରୁଥିବା 'ସ୍ତ୍ରୀ-୨'ର ନିର୍ମାଣ ଚାଲୁ ରହିଛି।



'ସମୀକ୍ଷା' ଫିଲ୍ମରେ ଅଭୀପ୍ସା-ବିକାଶ

# ସମୀକ୍ଷା

**ବି**କ୍ୟୁବ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହେଉଛି ଓଡ଼ିଆ ଚଳଚ୍ଚିତ୍ର 'ସମୀକ୍ଷା'। ଏହାର କାହାଣୀ ରଚନା କରିଛନ୍ତି ପ୍ରଭାସିନୀ ପାଟଯୋଶୀ। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ବରିଷ୍ଠ ନିର୍ଦ୍ଦେଶକ ରଞ୍ଜନ ମିଶ୍ର। ସଂଳାପ ଓ ଗୀତ ରଚନା କରିଛନ୍ତି ସଚ୍ଚି ମହାନ୍ତି। ଏହା ସହିତ ପଞ୍ଚାନନ ନାୟକ ମଧ୍ୟ ଏକ ଗୀତ ଲେଖିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ''ବିଶେଷ ଭାବରେ ଚଳଚ୍ଚିତ୍ରଟି ତ୍ୟାଗ ଓ ସଂଘର୍ଷକୁ ନେଇ ଆଗେଇଛି। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି ବୋଲି କହନ୍ତି ଏହାର ପ୍ରଯୋଜକ ବିକାଶ ଚନ୍ଦ୍ର ପଟ୍ଟନାୟକ।'' ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ଅଭିଲାଷ ହୋତା, ବିକାଶ ପଟ୍ଟନାୟକ, ବବ୍‌ଲୀ, ଅଂଶିତା, ଅପୂର୍ବ, ମମତା, କ୍ରିଷ୍ଣା, ପ୍ରଭଞ୍ଜନ ମିଶ୍ର, ବୁଲ୍‌ଟି ଏବଂ ଆନିକା ପଟ୍ଟନାୟକ। ଏହି ଫିଲ୍ମଟି ଆସନ୍ତାବର୍ଷ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଆଲିୟା

# ସତ ହେଲା ଆକଳନ



ପୃଥ୍ୱୀରାଜ

**ଏ**ଥର ଦୁର୍ଗାପୂଜାରେ ରିଲିଜ ହୋଇଥିବା ଓଡ଼ିଆ ଫିଲ୍ମ 'ମାଲ୍ୟଗିରି'ର ନିର୍ଦ୍ଦେଶକ ପୃଥ୍ୱୀରାଜ ପଟ୍ଟନାୟକ ଯାହା ଆକଳନ ତାହା ସତରେ ପରିଣତ ହୋଇଛି। ଏ ବିଷୟରେ ସେ କହନ୍ତି, ''କୌଣସି ସିନେମାର ନିର୍ଦ୍ଦେଶନା ଦେବା ପୂର୍ବରୁ ତାହାର କାହାଣୀକୁ ମୁଁ ତନ୍ନ ତନ୍ନ କରି ତର୍ଜମା କରିଥାଏ। 'ମାଲ୍ୟଗିରି'ର କଥାବସ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ତାହାକୁ ଯେଉଁଭଳି ଭାବରେ ପିକ୍ଚରାଇଜେଶନ କରାଯାଇଛି, ସେଥିପାଇଁ କମ୍ ପରିଶ୍ରମ କରିବାକୁ ପଡ଼ିନାହିଁ। ଫିଲ୍ମର ସମସ୍ତ କଳାକାର ସେମାନଙ୍କର ବେଷ୍ଟ ଦେଇଛନ୍ତି। ସେଥିପାଇଁ ଆଜି ସିନେମାଟି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ସବୁଠାରୁ ବଡ଼ କଥା ହେଉଛି ପ୍ରଯୋଜକ ରିଙ୍କୁ ରିନୁ ଜେନାଙ୍କ ସହଯୋଗ ଏବଂ ଦିଗ୍‌ଦର୍ଶନ।'' ଏହି ଫିଲ୍ମରେ ବାବୁସାନ୍, ଅମ୍ଲାନ, ସୂର୍ଯ୍ୟମୟୀ, ଶିବାନୀ ସଙ୍ଗୀତା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଏବେ ବି ମନେପଡୁଛି

**ଆ**ଲିଆ ଭଟ୍ଟ ଚଳିତବର୍ଷ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। 'ଗଙ୍ଗୁବାଇ କାଠିଆୱାଡ଼ି' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେ ଇତିମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କର 'ସଂଘର୍ଷ' ଫିଲ୍ମ କଥା ଏବେ ବି ମନେପଡୁଛି। ହେଲେ କାହିଁକି? ତାଙ୍କର ନିଶ୍ଚୟ ଏହି ସିନେମା ସହ କିଛି ସଂଯୋଗ ରହିଛି। ହଁ, ଅସଲ କଥା ହେଲା ଏହି ଫିଲ୍ମରୁ ସେ ଜଣେ ଶିଶୁ କଳାକାର ଭାବରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ହୋଇଥାଏ ମାତ୍ର ୬ ବର୍ଷ। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଦେଖାଦେଇଥିଲେ। ଏ ନେଇ ଆଲିଆ କହନ୍ତି, ''ଏକ କଳାକାର ପରିବାରରେ ମୋର ଜନ୍ମ। ଯେତେବେଳେ ମୋତେ 'ସଂଘର୍ଷ' ଫିଲ୍ମରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିବାକୁ ଅଫର ମିଳିଲା, ସେତେବେଳେ ମୁଁ ଟିକେ ହଡ଼ବଡ଼େଇ ଯାଇଥିଲି। କିନ୍ତୁ ପାପା (ମହେଶ ଭଟ୍ଟ)ଙ୍କ କେଇପଦ କଥା ମୋ ମନରେ ସାହସ ଭରି ଦେଇଥିଲା। ଆଉ ତା'ପରେ ମୁଁ କ୍ୟାମେରା ସାମ୍ନା କରିବା ସମୟରେ ଆଦୌ ଭୟ ଲାଗି ନ ଥିଲା।'' ମୁକେଶ ଭଟ୍ଟଙ୍କ ପ୍ରଯୋଜିତ ଏହି ଫିଲ୍ମର କାହାଣୀ ରଚନା କରିଥିଲେ ମହେଶ ଭଟ୍ଟ। ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ ତଥା ୧୯୯୯ରେ ରିଲିଜ୍ ହୋଇଥିବା ଉକ୍ତ ଚିତ୍ରରେ ଅକ୍ଷୟ କୁମାର, ପ୍ରୀତି ଜିଣ୍ଟା, ଆଶୁତୋଷ ରାଣା ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ନବକଳେବର



ଜ୍ୟୋତି

**ସେ** ହେଉଛନ୍ତି ଜଗତର ନାଥ। ତାଙ୍କ ଆଶୀର୍ବାଦରୁ ସବୁକିଛି ସମ୍ଭବ ହେଉଛି। ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର ପଛରେ ଥିବା କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଆଗଧାଡ଼ିର ପ୍ରଯୋଜିକା ବିନ୍ନି ସାମଲ ଏଭଳି ଏକ ଚିତ୍ରର ପ୍ରଯୋଜନା କରୁଛନ୍ତି। ତା' ସହ ଉକ୍ତ ବ୍ୟୟବହୁଳ ଫିଲ୍ମଟିର ମଧ୍ୟ ସେ ନିର୍ଦ୍ଦେଶନା ଦେବେ। ଏ ନେଇ ସେ କହନ୍ତି, ''ଜଗନ୍ନାଥଙ୍କ ବିନା କିଛି ବି ସମ୍ଭବ ନୁହେଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁକୁ ମୁଁ ଓଡ଼ିଆ ସିନେମାରେ ରୂପ ଦେବାକୁ ଯାଉଛି। ତାଙ୍କର ଆଶୀର୍ବାଦରୁ ଏସବୁ ସମ୍ଭବ ହୋଇଛି।''ଏହାପୂର୍ବରୁ ସେ ପ୍ରଯୋଜନା କରିଥିବା ଥିଏଟର ନାଟକ 'ନବକଳେବର' ବେଶ୍ ଦର୍ଶକାଦୃତ ହୋଇସାରିଛି। ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ବିଶିଷ୍ଟ ସଂଳାପକାର ଶଙ୍କର ତ୍ରିପାଠୀ। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଏହି ତୃତୀୟ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିବେ ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ନାୟକ, ଶ୍ରୀତମ୍ ଦାସ, ଦେବୁ ପଟ୍ଟନାୟକ, ଅଶ୍ରୁମୋଚନ ମହାନ୍ତି, କୁନା ତ୍ରିପାଠୀ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ଏବଂ ବିନ୍ନି ସାମଲ ପ୍ରମୁଖ କଳାକାର ଅଭିନୟ କରିବେ। ମଳୟ ମିଶ୍ର ସଙ୍ଗୀତ ଦାୟିତ୍ୱ ତୁଲାଉଥିବା ବେଳେ କୋରିଓଗ୍ରାଫି କରିବେ ବିଶିଷ୍ଟ କୋରିଓଗ୍ରାଫର ବବି ଇସ୍‌ଲାମ।

# ସିନେ ପ୍ରଯୋଜକଙ୍କ ସମସ୍ୟା...

**''ଯେଉଁ ଯୁବ ନିର୍ଦ୍ଦେଶକମାନେ ନିଜର ଦକ୍ଷତା ଓ ମୌଳିକ କାହାଣୀକୁ ନେଇ ସିନେମା କରୁଛନ୍ତି, ସେମାନେ ଧନ୍ୟବାଦାର୍ହ। ଭଲ ମୌଳିକ ସିନେମା ଦିଗରେ ଯେଉଁ ପ୍ରଯୋଜନା ଗୋଷ୍ଠୀ ଗୁରୁତ୍ୱ ଦେବେ, ସେମାନେ ହିଁ ଓଡ଼ିଆ ସିନେମା ଇତିହାସରେ ଲିପିବଦ୍ଧ ହୋଇ ରହିବେ। କପି କରି ଫେଲ୍ ହୋଇଥିବା ପ୍ରଯୋଜକ ଆଜି ବି ଅଣ୍ଟା ସଳଖ କରିବା କଷ୍ଟକର ହେଉଛି।''**



**ଉ**ତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ ନୂତନ ଭାବରେ ଆଇ.ଜି.ଆର.ରେ ନୂଆ ନିୟମ ମୁତାବକ ସ୍ୱୀକୃତିପ୍ରାପ୍ତ ହୋଇଛି। ଏହି ସଙ୍ଗଠନ ୧୯୯୩ ମସିହାରେ ସୋସାଇଟି ରେଜିଷ୍ଟ୍ରେଶନ କରାଯାଇଥିଲା। ଗୋଟିଏ ଭଲ ସିନେମା କରିବାକୁ ହେଲେ ପ୍ରଯୋଜନାଗତ ଜ୍ଞାନ ଆହରଣ ଜରୁରୀ। ନଚେତ୍ ଠକାମିର ଶିକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନେକ ନୂଆ ପ୍ରଯୋଜକ ସିନେମାଟିଏ ନିର୍ମାଣ କରି କିଭଳି ଦଶା ଭୋଗିଛନ୍ତି, ତାହାର ଢେର ଉଦାହରଣ ନିକଟ ଅତୀତରେ ରହିଛି।

ସଠିକ୍ ମାର୍ଗରେ ଓଡ଼ିଆ ପ୍ରଯୋଜକମାନଙ୍କୁ ଦିଗ୍‌ଦର୍ଶନ ଦେବା ଉତ୍କଳ ସିନେ ଚାମ୍ବର୍ସର ଲକ୍ଷ୍ୟ। ସିନେମା ଏକ ବୃହତ୍ ଗଣମାଧ୍ୟମ। ତା'ର ପ୍ରଯୋଜକମାନେ ସଂଯମତାର ସହ କାର୍ଯ୍ୟ କରିବା ଉଚିତ ହେବ। ପ୍ରଯୋଜକମାନେ ଗଣମାଧ୍ୟମରେ କହିବା ବେଳେ ସଠିକ୍ ତଥ୍ୟ ଉପସ୍ଥାପନ କରିବା ଜରୁରୀ। ଓଡ଼ିଶାରେ ଯେତେ ପ୍ରଯୋଜକ କାର୍ଯ୍ୟରତ ଅଛନ୍ତି, ସେମାନଙ୍କୁ କିପରି ସରକାରଙ୍କୁ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଯୋଜନାବଦ୍ଧ କାର୍ଯ୍ୟ ସମୀକ୍ଷା କରି ଉଚିତ ପଦକ୍ଷେପ ନିଅନ୍ତୁ। ପ୍ରଯୋଜକମାନଙ୍କ ପାଇଁ ଚଳଚ୍ଚିତ୍ର ଉନ୍ନୟନ ନିଗମ ସ୍ୱତନ୍ତ୍ର ଗୁରୁତ୍ୱ ଦେବା କଥା। ପ୍ରେକ୍ଷାଳୟଗୁଡ଼ିକ ଓଡ଼ିଆ ଚଳଚ୍ଚିତ୍ର ଉପରେ ଭରସା କରି ଚଲାଇବା କଷ୍ଟସାଧ୍ୟ ହେଉଛି। ବର୍ଷସାରା ଓଡ଼ିଆ ସିନେମା ୪୦ରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ପ୍ରେକ୍ଷାଳୟ ମାଲିକମାନେ ଓଡ଼ିଆ ସିନେମା ଚଲାଇବାରେ କୁଣ୍ଠିତ ହେଉଛନ୍ତି। ହିନ୍ଦୀ ସିନେମା ଉପରେ ଏମାନେ ସର୍ବଦା ଗୁରୁତ୍ୱ ଦେଉଛନ୍ତି। ସରକାର ପ୍ରେକ୍ଷାଳୟ ପାଇଁ ଅଧିକ ଗୁରୁତ୍ୱ ଦେବା ଦରକାର। ଏପରି ଅବସ୍ଥାଚକ୍ରରେ ପ୍ରଯୋଜକମାନେ ସାମୂହିକ ବିକାଶ ପାଇଁ ଆଇ.ଜି.ଆର. ସ୍ୱୀକୃତିପ୍ରାପ୍ତ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ ମାଧ୍ୟମରେ ନିଜର ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରନ୍ତୁ। ୩୧୪ ବ୍ଲକରେ ଏବଂ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମିନି ପ୍ରେକ୍ଷାଳୟ ନିର୍ମାଣ କରାଯାଉ, ନଚେତ୍ ପି.ପି.ପି ମୋଡ୍‌ରେ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଅନୁମତି ଦିଅନ୍ତୁ। ସାମଗ୍ରିକ ଭାବରେ ଓଡ଼ିଆ ସିନେମାକୁ ଓଡ଼ିଆ ଭାଷା ଓ ସଂସ୍କୃତି ଦୃଷ୍ଟିରୁ ଦର୍ଶକ କରିବା ଦିଗରେ ପ୍ରଭାବ ପଡ଼ିବ ଏବଂ ପ୍ରଯୋଜକମାନେ ତାଙ୍କ ସିନେମାରେ ହୋଇଥିବା ବଜେଟ ପାଇବା ଦିଗରେ କିଛିଟା ଲାଘବ ହେବ। ପ୍ରଯୋଜକମାନେ ସକାରାତ୍ମକ ମାନସିକତାରେ ସିନେମାଟିଏ ନିର୍ମାଣ କରିବା ଦରକାର। ଏହାଦ୍ୱାରା ୮୭ ବର୍ଷର ସିନେମାଜଗତ ପାଇଁ ବୀତସ୍ପୃହ ଦର୍ଶକ ପ୍ରେକ୍ଷାଳୟ ଆସିବା ଦିଗରେ ଅନେକାଂଶରେ ସହାୟକ ହେବ। ନିକଟରେ କେତୋଟି ଭଲ ସିନେମା ରିଲିଜ ହୋଇ ଦର୍ଶକାଦୃତ ହୋଇଛି। ଯେଉଁ ଯୁବ ନିର୍ଦ୍ଦେଶକମାନେ ନିଜର ଦକ୍ଷତା ଓ ମୌଳିକ କାହାଣୀକୁ ନେଇ ସିନେମା କରୁଛନ୍ତି, ସେମାନେ ଧନ୍ୟବାଦାର୍ହ। ଭଲ ମୌଳିକ ସିନେମା ଦିଗରେ ଯେଉଁ ପ୍ରଯୋଜନା ଗୋଷ୍ଠୀ ଗୁରୁତ୍ୱ ଦେବେ, ସେମାନେ ହିଁ ଓଡ଼ିଆ ସିନେମା ଇତିହାସରେ ଲିପିବଦ୍ଧ ହୋଇ ରହିବେ। କପି କରି ଫେଲ୍ ହୋଇଥିବା ପ୍ରଯୋଜକ ଆଜି ବି ଅଣ୍ଟା ସଳଖ କରିବା କଷ୍ଟକର ହେଉଛି। ଯେଉଁମାନେ ପ୍ରଯୋଜକମାନଙ୍କୁ ପଥଭ୍ରଷ୍ଟ କରିଛନ୍ତି, ସେମାନେ କଳଙ୍କିତ ବ୍ୟକ୍ତି ହିସାବରେ ରହିବେ। ନିଜେ ନିଜେ ପ୍ରାୟୋଜିତ କାର୍ଯ୍ୟକ୍ରମ କରି ଶ୍ରେଷ୍ଠତ୍ୱ ମାପିଲେ ଜଗତେ କେବଳ ଜନେ ହସିବେ...।

– **ଦିଲ୍ଲୀପ ହାଲି**, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# କେବଳ ଗୀତ ପାଇଁ...

**ଚି**ଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ଚର୍ଚ୍ଚା। ଯା' ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ୁକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ, ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ୍ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏଥିରେ ଅନନ୍ୟାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



ଅନନ୍ୟା

# ଗାଜା ଧ୍ୱଂସସ୍ତୂପ

# ହସ୍ପିଟାଲରେ ଜୀବନ ସଂଘର୍ଷ

ଜେରୁଜେଲମ୍/ ଗାଜା ସିଟି,୨୫।୧୦

ଆକାଶମାର୍ଗରୁ ତୁହାକୁ ତୁହା ରକେଟ୍ ମାଡ଼। ଆକ୍ରମଣରେ ଧ୍ୱଂସସ୍ତୂପ ପାଲଟିଗଲାଣି ଗାଜା ଷ୍ଟ୍ରିପ୍। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ଡାକ୍ତରଖାନାରେ ଲାଇଟ୍ ନାହିଁ କି ସେମାନଙ୍କ ଚିକିତ୍ସା ପାଇଁ ବ୍ୟାଣ୍ଡେଜ ମଧ୍ୟ ନାହିଁ। ଏଭଳି ସ୍ଥିତିରେ ଗାଜାବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଇସ୍ରାଏଲ ଯୋଗୁ ଗାଜା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ଅସୁବିଧା ହେଉଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ସେପଟେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଏକ ମନ୍ତବ୍ୟକୁ ଇସ୍ରାଏଲ କଡ଼ା ବିରୋଧ କରିଛି। ଦୁଇଦିନ ତଳେ ଗୁଟେରସ୍ କହିଥିଲେ, ହମାସ୍ ଖାଲିଟାରେ ଆକ୍ରମଣ କରୁନାହିଁ। ନିଜ ଭୂଖଣ୍ଡରେ ବସବାସ ପାଇଁ ପାଲେଷ୍ଟିନୀୟମାନେ ଦୀର୍ଘ ୫୬ ବର୍ଷ ଧରି ସଂଘର୍ଷ କରୁଛନ୍ତି। ଏହାକୁ ନେଇ ଗୁଟେରସ୍ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଇସ୍ରାଏଲ ଦାବି କରିଛି। କେବଳ ଏତିକି ନୁହେଁ, ଜାତିସଂଘ ଅଧିକାରୀମାନଙ୍କୁ ଭିଜା ଦେବା ପାଇଁ ମଧ୍ୟ ଇସ୍ରାଏଲ ମନା କରିଦେଇଛି। ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହେଜ୍‌ବୋଲ୍ଲା ମୁଖ୍ୟ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଓ ଇସ୍‌ଲାମିକ୍ ଜେହାଦ ନେତାମାନଙ୍କ ସହ ବୁଧବାର ବୈଠକ କରିଛନ୍ତି। ଇସ୍ରାଏଲ ଉପରେ ବିଜୟ ଲାଭ ପାଇଁ ସେମାନଙ୍କ ମେଣ୍ଟର ରଣନୀତି କ'ଣ ରହିବ ତା' ଉପରେ ଏହି କଠୋରପନ୍ଥୀ ନେତାମାନେ ଆଲୋଚନା କରିଛନ୍ତି। ତେବେ କେଉଁ ସ୍ଥାନରେ ଏହି ଗୁପ୍ତ ମନ୍ତ୍ରଣା ଚାଲିଥିଲା, ସେନେଇ କିଛି ସ୍ପଷ୍ଟ କରିନାହାନ୍ତି।

ଇସ୍ରାଏଲ ବିରୋଧୀ ବୈଠକରେ ହେଜ୍‌ବୋଲ୍ଲାର ସୟଦ ହାସନ, ନସରଲ୍ଲାହ, ହମାସ୍ ଉପମୁଖ୍ୟ ସଲେହ ଅଲ୍-ଅରୋଉରି ଏବଂ ଇସ୍‌ଲାମିକ୍ ଜେହାଦ ମୁଖ୍ୟ ଜିଆଦ୍ ଅଲ୍-ନଖାଲ୍ଲା ସାମିଲ ହୋଇଥିଲେ। ଅପରେଶନ୍ ଅଲ୍-ଅକ୍ସା ଆରମ୍ଭ ହେବା ପରର ଘଟଣାକ୍ରମ ସମ୍ପର୍କରେ ସେମାନେ ଆଲୋଚନା କରିଥିବା ଜଣାପଡ଼ିଛି।

ଇତିମଧ୍ୟରେ ଗାଜା ଉପରେ ରକେଟ୍ ମାଡ଼ କରିବାକୁ ଇସ୍ରାଏଲକୁ ଆମେରିକା ଉସୁକାଉଛି ବୋଲି ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ କହିଛନ୍ତି। ଆମେରିକା ନିଶ୍ଚିତ ଭାବେ ସବୁ ଅପରାଧର ସହଯୋଗୀ। ଗାଜାରେ ଘଟୁଥିବା ଅପରାଧ ପାଇଁ ଆମେରିକା ହିଁ ପ୍ରବର୍ତ୍ତାଇଛି। ଆମେରିକୀୟଙ୍କ ହାତ ଦଳିତ, ଶିଶୁ, ମହିଳା, ରୋଗୀଙ୍କ ରକ୍ତରେ ରଞ୍ଜିତ ବୋଲି ସେ ସମାଲୋଚନା କରିଛନ୍ତି। ତେହରାନ୍‌ର ଛତ୍ରଛାୟା ତଳେ ରହି ଆତଙ୍କବାଦୀମାନେ ଆକ୍ରମଣ କଲେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ମଙ୍ଗଳବାର ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଥିଲେ। ଇରାନ୍ ସୁପ୍ରିମ ଲିଡର ଏହାର ଜବାବ ଦେଇଛନ୍ତି। ହମାସ୍ ନିୟନ୍ତ୍ରିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ଇସ୍ରାଏଲର ପ୍ରତିଆକ୍ରମଣରେ ୬,୫୪୫ ପାଲେଷ୍ଟିନୀୟ ନିହତ ହେଲେଣି, ଯାହାଙ୍କ ମଧ୍ୟରୁ ୨,୭୦୪ ଜଣ ଶିଶୁ।


ଇସ୍ରାଏଲ୍‌ର ରକେଟ ମାଡ଼ରେ ବିଧ୍ୱସ୍ତ ଗାଜାର ଖାନ୍ ୟୁନିସ୍ ସହର।

## ମେଟା ବିରୋଧରେ ମାମଲା

ୱାଶିଂଟନ୍,୨୫।୧୦

ମାର୍କ ଜୁକରବର୍ଗଙ୍କ ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ କମ୍ପାନୀ ମେଟା ବିରୋଧରେ ଆମେରିକାର ୫୦ ରାଜ୍ୟ ମଧ୍ୟରୁ ଅନ୍ୟୂନ ୪୦ ରାଜ୍ୟ ପକ୍ଷରୁ ବିଭିନ୍ନ କୋର୍ଟରେ ମାମଲା ରୁଜୁ ହୋଇଛି। ଛୋଟପିଲା ଓ କିଶୋରୀ କିଶୋରମାନେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ପ୍ଲାଟ୍‌ଫର୍ମ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ଏହି ପ୍ଲାଟ୍‌ଫର୍ମଗୁଡ଼ିକରେ ପିଲାମାନେ ବିଷାକ୍ତ କଣ୍ଟେଣ୍ଟ ବ୍ୟବହାର ପାଇଁ ବାଧ୍ୟହେଉଛନ୍ତି। ମେଟା ଆର୍ଥିକ ଲାଭ ପାଇଁ ସେମାନଙ୍କୁ ବିଭ୍ରାନ୍ତିକର, ବେଆଇନ ଓ ହାନିକାରକ ଦୃଶ୍ୟ ଆକ୍‌ସେସ୍ କରିବାକୁ ଦେଉଛି ବୋଲି ଆବେଦନ ଗୁଡ଼ିକରେ ଅଭିଯୋଗ ଅଣାଯାଇଛି।

## ୱାୟନାଡ୍ ବାଦୁଡ଼ିଙ୍କଠାରେ ନିପା ଭାଇରସ୍

ଥିରୁଭାନନ୍ତପୁରମ୍,୨୫।୧୦



କେରଳର ୱାୟନାଡ୍‌ରେ ଥିବା ବାଦୁଡ଼ିମାନଙ୍କଠାରେ ନିପା ଭାଇରସ୍ ଚିହ୍ନଟ ହୋଇଥିବା ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ସ୍ପଷ୍ଟ କରିଛି। ଏହି ବିଷୟରେ କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ସୂଚନା ଦେଇଛନ୍ତି। ଏଥିସହ ଜନ ସଚେତନା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ୱାୟନାଡ୍‌ର ବଥେରି ଓ ମନନ୍ଥାୱାଡିର ବାଦୁଡ଼ିମାନଙ୍କ ଶରୀରରୁ ଆଇସିଏମ୍ଆର୍ ନମୂନା ସଂଗ୍ରହ କରିଥିଲା। ସେଥିରେ ନିପା ଭୂତାଣୁ ମିଳିଛି। ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଅନୁରୂପ ଅଧ୍ୟୟନ କରାଯାଉଛି। ପକ୍ଷୀଙ୍କ ଅଇଣ୍ଠା ଫଳ ନ ଖାଇବାକୁ ଏବଂ ନିପା ଲକ୍ଷଣ ଦେଖାଦେଲେ ତାକୁ ହେଳା ନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଆମେରିକାରେ ନେତାନ୍ୟାହୁଙ୍କ ପୁଅ

ତେଲ୍ ଆଭିଭ୍, ୨୫।୧୦

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଦୃଢ଼ ସମର୍ଥକ ତାଙ୍କ ପୁଅ ୟାଇର୍ ଅନେକ ସମୟରେ ସୋସିଆଲ ମିଡିଆରେ ନିଜ ଇସ୍‌ଲାମ୍ ବିରୋଧୀ ପୋଷ୍ଟ ପାଇଁ ବିବାଦୀୟ ହୋଇଥାଆନ୍ତି। ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲକୁ ଟାର୍ଗେଟ କରିବା ପରେ ପ୍ରାୟ ୪ ଲକ୍ଷ ଯୁବତୀଯୁବକ ଦେଶର ଏହି ଲଢ଼େଇକୁ ସମର୍ଥନ କରୁଛନ୍ତି। କିନ୍ତୁ ୩୨ ବର୍ଷୀୟ ୟାଇର୍ ଇସ୍ରାଏଲରେ ନ ଥିବାରୁ ଅନେକେ ପ୍ରଶ୍ନ ଉଠାଇଛନ୍ତି। ରିପୋର୍ଟ ଅନୁସାରେ ସେ ଚଳିତବର୍ଷ ଆମେରିକାର ଫ୍ଲୋରିଡାକୁ ଚାଲିଯାଇଥିଲେ। ମିଆମି ବିଚ୍‌ରେ ତାଙ୍କର ଏକ ଫଟୋକୁ ୟାଇର୍ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାକୁ ନେଇ ଇସ୍ରାଏଲବାସୀ କହୁଛନ୍ତି, ୟାଇର୍ ବିଦେଶରେ ବ୍ୟକ୍ତିଗତ ଜୀବନ ବିତାଉଛନ୍ତି। ଆମ ପରିବାର ଓ ପିଲାଛୁଆ କଥା ବୁଝିବାକୁ ସେ କାହିଁକି ଆସିବେ।


ପୁଅ ୟାଇର୍‌ଙ୍କ ସହ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।

## ଭାଇଙ୍କ ଉପରେ ୮ ଥର ଟ୍ରାକ୍ଟର ଚଢ଼ାଇ ହତ୍ୟା

ନୂଆଦିଲ୍ଲୀ,୨୫।୧୦

ଜମି ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ନିଜ ଭାଇଙ୍କ ଉପରେ ୮ ଥର ଟ୍ରାକ୍ଟର ମଡ଼ାଇ ତାଙ୍କୁ ହତ୍ୟା କରିଛନ୍ତି। ରାଜସ୍ଥାନର ଭରତପୁରରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଭରତପୁର ନିବାସୀ ବାହାଦୁର ସିଂ ଓ ଅତର ସିଂଙ୍କ ପରିବାର ମଧ୍ୟରେ ଏକ ଜମିକୁ ନେଇ ଦୀର୍ଘ ବର୍ଷ ଧରି ବିବାଦ ଲାଗିରହିଥିଲା। ବୁଧବାର ସକାଳେ ବାହାଦୁରଙ୍କ ପରିବାର ସଦସ୍ୟମାନେ ଟ୍ରାକ୍ଟରରେ ବିବାଦୀୟ ଜମିକୁ ଯାଇଥିଲେ। ପରେ ଅତରଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ସେଠାରେ ଦୁଇ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା। ସେମାନେ ପରସ୍ପରକୁ ଲାଠି ଓ ଟେକାମାଡ଼ କରିଥିଲେ। ଏପରି କି ଗୁଳି ଫୁଟିବାର ଶବ୍ଦ ମଧ୍ୟ ଶୁଣାଯାଇଥିବା ଗାଁ ଲୋକେ କହିଛନ୍ତି। ଠେଲାପେଲା ଭିତରେ ନୃପତ ତଳେ ପଡ଼ିଯାଇଥିଲେ। ଫଳରେ ଦାମୋଦର ନୃପତଙ୍କ ଉପରେ ଟ୍ରାକ୍ଟର ଚଢ଼ାଇଦେଇଥିଲେ। ୮ ଥର ଚଢ଼ାଇବା ପରେ ନୃପତଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଦାମୋଦରଙ୍କୁ ଗିରଫ କରିଛି। ଏହି ଘଟଣାରେ ପ୍ରାୟ ୧୦ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ମାମଲା ରୁଜୁକରି ଜେରା ପାଇଁ ୪ ଜଣଙ୍କୁ ଅଟକ ରଖିଛି।



ଫୁର୍‌ସତ୍

## ନଦୀ ତଳେ ମାନବୀୟ ଚେହେରା

ବ୍ରାସିଲିଆ

ନିକଟରେ ଆମାଜନ ରେନଫରେଷ୍ଟରେ ମଣିଷଙ୍କ ଚେହେରାର ଅଜବ କଳାକୃତି ଦେଖିବାକୁ ମିଳିଛି, ଯାହା ୨ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଏହି ଆକୃତି ଚଟାଣରେ ତିଆରି ହୋଇଛି, ଯାହା ବହୁ ବର୍ଷ ହେବ ନିଗ୍ରୋ ନଦୀର ପାଣି ତଳେ ରହିଥିଲା। ଏବେ ସେହି ନଦୀ ଶୁଖିଯିବା କାରଣରୁ ଏହା ଦ୍ୱିତୀୟ ଥର ପାଇଁ ନଜରକୁ ଆସିଥିଲା। ଏହା ପୂର୍ବରୁ ଏହି କଳାକୃତି ୨୦୧୦ରେ ଗୋଟିଏ ଦିନ ପାଇଁ ଦେଖିବାକୁ ମିଳିଥିଲା। ଯେତେବେଳେ ବୈଜ୍ଞାନିକମାନେ ଏହାକୁ ଦେଖିଲେ, ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ଏବେ ସେମାନେ କଳାକୃତିର ଅର୍ଥ ବୁଝିବାକୁ ଲାଗିପଡ଼ିଛନ୍ତି। ରିପୋର୍ଟ ମୁତାବକ, ପ୍ରାଚୀନ ମାନବୀୟ ଚେହେରାର ନକ୍ସା ବ୍ରାଜିଲର ମାନାଉସ୍ ପାଖ ନଦୀ ତଟରେ ମିଳିଛି। ଯେଉଁଠାରେ ରିୟୋ, ନିଗ୍ରୋ ଏବଂ ଆମାଜନ ଏକାଠି ହୋଇଛନ୍ତି। ମାନବୀୟ ଚେହେରା ସହିତ କଳାକୃତି ପାଣି ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ଦର୍ଶାଉଛି। ଆନ୍‌ସିଏଣ୍ଟ ଓରିଜିନ୍‌ସ ମୁତାବକ, ଏହା ହେଉଛି ଦ୍ୱିତୀୟ ଥର। ଏହି କଳାକୃତିକୁ ପେଟ୍ରୋଗ୍ଲାଇଫସ୍ କୁହାଯାଏ। ବିଶେଷଜ୍ଞଙ୍କ ଅନୁସାରେ, ଏହି ମାନବାକୃତି ନକ୍ସା କୁରାଢିରେ ପ୍ରସ୍ତୁତ ହୋଇଥିବ। ତେବେ ସେହି କଳାକୃତିର କେତେକରେ ନାକ ନାହିଁ। ବ୍ରାଜିଲିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିଷ୍ଟୋରିକାଲ ହେରିଟେଜ୍‌ର ଜୈମି ଓଲିଭେରା କହିଛନ୍ତି, ଏହି ଆକୃତି ଏକ କମ୍ପ୍ଲେକ୍ସ ଗ୍ରାଫିକ୍ସ ଆର୍ଟ। ଯେଉଁଥିରେ ଖୁସି ଏବଂ ଦୁଃଖୀଭରା ଚେହେରା ରହିଛି। ଏହା ଶିକାର ଏବଂ ଶିକାରୀକୁ ବୁଝାଉଥିବା କୁହାଯାଉଛି। ଏହି ନକ୍ସା ଏପରି ସ୍ଥାନରେ କରାଯାଇଛି, ଯେଉଁଠାରେ ଲୋକ ବସବାସ କରୁଥିଲେ। ତେବେ ଆସନ୍ତା ମାସରେ ନିଗ୍ରୋ ନଦୀରେ ପାଣିସ୍ତର ବଢ଼ିବାରୁ ଏହି କଳାକୃତି ପୁଣି ଥରେ ବୁଡ଼ିଯିବ ବୋଲି ଜଣାପଡ଼ିଛି।



## ରାଜକୁମାର ଜାତୀୟ ଆଇକନ୍ ନିଯୁକ୍ତ

ମୁମ୍ବାଇ

ବଲିଉଡ୍ ଅଭିନେତା ରାଜକୁମାର ରାଓଙ୍କୁ ଜାତୀୟ ଆଇକନ୍ ଭାବେ ନିଯୁକ୍ତ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛି। ଗୁରୁବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ। ରାଜକୁମାର ଜାତୀୟ ଆଇକନ୍ ଭାବେ ଲୋକଙ୍କୁ ଭୋଟ ଦେବା ବିଷୟରେ ସଚେତନ କରାଇବେ। ସେ ଅନେକ ଚଳଚ୍ଚିତ୍ରରେ କାମ କରିବା ସହ ତାଙ୍କର ବହୁ ଚଳଚ୍ଚିତ୍ର ହିଟ୍ ହୋଇଛି। ହେଲେ ଫିଲ୍ମ 'ନ୍ୟୁଟନ୍'ର ଚରିତ୍ର ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା। ୨୦୧୭ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ପାଇଁ ରାଜକୁମାରଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ପୁରସ୍କାର ମିଳିଥିଲା। ଚଳଚ୍ଚିତ୍ରରେ ରାଜକୁମାର ନୂତନ କୁମାର ନାମକ ଜଣେ ସରକାରୀ କିରାଣି ଭୂମିକାରେ ନଜର ଆସିଥିଲେ। ନୂତନ କୁମାର ନିରପେକ୍ଷ ନିର୍ବାଚନ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ। ତାଙ୍କର ଏହି ଚରିତ୍ରକୁ ଦେଖି ନିର୍ବାଚନ ଆୟୋଗ ଅଭିନେତାଙ୍କୁ ଏହି ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଚଳିତବର୍ଷ ଅଗଷ୍ଟରେ ନିର୍ବାଚନ ଆୟୋଗ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ଏହାର ଜାତୀୟ ଆଇକନ୍ କରିଥିଲେ।



## ଦେଖାଗଲା ଆଗ୍ରୋଲାଣ୍ଡ ମହାଦ୍ୱୀପ



ନୂଆଦିଲ୍ଲୀ

ସମୁଦ୍ର ଗର୍ଭରେ ଏପରି କିଛି ଜିନିଷ ଲୁଚି ରହିଛି, ଯାହାର କଳ୍ପନା ଆମେ କେବେ ବି କରି ନ ଥିବା। ନିକଟରେ ବୈଜ୍ଞାନିକମାନେ ଏକ ମହାଦ୍ୱୀପର ସନ୍ଧାନ ପାଇଛନ୍ତି, ଯାହା କେବେ ଅଷ୍ଟ୍ରେଲିଆ ଥିଲା। ଏହା ପ୍ରାୟ ୧୫ କୋଟି ବର୍ଷ ହେବ ସମୁଦ୍ର ତଳେ ଦବି ରହିଥିଲା। ରିପୋର୍ଟ ମୁତାବକ, ନେଦରଲାଣ୍ଡ୍‌ସର ୟୁଟ୍ରେକ୍ଟ ୟୁନିଭର୍ସିଟିର ଏକ ଟିମ୍‌କୁ ଆଗ୍ରୋଲାଣ୍ଡ ନାମକ ଏକ ମହାଦ୍ୱୀପ ବାବଦରେ ତଥ୍ୟ ମିଳିଛି। ଏହା ପ୍ରାୟ ୩ହଜାର ଶହେ ମାଇଲର ଏକ ଅଂଶବିଶେଷ। ଏହା ଭାରତୀୟ ମହାସାଗରରେ ୧୮ ହଜାର ଫୁଟ ଗଭୀରରେ ରହିଥିଲା। ଏହାକୁ ନେଇ ଯାହା ତଥ୍ୟ ମିଳିଛି, ତାହା ଅନୁସାରେ ଟେକ୍ଟୋନିକ୍ ପ୍ଲେଟ୍‌ର ସ୍ଥାନାନ୍ତରଣ ବେଳେ ଏହି ମହାଦ୍ୱୀପ ହଜିଯାଇଥିଲା। ୟୁନିଭର୍ସିଟିର ଏଲଡର୍ଟ ଆଡଭୋକାଟ୍‌ଙ୍କ ମୁତାବକ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅବସ୍ଥା ତୁଳନାରେ ଦକ୍ଷିଣ- ପୂର୍ବ ଏସିଆର ଅବସ୍ଥା ବହୁତ ଅଲଗା। ଆଗ୍ରୋଲାଣ୍ଡ ବହୁତ ଖଣ୍ଡରେ ବିଭାଜିତ ହୋଇଯାଇଛି, ଯାହାକୁ ବୈଜ୍ଞାନିକମାନେ କମ୍ପ୍ୟୁଟର ମାଧ୍ୟମରେ ଚିତ୍ରଣ କରିଛନ୍ତି। ଏପର୍ଯ୍ୟନ୍ତ ଭୂତତ୍ତ୍ୱବିତ୍ ଯାହା ଅନୁମାନ ଲଗାଇଛନ୍ତି ତାଙ୍କ ମୁତାବକ, ଟେକ୍ଟୋନିକ୍ ପ୍ଲେଟ୍ ଯେତେବେଳେ ପରସ୍ପର ସହିତ ମିଶିଥିବେ, ସେତେବେଳେ ପୃଥିବୀର ଏକ ଅଂଶ ଲୀନ ହୋଇଯାଇଥିବ। ଏହାର କିଛି ଅଂଶ ମ୍ୟାନମାର ଜଙ୍ଗଲ ଏବଂ କିଛି ଅଂଶ ଏସିଆର ଅଲଗା ଦ୍ୱୀପ ଭାବେ ବିଭାଜିତ ହୋଇଯାଇଛି।

## ଜାହାଜରେ କାଟିବେ ଅବସର ଜୀବନ



କାନବେରା

ଲୋକେ କାମ କରିବା ପରେ ଅବସର ଜୀବନକୁ ଭିନ୍ନ ଢଙ୍ଗରେ ପାଳିବାକୁ ଆଶା କରିଥାନ୍ତି। କେହି ଶାନ୍ତ ସ୍ଥାନରେ ବୁଲିବାକୁ ପସନ୍ଦ କରୁଥିବାବେଳେ କେତେକ ତାଙ୍କ ସଉକ ପୂରଣ କରିବାରେ ଲାଗିପଡ଼ନ୍ତି। ହେଲେ ନିକଟରେ ଅଷ୍ଟ୍ରେଲିଆର ଏକ ଦମ୍ପତି ଅବସରପ୍ରାପ୍ତ ଜୀବନରେ ଏକ ଘରର ଯୋଜନା କରିଛନ୍ତି। ଏହି ଦମ୍ପତି ନିଜ ଘରକୁ ବିକି ପୂରା ଜୀବନ ଏକ କ୍ରୁଜ୍ ଜାହାଜରେ ରହିବାକୁ ସ୍ୱପ୍ନ ଦେଖିଛନ୍ତି। ୮୦ ବର୍ଷୀୟ ମାଇକ ସୋରୋକର ଏବଂ ତାଙ୍କ ସ୍ତ୍ରୀ ୭୫ ବର୍ଷୀୟା ବାରବରା ଏମ୍‌ଭି ନୌରେଟିଭ୍ ଜାହାଜରେ ୨.୫ ମିଲିୟନ୍ ଅର୍ଥାତ୍ ୨୦ କୋଟି ଦେଇ ଏକ କ୍ୟାବିନ୍ କିଣିଛନ୍ତି। ଏବେ ସେ ତାହାର କିସ୍ତି ଭରୁଛନ୍ତି। ମାଇକ ଏବଂ ବାରବରା ତାଙ୍କ ବାକିତକ ଜୀବନ ସମୁଦ୍ର ମଝିରେ କିମ୍ବା ସାଗର କୂଳରେ ବିତାଇବାକୁ ଚାହୁଁଛନ୍ତି। କିଛି କ୍ରୁଜ୍ ଜାହାଜ ତାଙ୍କର ସମସ୍ତ କ୍ୟାବିନ ବିକ୍ରି କରିବା ସହିତ ସେଥିରେ ଛୁଟି କଟାଇବାକୁ ଆସୁଥିବା ଲୋକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରିବ ବୋଲି ଜାହାଜ ପ୍ରସ୍ତୁତ କରୁଥିବା କମ୍ପାନୀ ଦାବି କରିଛି। ପୂର୍ବରୁ ମାଇକ ଏବଂ ବାରବରା ମାତ୍ର ୪ ଥର ହିଁ କ୍ରୁଜ୍‌ରେ ଯାତ୍ରା କରିଛନ୍ତି। ଦମ୍ପତି କହିଛନ୍ତି, ସେ ଆଗକୁ ବହୁତସାରା ଲୋକଙ୍କ ସହିତ ଅନେକ ଜାଗା ବୁଲିବାକୁ ଉତ୍ସାହିତ ଅଛନ୍ତି। ଯେଉଁ କ୍ରୁଜ୍ ଜାହାଜରେ ଦମ୍ପତି କ୍ୟାବିନ କିଣିଛନ୍ତି, ଏବେ ତାହା ତିଆରି ଚାଲିଛି। କିଛି ବର୍ଷ ମଧ୍ୟରେ ତାହା ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ସେହି ଜାହାଜରେ ଅନେକ ଲୋକ ମଧ୍ୟ କ୍ୟାବିନ କିଣିବାର ସମ୍ଭାବନା ରହିଛି।

## ସଂକ୍ଷେପରେ

### ସମାଜ ସେବାରେ ଜୀବନକୁ ବ୍ରତୀ କରିଥିବା ବ୍ୟକ୍ତି ସମ୍ମାନିତ



ଖଡ଼ିଆଳ,୨୫।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ରାଜା ପଡ଼ା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ସମାଜ ସେବାରେ ଜୀବନକୁ ବ୍ରତୀ କରିଥିବା ବ୍ୟକ୍ତିଦ୍ୱଙ୍କୁ ସମ୍ମାନିତ କରାଯାଇଛି। କୋଭିଡ୍ ମହାମାରି ସମୟରେ ୨ଜଣ ଆୟୁଷ ଡାକ୍ତର ନିଜ ଜୀବନକୁ ବାଜି ଲଗାଇ ରୋଗୀ ଚିକିତ୍ସା ସହ ସ୍ୱାସ୍ଥ୍ୟ ସେବା ଗ୍ରାମାଞ୍ଚଳରେ ପହଞ୍ଚାଇବା ଅନବରତ ସେବା ପ୍ରଦାନ କରିଥିଲେ। କୋଭିଡ ସଚେତନତା, କୋଭିଡ ଟୀକାକରଣ କାର୍ଯ୍ୟକ୍ରମ, ସହ ରୋଗୀ ଏବଂ ପରିବାରଙ୍କୁ ଶାନ୍ତନା ଦେବା ନେଇ ବ୍ୟାପକ କାର୍ଯ୍ୟ କରିଥିଲେ। ଡ. ଅନନ୍ଦା ଶଙ୍କର ଦାଶ, ଡ଼ା ଆଦିତ୍ୟ ନାରାୟଣ ଯୋଶୀଙ୍କୁ ସମ୍ମାନିତ କରିଛନ୍ତି। ସେହିପରି ବିଶିଷ୍ଟ ଆଦର୍ଶ ଶିକ୍ଷାବିତ ଝୁମକ ଲାଲ ବର୍ମାଙ୍କ ସହ ମାନସିକ ରୋଗୀଙ୍କୁ ଦିନରାତି ଖାଦ୍ୟ ପ୍ରଦାନ କରି ଆସୁଥିବା ରାଜେଶ ପୋଡ଼ଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କମିଟି ପକ୍ଷରୁ ସଭା ପତି ଦେବଦେବ ସିଂଦେଓ, ବସନ୍ତ ସିଂଦେଇ, ପ୍ରଫୁଲ୍ଲ ରଥ, ସୁଦର୍ଶନ ଠାକୁର, ମନୋଜ ମୁଣ୍ଡ, ସରୋଜ ଠାକୁରଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ଦାଦନ ଚାଲାଣ ଆରମ୍ଭ, କାହାର ନିଘା ନାହିଁ

ନୂଆପଡ଼ା,୨୫।୧୦(ମକାରୁ ବେମାଲ)

ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ୯୦% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ୬ ମାସ ଚାଷ କାମ କରି ୬ ମାସ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ପ୍ରାୟତଃ ନୂଆଁଖାଇ ସମୟରୁ ଦାଦନ ଯିବା ଆରମ୍ଭ ହୋଇଥାଏ। ହେଲେ ଚଳିତବର୍ଷ ବର୍ତ୍ତମାନ ଦାଦନ ଚାଲାଣ ଆରମ୍ଭ ହୋଇଛି। ପ୍ରତି ଦିନ ବିଭିନ୍ନ ଗାଡିରେ ହାଇଦ୍ରାବାଦ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ, ସୁରତ ଭଳି ରାଜ୍ୟକୁ ଦାଦନ ସର୍ଦ୍ଦାର ସହାୟତାରେ କାମ କରିବା ପାଇଁ ଯାଉଛନ୍ତି। ଦାଦନ ଶ୍ରମିକମାନେ ଯାର ବ୍ୟାଗ ଧରି ବନ୍ଧୁ ବାନ୍ଧବ ଘରକୁ କୁଣିଆ ଗଲା ଭଳି ଭେଶଭୁଷାରେ ଯାଉଥିବାରୁ ପୋଲିସ ମଧ୍ୟ ଜାଣି ପାରୁନାହିଁ। ପ୍ରତି ଦିନ ଶହ ଶହ ଦାଦନ ଶ୍ରମିକ ଚାଲାଣ ହେଉଥିଲେ ମଧ୍ୟ କାହାର ନିଘା ନାହିଁ। ଅଧିକାଂଶ ଗାଁରେ ତାଟି କବାଟ ବନ୍ଦ କରି ଚାଲି ଗଲେଣି। ଯେଉଁମାନଙ୍କ ଜମିବାଡି ନାହିଁ, ସେମାନେ ନୂଆଁଖାଇ ପୂର୍ବରୁ ଚାଲି ଗଲେଣି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଛୋଟ ଧାନ ଚାଷ କରି ଘରକୁ ଆଣି ବର୍ତ୍ତମାନ ଯିବା ଆରମ୍ଭ କରିଦେଲେଣି। ପାର୍ବଣ ସମୟରେ ଲୋକଙ୍କୁ ବନ୍ଧୁ ବାନ୍ଧବ ଘରକୁ କୁଣିଆ ଯାଉଛୁ ବୋଲି କହି ଗାଡି ମାଧ୍ୟମରେ ଚାଲି ଯାଉଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲାଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଜିଲାରେ ୩୦ଜଣ ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଲୁଚି ଯାଉଛନ୍ତି, କୌଣସି ଦିନ ଅସୁବିଧାରେ ପଡିଲେ ସହଯୋଗ କରାଯିବ ନାହିଁ ବୋଲି କହିଥିଲେ।

# କାର୍ଯ୍ୟାନୁଷ୍ଠାନ ବଦଳରେ ରାଜସ୍ୱକୁ ଗୁରୁତ୍ୱ

ଭବାନୀପାଟଣା,୨୫।୧୦(ଉତ୍ତମ କୁମାର ଦାଶ)

- କଳାହାଣ୍ଡିରେ ବଢୁଛି ମଦ୍ୟପଙ୍କ ସଂଖ୍ୟା
- ଦେଶୀ କମିଛି, ବିଦେଶୀ ବଢ଼ିଛି
- ଅବକାରୀ ଚଢ଼ାଉ ପରେ ବି ଫଳ ଶୂନ୍




କଳାହାଣ୍ଡି ଜିଲାରେ ବଢୁଛି ମଦ୍ୟପଙ୍କ ସଂଖ୍ୟା। ଜିଲା ଅବକାରୀ କାର୍ଯ୍ୟାଳୟରୁ ମିଳିଥିବା ଗତ ୨ ବର୍ଷର ଏକ ଆକଳନକୁ ଦେଖିଲେ ଏହା ଜଣାପଡୁଛି। ସେହିପରି ଜିଲାରେ ଦେଶୀ ମଦ ବିକ୍ରି ସାମାନ୍ୟ କମିଥିବାବେଳେ ବିଦେଶୀ ମଦ ବିକ୍ରି ବଢିଥିବା ଜଣାପଡିଛି। ଭବାନୀପାଟଣାସ୍ଥିତ ଜିଲା ଅବକାରୀ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ମାର୍ଚ୍ଚଠାରୁ ସେପ୍ଟେମ୍ବର ଯାଏଁ ଜିଲାର ୩୪ଟି ଠିପିବନ୍ଦ ମଦ ଦୋକାନ ଓ ୨୨ଟି ଠିପି ଖୋଲା ମଦ ଦୋକାନ (ବାର)ରେ ପ୍ରାୟ ୪ ଲକ୍ଷ ୫୦ହଜାର ୩୧ ଲିଟର (ଆଇଏମଫିଏଲ) ବିଦେଶୀ ମଦ ବିକ୍ରି ହୋଇଥିବାବେଳେ ବିଏର ଓ କେନ୍ ପ୍ରାୟ ୨୬ ଲକ୍ଷ ୭୫ହଜାର ୬୭୫ ଲିଟର ବିକ୍ରି ହୋଇଥିବା ଜଣାପଡିଛି। ଯାହାକି ଗତବର୍ଷ ଉପରୋକ୍ତ ମାସ ମଧ୍ୟରେ ଆଇଏମଫିଏଲ ବିଦେଶୀ ମଦ ବିକ୍ରି ୪ଲକ୍ଷ ୨୬ ହଜାର ୪୫୯ ଲିଟର ରହିଥିବାବେଳେ ବିଏର ଓ କେନ୍ ୧୯ଲକ୍ଷ ୮୧ ହଜାର ୫୧୯ ଲିଟର ବିକ୍ରି ହୋଇଥିଲା। ଏହି ୨ ବର୍ଷର ଆକଳନକୁ ଦେଖିଲେ ଚଳିତବର୍ଷ ଆଇଏମଫିଏଲ ବିଦେଶୀ ମଦବିକ୍ରି ପୂର୍ବ ବର୍ଷଠାରୁ ୨୩ ହଜାର ୫୭୨ ଲିଟର ଅଧିକ ବିକ୍ରି ହୋଇଥିବାବେଳେ ବିଏର ଓ କେନ୍ ୬ଲକ୍ଷ ୬୪ହଜାର ୧୫୬ ଲିଟର ଅଧିକ ବିକ୍ରି ହୋଇଛି। ସେହିପରି ଜିଲାର ୬୮ଟି ଦେଶୀ ମଦ ଭାଟିରେ ଚଳିତବର୍ଷ ମାର୍ଚ୍ଚରୁ ସେପ୍ଟେମ୍ବର ଯାଏ ପ୍ରାୟ ୮୭ହଜାର ୮୪୫ କୁଇଣ୍ଟାଲ ମଦ ପ୍ରସ୍ତୁତ ପାଇଁ ମହୁଲ ବ୍ୟବହାର କରାଯାଇଥିବାବେଳେ ପୂର୍ବବର୍ଷରେ ଏହା ୮୮ହଜାର ୧୪୮ କୁଇଣ୍ଟାଲ ମହୁଲ ବ୍ୟବହାର କରାଯାଇଥିବା ଜଣାପଡିଛି। ଏହି ୨ବର୍ଷର ଆକଳନକୁ ଦେଖିଲେ ଚଳିତବର୍ଷ ଦେଶୀ ମଦ ପାଇଁ ମହୁଲ ବ୍ୟବହାର ୩୦୩ କୁଇଣ୍ଟାଲ କମ୍ ରହିଥିବା ଜଣାପଡିଛି। ସେହିପରି ଚଳିତବର୍ଷ ମାର୍ଚ୍ଚଠାରୁ ସେପ୍ଟେମ୍ବର ଯାଏଁ ଜିଲାରେ ଅବକାରୀ ମାମଲା ୧୩୦୨ଟି ରୁଜୁ ହୋଇଥିବାବେଳେ ସେଥିମଧ୍ୟରୁ ୯୬୮ଜଣ ଗିରଫ ହୋଇଛନ୍ତି। ଯାହାକି ପୂର୍ବ ବର୍ଷ ଉପରୋକ୍ତ ମାସରେ ୧୨ଶହଟି ମାମଲା ରହିଥିବାବେଳେ ୮୪୪ଜଣ ଗିରଫ ହୋଇଥିଲେ। ଚଳିତବର୍ଷ ମାର୍ଚ୍ଚଠାରୁ ସେପ୍ଟେମ୍ବର ୭ ମାସ ପର୍ଯ୍ୟନ୍ତ ଜିଲାରେ ୩୨କୋଟି ୬୫ଲକ୍ଷ ୪୩ହଜାର ୪୬୭ ଟଙ୍କା ରାଜସ୍ୱ ଆଦାୟ ହୋଇଥିବାବେଳେ ଏହା ପୂର୍ବବର୍ଷ ଏହି ମାସଗୁଡିକରେ ୨୮କୋଟି ୪୬ ଲକ୍ଷ ୩୭ ହଜାର ୮୮୦ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଯାହାକି ପୂର୍ବ ବର୍ଷଠାରୁ ଚଳିତ ବର୍ଷ ୪କୋଟି ୧୯ଲକ୍ଷ ୫୫୮୭ ହଜାର ଅଧିକ ରାଜସ୍ୱ ଆଦାୟ ହୋଇଥିବା ଜଣାପଡିଛି। ଜିଲାରେ ଦିନକୁ ଦିନକୁ ମଦ କାରବାର ବୃଦ୍ଧି ପାଉଥିବାବେଳେ ବିଭାଗ ପକ୍ଷରୁ ଚଢାଉ କରାଯାଉଥିଲେ ମଧ୍ୟ ଫଳ ଶୁନ ଭଳି ମନେହୁଏ। କାରଣ ଚଢାଉ ପରେ ମଧ୍ୟ ମଦ ବିକ୍ରି କାରବାର ଜୋରସୋର ବୃଦ୍ଧି ପାଉଛି। ବିଭାଗ ପକ୍ଷରୁ ବେଆଇନ ମଦ ବିକ୍ରି କରୁଥିବା ଲୋକଙ୍କୁ ଧରାଯାଉଥିବାବେଳେ ପରବର୍ତ୍ତୀ ମସୟରେ ସେହିଠାରେ ହିଁ ମଦ ବିକ୍ରେତାଙ୍କୁ ୪୧ ସିଆରପିସିରେ ଛଡାଯାଉଛି। ଫଳରେ ମଦ ବିକ୍ରେତା ବେଫିକର ହୋଇ ପୁଣି ନିଜ କାରବାର ବଢାଇବାରେ ଲାଗିଛି। ସେହିପରି ଜିଲାର ବିଭିନ୍ନ ବିଦେଶୀ ମଦ ଦୋକାନରେ ପ୍ରିଣ୍ଟ ରେଟ ଅଧିକ ଦରରେ ବିକ୍ରି ହେଉଥିବା ଓ ଠିପିବନ୍ଦ ବିଦେଶୀ ମଦ ଦୋକାନରେ ଠିପି ଖୋଲା କାରବାର ଚାଲୁଥିଲେ ମଧ୍ୟ ବିଭାଗ ନିରବ ଦ୍ରଷ୍ଟା ସାଜିଛି। କେବଳ ରାଜସ୍ୱ ବୃଦ୍ଧିକୁ ବିଭାଗ ଗୁରୁତ୍ୱ ଦେଉଥିବାବେଳେ ମଦ ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରିବା ଯୋଗୁ ଜିଲାରେ ଦିନକୁ ଦିନ ମଦ୍ୟପ ବ୍ୟକ୍ତିଙ୍କ ସଂଖ୍ୟା ବଢୁଛି। ବେଆଇନ ମଦ କାରବାର ଓ ପ୍ରିଣ୍ଟ ରେଟରୁ ଅଧିକ ଦରରେ ମଦ ବିକ୍ରି ଅଭିଯୋଗ ଆସିଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମା’ ମାଣିକେଶ୍ୱରୀଙ୍କ ଲାଖବିନ୍ଧା ପର୍ବ ସମ୍ପନ୍ନ



ରାଜକୁମାର ଫତେ କେଶରୀ ଦେଓ ଲାଖ ବିନ୍ଧୁଛନ୍ତି।

ଭବାନୀପାଟଣା,୨୫।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ନକଟିଗୁଡ଼ାରେ ମଙ୍ଗଳବାର ବିଜୟା ଦଶମୀ ତିଥୀରେ ମା’ ମାଣିକେଶ୍ୱରୀଙ୍କ ଲାଖବିନ୍ଧା ବା ଲାଖମରା ପର୍ବ ସମ୍ପନ୍ନ ହୋଇଯାଇଛି। ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତ୍ରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ଭବାନୀପାଟଣା ସହର ପଶ୍ଚିମ ଉପକଣ୍ଠରେ ଥିବା ଲାଖମରା ପଡ଼ିଆକୁ ଆସିଥିଲେ। ଲାଖମରା ପଡ଼ିଆରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ର ସ୍ଥାପନ କରାଯିବା ସହ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଓ ଛାଗଳ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜା ପରିବାର ସଦସ୍ୟ ଛତ୍ର ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ। ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ଏହି ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିଲେ। ପରେ ଛତ୍ର ଜେନା ବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ପରେ ମୂଳାଷ୍ଟମୀଠାରୁ ମାଣିକେଶ୍ୱରୀଙ୍କୁ ମୁଣ୍ଡବସା ପୂର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ଼ ଦିଆଯାଇଥାଏ। ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ଼ ଫିଟା ଅନୁଷ୍ଠିତ ହେବ। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧ୍ୟରେ ବେଶ ଆନନ୍ଦ ଓ ଉତ୍ସାହ ଦେଖାଦେଇଥିଲା। ଚଳିତ ବର୍ଷ ଏହି ଲାଖକୁ ବିନ୍ଧିବା ପାଇଁ କଳାହାଣ୍ଡି ରାଜ ପରିବାରର ରାଜକୁମାର ଫତେ କେଶରୀ ଦେଓ ଯୋଗଦେଇ ଲକ୍ଷ୍ୟ ଭେଦ କରିଥିଲେ। ଏହି ସମୟରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ସମେତ ଭାଇ ଅର୍କ କେଶରୀ ଦେଓ ମଧ୍ୟ ଉପସ୍ଥିତ ଥିଲେ।

## ଦୁଇ ଦେବୀଙ୍କ ଯୋଡ଼ା ଛତରଯାତ୍ରା ସମ୍ପନ୍ନ



ଖଡ଼ିଆଳ,୨୫।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଖଡ଼ିଆଳ ଗଡ଼ଜାତ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଓ ରକ୍ତାମ୍ବରୀ ଦେବୀଙ୍କ ଯୋଡ଼ା ଛତର ଯାତ୍ରା ଶେଷ ହୋଇ ଯାଇଛି। ତତ୍କାଳୀନ ଖଡ଼ିଆଳ ରାଜା ରତନ ସିଂ ଦେଓ ଖଡ଼ିଆଳ ଗଡଜାତ ରାଜ୍ୟର ସୁରକ୍ଷା ପାଇଁ ୧୮୨୦ରେ ରାଣୀମୁଣ୍ଡାର ପଲମାଗଡ଼ରୁ ଗଡ଼ ଦେବୀ ମା’ ରକ୍ତାମ୍ବରୀଙ୍କୁ ଆଣି ରାଜ ଦରବାରରେ ସ୍ଥାପନ କରିଥିଲେ। ସେହିଭଳି ମା’ ସମଲେଶ୍ୱରୀଙ୍କୁ କୋମନା ଗଡ଼ରୁ ଆଣି ଇଷ୍ଟଦେବୀ ରୂପେ ଅବସ୍ଥାପିତ କରିଥିଲେ। ସେହି ଦିନଠାରୁ ଶହ ଶହ ବର୍ଷ ଧରି ଖଡ଼ିଆଳରେ ଉଭୟ ଦେବୀ ପୂଜା ପାଇ ଆସୁଛନ୍ତି। ବର୍ତ୍ତମାନ ରାଜ ଶାସନ ଗଲେ ହେଁ ଖଡ଼ିଆଳ ଯୁବରାଜ ଦେବଦେ ସିଂ ଦେଓଙ୍କ ନେତୃତ୍ୱରେ ଖଡ଼ିଆଳରେ ଉଭୟ ଦେବୀଙ୍କ ଛତର ଯାତ୍ରା ହୋଇ ଆସୁଛି। ପ୍ରତ୍ୟେକ ବର୍ଷ ଦଶହରା ମହାଳୟା ଦିନ ଉଭୟ ଦେବୀଙ୍କୁ ଆବାହନ କରି ନିଜନିଜ ପୀଠରୁ ସେବାୟତ, ବାଡିବାଲାମାନେ ଦେବୀଙ୍କୁ ମନ୍ଦିରକୁ ଆଣି ଦଶମୀ ଦିନ ଯାଏ ଅଖଣ୍ଡ ଦ୍ୱୀପ ଜାଳି ପୂଜା ଅର୍ଚ୍ଚନା କରିଥାନ୍ତି। ଦଶମୀ ଦିନ ମା’ଙ୍କ ଛତର ବାହାରି ରାଜମାତାଙ୍କଠାରୁ ପୂଜା ଖାଇ ରାଜ ପରିବାରର ଘର ଯାଇ ନଗର ପରିକ୍ରମା କରିଥାନ୍ତି। ଦେବୀ ଦ୍ୱୟଙ୍କ ଛତର ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଖଡ଼ିଆଳଠାରେ ହେଉଥିବା ଯୋଡି ଛତର ଯାତ୍ରାର ପରମ୍ପରା ଅନନ୍ୟ। ମା’ ଗଡ଼ଦେବୀ ରକ୍ତାମ୍ବରୀ ଓ ଇଷ୍ଟ ଦେବୀ ସମଲେଶ୍ୱରୀଙ୍କ ଛତର ନିଜ ମନ୍ଦିରରୁ ଏକା ସାଙ୍ଗରେ ବାହାରୁ ଥିଲେ ହେଁ କେବେ ଦୁହିଁଙ୍କ ଛତର ନିଜ ନିଜ ସାମ୍ନାକୁ ଆସି ନ ଥାଏ। ଯଦି ଏମିତି ଘଟେ ତେବେ ଅଞ୍ଚଳରେ ବିପଦ ଆସିଥାଏ ବୋଲି ଗବେଷକମାନେ ମତ ଦିଅନ୍ତି। ମା’ ନଗର ପରିକ୍ରମା କରି ନିଜ ପୀଠରେ ପହଞ୍ଚି ଖପର ଚୋପା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମାଟି ଖପର ଖଣ୍ଡିକ ପାଇଁ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତି ସତେ ଯେମିତି ଖଡ଼ିଆଳ ରାଜ ଦରବାର ଓ ଖଡ଼ିଆଳ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସହରର ପ୍ରତ୍ୟେକ ଘରର ସମ୍ମୁଖରେ ଝୋଟି କଳସ ସ୍ଥାପନ କରି ଦେବୀଙ୍କ ଛତର ସ୍ୱାଗତ କରି ପୂଜା କରିଥିଲେ।

### ରାବଣ ଦହନ କମିଟି ପକ୍ଷରୁ ରାବଣ ପୋଡ଼ି

ଖଡ଼ିଆଳ,୨୫।୧୦(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରାବଣ ପୋଡି କାର୍ଯ୍ୟକ୍ରମ ଖଡ଼ିଆଳ ରାବଣ ଦହନ କମିଟି ପକ୍ଷରୁ ସମ୍ପନ୍ନ ହୋଇଛିଯାଇଛି। ଭଗବାନ ରାମଙ୍କ ବେଶ ହୋଇଥିବା କଳାକାର ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏହା ଅସତ୍ୟ ଉପରେ ସତ୍ୟର ବିଜୟ ଓ ସମାଜରେ ଧର୍ମ ପ୍ରତିଷ୍ଠାର ମନ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଓ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇଥିଲେ। ରାବଣ ପୋଡି ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ ଜନପ୍ରିୟ କଣ୍ଠଶିଳ୍ପୀ ସବିର କୁମାର ଯୋଗଦେଇ ତାଙ୍କର ମନ ମତାଣିଆ ସରରେ ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

### ମା’ ମାଣିକେଶ୍ୱରୀଙ୍କ ଦଶହରା ପର୍ବ

ଥୁଆମୂଳ ରାମପୁର ୨୫।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା’ ମାଣିକେଶ୍ୱରୀଙ୍କ ମୁଖ୍ୟ ପୀଠରେ ଚାଲିଥିବା ପ୍ରସିଦ୍ଧ ଦଶହରା ପର୍ବ ସମ୍ପନ୍ନ ହୋଇଯାଇଛି। ମା’ ମାଣିକେଶ୍ୱରୀଙ୍କ ଏହି ପୀଠରେ ଖଣ୍ଡାବସା ଦିନଠୁ ଆରମ୍ଭ ହୋଇ ୯ଦିନ ଧରି ଚାଲିଥିଲା ମା’ଙ୍କ ନବରାତ୍ରି ଦଶହରା ପୂଜା। ମହା ଅଷ୍ଟମୀ ରାତିରେ ମାଆଙ୍କ ଗୁପ୍ତ ପୂଜା ହେବା ସହ ମହା ପଶୁବଳି ପଡ଼ିଲା ପରେ ମା’ଙ୍କ ସେବାୟତଙ୍କ ଦ୍ୱାରା ନିଶି ପୂଜା ପାଇଁ ମନ୍ଦିରରୁ ବାହାରି ସ୍ଥାନୀୟ ବାବା ଖଣ୍ଡୁଆଳ ମନ୍ଦିରକୁ ଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଭୋର ସକାଳେ ମା’ଙ୍କ ଛତର ମନ୍ଦିରରୁ ବାହାରି ଜେନାଖାଲ ଅଭିମୁଖେ ଯାଇ ସେଠାରେ ଗୁପ୍ତ ପୂଜା ସାରି ଘୁମୁରା, ଘଣ୍ଟ, ଶଙ୍ଖ, ହୁଳହୁଳି ଶବ୍ଦ ସହ ଛତର ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲା। ମା’ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ମୁଖ୍ୟ ଦ୍ୱାରରେ ପୂଜକମାନେ ଛତରଙ୍କୁ ସସମ୍ମାନେ ପୂଜାର୍ଚ୍ଚନା କରିବା ପରେ ମା’ ମନ୍ଦିର ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା। ପରେ ବିଜୟା ଦଶମୀ ଦିନ ପୁଣି ମା’ ଜନ୍ମ ବେଦୀରୁ ବାହାରି ପୁଣି ଜେନାଖଲ ଅଭିମୁଖେ ଯାଇ ସେଠାରେ ପୂର୍ବରୁ ଆୟୋଜିତ ଲାଖମରା କାର୍ଯ୍ୟ ହୋଇଥିଲା। ଚଳିତବର୍ଷ କୋଷାବରା ଗ୍ରାମର ଟବଲୁ ନାଏକ ଲାଖମାରିଥିଲେ।

## ମା’ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା



ମା’ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା।

କୋକସରା,୨୫।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା’ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସୋମବାର ମଧ୍ୟରାତ୍ରିରେ ଦେବୀଙ୍କ ଛତର ମନ୍ଦିରରୁ ବାହାରି ଗାଁ ଗୌନ୍ତିଆ ଘରକୁ ଆସିଥାନ୍ତି। ତା’ ପରଦିନ ଦେବୀଙ୍କ ପ୍ରତିମା ଛତର ରୂପରେ ଗୌନ୍ତିଆଙ୍କ ଘରେ ପୂଜାର୍ଚ୍ଚନା ପରେ ମନ୍ଦିର ଅଭିମୁଖେ ବାହାରିଥାନ୍ତି। ଶ୍ରଦ୍ଧାଳୁ ରାସ୍ତା ଦୁଇ କଡରେ ଠିଆ ହୋଇ ପୂଜା କରିଥିଲେ। ଗାଁ ଗୌନ୍ତିଆଙ୍କ ବିନୋଦ ବିହାରୀ ସିଂଙ୍କ ଘରୁ ଦେବୀଙ୍କ ଛତର ବାହାରି ଗାଁ ପରିକ୍ରମା ପରେ ମନ୍ଦିରକୁ ପହଞ୍ଚିଥିଲା। ଛତରଯାତ୍ରା ଏକ ବର୍ଣ୍ଣାଢ୍ୟ ପରିବେଶରେ ମା’ଙ୍କୁ ମନ୍ଦିର ପର୍ଯ୍ୟନ୍ତ ବିରାଟ ପଟୁଆରରେ ପହଞ୍ଚାଇଥିଲେ। ଛତର ଯାତ୍ରାର ଦଶରା ପୂଜା କାର୍ଯ୍ୟକ୍ରମ ସମପାନ ହେବା ପରେ ନିଶା ରାତ୍ରିରେ ମା’ ସର୍ବମଙ୍ଗଳାଙ୍କ ପୀଠରେ ବଳି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚଳିତବର୍ଷ ଛତରଯାତ୍ରାରେ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ଯୁବମୋର୍ଚ୍ଚା ସଭାପତି କଳାହାଣ୍ଡି ବିଜୟଦେ ସାହୁ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ରାଜୁ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଦେବୀ ସର୍ବମଙ୍ଗଳା ଦଶରା ପୂଜା ଓ ଛତର ଯାତ୍ରା କାର୍ଯ୍ୟକ୍ରମ ଗ୍ରାମ୍ୟ ପୂଜା କମିଟି ପକ୍ଷରୁ ଦେବୀ ପୂଜକ ମନ୍ଦର ପୂଝାରୀ, ଶିରା କୈଳାଶ ଚନ୍ଦ୍ର ସିଂ, ସଭାପତି ଧର୍ମୁ ନାଗ, ସମ୍ପାଦକ ସୁଧୀର ନିଆଲ, ଉପଦେଷ୍ଟା ଉତ୍ତମ କୁମାର ପଣ୍ଡା, ରଜନୀକାନ୍ତ ପଣ୍ଡା, ଧନେଶ୍ୱର ଗୋପାଳ, ଅଭିମନ୍ୟୁ ଗୋପାଳ, ନରେନ୍ଦ୍ର ସିଂ, ଅରୁଣ ସିଂ, ଜୟ ଶଙ୍କର ବେମାଲ ଆୟୋଜନ କରିଥିଲେ। ଛତରଯାତ୍ରା ଦେଖିବା ପାଇଁ କୋକସରା ବ୍ଲକ ଓ ସୀମାନ୍ତ ବ୍ଲକ ଅଧୀନ ଗ୍ରାମରୁ ହଜାର ହଜାରରୁ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## ରାବଣପୋଡ଼ି ସହ ସାର୍ବଜନୀନ ଦୁର୍ଗାପୂଜା ଶେଷ

ଲାଞ୍ଜିଗଡ଼,୨୫।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ସାର୍ବଜନୀନ ଦୁର୍ଗାପୂଜା ମହା ଆଡମ୍ବରରେ ରାବଣ ପୋଡି ସହ ମଙ୍ଗଳବାର ସମ୍ପୂର୍ଣ୍ଣ ହୋଇଯାଇଛି। ଏବର୍ଷ ଲାଞ୍ଜିଗଡ ଦୁର୍ଗାପୂଜା ୬୧ବର୍ଷରେ ପଦାର୍ପଣ କରିଥିବା ବେଳେ ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ରାବଣ ପୋଡି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପୂଜକ ସୁବାଷ ଚନ୍ଦ୍ର ତ୍ରିପାଠୀ, ସରୋଜକାନ୍ତ ତ୍ରିପାଠୀ, ସଚିନ୍ଦ୍ର ତ୍ରିପାଠୀ, ବୀରେନ୍ଦ୍ର ତ୍ରିପାଠୀ ଏବଂ ସୁବ୍ରତ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳ କର୍ତ୍ତା ଭାବେ ରାମଚନ୍ଦ୍ର ସିଂ ଏବଂ ଜାନକୀ ସିଂ ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ବାରିକ, ମନୋରଞ୍ଜନ ବାରିକ ଓ ସନ୍ତୋଷ ମହାକୁଡ଼ ସହଯୋଗ କରିଥିଲେ। ଲାଞ୍ଜିଗଡ ହାଇସ୍କୁଲ ପଡିଆରେ ଆୟୋଜିତ ଦୁର୍ଗାପୂଜା ଏବଂ ରାବଣ ପୋଡି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦୀଶାରୀ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶୀବାଜୀ ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ଅଧକ୍ଷା କମଳା ପାତ୍ର, ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଲ ପାଲ, ବେଦାନ୍ତ ବାହ୍ୟସମ୍ପର୍କ ଓ ସିଏସଆର ମୁଖ୍ୟ ବିଭୁନ୍ଦେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିବା ମା’ଙ୍କ ପୂଜା ପରିଚାଳନାରେ ପୂଜା କମିଟି ସଭାପତି ଜୟନ୍ତ ମହାଖୁଡ, ସମ୍ପାଦକ ଏମ.ସୁନ୍ଦରଶେଖର, କୋଷାଧକ୍ଷ ରାଜେନ୍ଦ୍ର ମାଳି, ଉପଦେଷ୍ଟା କମିଟି ଚନ୍ଦ୍ରଧ୍ୱଜ ପେସନିଆ, ଶ୍ରୀଧର ପେସନିଆ, ରାଜେନ୍ଦ୍ର ପ୍ରତାପ ସିଂଦେଓ, ଏମ.ଚନ୍ଦ୍ରଶେଖର, ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ ଓ ସମ୍ପାଦକ ଭୁପେନ୍ଦ୍ର ମହାରଥା ପ୍ରମୁଖ ସହଯୋଗ କରିଥିଲେ। ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଲୋଡି, ନାଟକ, ନୃତ୍ୟ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକକାଙ୍କ ତତ୍ତ୍ୱାବଧାନରେ ଆଇଆରବି ପୋଲିସ ଓ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ଲାଞ୍ଜିଗଡରୋଡ ଓ ରାମଚନ୍ଦ୍ରପୁରଠାରେ ମଧ୍ୟ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି।



ରାବଣ ପୋଡ଼ି ଅବସରରେ ବିଭିନ୍ନ ବେଶରେ ସଜ୍ଜିତ କଳାକାର।

# ଅନୁସୂଚିତ ଜାତିକୁ ମିଳୁନି ନ୍ୟାୟ

ଜୁନାଗଡ଼,୨୫।୧୦(ସୁନୀଲ କୁମାର ସିଂହ)




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ରାଜନୈତିକ ଆକ୍ରୋଶରେ ଯୁବ ପ୍ରତିଭାଙ୍କୁ ଆଗକୁ ବଢ଼ିବାକୁ ସୁଯୋଗ ଦିଆଯାଉନି
- ଅଲ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେଶନର ଅଭିଯୋଗ

କଳାହାଣ୍ଡି ଜିଲାରେ ଅନୁସୂଚିତ ଜାତି ପ୍ରତି ଦିନକୁ ଦିନ ଆକ୍ରମଣ ବୃଦ୍ଧି ପାଉଛି। ଅନୁସୂଚିତ ଜାତି ବୋଲି ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁ ନାହିଁ କି ତଦନ୍ତ ମଧ୍ୟ କରୁନାହାନ୍ତି। ଫଳରେ ଜିଲାରେ ଅନୁସୂଚିତ ଜାତିର ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ରହୁଛନ୍ତି ବୋଲି କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଆରଏମସି ସଭାଗୃହରେ ବୁଧବାର ଅପରାହ୍ନରେ ଅଲ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ଗତ କିଛି ଦିନ ତଳେ ଅନୁସୂଚିତ ଜାତିର ଜଣେ ନାବାଳିକାକୁ ଅପହରଣ ସହ ବାଳତ୍କାର କରାଯାଇଥିଲା। ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କଲାନାହିଁ। ସେହିପରି ମହିଚଲାଠାରେ ଜଣେ ଯୁବକଙ୍କୁ ବାଇକ୍ ଦୁର୍ଘଟଣା ହୋଇଥିବା କହି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣା ନେଇ ପରିବାରବର୍ଗ ମଧ୍ୟ ରାସ୍ତା ଅବରୋଧ କରିଥିଲେ। କିନ୍ତୁ ପୋଲିସ ଏହି ଘଟଣାରେ ନିରବ ରହିଲା ଓ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ହଡ଼ପ ଅଭିଯୋଗରେ ଅନୁସୂଚିତ ଜାତିର ଥିବା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଗିରଫ କରାଯାଇଥିଲା। ଯାହାକି ରାଜନୈତିକ ଆକ୍ରୋଶ ବୋଲି ଜଳ ଜଳ ହୋଇ ଦେଖାଯାଉଛି। ଜଣେ ଯୁବ ପ୍ରତିଭାଙ୍କୁ ଆଗକୁ ନ ବଢିବା ପାଇଁ ଏପରି ହୀନ ଚକ୍ରାନ୍ତ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଯିଏ ଦୋଷୀ ତା ବିରୋଧରେ ତୁରନ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମୁଖ୍ୟମନ୍ତ୍ରୀ, କଳାହାଣ୍ଡି ଏସ୍‌ପି ଓ ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ଦିନରେ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଖବରଦାତା ସମ୍ମିଳନୀରେ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ଜିଲା ସଭାପତି ଧନଞ୍ଜୟ ଦୀପ, ଉପଦେଷ୍ଟା ଶତ୍ରୁଘ୍ନ ନାଏକ, ବଳରାମ ଦୁର୍ଗା, ଜିଲା ଯୁବମୁଖ୍ୟ ତେଜରାଜ ବେହେରା, ଜୁନାଗଡ଼ ନଗର ସଭାପତି ଲଳିତ ବାଗ, ସାଧାରଣ ସମ୍ପାଦକ ସୁନ୍ଦରଲାଲ କୁମାର, ସତ୍ୟନାରାୟଣ ଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ରାବଣ ପୋଡ଼ି ମହୋତ୍ସବ



ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ମଙ୍ଗଳବାର ବିଜୟା ଦଶମୀ ଅବସରରେ ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ରୟାଲ ପଡିଆରେ ରାବଣ ପୋଡି ହୋଇଥିଲା। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଅତିଥି ଭାବରେ ଯୋଗଦେଇ ଅନ୍ୟାୟ ବିରୋଧରେ ଧର୍ମର ଜୟର ପ୍ରତୀକ ରାବଣ ପୋଡି ବୋଲି କହିଥିଲେ। ଅତିଥିବୃନ୍ଦ ରାବଣ ଶରୀରରେ ଅଗ୍ନିସଂଯୋଗ କରିଥିଲେ। ପ୍ରାରମ୍ଭରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାବଣ ପୋଡି ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ପୂଜା କମିଟିର ସଭାପତି ଅରବିନ୍ଦ ବାରିକ, ସମ୍ପାଦକ ନିଶାନ୍ତ ମହାନ୍ତି ଓ ଦିଲିପ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ସହରର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଧାରଣା




ବୌଦ୍ଧ,୨୫।୧୦(ଅଜିତ କୁମାର ବାରିକ)

ରାଜ୍ୟ ସମବାୟ କେନ୍ଦ୍ର ବ୍ୟାଙ୍କ ମହାସଂଘର ଆହ୍ୱାନକ୍ରମେ ୫ ଦଫା ଦାବି ନେଇ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ବୁଧବାରଠାରୁ ଉକ୍ତ ବ୍ୟାଙ୍କର କର୍ମଚାରୀମାନେ ଧାରଣା ଦେଇଛନ୍ତି । ଦାବିଗୁଡିକ ମଧ୍ୟରେ ୨୦୧୬ ମସିହାଠାରୁ ସପ୍ତମ ବେତନ ଲାଗୁ, କର୍ମଚାରୀମାନଙ୍କ ପାଇଁ ପେନସନ ପାଣ୍ଠି ଗଠନ, କେନ୍ଦ୍ର ବ୍ୟାଙ୍କ ଓ ରାଜ୍ୟ ସମବାୟ ବ୍ୟାଙ୍କର ମିଶ୍ରଣ ଆଦି ରହିଛି । ଧାରଣାରେ ବୌଦ୍ଧ ସଂଘର ସଭାପତି କ୍ଷୀରୋଦ କୁମାର ମିଶ୍ର, ସାଧାରଣ ସମ୍ପାଦକ ସୌମ୍ୟଜିତ ନାଏକଙ୍କ ସମେତ କର୍ମଚାରୀ ଓ ପୂର୍ବତନ ବ୍ୟାଙ୍କ କର୍ମଚାରୀ ସାମିଲ ଥିଲେ ।

# ବଳିଯାତ୍ରାର ମୁଖ୍ୟ ଆକର୍ଷଣ ମହାବଳି ଯାତ୍ରା

ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ତନ୍ତ୍ର ପୀଠ ସୁବର୍ଣ୍ଣପୁରରେ ପ୍ରସିଦ୍ଧ ବଳିଯାତ୍ରାର ମୁଖ୍ୟ ଆକର୍ଷଣ ମହାବଳି ଯାତ୍ରା ସୋମବାର ଭୋର ସମୟରେ ସମ୍ପନ୍ନ ହୋଇଛି। ଅନ୍ୟ ସ୍ଥାନରେ ବଳି କହିଲେ ସାଧାରଣତଃ ପଶୁ ବଳିକୁ ବୁଝାଉଥିବା ବେଳେ ସୁବର୍ଣ୍ଣପୁରରେ ବଳି କହିଲେ ବରୁଆ(କାଳିସୀ)ଙ୍କୁ ବୁଝାଏ। ଏଠାରେ ଉଆଁସ ବଳି, ନିଶା ବଳି, ଖଉଳ ବଳି, ଡାଙ୍ଗୁଆ ବଳି, ଗାୟନ ବଳି, ନବମୀ ବଳି, ଦଶହରା, ପୂର୍ଣ୍ଣିମା ଭଳି ନଅ ପ୍ରକାର ବଳି ଅନୁଷ୍ଠିତ ହୋଇଥାଏ। ତେବେ ତନ୍ମଧ୍ୟରୁ ମହାବଳି ହେଉଛି ସର୍ବଶ୍ରେଷ୍ଠ। ମହାବଳି ଯୋଗୁ ସହର ସ୍ଥିତ ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ପଡିଆରେ ଲକ୍ଷାଧିକ ଲୋକଙ୍କ ଗହଳି ଲାଗିଥିଲା। କଳା ଧଳା ଛତ୍ର ଧରି ମହାବଳି ଖମ୍ବେଶ୍ୱରୀ ମନ୍ଦିରରୁ ବାହାରକୁ ବାହାରି ଥିଲେ। ଲୋକଙ୍କ ଜୟ ଜୟକାର ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହେଉଥିଲା। ଚେପ୍‌ଟା ଢୋଲ ଉପରେ ନାଚି ନାଚି ସାତ ଥର ଖମ୍ବେଶ୍ୱରୀ ମନ୍ଦିର ଭିତରୁ ମହାବଳି ବାହାରିବା ପରେ ମା’ ସୁରେଶ୍ୱରୀଙ୍କ ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ପୁରୋହିତଙ୍କ ଦ୍ୱାରା ମହାବଳିଙ୍କ ଚୂଳ ବନ୍ଧା ଯାଇଥିଲା। ଖମ୍ବେଶ୍ୱରୀ ମନ୍ଦିରରେ ହିଁ ମହାବଳି ଅନୁଷ୍ଠିତ ହୋଇଥାଏ। ବଳିଯାତ୍ରାର ପୂଜକ ଅକ୍ଷତ ଅରୁଆ ଚାଉଳରେ ଯନ୍ତ୍ର କାଟି ବରୁଆକୁ ଯନ୍ତ୍ରାରୂଢ କରି ଦିଅନ୍ତି। ଏହାପରେ ଚେପ୍‌ଟା ଢୋଲ ସହ ଅନ୍ୟାନ୍ୟ ଢୋଲରେ ବାଦ୍ୟକାରମାନେ ଭର୍‌ନି ବଜାନ୍ତି। ପାରମ୍ପରିକ ଭାବେ ଗାୟନ ଗିନି ବଜାଇ ମାଲେଶ୍ରୀ ଗାଇଥାନ୍ତି। କିଛି ସମୟ ଭରନି ବାଜିଲା ପରେ ବରୁଆ ଦେହରେ ବଳି ଲାଗିଥାଏ। ଭୋର ୪ଟାରେ ଡାଙ୍ଗୁଆ ବଳି ସାରା ସହର ପରିକ୍ରମା କରି ସାରିବା ପରେ ମହାବଳି ଲାଗିଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମ୍ମୁଖରେ ବରୁଆଙ୍କ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଦଶହରା ରାତିରେ ସମଲେଶ୍ୱରୀ ମନ୍ଦିରରେ ନିଶାର୍ଦ୍ଧରେ ଦଶହରା ବଳି ଅନୁଷ୍ଠିତ ହୋଇଥିଲା । ବଳି ପରେ ଦୁର୍ଗାଦେବୀ, ଭୁବନେଶ୍ୱରୀ ଓ କାଳୀ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ମନ୍ଦିର ସମ୍ମୁଖରେ ବରୁଆ ନୃତ୍ୟ ପରିବେଷଣ କରୁଛନ୍ତି।

# ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ସଂଘ କର୍ମକର୍ତ୍ତା।

ଅମରପାଲି,୨୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରାମହାରାଜପୁର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଲବାହାଦୁର ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମୁରଶୁଣ୍ଡୀ ସମିତି ସଭ୍ୟା ରିତା ଗର୍ଡିଆ, ଯୁବକ ସଂଘ ପୂର୍ବତନ ସଭାପତି ଗଣପତି ପଣ୍ଡା, ପ୍ରଭଞ୍ଜନ କର୍ମୀ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ମୀନକେତନ ମହାକୁର ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଆଶିଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଗଦାଧର ବାଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ସାଙ୍ଗକୁ ଉତ୍ତମ ରାଷ୍ଟ୍ର ଗଠନରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟଗୀତ ପରିବେଷଣ ହୋଇଥିଲା। ବୀରମହାରାଜପୁର ଭୀମ ଭୋଇ କଳା ପରିଷଦ କଳାକାରମାନେ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲୋକନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପ ସଭାପତି ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବକ ସଂଘ ସହ ସମ୍ପାଦକ ହେମନ୍ତ ପଧାନ, କୋଷାଧ୍ୟକ୍ଷ ମନୋଜ କର୍ମୀ, ଦୀପକ ଭୋଇ, ହରିଶଙ୍କର ଖେତି, ବିଜୟ ସାହୁ, ପିଙ୍କୁ ଭୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁରେଶ୍ୱରୀଙ୍କ ପୀଠରେ ସପ୍ତଶତୀ ଚଣ୍ଡୀଯଜ୍ଞ

ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଶାରଦୀୟ ପାର୍ବଣ ଅବସରରେ ସୋନପୁର ଗଡଜାତ ଅଞ୍ଚଳର ଇଷ୍ଟଦେବୀ ମା’ ସୁରେଶ୍ୱରୀଙ୍କ ଶକ୍ତିପୀଠରେ ଚାଲିଥିବା ସପ୍ତଶତୀ ଚଣ୍ଡୀଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱର କଲ୍ୟାଣ ଓ ସୁବର୍ଣ୍ଣପୁର ଜିଲାର ବିକାଶ ପାଇଁ ଗତ ୧୦ ତାରିଖରୁ ଏହି ଯଜ୍ଞ ଆରମ୍ଭ ହୋଇଥିଲା। ମଙ୍ଗଳବାର ବିଶେଷ ଅପରାଜିତା ପୂଜା ପରେ ଯଜ୍ଞର ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ସହ କଳସ ବିସର୍ଜନରେ ଯଜ୍ଞ ସମାପ୍ତ ହୋଇଥିଲା। ପ୍ରତ୍ୟହ ମଙ୍ଗଳ ଆରତୀ, ମା’ଙ୍କ ବେଶ, ଷୋଡଷ ଉପଚାର ପୂଜା ହୋଇ ହୋମଯଜ୍ଞ ରାତି ୧୧ଟା ପର୍ଯ୍ୟନ୍ତ ଚାଲିଥିଲା । ସୋମବାର ସନ୍ଧ୍ୟାରେ ଚଣ୍ଡୀଯଜ୍ଞ ସ୍ଥଳରେ ଦଶମୀ କୁମାରୀ ପୂଜାର ଆୟୋଜନ ହୋଇଥିଲା। ଏଥିରେ କୁମାରୀମାନଙ୍କ ପୂଜା ଆରାଧନା କରା ଯାଇଥିଲା। କୁମାରୀଙ୍କ ପାଦ ଧୋଇ ସୁବାସିତ ପୁଷ୍ପ, ଅଗୁର, ଚନ୍ଦନ, ସିନ୍ଦୁର ସହିତ ନୂତନ ବସ୍ତ୍ର ଓ ଦକ୍ଷିଣା ପ୍ରଦାନ କରାଯାଇଥିଲା। କୁମାରୀମାନଙ୍କୁ ପଶ୍ଚିମ ମୁହାଁ ଭାବେ ଆସନରେ ବସାଇ ସେମାନଙ୍କୁ ପୂଜା କରାଯିବା ସହ ଶ୍ରଦ୍ଧାଳୁମାନେ ଆଶିଷ ଭିକ୍ଷା କରିଥିଲେ। ପରେ ସେମାନଙ୍କୁ ସୁସ୍ୱାଦୁ ଖାଦ୍ୟ ପରସା ଯାଇଥିଲା। କଲିକତା ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କ ପ୍ରେରଣାରେ ଜିଲା ଦେବୋତ୍ତର କମିଟି ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ପ୍ରତିବର୍ଷ ଏଭଳି ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଆୟୋଜିତ ହେଉଛି। ପଣ୍ଡିତ କାଳୀଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀରୁ ଆସିଥିବା ବୈଦିକ ବ୍ରାହ୍ମଣମାନେ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ପ୍ରତିମା ଶତପଥୀ ସ୍ୱାମୀ ବୈକୁଣ୍ଠନାଥ ଏବଂ ଜ୍ୟୋତିରାଣୀ ମିଶ୍ର ଓ ସ୍ୱାମୀ ଅଟଳ ବିହାରୀ ମହାପାତ୍ର ଯଜ୍ଞରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ୧୩ ଦିନ ବ୍ୟାପି ଏହି ଧାର୍ମିକ କାର୍ଯ୍ୟକ୍ରମରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ବିଭୁ କୃପା ଲାଭ କରିଥିଲେ। ସୁରେଶ୍ୱରୀ ଶ୍ରଦ୍ଧାଳୁ କମିଟି ପକ୍ଷରୁ ଶ୍ରୀବତ୍ସ ମଲ୍ଲିକ, ଗଦାଧର ବାରିକ, ପ୍ରଦୀପ ପୁରୋହିତ,ସତ୍ୟନାରାୟଣ ତ୍ରିପାଠୀ, ଜ୍ୟୋତି ପଟ୍ଟନାୟକ, ମନୋରଞ୍ଜନ ତ୍ରିପାଠୀ, ରଶ୍ମି ସାହୁ, ରାଜକିଶୋର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।



ଯଜ୍ଞ ସ୍ଥଳରେ କୁମାରୀମାନଙ୍କୁ ପୂଜା କରାଯାଉଛି।

**କୁମାରୀ ପୂଜା, ଅପରାଜିତା ପୂଜା ପରେ ପୂର୍ଣ୍ଣାହୁତି**

## ୨ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଅମରପାଲି,୨୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ନଭେମ୍ବର ୨ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବିଡ଼ିଓ ରଘୁନାଥ ପାଣିଗ୍ରାହୀ ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏନେଇ ସୂଚନା ଦେଇଛନ୍ତି। ଭର୍ଚୁଆଲ ମୋଡ଼ରେ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ବ୍ଲକର ୧୫ଗୋଟି ପଞ୍ଚାୟତ ପାଇଁ ୭.୫ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ କାର୍ଯ୍ୟ ହେବ ବୋଲି ବ୍ଲକ ଉପାଧ୍ୟକ୍ଷ ଲୁହା ସୂଚନା ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତ ରେ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ, ମିଶନ ଶକ୍ତି ଗୃହ, ବ୍ୟାଙ୍କ ଗୃହ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେବା ନେଇ ସୂଚନା ଦେଇଛନ୍ତି। ଏହି ଅବସରରେ ଏବିଡ଼ିଓ ପୁରୁଷୋତ୍ତମ ଧାରୁଆ ଉପସ୍ଥିତ ଥିଲେ।

# ଧର୍ମଶାଳାରେ ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଧର୍ମଶାଳା ମହାନଦୀ କୂଳରେ ନିର୍ମିତ ଶିଶୁଉଦ୍ୟାନ ବୁଧବାର ଲୋକାର୍ପିତ ହୋଇଛି। ଚେତନା ଟ୍ରଷ୍ଟ, ଲେହେଡି ପକ୍ଷରୁ ନିର୍ମିତ ଏହି ଶିଶୁ ଉଦ୍ୟାନ ସହ ଚେତନା ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ କପିଳେଶ୍ୱର ମହାପାତ୍ର ଓ ସ୍ୱର୍ଗୀୟା ବିଷ୍ଣୁପ୍ରିୟା ମହାପାତ୍ରଙ୍କ ପ୍ରତିମୂର୍ତ୍ତିକୁ ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଛି। ଦୀର୍ଘବର୍ଷ ଧରି ଚେତନା ଟ୍ରଷ୍ଟ ପକ୍ଷରୁ ଦେଶଫାଳ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କାର୍ଯ୍ୟ ଚାଲୁ ରହିଥିବା ବେଳେ ଏବେ ଶିଶୁଙ୍କ ପାଇଁ ଏକ ସୁନ୍ଦର ଉଦ୍ୟାନକୁ ଲୋକାର୍ପିତ କରାଯାଇଛି। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଗୋପାଳକୃଷ୍ଣ ମହାପାତ୍ର ଓ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସମାଜ ବିକାଶରେ ବ୍ୟକ୍ତି ଚେତନା ଏକ ମହନୀୟ କାର୍ଯ୍ୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଶଳାବୁଢା ତଥା ଅନେକ ପୁସ୍ତକର ରଚୟିତା କପିଳେଶ୍ୱର ମହାପାତ୍ର ମାନବ ସେବା ହିଁ ମାଧବ ସେବାକୁ ବ୍ରତ ଭାବେ ଗ୍ରହଣ କରି ଜୀବଦ୍ଦଶାରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତିର ଉତ୍‌ଥାନ ପାଇଁ କାମ କରି ଯାଇଛନ୍ତି। ଏହି ଲୋକାର୍ପଣ ସମାରୋହରେ ଅଞ୍ଚଳର ବୁଦ୍ଧିଜୀବୀ, କବି-ସାହିତ୍ୟିକ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଲକ୍ଷେଘର ଗଣ୍ଡା ସମାଜର ସାଧାରଣ ବୈଠକ

ବିନିକା,୨୫।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଫୁଟବଲ ପଡିଆଠାରେ ମଙ୍ଗଳବାର ଲକ୍ଷେ ଘର ଗଣ୍ଡା ସମାଜର ସାଧାରଣ ବୈଠକ ବ୍ଲକ ସଭାପତି ଦିଲେଶର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ବାବା ସାହେବ ଡ.ବି.ଆର.ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର ଓ ମୁଖ୍ୟବକ୍ତା ମୋହନ ମହାନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଭାଜପା ନେତା ବଳରାମ ସୁନା, ଜିଲା ପରିଷଦ ସଭ୍ୟା ପ୍ରମିଳା ବାରିକ, ଦଳିତ ନେତ୍ରୀ ମଞ୍ଜୁ କୁମ୍ଭାର, ଦଳିତ ନେତା ଲଛମନ ସୁନା, ରାଜକୁମାର ସୁନା, ଦୁର୍ଗାଚରଣ କଳତା, ନାରାୟଣ ହରିପାଳ, ବୈଷ୍ଣବ ଚରଣ ତରାଇ, ପ୍ରକାଶ ହରିପାଳ, ଅରୁଣ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କେଉଟ, କୈବର୍ତ୍ତ, ଧୀବର ଜାତିକୁ ଏସସି ତାଲିକାରୁ ଉଚ୍ଛେଦ କରିବା ପାଇଁ ସଂଗ୍ରାମ ଜାରି ରଖିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଆସନ୍ତା ୩୧ ତାରିଖରେ ସୋନପୁରଠାରେ ଏକ ରାଲି କରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ରାଲିରେ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଥିଲା। ରାମ ଗୋପାଳ ବାଘ ମଞ୍ଚ ପରିଚାଳନା କରିଥିବା ବେଳେ ଦୁର୍ଗାଚରଣ କଳତା ପରିଚୟ ପ୍ରଦାନ କରିଥିଲେ। ଅଚ୍ୟୁତ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## କାଳୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବାଉଁଶୁଣୀ,୨୫।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀର ସୋନପୁରିଆ ପଡାଠାରେ ଶ୍ୟାମାକାଳୀ ପୂଜା କମିଟି ତରଫରୁ ଚଳିତବର୍ଷ ୨୨ତମ କାଳୀପୂଜା ପାଇଁ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଶୁଭ ସ୍ତମ୍ଭ ସ୍ଥାପନରେ କର୍ତ୍ତା ଭାବରେ ସମୀର ମେହେର ଥିବା ବେଳେ ପୂଜକ ଭାବରେ ବିପିନ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଧୂମଧାମରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି କହିଛନ୍ତି। ସଭାପତି ନବୀନ ମେହେର, ସମ୍ପାଦକ ସୁବୋଧ ମେହେରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଏହି ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମେଲାଣି ନେଲେ ମା’



ପୁରୁଣାକଟକ,୨୫।୧୦(ସୁକାନ୍ତ କୁମାର ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ମା’ ଦୁର୍ଗାଙ୍କ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ପୁରୁଣାକଟକର ଭୈରବୀ କ୍ଲବ ଓ ବସଷ୍ଟାଣ୍ଡର ଦୁର୍ଗାପୂଜା ଚଳିତବର୍ଷ ଧୂମଧାମରେ ପାଳନ କରାଯାଇଥିଲା। ବୁଧବାର ମା’ ଦୁର୍ଗାଙ୍କ ମୂର୍ତ୍ତିକୁ ପୂଜା କମିଟିଗୁଡିକ ପକ୍ଷରୁ ଖୋଲା ଗାଡିରେ ସୁସଜ୍ଜିତ ଭାବେ ବସାଯାଇ ଢୋଲ, ହୁଳହୁଳି, ଘଣ୍ଟ, ଶଙ୍ଖ, ମୃଦଙ୍ଗ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ବିଦାୟ ଦିଆଯାଇଛି। ପୁରଣାକଟକ ନିକଟରେ ଥିବା ଲକ୍ଷ୍ମୀନାଳରେ ମା’ଙ୍କୁ ବିସର୍ଜନ କରାଯାଇଥିଲା। ବିସର୍ଜନ ପାଇଁ ପୁରା ପୁରୁଣାକଟକ ବଜାର ଉତ୍ସବମୁଖର ହୋଇ ପଡିଥିଲା। ସେହିପରି ହରଭଙ୍ଗା ବ୍ଲକର ଚାରିଛକ ବଜାରରେ ମା’ ଦୁର୍ଗାଙ୍କ ପୂଜା ପାଳିତ ହୋଇଥିବା ବେଳେ ବୁଧବାର ଭସାଣି ଧୂମଧାମରେ ହୋଇଥିଲା। ହୁଳହୁଳି ,ମୃଦଙ୍ଗର ତାଳେ ତାଳେ ମା’ଙ୍କୁ ଏକ ଖୋଲା ଗାଡିରେ ବସାଇ ବିସର୍ଜନ ପାଇଁ ନିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା ।

# ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ସେମିଫାଇନାଲରେ

ବୌଦ୍ଧ,୨୫।୧୦(ଅଜିତ କୁମାର ବାରିକ)

**ଗେହ୍ଲାମା ଫୁଟବଲ କପ୍‌**

ବୌଦ୍ଧ କଚେରି ପଡିଆଠାରେ ଗେହ୍ଲାମା କ୍ଲବ ପକ୍ଷରୁ ଚାଲିଥିବା ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଦିନ ବି ଗ୍ରୁପର ପ୍ରଥମ ଖେଳ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଓ ଏସଟିସି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ୩-୦ ଗୋଲରେ ସ୍ପୋର୍ଟସ ହଷ୍ଟେଲ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳରେ ଅତିଥି ଭାବେ ମାନସ ସେଠୀ, ରଞ୍ଜିତ ରାଉତ, ପୂର୍ବତନ ଫୁଟବଲ ଖେଳାଳି ଲିଙ୍ଗରାଜ ଲେଙ୍କା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଗରିବ ବେହେରା, ସୁଜିତ ରାଜହଂସ, ଅଭିଲାଷ ସାହୁ, ପ୍ରବୀଣ ବେହେରା ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ବିଭୂତି ବେହେରା କାର୍ଯ୍ୟ ତୁଲାଇଥିଲେ। ଗୁରୁବାର ଦିନ ଆଠମଲିକ ଓ ସମ୍ବଲପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।



ଖେଳାଳି ଓ ଅତିଥି।

# ମା’ ଅପରାଜିତାଙ୍କ ଦଶହରା ଖଣ୍ଡାପୂଜା

ଡୁଙ୍ଗୁରିପାଲି,୨୫।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ମଙ୍ଗଳବାର ବିଜୟା ଦଶମୀ ଅବସରରେ ମା’ ଅପରାଜିତାଙ୍କ ଦଶହରା ଖଣ୍ଡା ପୂଜା ପର୍ବ ଅନୁଷ୍ଠିତ ହୋଇଯାଇଛି। ଗାଁର ଗଡତିଆ ଲିଙ୍ଗରାଜ ନାଏକ ଙ୍କ ତତ୍ତ୍ୱାବଧାନରେ ଗଡ଼ତିଆପଡା ଦୁର୍ଗାମନ୍ଦିରରୁ ୧୪ ଗୋଟି ଖଣ୍ଡା ଧରି ଯୁବକମାନେ ଏକ ଶୋଭାଯାତ୍ରାରେ ବାହାରି ଗଣ୍ଡାପଡ଼ା ନିକଟରେ ଥିବା ମା’ ଅପରାଜିତା ମନ୍ଦିର ଦଶହରା ପଦାରେ ପହଞ୍ଚି ଥିଲେ। ସେଠାରେ ଭକ୍ତମାନେ ନେଇଥିବା ଖଣ୍ଡା ସବୁକୁ ମାଟି ରେ ବାଉଁଶ ଖଣ୍ଡ ଥୋଇ ତା ଉପରେ ସ୍ଥାପନ କରିଥିଲେ। ଏହି ଅବସରରେ ଗାଁର ଗଡତିଆ ଗ୍ରାମବାସୀଙ୍କ ମଙ୍ଗଳ କାମନା କରି ମା’ ଅପରାଜିତାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ସେଠାରେ ପାରମ୍ପରିକ ନୀତି ଅନୁସାରେ ମା’ଙ୍କ ଖଣ୍ଡା ସବୁ ପୂଜା କରାଯାଇଥିଲା। ଏହି ସମୟରେ ଘଣ୍ଟ, ଶଙ୍ଖ, ହୁଳହୁଳି,ବୀର ବାଦ୍ୟରେ ପୂଜାମଣ୍ଡପ ମୁଖରିତ ହୋଇ ଉଠିଥିଲା। ଭକ୍ତମାନେ ସେଠାରେ ରୁଣ୍ଡ ହୋଇ ମା’ ଅପରାଜିତାଙ୍କୁ ନିଜର ମାନସିକ ଜଣାଇଥିଲେ। ଏହାଛଡା ନିଜେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ତଥା ଛାତ୍ରୀଛାତ୍ରମାନେ ବହିପତ୍ର ନେଇ ମା’ଙ୍କ ଆଶୀର୍ବାଦ ପାଇବା ଲାଗି ପୂଜା ସମୟରେ ପାଠ କରିଥିଲେ। ପୂଜା ସରିବା ପରେ ସେଠାରୁ ପ୍ରତ୍ୟାବର୍ତ୍ତନ କରି ରାସ୍ତାରେ ଯିବା ସମୟରେ ପ୍ରତ୍ୟେକ ଘର ସମ୍ମୁଖରେ ଖଣ୍ଡାକୁ ପୂଜା ଅର୍ଚ୍ଚନା କରି ମା’ମାନେ ମାନସିକ ପୂରଣ ପାଇଁ ଗୁହାରି କରିଥିଲେ। ଗ୍ରାମର ପ୍ରତି ଛକରେ ଯୁବକମାନଙ୍କ ଦ୍ୱାରା ବୀରବାଦ୍ୟ ସହ ଖଣ୍ଡାଖେଳ ଓ ବାଡ଼ିଖେଳ ଅନୁଷ୍ଠିତ ହୋଇଥିଲା। ଦଶହରା ଖଣ୍ଡା ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ରାଜରାଜୁଡା ଶାସନ ସମୟରେ ସୋନପୁର ମହାରାଜ ଗାଁର ଗଡତିଆଙ୍କୁ ଉତ୍ତର ଦିଗରେ ଥିବା ଗାଁଗୁଡିକୁ ଯାଇ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାକୁ ଗାଁର ଗଡତିଆ ନିଜ ବଂଶଜ ଓ ଗାଁ ଲୋକଙ୍କୁ ନେଇ ଲଢ଼େଇ କରି ଯାଇଥିଲେ। ଲଢ଼େଇ କରି ଫେରିବା ବାଟରେ ଗାଁର ଦଶହରାପଦାଠାରେ ଖଣ୍ଡାର ରକ୍ତ ବିଜୟା ଦଶମୀ ଦିନ ସେଠାରେ ପଡିବାରୁ ସେହି ଦିନଠାରୁ ସେଠାରେ ଖଣ୍ଡାପୂଜା କରାଯାଏ ବୋଲି ଗାଁର ଗଡତିଆ ଲିଙ୍ଗରାଜ ନାଏକ ପ୍ରକାଶ କରିଛନ୍ତି। ଖଣ୍ଡା ସବୁକୁ ହାତରେ ଧରି ଶୋଭାଯାତ୍ରାରେ ଲିଙ୍ଗରାଜ ନାଏକଙ୍କ ସହ ପୂର୍ଣ୍ଣଚନ୍ଦ୍ର ନାଏକ, ସୁରୁବାବୁ ଅମାତ,ଗୁଣନିଧି ଭୁକ୍ତା, ନେପାଳ ପଧାନ, ପ୍ରଭୁ ଅମାତ, ଶିବ ଦଣ୍ଡସେନା, ବଳଭଦ୍ର ଦେହେରୀ, ଗିରି ଅମାତ, ଘନବାବୁ ବେହେରା, ଅର୍ଜୁନ ମୁଣ୍ଡା, ଅନିରୁଦ୍ଧ ଦଣ୍ଡସେନା, ଅରକ୍ଷିତ ବକୁଳ, ସୁରଲୀ ବକୁଳ ପ୍ରମୁଖ ଯାଇଥିଲେ। ଖଣ୍ଡାଧୂଆ ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଭିଡ ଲାଗି ରହିଥିଲା। ଦିଗଶିରା ଗ୍ରାମବାସୀଙ୍କ ସହଯୋଗରେ ଖଣ୍ଡା ପୂଜା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା।



ଦଶହରାପଦାରେ ମା’ ଅପରାଜିତାଙ୍କ ଖଣ୍ଡା ପୂଜା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବଳାତ୍କାର ଅଭିଯୁକ୍ତ ଜଣେ ବିବାହିତ ଯୁବକ ଏବଂ ତାଙ୍କ ଏକ ପୁତ୍ର ସନ୍ତାନ ରହିଥିବା ଆଲୋଚନା ହେଉଛି । ଏ ନେଇ ବୁଧବାର ପୀଡ଼ିତା ନାବାଳିକାଙ୍କ ବାପା ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୭୬ରେ ଏକ ମାମଲା (ନଂ.୧୯୬/୨୩) ରୁଜୁ କରିଛି ଏବଂ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ଇସମାଇଲ ଏକ୍କା କହିଛନ୍ତି। ଅଭିଯୁକ୍ତ ଯୁବକ ଜଣକ ପୀଡ଼ିତାଙ୍କ ପଡ଼ୋଶୀ। ସେ ଗତ ୨୩ତାରିଖରେ ଉକ୍ତ ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ପୂର୍ବରୁ ମଧ୍ୟ ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ପଚାରିଲେ ଓଲଟା ଧମକଚମକ ମିଳୁଥିବା ଅଭିଯୋଗ ହୋଇଛି।

### ପୁସ୍ତକ ଉନ୍ମୋଚନ ସମାରୋହ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ):** ଶାରଦୀୟ ବିଜୟା ଦଶମୀ ଅବସରରେ ବରଗଡ଼ ସିମେଣ୍ଟ ନଗର ଦୁର୍ଗା ମଣ୍ଡପରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଉତ୍କଳ କର୍ମକାଣ୍ଡ ମହାସଭା ସଭାପତି ଜ୍ୟୋତିର୍ବିଦ୍ ପଣ୍ଡିତ କୁଳମଣି ମହାପାତ୍ର ଶର୍ମାଙ୍କ ଦ୍ୱାରା ରଚିତ ୨ପୁସ୍ତକ ଶ୍ରୀ ଦୁର୍ଗା ମାନସ ପୂଜା ଏବଂ ଶ୍ରୀ ଶ୍ରୀ ଶତ ରୁଦ୍ରାଭିଷେକ ପୁସ୍ତକକୁ ଅତିଥି ଭାବେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ସିମେଣ୍ଟ କାରଖାନାର ନିର୍ଦ୍ଦେଶକ ସୁନିଲ କୁମାର, କର୍ମଚାରୀ ସଂଘ ସଭାପତି ମହେନ୍ଦ୍ର କୁମାର ଦାଶ, ଦୁର୍ଗାପୂଜା କମିଟି ସମ୍ପାଦକ ଭୁବନେଶ୍ୱର ସିଂ କୌଶିକ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ଛାପା ହୋଇଛି। ଉକ୍ତ ପୁସ୍ତକ ପଢ଼ି ସାଧାରଣ ଜନତା ନିଜ ଘରେ ଦୁର୍ଗାଦେବୀଙ୍କ ମାନସ ପୂଜା ତଥା ଶତ ରୁଦ୍ରାଭିଷେକ ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି।

### କ୍ରିକେଟ: ଶିକାରୀପାଲି ଚାମ୍ପିୟନ

**ପଦ୍ମପୁର,୨୫।୧୦(ପ୍ରଦୀପ୍ତ ଦାଶ):** ଧଉରାଭଟା କ୍ରିକେଟ ପଡିଆରେ ଜ୍ଞାନ ଭାରତୀ ଗୁରୁକୁଳ ଓ ଜଗଦଲପୁର ରେସିଡେନ୍ସିଆଲ ଯୁକ୍ତ ୨ ମହାବିଦ୍ୟାଳୟ ଆନୁକୂଲ୍ୟରେ ତୃତୀୟ ଜୟ ମାଁ ଦୁର୍ଗା କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଉପେନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସାଧୁଚରଣ ବରିହା ମୁଖ୍ୟ ବକ୍ତା, ଆନନ୍ଦ ନାୟକ, ଶରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଶିକାରିପାଲି ଓ ଉପ ବିଜେତା ରେସିଡେନ୍ସିଆଲ କଲେଜ ଏକାଦଶକୁ ପୁରସ୍କୃତ କରିଥିଲେ। ବସନ୍ତ, ଲଳିତ, ମୋହିତ, ମ୍ୟାନେଜର ଖେଳ ପରିଚାଳନା କରିଥିବା ବେଳେ ଚନ୍ଦନ ବାଗ ସ୍କୋରିଂ ଓ ଦୁଃଖନାଶନ ନାୟକ ଉଦଘୋଷକ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସଂଯୋଜନା କରିଥିଲେ। ଉତ୍ତମ ବୋଲର ଭାବେ ଅମର, ମ୍ୟାନ ଅଫ ଦି ମ୍ୟାଚ ବିକାଶ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ଅମୀରଙ୍କୁ ସମ୍ମାନିତ କରାଯାଇଥିଲା।

### ଦାଦନ ଚାଲାଣ ଆରମ୍ଭ, କାହାର ନିଘା ନାହିଁ

**ନୂଆପଡ଼ା,୨୫।୧୦(ମକାରୁ ବେମାଲ):** ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ୯୦% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ୬ ମାସ ଚାଷ କାମ କରି ୬ ମାସ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ପ୍ରାୟତଃ ନୂଆଁଖାଇ ସମୟରୁ ଦାଦନ ଯିବା ଆରମ୍ଭ ହୋଇଥାଏ। ହେଲେ ଚଳିତବର୍ଷ ବର୍ତ୍ତମାନ ଦାଦନ ଚାଲାଣ ଆରମ୍ଭ ହୋଇଛି। ପ୍ରତି ଦିନ ବିଭିନ୍ନ ଗାଡିରେ ହାଇଦ୍ରାବାଦ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ, ସୁରତ ଭଳି ରାଜ୍ୟକୁ ଦାଦନ ସର୍ଦ୍ଦାର ସହାୟତାରେ କାମ କରିବା ପାଇଁ ଯାଉଛନ୍ତି। ଦାଦନ ଶ୍ରମିକମାନେ ଯାଉ ବ୍ୟାଗ ଧରି ବନ୍ଧୁ ବାନ୍ଧବ ଘରକୁ କୁଣିଆ ଗଲା ଭଳି ଭେଶଭୁଷାରେ ଯାଉଥିବାରୁ ପୋଲିସ ମଧ୍ୟ ଜାଣି ପାରୁନାହିଁ। ପ୍ରତି ଦିନ ଶହ ଶହ ଦାଦନ ଶ୍ରମିକ ଚାଲାଣ ହେଉଥିଲେ ମଧ୍ୟ କାହାର ନିଘା ନାହିଁ। ଅଧିକାଂଶ ଗାଁରେ ତାଟି କବାଟ ବନ୍ଦ କରି ଚାଲି ଗଲେଣି। ଯେଉଁମାନଙ୍କ ଜମିବାଡି ନାହିଁ, ସେମାନେ ନୂଆଁଖାଇ ପୂର୍ବରୁ ଚାଲି ଗଲେଣି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଛୋଟ ଧାନ ଚାଷ କରି ଘରକୁ ଆଣି ବର୍ତ୍ତମାନ ଯିବା ଆରମ୍ଭ କରିଦେଲେଣି।

# ସରିଲା ପୂଜା: ମେଲାଣି ନେଲେ ମା’

**ହେମଗିର,୨୫।୧୦(ଚୈତନ୍ୟ ପଟେଲ)**

ହେମଗିରରେ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି ଦୁର୍ଗାପୂଜା। ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ଲୋକନୃତ୍ୟ, କରମା ନୃତ୍ୟ, ଡିଜେ ତଥା ଅନେକ ପାରମ୍ପରିକ ନୃତ୍ୟର ତାଳେ ତାଳେ ରାମ, ରାବଣଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ରାବଣ ବଧ ପରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରଗଡ ଜିଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ରାବଣ ଦରବାର ମୁଖ୍ୟ ଆକର୍ଷଣ ଥିଲା। ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୂଜା କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଏଥିରେ କମିଟି ସଭାପତି ସୁନୀଲ କୁମାର ଅଗ୍ରୱାଲା, ଉପ ସଭାପତି ଲଳିତ ବଗାର ଓ ପ୍ରମୋଦ ପତି, ସମ୍ପାଦକ ବରୁଣ ବହିଦାର, ସହ ସମ୍ପାଦକ ଆନନ୍ଦ କୁଅଁର ଓ ସୁକାନ୍ତ ମିଶ୍ର, କୋଷାଧ୍ୟକ୍ଷ ଆଲୋକ ପଟ୍ଟନାୟକ, କାଶୀନାଥ ରାଉତ, ସୁନୀଲ ପଣ୍ଡା, ଜୟୀନାରାୟଣ ପଶାଏତ, ସୁକାନ୍ତ ପତି, ଡୋଳାମଣି ମେହେର ପ୍ରମୁଖ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।



ହେମଗିର



କୁତ୍ରା

### କୁତ୍ରାରେ ରାବଣପୋଡ଼ି, ଭସାଣି ଯାତ୍ରା

**କୁତ୍ରା (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି ସହ ବୁଧବାର ମା’ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କୁତ୍ରା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଧୁମଧାମରେ ରାବଣପୋଡ଼ି ହୋଇଥିଲା। ସନ୍ଧ୍ୟାରେ ପ୍ରଥମେ ମା’ଙ୍କ ପାଖରୁ ଆଶୀର୍ବାଦ ନେଇ ରାମଲକ୍ଷ୍ମଣ, ହନୁମାନ ଏବଂ ତାଙ୍କ ସୈନ୍ୟବାହିନୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ରାବଣପୋଡି ପଡ଼ିଆରେ ପହଞ୍ଚିଥିଲେ। ପରେ ରାବଣପୋଡ଼ି ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା’ଙ୍କୁ ଗ୍ରାମ ପରିକ୍ରମାକରି ୧୦ ନମ୍ବର ରାଜ୍ୟ ରାଜପଥ ଦେଇ ଲକ୍ଷ୍ମୀପୋଷ ସ୍ଥିତ ଶଙ୍ଖ ନଦୀରେ ବିସର୍ଜନ କରାଯାଇଥିଲା। ଦୁର୍ଗାପୂଜା କମିଟି ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ତଥା କର୍ତ୍ତା ଶିବପ୍ରସାଦ ବେହେରା, ମହେନ୍ଦ୍ର ଦାସ, ବଜରଙ୍ଗ କେଶରୀ, ଦେବାଶିଷ ସାହୁ, ସରପଞ୍ଚ ଭୁବନ କୁଜୁର, ବୁଟୁ ଦାସ, ହୀରାଲାଲ ଟପ୍ପୋ, ଚେପୋ ଲାକ୍ରା ପୂଜାର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ରବୀନ୍ଦ୍ର ପଣ୍ଡା ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ସହ ବୁଡ଼ାକଟା, ବିରିଙ୍ଗାଟୋଲି,ସିଆଲଜର, ଖଡକୁରବାହାରଠାରେ ପୂଜା ସହ ଭସାଣିଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ମା’ ମାଣିକେଶ୍ୱରୀଙ୍କ ଦଶହରା ପର୍ବ

**ଥୁଆମୂଳ ରାମପୁର ୨୫।୧୦ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା’ ମାଣିକେଶ୍ୱରୀଙ୍କ ମୁଖ୍ୟ ପୀଠରେ ଚାଲିଥିବା ପ୍ରସିଦ୍ଧ ଦଶହରା ପର୍ବ ସମ୍ପନ୍ନ ହୋଇଯାଇଛି। ମା’ ମାଣିକେଶ୍ୱରୀଙ୍କ ଏହି ପୀଠରେ ଖଣ୍ଡାବସା ଦିନଠୁ ଆରମ୍ଭ ହୋଇ ୯ଦିନ ଧରି ଚାଲିଥିଲା ମା’ଙ୍କ ନବରାତ୍ରି ଦଶହରା ପୂଜା। ମହା ଅଷ୍ଟମୀ ରାତିରେ ମାଆଙ୍କ ଗୁପ୍ତ ପୂଜା ହେବା ସହ ମହା ପଶୁବଳି ପଡ଼ିଲା ପରେ ମା’ଙ୍କ ସେବାୟତଙ୍କ ଦ୍ୱାରା ନିଶି ପୂଜା ପାଇଁ ମନ୍ଦିରରୁ ବାହାରି ସ୍ଥାନୀୟ ବାବା ଖଣ୍ଡୁଆଳ ମନ୍ଦିରକୁ ଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଭୋର ସକାଳେ ମା’ଙ୍କ ଛତର ମନ୍ଦିରରୁ ବାହାରି ଜେନାଖାଲ ଅଭିମୁଖେ ଯାଇ ସେଠାରେ ଗୁପ୍ତ ପୂଜା ସାରି ଘୁମୁରା, ଘଣ୍ଟ, ଶଙ୍ଖ, ହୁଳହୁଳି ଶବ୍ଦ ସହ ଛତର ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲା। ମା’ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ମୁଖ୍ୟ ଦ୍ୱାରରେ ପୂଜକମାନେ ଛତରଙ୍କୁ ସସମ୍ମାନେ ପୂଜାର୍ଚ୍ଚନା କରିବା ପରେ ମା’ ମନ୍ଦିର ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା।

# ଅନୁସୂଚିତ ଜାତିକୁ ମିଳୁନି ନ୍ୟାୟ

**କୁନାଗଡ଼,୨୫।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲାରେ ଅନୁସୂଚିତ ଜାତି ପ୍ରତି ଦିନକୁ ଦିନ ଆକ୍ରମଣ ବୃଦ୍ଧି ପାଉଛି। ଅନୁସୂଚିତ ଜାତି ବୋଲି ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁ ନାହିଁ କି ତଦନ୍ତ ମଧ୍ୟ କରୁନାହାନ୍ତି। ଫଳରେ ଜିଲାରେ ଅନୁସୂଚିତ ଜାତିର ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ରହୁଥିବା କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଆରଏମସି ସଭାଗୃହରେ ବୁଧବାର ଅପରାହ୍ନରେ ଅଲ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛି। ଗତ କିଛି ଦିନ ତଳେ ଅନୁସୂଚିତ ଜାତିର ଜଣେ ନାବାଳିକାକୁ ଅପହରଣ ସହ ବାଳତ୍କାର କରାଯାଇଥିଲା। ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କଲାନାହିଁ। ସେହିପରି ମହିଚଲାଠାରେ ଜଣେ ଯୁବକଙ୍କୁ ବାଇକ୍ ଦୁର୍ଘଟଣା ହୋଇଥିବା କହି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣା ନେଇ ପରିବାରବର୍ଗ ମଧ୍ୟ ରାସ୍ତା ଅବରୋଧ କରିଥିଲେ। କିନ୍ତୁ ପୋଲିସ ଏହି ଘଟଣାରେ ନିରବ ରହିଲା ଓ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ହଡ଼ପ ଅଭିଯୋଗରେ ଅନୁସୂଚିତ ଜାତିର ଥିବା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଗିରଫ କରାଯାଇଥିଲା। ଯାହାକି ରାଜନୈତିକ ଆକ୍ରୋଶ ବୋଲି ଜଳ ଜଳ ହୋଇ ଦେଖାଯାଉଛି। ଜଣେ ଯୁବ ପ୍ରତିଭାଙ୍କୁ ଆଗକୁ ନ ବଢିବା ପାଇଁ ଏପରି ହୀନ ଚକ୍ରାନ୍ତ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଯିଏ ଦୋଷୀ ତା ବିରୋଧରେ ତୁରନ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମୁଖ୍ୟମନ୍ତ୍ରୀ, କଳାହାଣ୍ଡି ଏସ୍‌ପି ଓ ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ଦିନରେ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଏକତା, ଭାଇଚାରା ପାଇଁ ଆହ୍ୱାନ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ଏକତା, ଅଖଣ୍ଡତା ଏବଂ ଭାଇଚାରାର ପ୍ରତୀକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର। ଏହି ପଡ଼ାବାସୀଙ୍କ ମଧ୍ୟରେ ଥିବା ସଂହତି ଅନନ୍ୟ, ନିଆରା। ଫଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ଏକତା, ଭାଇଚାରାକୁ ସବୁବେଳେ ବଜାୟ ରଖିବା ଉଚିତ୍ ବୋଲି ନିଗମାନନ୍ଦ ବିହାରରେ ଅନୁଷ୍ଠିତ ଅର୍ଘ୍ୟଥାଳି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। ଦୁର୍ଗାପୂଜା କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ମହାଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଚନ୍ଦ୍ରଶେଖର କମ୍ପ, ଚନ୍ଦ୍ରକାନ୍ତ ସାହୁ, ଧର୍ମେନ୍ଦ୍ର ପତି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂଜା ସମ୍ପାଦକ ନବୀନ ସାବତ ବିବରଣୀ ଉପସ୍ଥାପନ ଓ ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ସାଂସ୍କୃତିକ ସନ୍ଧ୍ୟା ଅର୍ଘ୍ୟଥାଳିକୁ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅବସରପ୍ରାପ୍ତ ଶିକ୍ଷକ ଟିକେଲାଲ ପ୍ରଧାନ, ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକ, ପୂଜା କମିଟି ସମ୍ପାଦକ ନବୀନ ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡୋଲାମଣି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଡ଼ାର ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ସୁନ୍ଦରଗଡ଼ରେ ମା’ଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

### ସମାଜ ସେବାରେ ଜୀବନକୁ ବ୍ରତୀ କରିଥିବା ବ୍ୟକ୍ତି ସମ୍ମାନିତ

**ଖଡ଼ିଆଲ,୨୫।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଲ ରାଜା ପଡ଼ା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ସମାଜ ସେବାରେ ଜୀବନକୁ ବ୍ରତୀ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି। କୋଭିଡ୍ ମହାମାରି ସମୟରେ ୨ଜଣ ଆୟୁଷ ଡାକ୍ତର ନିଜ ଜୀବନକୁ ବାଜି ଲଗାଇ ରୋଗୀ ଚିକିତ୍ସା ସହ ସ୍ୱାସ୍ଥ୍ୟ ସେବା ଗ୍ରାମାଞ୍ଚଳରେ ପହଞ୍ଚାଇବା ଅନବରତ ସେବା ପ୍ରଦାନ କରିଥିଲେ। କୋଭିଡ ସଚେତନତା, କୋଭିଡ ଟୀକାକରଣ କାର୍ଯ୍ୟକ୍ରମ, ସହ ରୋଗୀ ଏବଂ ପରିବାରଙ୍କୁ ଶାନ୍ତନା ଦେବା ନେଇ ବ୍ୟାପକ କାର୍ଯ୍ୟ କରିଥିଲେ। ଡ. ଅନ୍ନଦା ଶଙ୍କର ଦାଶ, ଡ଼ା ଆଦିତ୍ୟ ନାରାୟଣ ଯୋଶୀଙ୍କୁ ସମ୍ମାନିତ କରିଛନ୍ତି। ସେହିପରି ବିଶିଷ୍ଟ ଆଦର୍ଶ ଶିକ୍ଷାବିତ ଝୁମକ ଲାଲ ବର୍ମାଙ୍କ ସହ ମାନସିକ ରୋଗୀଙ୍କୁ ଦିନରାତି ଖାଦ୍ୟ ପ୍ରଦାନ କରି ଆସୁଥିବା ରାଜେଶ ପୋଡ଼ଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କମିଟି ପକ୍ଷରୁ ସଭା ପତି ଦେବଦେବ ସିଂଦେଓ, ବସନ୍ତ ସିଂଦେଇ, ପ୍ରଫୁଲ୍ଲ ରଥ, ସୁଦର୍ଶନ ଠାକୁର, ମନୋଜ ମୁଣ୍ଡ, ସରୋଜ ଠାକୁରଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ଭୂୟାଁ ସମାଜର ବନ୍ଧୁମିଳନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବଡ଼ଗାଁ,୨୫।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାକୁ ନେଇ ଗଠିତ ୫ଶହ ଘର ଭୂୟାଁ ସମାଜର ଶାରଦୀୟ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥି ଭାବେ ସମାଜର କେନ୍ଦ୍ରୀୟ କମିଟି ସଭାପତି ଅମିୟ କୁମାର ପ୍ରଧାନ, ଉପସଭାପତି ଠଣ ସୁନ୍ଦର ଚୌଧୁରୀ, କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ କୌଶିକ ବୁଡା, ଉପ ସଭାପତି ସୁନୀତା ବିଶ୍ୱାଳ, ୫ ଶହ ଘର ଭୂୟାଁ ସମାଜର ସମ୍ପାଦିକା ଅମିତା ବିଶ୍ୱାଳ, ଉପସଭାପତି ଡିଲେଶ୍ୱର ସା ଅତିଥି ଭାବେ ଯୋଗଦେଇଥିଲେ। ବିକାଶ ସଂଘ ସଭାପତି ଇଞ୍ଜିନିୟର ଅଜେକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି କେନ୍ଦ୍ର କମିଟି ସଭାପତି ଜଗବନ୍ଧୁ ଭୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନ କରିଥିବା ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଭୋଇ ସମାଜର ବିକାଶରେ ଯୁବତୀଯୁବକ ସହଭାଗୀ ହେବା ଓ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ କମିଟି ସଭାପତି ଅମିୟ କୁମାର ପ୍ରଧାନ, ବିକାଶ ସଂଘ ସଭାପତି ପ୍ରଧାନ, ମୁଖ୍ୟ ଅତିଥି ଭୋଇ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଇଏଏସ୍ ଅଧିକାରୀ ଦେବେନ୍ କୁମାର ପ୍ରଧାନ, ଅବସରପ୍ରାପ୍ତ ରେଲୱେ ଅଧିକାରୀ ରାଜେନ୍ଦ୍ର ଧମେଲ, ଶିକ୍ଷା ଅଧିକାରୀ ସନାତନ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଦିଗ୍‌ଦର୍ଶନ ଦେବା ସହିତ ଗରିବ ପରିବାରଙ୍କ ପିଲାଙ୍କୁ ଶିକ୍ଷିତ କରିବା ଏବଂ ସହାୟତା ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କର୍ମକର୍ତ୍ତା ଠଣ ସୁନ୍ଦର ଚୌଧୁରୀ, ପୁଷ୍ପକ ପ୍ରଧାନ ଓ ବିରଞ୍ଚି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମାଜର ବାର୍ଷିକ ପତ୍ରିକା ଉକିଆ ମଝାପଡାର ଅବସରପ୍ରାପ୍ତ ବନ ଅଧିକାରୀ ପର୍ଶୁରାମ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହାସହ ସ୍ୱର୍ଗତ ରତ୍ନାକର ପ୍ରଧାନଙ୍କ ପାଇଁ ରଚିତ ସ୍ମରଣିକା ଶ୍ରାଦ୍ଧ ସୁମନ ଉନ୍ମୋଚନ କରାଯାଇଥିଲା।




ଅତିଥିମାନେ ସମାଜର ବାର୍ଷିକ ପତ୍ରିକା ଓ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସରକାରୀ କଲେଜ ଛାତ୍ରଙ୍କ ବନ୍ଧୁ ମିଳନ

**ବଡ଼ଗାଁ,୨୫।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ସରକାରୀ କଲେଜର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଝାରସୁଗୁଡ଼ା ନିକଟ ପଞ୍ଚପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୋଜ ପୁରୋହିତ, ରୋସନ ଅଲ୍ଲୀ, ସୁଧୀର ପଟ୍ଟନାୟକ, ବିମଳ ବିଶି, ଡା. ନନ୍ଦ କିଶୋର ପାଣିଗ୍ରାହୀ, ଇଂ ଅଜେକ କୁମାର ପ୍ରଧାନ, ଜଗନ୍ନାଥ ଜେନା, କୃତାର୍ଥ ତାଣ୍ଡିଆ, ପ୍ରଦ୍ୟୁମ୍ନ ସାହାଣୀ, ପ୍ରଦୀପ ମିଶ୍ର, ସୁନିତ ପଟେଲ, ସୁନିଲ ପଟେଲ, କୈଳାଶ ପଟେଲ, କ୍ଷୁଧା ଚୌଧୁରୀ ପ୍ରମୁଖ ଯୋଗଦେଇ ଭାବ ଆଦାନ ପ୍ରଦାନ କରିଥିଲେ। ବନ୍ଧୁ ମିଳନ ଅବସରରେ ଆୟୋଜିତ ବୈଠକରେ ମୁଖ୍ୟତଃ ଶିକ୍ଷା ଓ ପର୍ଯ୍ୟାବରଣ ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଯୁବତୀ ଯୁବକ କିପରି ଆଗେଇ ପାରିବେ ସେ ନେଇ ସମୀକ୍ଷା ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ରୋପଣର ଆବଶ୍ୟକତାକୁ ନେଇ ଇଂ. ଅଜେକ କୁମାର ପ୍ରଧାନ ଆଲୋଚନା କରିଥିଲେ। ସେ କରିଆସୁଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ ବନ୍ଧୁଙ୍କ ସହଯୋଗ ଯୋଗୁ ଉତ୍ସାହ ମିଳୁଥିବା କହିଥିଲେ। ବୈଠକରେ ସମସ୍ତେ ଶିକ୍ଷା ଓ ପର୍ଯ୍ୟାବରଣ ଉପରେ ନିଜ ନିଜ ମତ ଉପସ୍ଥାପନ କରିଥଲେ।



ବନ୍ଧୁ ମିଳନରେ ଉପସ୍ଥିତ ୧୯୭୭ ବ୍ୟାଚ ଛାତ୍ର ।

# କାମରେ ଆସୁନି ଗଭୀର ନଳକୂପ, ଚାଷୀକୁଳ ହତାଶ

**ବିଶ୍ରା,୨୫।୧୦( ବଟକୃଷ୍ଣ ସ୍ୱାଇଁ)**

ଚାଷୀଙ୍କ କାମରେ ଆସୁନାହିଁ ଉଠା ଜଳସେଚନ ପ୍ରକଳ୍ପ ଯୋଜନାରେ ମିଳିଥିବା ବୋର୍‌ୱେଲ। ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଯୋଗୁ ଏହା ବନ୍ଦ ପଡ଼ିଛି। ଫଳରେ ଚାଷୀକୁଳ ହତାଶ ହୋଇପଡ଼ିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ମନଇଚ୍ଛା ବିଲ୍ ଲଦିଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକର ବିଭିନ୍ନ ଗ୍ରାମରେ। ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାକାର ଲୋକେ କୃଷି ଉପରେ ନିର୍ଭର କରିଥାନ୍ତି। ହେଲେ ବୋର୍‌ୱେଲ ଅଚଳ ହୋଇପଡ଼ିବାରୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି। ଚାଷଜମି ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ଉଠା ଜଳସେଚନ ପ୍ରକଳ୍ପରେ ବୋର୍‌ୱେଲ ଯୋଗାଇ ଦିଆଗଲା। ଏହି ବାବଦକୁ ବିପିଏଲ୍ ତାଲିକାରେ ଥିବା ଚାଷୀ ୨୦ ହଜାର, ଏସ୍‌ଟି-ଏସ୍‌ସି ଚାଷୀ ୧୦ ହଜାର ଟଙ୍କା ଦେଇଥାନ୍ତି। ହେଲେ ବିଦ୍ୟୁତ୍ ବିଲ୍ ବୃଦ୍ଧି ଯୋଗୁ ଅନେକ ଗ୍ରାମରେ ୯୫ ପ୍ରତିଶତ ବୋର୍‌ୱେଲ ବନ୍ଦ ପଡ଼ିଛି। ଏ ବିଷୟରେ ଗ୍ରାମବାସୀ ଉକ୍ତ ବିଭାଗ ଅଧୀନରେ ଥିବା ସମସ୍ତ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ବ୍ଲକ ଅଫିସରେ ଶୁଣାଣି ବେଳେ ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେହିପରି ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆସୁଥିବାରୁ ଚାଷୀମାନେ ମଟର ଚଳାଇବାକୁ ସାହସ କରୁନାହାନ୍ତି। ଚଳିତ ବର୍ଷ ବର୍ଷା ଅଭାବରୁ ଜମି ପଡ଼ିଆ ପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଗଲେ ଚାଷୀମାନେ ଉପକୃତ ହେବେ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ବିଭାଗର କନିଷ୍ଠ ଯନ୍ତ୍ରୀ ରବିନାରାୟଣ ମହାନ୍ତିଙ୍କୁ ପଚାରିବାରୁ, ପୈଠ କରିଥିବା ବିଲ୍ ଦେଖାଇଲେ ନୂଆ ବିଲ୍‌ରୁ କାଟି ଦିଆଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ତରଫରୁ ସମସ୍ତ ପ୍ରକାର ନିଷ୍ପତ୍ତି ନିଆଯାଇ ଉଠାଜଳସେଚନ ବିଭାଗ ପକ୍ଷରୁ ୨୦୧୪ରେ ଏହି ପ୍ରକଳ୍ପ ଆରମ୍ଭ କରାଯାଇ ୨୦୧୭ରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବଳାତ୍କାର ଅଭିଯୁକ୍ତ ଜଣେ ବିବାହିତ ଯୁବକ ଏବଂ ତାଙ୍କ ଏକ ପୁତ୍ର ସନ୍ତାନ ରହିଥିବା ଆଲୋଚନା ହେଉଛି । ଏ ନେଇ ବୁଧବାର ପୀଡ଼ିତା ନାବାଳିକାଙ୍କ ବାପା ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୭୬ରେ ଏକ ମାମଲା (ନଂ.୧୯୬/୨୩) ରୁଜୁ କରିଛି ଏବଂ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ଇସମାଇଲ ଏକ୍କା କହିଛନ୍ତି । ଅଭିଯୁକ୍ତ ଯୁବକ ଜଣକ ପୀଡ଼ିତାଙ୍କ ପଡ଼ୋଶୀ। ସେ ଗତ ୨୩ତାରିଖରେ ଉକ୍ତ ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ପୂର୍ବରୁ ମଧ୍ୟ ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକେ ପଚାରିଲେ ଓଲଟା ଧମକଚମକ ମିଳୁଥିବା ଅଭିଯୋଗ ହୋଇଛି।

### ପୁସ୍ତକ ଉନ୍ମୋଚନ ସମାରୋହ

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ): ଶାରଦୀୟ ବିଜୟା ଦଶମୀ ଅବସରରେ ବରଗଡ଼ ସିମେଣ୍ଟ ନଗର ଦୁର୍ଗା ମଣ୍ଡପରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଉତ୍କଳ କର୍ମକାଣ୍ଡ ମହାସଭା ସଭାପତି ଜ୍ୟୋତିର୍ବିଦ୍ ପଣ୍ଡିତ କୁଳମଣି ମହାପାତ୍ର ଶର୍ମାଙ୍କ ଦ୍ୱାରା ରଚିତ ୨ପୁସ୍ତକ ଶ୍ରୀ ଦୁର୍ଗା ମାନସ ପୂଜା ଏବଂ ଶ୍ରୀ ଶ୍ରୀ ଶତ ରୁଦ୍ରାଭିଷେକ ପୁସ୍ତକକୁ ଅତିଥି ଭାବେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ପିତ ଆଚାର୍ଯ୍ୟ, ସିମେଣ୍ଟ କାରଖାନାର ନିର୍ଦ୍ଦେଶକ ସୁନିଲ କୁମାର, କର୍ମଚାରୀ ସଂଘ ସଭାପତି ମହେନ୍ଦ୍ର କୁମାର ଦାଶ, ଦୁର୍ଗାପୂଜା କମିଟି ସମ୍ପାଦକ ଭୁବନେଶ୍ୱର ସିଂ କୋଶିକ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ପୁସ୍ତକ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ଛାପା ହୋଇଛି। ଉକ୍ତ ପୁସ୍ତକ ପଢ଼ି ସାଧାରଣ ଜନତା ନିଜ ଘରେ ଦୁର୍ଗାଦେବୀଙ୍କ ମାନସ ପୂଜା ତଥା ଶତ ରୁଦ୍ରାଭିଷେକ ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି।

### କ୍ରିକେଟ: ଶିକାରୀପାଲି ଚାମ୍ପିୟନ

ପଦ୍ମପୁର,୨୫।୧୦(ପ୍ରଦୀପ୍ତ ଦାଶ)

ଧଉରାଭଟା କ୍ରିକେଟ ପଡିଆରେ ଜ୍ଞାନ ଭାରତୀ ଗୁରୁକୁଳ ଓ ଜଗଦଲପୁର ରେସିଡେନ୍ସିଆଲ ଯୁକ୍ତ ୨ ମହାବିଦ୍ୟାଳୟ ଆନୁକୂଲ୍ୟରେ ତୃତୀୟ ଜୟ ମାଁ ଦୁର୍ଗା କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍ୟାପିତ ହୋଇଛି। ଏଥିରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଉପେନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସାଧୁଚରଣ ବରିହା ମୁଖ୍ୟ ବକ୍ତା, ଆନନ୍ଦ ନାୟକ, ଶରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଶିକାରିପାଲି ଓ ଉପ ବିଜେତା ରେସିଡେନ୍ସିଆଲ କଲେଜ ଏକାଦଶକୁ ପୁରସ୍କୃତ କରିଥିଲେ। ବସନ୍ତ, ଲଳିତ, ମୋହିତ, ମ୍ୟାନେଜର ଖେଳ ପରିଚାଳନା କରିଥିବା ବେଳେ ଚନ୍ଦନ ବାଗ ସ୍କୋରିଂ ଓ ଦୁଃଖନାଶନ ନାୟକ ଉଦଘୋଷକ ଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଦିବ୍ୟ କିଶୋର ପଣ୍ଡା ସଂଯୋଜନା କରିଥିଲେ। ଉତ୍ତମ ବୋଲର ଭାବେ ଅମର, ମ୍ୟାନ ଅଫ ଦି ମ୍ୟାଚ ବିକାଶ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ଅମୀରଙ୍କୁ ସମ୍ମାନିତ କରାଯାଇଥିଲା।

### ଏସ୍‌ଡିସିସି ପଦ୍ମପୁର ଶାଖାର ବ୍ୟାଙ୍କ କର୍ମଚାରୀଙ୍କ ଧାରଣା

ପଦ୍ମପୁର,୨୫।୧୦(ପ୍ରଦୀପ୍ତ ଦାଶ)

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଦ୍ମପୁର ଶାଖାର କର୍ମଚାରୀମାନେ ପ୍ରମୁଖ ୩ ଦାବି ଓ ୨ଟି ନିୟମକୁ ବିରୋଧ କରି ତିନି ଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ବିଶେଷ କରି ୭ମ ବେତନ କମିଶନ ଲାଗୁ, ପେନସନ ସୁବିଧା ଓ ଅନ୍ୟାନ୍ୟ ଦାବିରେ ଏହି ଧାରଣା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମଚାରୀମାନେ କହିଛନ୍ତି। ଧାରଣାରେ ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀ, ମନୋଜ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଧାରଣା ଯୋଗୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



ଦଶହରା ଅବସରରେ ପଦ୍ମଶ୍ରୀ ହଳଧର ନାଗ ଲଙ୍କେଶ୍ୱରୀ ବେଶ ଧାରଣ କରି ନିଜ ଗାଁ ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ ପରିକ୍ରମା କରୁଛନ୍ତି।

## ଲଙ୍କେଶ୍ୱରୀ ବେଶରେ ପଦ୍ମଶ୍ରୀ ହଳଧର

ସୋହେଲା,୨୫।୧୦(ଅଶ୍ୱିନୀ କୁମାର ପାତ୍ର)

ଦଶହରା ଉପଲକ୍ଷେ ପଦ୍ମଶ୍ରୀ ହଳଧର ନାଗ ଲଙ୍କେଶ୍ୱରୀ ବେଶରେ ନିଜ ଗାଁ ଘେଁସ ପରିଭ୍ରମଣ କରିଛନ୍ତି। ସେ ୧୯୯୮ରୁ ୨୫ ବର୍ଷ ହେଲା ଏହି ବେଶ ଧାରଣ କରି ଗାଁ ପରିକ୍ରମା କରିଆସୁଛନ୍ତି। ହଳଧର ନବମୀ ଦିନ ଲଙ୍କେଶ୍ୱରୀ ବେଶ ଧାରଣ କରି କାଳୀ ମନ୍ଦିରରୁ ବାହାରି ହାଟପଦା, ଦଳଦଲି ଖଣ୍ଡା, ରାଜବାଟି ଦେଇ କୁଞ୍ଜେଲପଡ଼ାରେ ପହଞ୍ଚିଥିଲେ। ସେଠାରେ ହନୁମାନଙ୍କ ସହ ତାଙ୍କର ଯୁଦ୍ଧ ହୋଇଥିଲା। ହନୁମାନଙ୍କଠାରୁ ଏକ ପ୍ରଚଣ୍ଡ ବିଧା ଖାଇ ସେ ପରାସ୍ତ ହୋଇଥିଲେ। ସେଠାରେ ରାବଣର ଅନ୍ତିମ ସମୟ ଆସିବାର ଭବିଷ୍ୟବାଣୀ କରିଥିଲେ। ପଦ୍ମଶ୍ରୀଙ୍କୁ ଲଙ୍କେଶ୍ୱରୀ ବେଶରେ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

# ଦେବଗଡ଼କୁ ଅଗ୍ରଣୀ କୃଷିଭିତ୍ତିକ ଅର୍ଥନୀତିରେ ପରିଣତ କରିବାକୁ ଆହ୍ୱାନ

ଦେବଗଡ଼,୨୫।୧୦(ଶଶାଙ୍କ ଶେଖର ଝାଙ୍କର/ ନିରଞ୍ଜନ ବେହେରା)

### ଦୁର୍ଗାପୂଜାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ



ଦେବଗଡ଼ ଜିଲାକୁ ଅଗ୍ରଣୀ କୃଷିଭିତ୍ତିକ ଅର୍ଥନୀତିରେ ପରିଣତ କରାଇବା ପାଇଁ ସମସ୍ତେ ଉଦ୍ୟମ କରିବା ବୋଲି ସୋମବାର ରିଆମାଳ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ରିଆମାଳ ଦୁର୍ଗା ମଣ୍ଡପ ବୁଲିବା ପରେ ମନ୍ତ୍ରୀ ବିଭିନ୍ନ ମଣ୍ଡପ ଯାଇ ବୁଲିଥିଲେ। ଏହି ଅବସରରେ ସେ କହିଥିଲେ, ଦୁର୍ଗାପୂଜାରେ ଲୋକଙ୍କ ଉତ୍ସାହ ଅଭୁତପୂର୍ବ। ଦେବଗଡକୁ ସର୍ବାଙ୍ଗୀନ ବିକାଶ କରାଇବାରେ ସମସ୍ତଙ୍କ କଳ୍ପନା ରହିଛି । ମୋଦି ସରକାରରେ ଜିଲାରେ ସଡ଼କପଥ ଭିତ୍ତିଭୂମିକୁ ମଜଭୁତ କରାଯାଇଥିବା ବେଳେ ଝାରସୁଗୁଡ଼ାରୁ ବାରକୋଟ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ତିଆରି କରିବା ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛି । ନୂଆ ରେଳ ଲାଇନ ଶିଳ୍ପ ସମୃଦ୍ଧ ଅଞ୍ଚଳ ଝାରସୁଗୁଡାଠାରୁ ବାରକୋଟ ସହ ସଂଯୋଗ କରିବ। ଦେବଗଡ ଆମ ରାଜ୍ୟର ଉନ୍ନତ କୃଷି ପ୍ରଧାନ ଅଞ୍ଚଳ। ପନିପରିବା, କୁକୁଡା ଚାଷ, ଦୁଗ୍ଧ ଚାଷ ଭଳି ଅନେକ ସମ୍ଭାବନା ଏଠାରେ ଅଛି । ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ସଚ୍ଚୋଟତା ଅଛି। ବ୍ୟାଙ୍କରୁ ଋଣ ନେଇ ଠିକ ସମୟରେ ପରିଶୋଧ କରୁଥିବା ଜଣାପଡିଛି । ମା' ଦୁର୍ଗାଙ୍କ ଆଶୀର୍ବାଦରେ ଜିଲାକୁ ଅଗ୍ରଣୀ କୃଷି ଆଧାରିତ ଅର୍ଥନୀତିରେ ପରିଣତ କରିବାରେ ଆମେ ସମସ୍ତେ ପ୍ରଚେଷ୍ଟା କରିବା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ସମୟରେ ମନ୍ତ୍ରୀ ଦେବଗଡ଼ ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗରିବ, ମହିଳା, ଚାଷୀ, ଯୁବକଙ୍କ ପାଇଁ ହୋଇଥିବା ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ବୈଠକରେ ଆଲୋଚନା ହୋଇଥିଲା । ବୁଥ ସ୍ତରରେ ଦଳର ସଂଗଠନର ସ୍ଥିତିକୁ ମଜଭୁତ କରିବା ପାଇଁ ଆମେ ଆହୁରି ପରିଶ୍ରମ କରିବା ବୋଲି ଧର୍ମେନ୍ଦ୍ର କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ ।

## ବଣାଇ କ୍ରିକେଟ କ୍ଲବ ଚାମ୍ପିୟନ

ଦେବଗଡ,୨୫।୧୦ (ଶଶାଙ୍କ ଶେଖର ଝାଙ୍କର)

### କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ରିଆମାଳ ବ୍ଲକ ନୂଆଁଡିହି ପଞ୍ଚାୟତ ସଦର ମହକୁମାରେ ବ୍ରଦର୍ସ ଇଲେଭେନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଦେବଗଡ ଜିଲାର ତାଳକୁଣ୍ଡି କ୍ରିକେଟ କ୍ଲବକୁ ୮ ଉଇକେଟରେ ପରାସ୍ତ କରି ସୁନ୍ଦରଗଡ ଜିଲାର ବଣାଁଇ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ପିଙ୍କୁ ପ୍ରଧାନ ଓ ଅଲେଖ ବେହେରା ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୟଦ ଅଫ୍ରଜ ଅଲ୍ଲୀ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ସୌମ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ପିଙ୍କୁ ପ୍ରଧାନ, ଆଲୋକ ପ୍ରଧାନ ଓ ଇକୁନ ସାହୁ ଓ ଶ୍ରୀକାନ୍ତ ଗଡତିଆଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଆୟୋଜକ ଅନୁଷ୍ଠାନର ସମ୍ପାଦକ ଅଲେଖ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୨୫।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ବାଲିରୋଇ ଗ୍ରାମରେ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ବୁଧବାର ମା' ତାରିଣୀ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ଚନ୍ଦନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ତଥା ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଫିତାକାଟି ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ବିନୋଦ ବିହାରୀ ନାୟକ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଧନୁର୍ଯ୍ୟୟ ସାହୁ ଓ ଚିତ୍ରସେନ ସାହୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ରଘୁନାଥପୁର ଫୁଟ୍‌ବଲ କ୍ଲବ ଓ ସିଙ୍ଗୁରୀ ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଘୁନାଥପୁର ଫୁଟ୍‌ବଲ କ୍ଲବକୁ ଟାଇବ୍ରେକର ଯୋଗେ ୧–୦ ଗୋଲରେ ପରାସ୍ତ କରି ସିଙ୍ଗୁରୀ ଫୁଟ୍‌ବଲ କ୍ଲବ ବିଜୟୀ ହୋଇଥିଲା। ପ୍ରତିଯୋଗିତା ଆୟୋଜନରେ ମା' ତାରିଣୀ କ୍ଲବ ସମ୍ପାଦକ ତପନ ମହାକୁଡଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।



ବରଗଡ଼ ଭଜନାଶ୍ରମ ଦୁର୍ଗାପୂଜାର ମୂର୍ତ୍ତି ଭସାଣି ଶୋଭାଯାତ୍ରା ।



ବରଗଡ଼ ଗୌରପଡ଼ା ଦୁର୍ଗାପୂଜାର ଭସାଣି ଶୋଭାଯାତ୍ରା ।

# ଫୁଟ୍‌ବଲ: କଦଳୀପାଲି ଚାମ୍ପିୟନ

ସୋହେଲା,୨୫।୧୦(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ମିନି ଷ୍ଟାଡିୟମରେ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାରେ କଦଳୀପାଲି ଚାମ୍ପିୟନ ହୋଇଛି। କଦଳୀପାଲି ଏବଂ ଗୋଲଡେନ୍ ଇଗଲ ଅତାବିରା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କଦଳୀପାଲି ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ମହାରାଜ ରାବଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ନଗଦ ରାଶି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବରଗଡ ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଲ ପ୍ରାସାଦ ସିଂ, ଆଥ୍‌ଲେଟିକ୍ ସେକ୍ରେଟାରୀ ହରଦୀପ ସିଂ, ବିଶିଷ୍ଟ କ୍ରୀଡାବିତ୍ ଡାକ୍ତର ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଦଳୀପାଲି ଦଳର ସୁଶାନ୍ତ ଓରାମ ଶ୍ରେଷ୍ଠ ମ୍ୟାଚ୍‌ର ଖେଳାଳି ଓ କଦଳୀପାଲି ଦଳର ସିଦ୍ଧାନ୍ତ ପଧାନ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

## ଛୁରା ମାଡ଼ କରି ବ୍ୟବସାୟୀଙ୍କଠୁ ଲୁଟ୍

ଦେବଗଡ଼,୨୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସଦର ମହକୁମାରେ ମଙ୍ଗଳବାର ଛୁରା ମାଡ କରି ଜଣେ ଯୁବ ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୌରାଞ୍ଚଳ ଖପରସାହିର କୁନା ନାୟକ ତିଲେଇବଣି ସାପ୍ତାହିକ ବଜାରକୁ ବ୍ୟବସାୟ ପାଇଁ ଯାଇଥିଲେ। ତାଙ୍କର ଗ୍ରୋସରୀ ହୋଲସେଲ ବ୍ୟବସାୟ ଥିବା ବେଳେ ଦୋକାନୀଙ୍କ ପାଖରୁ ଟଙ୍କା ଅସୁଲି କରୁଥିଲେ। ସେହି ସମୟରେ ୨ଟି ବାଇକ୍‌ରେ ୪ ଯୁବକ ଆସି ବଜାର ଭିତରେ ବନ୍ଧୁକ ଦେଖାଇ ଭୟଭିତ କରାଇଥିଲେ। ଏଥିସହ ଛୁରା ମାଡ କରି କୁନାଙ୍କ ପାଖରେ ଥିବା ୬୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଫଳରେ କୁନାଙ୍କ ପିଠିରେ ଗୁରୁତର ଆଘାତ ଲାଗିବା ସହ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କୁନାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ରହିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରୁଛି।

## ମାରୱାଡି ସମ୍ମେଳନର ପାଣି କୁଲର ପ୍ରଦାନ

ପଦ୍ମପୁର ୨୫।୧୦ (ପ୍ରଦୀପ୍ତ ଦାଶ)

ପଦ୍ମପୁର ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ନୂଆପାଲି କନ୍ୟା ଗୁରୁକୁଳରେ ଥଣ୍ଡା ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର ପାଇଁ ଏକ ପାଣି କୁଲର ପ୍ରଦାନ କରାଯାଇଛି। ସଭାପତି କୃଷ୍ଣ ଅଗ୍ରୱାଲଙ୍କ ପରାମର୍ଶକ୍ରମେ ସମ୍ମେଳନର ସମ୍ପାଦିକା ଏନୀ ଅଗ୍ରୱାଲ, କୋଷାଧ୍ୟକ୍ଷ ସଙ୍ଗୀତା ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ରାଜକୁମାରୀ ଅଗ୍ରୱାଲ, ସଙ୍ଗୀତା ଅଗ୍ରୱାଲ, ଶାରଦା ଅଗ୍ରୱାଲ, ସବିତା ଅଗ୍ରୱାଲ, ମମତା ଅଗ୍ରୱାଲ, ସଙ୍ଗୀତା ଶର୍ମା, କିର୍ତ୍ତି ଅଗ୍ରୱାଲ ଗୁରୁକୁଳକୁ ଯାଇ ଅଧ୍ୟକ୍ଷ ଭଗବାନ ଦେବଙ୍କ ଉପସ୍ଥିତିରେ ପାଣି କୁଲର ସ୍ଥାପନ କରାଇଥିଲେ। କନ୍ୟା ଗୁରୁକୁଳର ୪୦ଜଣଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଥାନା ସମ୍ମୁଖରେ ରାଣୀ ଅରୁନ୍ଧତୀଙ୍କ କୁଶ ପୁତ୍ତଳିକା ଦାହ

ଦେବଗଡ, ୨୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଖପରସାହି ରାବଣ ପୋଡି ଉତ୍ସବ ବେଳେ ଗଣ୍ଡଗୋଳ ହୋଇଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗ ଦେବଙ୍କ ସ୍ତ୍ରୀ ଦେବଗଡ ରାଣୀ ଅରୁନ୍ଧତୀ କୁମାରୀ ଦେବୀ ଜିଲା ପୂର୍ବତନ କଂଗ୍ରେସ ସଭାପତି ତଥା ରାବଣ ପୋଡି ଉତ୍ସବ ଆୟୋଜକ ଅନୁଷ୍ଠାନର ସଭାପତି ଉମାଶଙ୍କର ସାହୁ ଏବଂ ତାଙ୍କର କିଛି ସହଯୋଗୀ ଠେଲାପେଲା କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ପୂର୍ବତନ କଂଗ୍ରେସ ଜିଲା ସଭାପତି ଖବରସାହି ଦୂର୍ଗା ପୂଜା କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଉକ୍ତ ସାହିର ବହୁ ସଦସ୍ୟ ଦେବଗଡ ଥାନାକୁ ଯାଇ ରାଣୀ ଅରୁନ୍ଧତୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏଥିସହ ଥାନା ସମ୍ମୁଖରେ ଅରୁନ୍ଧତୀଙ୍କ କୁଶ ପୁତଳିକା ଦାହ କରିବା ସହ ନାରାବାଜି ଦେଇ ପ୍ରତିବାଦ କରିଛନ୍ତି । ରାଣୀ ଅରୁନ୍ଧତୀ ମିଛ ମାମଲା ରୁଜୁ କରିଥିବା ଅଭିଯୋଗ କରିବା ସହ ଏହାକୁ ପ୍ରତ୍ୟାହାର କରିବା ଦାବି ହୋଇଛି। ଏଥିସହ ଘଟଣାର ତଦନ୍ତ କରାଯାଇ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅରୁନ୍ଧତୀଙ୍କ ଅଭିଯୋଗ ଅନୁଯାୟୀ, ରାବଣ ପୋଡି ଉତ୍ସବରେ ଅତିଥି ଭାବେ ଯୋଗଦେବା ପାଇଁ ତାଙ୍କୁ ନିମନ୍ତ୍ରିତ କରାଯାଇଥିଲା। ରାମ ସେନା ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଆସିଥିବା ବେଳେ ତାଙ୍କୁ ଠେଲାପେଲା କରାଯାଇଥିଲା। ଏଥିସହ ତାଙ୍କ ସାଙ୍ଗରେ ଥିବା ପୁଷ୍ପା ହେଣେଜଙ୍କୁ ଜାତିଆଣ ଆକ୍ଷେପ କରିଥିବା ଆଉ ଏକ ଅଭିଯୋଗ ହୋଇଛି। ସେପଟେ ରାବଣ ପୋଡି ଉତ୍ସବ କମିଟି ସଭାପତି ଉମାଶଙ୍କର ସାହୁ ପାଲଟା ଅଭିଯୋଗ କରି କହିଛନ୍ତି, ଅରୁନ୍ଧତୀଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇ ନ ଥିଲା। ଉତ୍ସବରେ ତାଙ୍କ ପୁଅ ଅମନ ଗଙ୍ଗଦେବ ଓ କିଛି ସହଯୋଗୀଙ୍କ ସହ ପହଞ୍ଚି ଅତିଥି କରିବାକୁ ଅରୁନ୍ଧତୀ ଜିଦ ଧରିଥିଲେ। ମାତ୍ର ପୂର୍ବରୁ ଅତିଥି ଚୟନ ହୋଇଥିବାରୁ ଏହା ସମ୍ଭବ ନୁହେଁ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଥିଲା। ଫଳରେ ଉତ୍ସବକୁ ବିଭ୍ରାଟ କରିବା ପାଇଁ ଅରୁନ୍ଧତୀ ତଳେ ବସି ପଡିବା ସହ ଠେଲାପେଲା କରିଥିଲେ। ଏଥିସହ ଥାନାରେ ମିଛ ଅଭିଯୋଗ କରିଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଅରୁନ୍ଧତୀ ଦେବୀଙ୍କୁ ଗିରଫ ନ କଲେ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ରାବଣ ପୋଡ଼ିବେଳେ ଗଣ୍ଡଗୋଳ ଘଟଣା



ଥାନା ସମ୍ମୁଖରେ ରାଣୀ ଅରୁନ୍ଧତୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## ସଂକ୍ଷେପରେ

### କ୍ଷତ୍ରିୟ ଯୁବ କ୍ରୀଡ଼ା, ସାଂସ୍କୃତିକ ଅନୁଷ୍ଠାନର ଶାରଦୀୟ ଉତ୍ସବ ପାଳିତ

ଖଡ଼ିଆଳ,୨୫।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଆଞ୍ଚଳିକ କ୍ଷତ୍ରିୟ ଯୁବ କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ୪୦ତମ ଶାରଦୀୟ ଉତ୍ସବ ପାଳନ ଏବଂ ବିଶାଳ ମଶାଲ ଯାତ୍ରା ମହାନବମୀ ଦିନ ପାଳନ କରାଯାଇଛି। ଖଡିଆଳ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କ୍ଷତ୍ରୀୟମାନେ ପାରମ୍ପରିକ ବେଶଭୁଷାରେ ଖଣ୍ଡା, ଗଦା ଓ ଲାଠି ଚାଳନା ଆଦି କୌଶଳ ପ୍ରଦର୍ଶନ କରି ସହର ପରିକ୍ରମା କରିଥିଲେ। ଖଡିଆଳସ୍ଥିତ ଅଗ୍ରସେନ ଭବନଠାରେ ଉପକୂଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ଅଶୋକ ଟେଣ୍ଟକାରୀ ମଶାଲ ସ୍ଥାପନ କଲାପରେ ସଭା ଅନୁଷ୍ଠିତ ହୋଇଥିଲା। କ୍ଷତ୍ରୀୟ ଯୁବକ ସଂଘ ସଭାପତି ସୁଜିତ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସାମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦେବାନନ୍ଦ ଚଳାନ କ୍ଷତ୍ରିୟ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଓମ ପ୍ରକାଶ ଦଣ୍ଡସେନା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବିରେନ୍ଦ୍ର ରାଉତ ରାୟ ମଞ୍ଚ ପରିଚାଳନା ଓ ଗୌରବ ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଖଡ଼ିଆଳ ଯୁବରାଜ ଦେବ ଦେବସିଂ ଦେଓ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କାରଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବେଲପଡ଼ାରେ ରାବଣପୋଡ଼ି ମହୋତ୍ସବ

ବେଲପଡ଼ା, ୨୫।୧୦(ମନୋଜ ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଶ୍ୟାମ ସୁନ୍ଦର ପାଠାଗାର ଅନୁକୂଲ୍ୟରେ ହାଇସ୍କୁଲ ଖେଳପଡିଆରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ସମ୍ମାନୀତ ଅତିଥି ବ୍ୟବସାୟୀ ଗୌତମ ପ୍ରସାଦ ଅଗ୍ରୱାଲ, ପାଠାଗାର ସଭାପତି ପଦ୍ମନାଭ ମେହେର, ସଭ୍ୟ ଜୟ ଧାରୁଆ, ବିଧାୟକ ପ୍ରତିନିଧି କୁମୁଦ ମାହାଖୁଡ, ଲକ୍ଷ୍ମଣ ମେହେର, ହୃଷୀକେଶ ମେହେର ମଞ୍ଚାସୀନ ଥିଲେ । ଉତ୍ସବରେ ପାଠାଗାରର ପ୍ରତିଷ୍ଠାତାଙ୍କ ଦୁଇପୁଅଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିସହ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ବିଶେଷ ଅବଦାନ ହେତୁ ଡକ୍ଟର ଗୋବର୍ଦ୍ଧନ ନାୟକ, ସାମ୍ବାଦିକତା ପାଇଁ ମନୋଜ କୁମାର ମିଶ୍ର, କଳାକାର ହରେକୃଷ୍ଣ ବାରିକ, ହିରାଧର ହଂସ,ବୁଲୁ ବରଗ୍ରି, ବିଶିଷ୍ଟ କିର୍ତ୍ତନ୍ୟ ଗାୟକ ସୋମନାଥ ସେଠ, ରକ୍ତଦାନ ପାଇଁ ଦୋଲେଶ୍ୱର ମେହେର ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋବିନ୍ଦ ମେହେର ଓ ବନ୍ଦନା ମେହେର ପରିଚାଳନା କରିଥିଲେ। ସମ୍ପାଦକ ଟଗୁଁ ମେହେର, ସଂଯୋଜକ ପ୍ରମୋଦ ମେହେର, କୈଳାସ ବରଗ୍ରି, ଚୂଡ଼ାମଣି ମେହେର, ବୀରେନ୍ଦ୍ର ସିଂ, ଟିକେଦନ୍ତ ମେହେର, ମହାଦେବ ମେହେର ଓ ସଭ୍ୟଙ୍କ ସହଯୋଗରେ ମୁଖ୍ୟ ଅତିଥି ବିଧାୟକ ମେହେର ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ ।

# ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)



ମୁକୁନ୍ଦ ନନ୍ଦ।



ଲୋଇସିଂହା ଥାନାକୁ ଅଭିଯୋଗ ପାଇଁ ଆସିଥିବା ମୁକୁନ୍ଦଙ୍କ ସମ୍ପର୍କୀୟ।

- କାର ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ
- ଅଭିଯୁକ୍ତଙ୍କ ଗିରଫ ଦାବି କଲେ
- ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ:ଆଇଆଇସି

ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅନ୍ତର୍ଗତ ବେଲବାହାଲି ଗ୍ରାମର ଡ୍ରାଇଭର ମୁକୁନ୍ଦ ନନ୍ଦ(୨୯)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ପରେ ଛାଡି ଦେଇଛି। ଅପରପକ୍ଷେ ମୁକୁନ୍ଦଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ମୃତକଙ୍କ ପରିବାର ଏବଂ ଶ୍ୱଶୁର ଘର ମଳମୁଣ୍ଡା ଗ୍ରାମବାସୀ ବୁଧବାର ଲୋଇସିଂହା ଥାନାକୁ ଯାଇଥିଲେ। ଉପଯୁକ୍ତ ତଦନ୍ତ ସହ ଅଭିଯୁକ୍ତଙ୍କ ଗିରଫ କରିବାକୁ ସେମାନେ ଦାବି କରିଥିଲେ।

ପୁଇଁତଳା ଥାନା ବେଲବାହାଲି ଗ୍ରାମର ମୁକୁନ୍ଦ ନିକଟସ୍ଥ ମଳମୁଣ୍ଡା ଗ୍ରାମର ବିଧୁଭୂଷଣ ବିଭାରଙ୍କ ଝିଅ ଅଞ୍ଜଳିଙ୍କୁ ବିବାହ କରିଥିଲେ। ବିବାହ ପରଠୁ ସେ ଶ୍ୱଶୁର ଘର ମଳମୁଣ୍ଡାରେ ରହୁଥିଲେ। ଡ୍ରାଇଭରଭାବେ କାମ କରୁଥିବା ମୁକୁନ୍ଦ ଅକ୍ଟୋବର ୨୨ତାରିଖ ରବିବାର ସୁବର୍ଣ୍ଣପୁର ଜିଲା ବିନିକାର ଫାର୍ମାଶିଷ୍ଟ ଅନୀଲ ମହତୋ ଓ ଅନ୍ୟ କେତେଜଣଙ୍କୁ କାର (ଓଡି୧୪ ଏଏ ୭୯୧୪)ରେ ଭଡାରେ ସୁବର୍ଣ୍ଣପୁର ଜିଲା ଲଛିପୁର ଅଞ୍ଚଳକୁ ନେଇ ଯାଇଥିଲେ । ରାତି ହୋଇଯିବାରୁ ଲୋଇସିଂହା ଥାନା କଟାସିଂହାର ଜଣେ ସମ୍ପର୍କୀୟଙ୍କ ଘରକୁ ଫାର୍ମାଶିଷ୍ଟ ମହତୋ ଓ ଅନ୍ୟମାନେ ଚାଲି ଯାଇଥିଲେ। ମୁକୁନ୍ଦ ଗାଡିରେ ଶୋଇଥିଲେ । ସୋମବାର ସକାଳେ ଫାର୍ମାଶିଷ୍ଟ ସାହୁ ଏବଂ ସାଙ୍ଗରେ ଥିବା ଲୋକେ କାର ନିକଟକୁ ଆସିବା ପରେ ମୁକୁନ୍ଦ ଗାଡିରେ ମୃତପ୍ରାୟ ହୋଇ ପଡିଥିବା ଦେଖିଥିଲେ। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୁକୁନ୍ଦଙ୍କ ଭାଇ ନନ୍ଦିବୀର ନନ୍ଦ, ଶ୍ୱଶୁର ବିଧୁଭୂଷଣ ବିଭାର ଓ ଅନ୍ୟ କେତେଜଣ ହସ୍ପିଟାଲରେ ପହଞ୍ଚିଥିଲେ। ରାତିରେ କାରରେ ଶୋଇଥିବାବେଳେ ମୁକୁନ୍ଦଙ୍କ ମୃତ୍ୟୁ ହୋଇଯାଇଥିବା ଫାର୍ମାଶିଷ୍ଟ ସାହୁ ଓ ଗାଡି ମାଲିକ କହିଥିଲେ। ହେଲେ ମୁକୁନ୍ଦଙ୍କ କାନରୁ ରକ୍ତ ବାହାରିଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ନନ୍ଦିବୀର ଲୋଇସିଂହା ଥାନାରେ ଏ ନେଇ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(୨୦/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନନ୍ଦବୀରଙ୍କ ଅଭିଯୋଗ ଆଧାରରେ ଲୋଇସିଂହା ପୋଲିସ ଫାର୍ମାଶିଷ୍ଟ ସାହୁ ଏବଂ ଗାଡି ମାଲିକ କୁହାଯାଉଥିବା ଲୋଇସିଂହା ଥାନା କୁଟୁରାପାଲିର ବିପିନ ନାଗଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡି ଦେଇଥିଲା। ଏହାକୁ ନେଇ ମୃତକଙ୍କ ପରିବାର ଏବଂ ଶ୍ୱଶୁର ଘର ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି । କାରରେ ମୁକୁନ୍ଦଙ୍କ ଯଦି ମୃତ୍ୟୁ ହୋଇଥିଲା ତେବେ ସ୍ଥାନୀୟ ପୋଲିସକୁ ନଜଣାଇ ମୃତଦେହକୁ କାହିଁକି ବଲାଙ୍ଗୀର ନିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ପୋଲିସ ଉପଯୁକ୍ତ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି ଅଭିଯୋଗ ଆଧାରରେ ଦୁଇଜଣଙ୍କୁ ଡାକି ପଚରାଉଚରା କରାଯାଇଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ମୃତକଙ୍କ ପରିବାର ଲୋକଙ୍କୁ ଡକାଯାଇଥିଲା । ଅଯଥାରେ ଗାଁ ଲୋକ ଉଠି ଆସିଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବା ବୋଲି ସେ କହିଛନ୍ତି।

# ମାଝିଦେଶ ପ୍ରଗଣା ଆଦିସ୍କନ୍ଧ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଡୁଣ୍ଡଲା,୨୫।୧୦(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁଣ୍ଡଲା ବଜାର ପଡିଆଠାରେ ମାଝିଦେଶ ପ୍ରଗଣା ଆଦିସ୍କନ୍ଧ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଝି ପ୍ରଗଣା ସଭାପତି ଚୌଧୁରୀ ଭୋଇଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲା କେନ୍ଦ୍ର କମିଟି ସଭାପତି ଚିନ୍ତାମଣି ଭୋଇ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଉତ୍କଳ କନ୍ଧ ସମାଜ ସଭାପତି ବିରଞ୍ଚି ଭୋଇ, କଳାହାଣ୍ଡି ଆଦିବାସୀ ସଙ୍ଘ ସଭାପତି ପ୍ରକାଶ ମାଝୀ, କଳାହାଣ୍ଡି ଆଦିସ୍କନ୍ଧ ସମାଜ ସଭାପତି ରାଜେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ନଗର କମିଟି ସଭାପତି ସଦା ମାଝି, ଜୁନାଗଡ଼ କନ୍ଧ ସମାଜ ସଭାପତି ଶ୍ରୀବତ୍ସ ଯାନୀ, ମଦନପୁର ରାମପୁର କନ୍ଧ ସମାଜ ସଭାପତି ରାଜୁ ମାଝି ରହିଥିଲେ। ଘନଶ୍ୟାମ ଭୋଇ ମଞ୍ଚ ପରିଚାଳନା କରିଥିଲେ। କନ୍ଧ ସଂସ୍କୃତି ଓ ପରମ୍ପରା ବଜାୟୀ ରଖିବା ପାଇଁ ସର୍ବସମ୍ମତିକ୍ରମେ ଆଲୋଚନା କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ କନ୍ଧ ସଂସ୍କୃତି ଗବେଷକ ମେଦିନୀ ଧର ଯାନୀ ଓ କେସିଙ୍ଗା ବ୍ଲକ ରଜପଡା ଗ୍ରାମର ଓଇଏସ ପଙ୍କଜିନୀ ମାଝିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଥିରେ ଭୀଷ୍ମଦେବ ଭୋଇ, ଦୟା ଭୋଇ, ସଞ୍ଜୀବ ମାଝି, ଭଜନ ମାଝି, ଅଶୋକ ଭୋଇ, ମୁନୀରାମ ମାଝି, ପ୍ରେମାନନ୍ଦ ମାଝି, ଦୁର୍ଜନ ମାଝି, ରମାକାନ୍ତ ଭୋଇ, ଅଞ୍ଜନା ଭୋଇ, ଭାରତୀ ମାଝି, ଲଳିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମାଝିପ୍ରଗଣାର ସମ୍ପାଦକ ଧୀରେନ୍ଦ୍ର ମାଝି ସମ୍ପାଦନା କରିଥିବା ବେଳେ ବିକ୍ରମ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବିଡିସିସି ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ




ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ (ବିଡିସିସି) ବ୍ୟାଙ୍କ ସମ୍ମୁଖରେ ବୁଧବାରଠାରୁ କର୍ମଚାରୀଙ୍କ ତିନିଦିନିଆ ଧର୍ମଘଟ ଆରମ୍ଭ ହୋଇଛି। ସଂଘ ସଭାପତି ଗୋପାଳଜୀ ପାଣିଗ୍ରାହୀ ଓ ସମ୍ପାଦକ ଅମିତ କୁମାର ସାମନ୍ତରାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଧାରଣାରେ ବସିଥିଲେ। ରାଜ୍ୟର ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବରୁ କ୍ଷତିରେ ଚାଲୁଥିଲା। ବ୍ୟାଙ୍କ କର୍ମଚାରୀଙ୍କ ପ୍ରଚେଷ୍ଟା ଫଳରେ କିଛିବର୍ଷ ହେଲା ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଲାଭରେ ଚାଲିଛି। ବ୍ୟାଙ୍କ ଆୟରୁ କୋଟି କୋଟି ଟଙ୍କାର ଇନ୍‌କମ୍ ଟ୍ୟାକ୍ସ ସରକାରଙ୍କୁ ପ୍ରଦାନ କରୁଛନ୍ତି। ତେବେ ଏହାର ସୁଫଳ କର୍ମଚାରୀମାନେ ପାଉନାହାନ୍ତି। କର୍ମଚାରୀଙ୍କୁ ବ୍ୟାଙ୍କର ଲାଭ ପ୍ରଦାନ କରାଯିବା ନେଇ ଦାବି କରାଯାଉଥିଲେ ମଧ୍ୟ ସରକାର ଏଦିଗରେ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। ସରକାରଙ୍କ ସମସ୍ତ ଜନ କଲ୍ୟାଣ ଯୋଜନା ସମବାୟ ବ୍ୟାଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ। ସରକାର ବ୍ୟାଙ୍କର ଖର୍ଚ୍ଚ ବହନ କରନ୍ତି ନାହିଁ। ବ୍ୟାଙ୍କ ନିଜ ଆୟରୁ ନିଜର ସମସ୍ତ ଖର୍ଚ୍ଚ କରିଥାଏ। କିନ୍ତୁ କର୍ମଚାରୀଙ୍କର ଦରମା ବୃଦ୍ଧି କରିବା କ୍ଷମତା ବ୍ୟାଙ୍କର ପରିଚାଳନା ପରିଷଦ ପାଖରେ ନ୍ୟସ୍ତ ଥିଲେ ମଧ୍ୟ ସରକାରଙ୍କ ବିନା ଅନୁମତିରେ ଏହା ଦିଆଯାଇ ପାରୁନାହିଁ। ୫ଗୋଟି ଦାବି ନେଇ ପ୍ରଥମେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ନେତୃତ୍ୱରେ ସମସ୍ତ ସଭାପତି, ସମବାୟ ନିବନ୍ଧକ ଓ କର୍ମଚାରୀ ମହାସଂଘ ମଧ୍ୟରେ ଏକ ଆଲୋଚନା କରାଯାଇ ୧୫ ଦିନ ମଧ୍ୟରେ ଏକ କ୍ଷୁଦ୍ର କମିଟି ଗଠନ କରାଯାଇ ସେହି କମିଟିର ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରସ୍ତାବ ପାଇବା ପରେ ମହାସଂଘ ତାର ଧର୍ମଘଟ କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୨କୁ ଘୁଞ୍ଚାଇ ଦେଇଥିଲା। ସରକାର ଆଲୋଚନା ମୁତାବକ ସମାଧାନର କୌଣସି ନିଷ୍ପତି ନେଇ ନାହାନ୍ତି । ତେଣୁ ରାଜ୍ୟର ୧୭ଟି ସମବାୟ ବ୍ୟାଙ୍କ କର୍ମଚାରୀ ବୁଧବାରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଧର୍ମଘଟରେ ଓହ୍ଲାଇଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ନଭେମ୍ବର ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରି ଧାରଣାରେ ବସିବେ ବୋଲି ସାଧାରଣ ସମ୍ପାଦକ ଅମିତ କୁମାର ସାମନ୍ତରା ସୂଚନା ଦେଇଛନ୍ତି।

# ଧରାପୃଷ୍ଠରୁ ମେଲାଣି ନେଲେ ମା'ଦୁର୍ଗା

କୋକସରା,୨୫।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାରେ ଷଷ୍ଠୀଠାରୁ ମା'ଙ୍କ ପୂଜା ରୀତିନୀତିରେ ଆରମ୍ଭ ହୋଇ ବିଜୟା ଦଶମୀରେ ବିସର୍ଜନ ହୋଇଛି। ପୂଜା କମିଟି ପକ୍ଷରୁ ତୃତୀୟ ତଥା ଶେଷ ରାତିରେ ଅନୁଷ୍ଠିତ ଘୁମୁରା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୋହନ ଚରଣ ବିଶି, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ଉପାଧ୍ୟକ୍ଷ୍ୟା ଧର୍ମଗଡ଼ ଏନଏସସି ମନୀଷା ମିଶ୍ର, ଶବର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ରାତି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝି, ସମ୍ପାଦକ ଅଧୁରାଜିତ ନାଏକ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଦ୍ୱିତୀୟ ରାତିରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକର ଲଡୁଗାଁ, ସାନପୋଡାଗୁଡା, ଟେମରା, ମୋଟେର, ଓଲମା ଓ ଖୁଣ୍ଟିଆଠାରେ ଶାରଦୀୟ ଦୁର୍ଗାପୁଜା ଧୁମଧାମରେ ପାଳନ କରାଯାଇଛି ।

# ବ୍ଲକ ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା

କର୍ଲାମୁଣ୍ଡା,୨୫।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲ କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସାଧାରଣ ପରେଡ଼ ପଡିଆଠାରେ କର୍ଲାମୁଣ୍ଡା ବ୍ଲକ ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ସୁରେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ଅବିନାଶ ଠାକୁର, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜାକୀର ହୁସେନ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସରପଞ୍ଚ ସ୍ୱର୍ଣ୍ଣ ଲତା ସାହୁ, ଦୁର୍ଗା ପୂଜା କମିଟି ସମ୍ପାଦକ ଶଶୀ ଭୂଷଣ ସାହୁ, ପୂଜା କମିଟି ସଦସ୍ୟ ଦିନ ବନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ବରିଷ୍ଠ ନାଗରିକ ରଶ୍ମି କାନ୍ତ ସାହୁ, ଗୁଣ ସାଗର ସାହୁହେମ ଶଙ୍କର ସାହୁ, ଭୁବନ ବିହାରୀ ସିଙ୍ଗଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ପ୍ରଦୀପ କୁମାର ସାହୁ ସଂଯୋଜାନା କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ଭୁବନ ବିହାରୀ ସିଙ୍ଗ, ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ସମିତି ସଭ୍ୟ ଗୋଲାପ ଶଙ୍କର ସାହୁ, ଫାଣ୍ଡି ଅଧିକାରୀ ଥବିର ବରିହା, ନର୍ଲା ବ୍ଲକ କଂଗ୍ରେସ ସଭାପତି ସମୀର ଚାନ୍ଦ, କଂଗ୍ରେସ ନେତା ବିଭୁତି ଭୂଷଣ ମହାକୁଡ଼ ଯୋଗ ଦେଇଥିଲେ। ପଣ୍ଡିତ ଚିତ୍ର ସେନ ଦାଶ, ନାଟ୍ୟକାର ଭାଗିରଥି ଷଡଙ୍ଗୀଙ୍କୁ ସମ୍ମାନିତ କରିଥିଲେ। ଏଥିରେ ପୂଜାକମିଟି ହିରୋଜ ସାହୁ, ମିତ୍ର ଭାନୁ ସାହୁ, ରାମ ଗୋପାଳ ସାହୁ, ମହେନ୍ଦ୍ର ସାହୁ, ଅମ୍ବିଲାଲ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିନୋଦ ସାହ, ବନ ସାହୁ,ମୋତିଲାଲ ସାହୁ, ଅକ୍ଷୟ ସାହୁ, ପ୍ରସନ୍ନ କୁମାର ସାହୁ, ଟିକେମନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବ୍ଲକ ସଦର ଅନ୍ୟ ଏକ ଦୁର୍ଗା କମିଟି ୫୦ବର୍ଷ ପୂର୍ତ୍ତି ଅବସରରେ ଧୁମଧାମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅଭିଭାଷଣ ଦେଉଛନ୍ତି।

# ଦେଓଗାଁ ମେନ୍‌ରୋଡ୍, ରଣାପଡ଼ା ଦୁର୍ଗାଙ୍କ ଭସାଣି



ଦେଓଗାଁ ମେନରୋଡ କମିଟି ପକ୍ଷରୁ ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

ଦେଓଗାଁ,୨୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ମେନରୋଡ ଓ ରଣାପଡା ସାର୍ବଜନୀନ ଦୁର୍ଗାପୂଜା ଭସାଣି ସହ ସମ୍ପନ୍ନ ହୋଇଛି। ମେନରୋଡଠାରେ କମିଟି ସଭାପତି ବିଶ୍ୱଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ଦଳ ସହ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ସୁନାଆଡକି ପ୍ରୋଜେକ୍ଟରେ ବିସର୍ଜନ କରାଯାଇଥିଲା। ସେହିପରି ରଣାପଡା ଜୟଦୁର୍ଗା କ୍ଲବ ଆୟୋଜିତ ଦୁର୍ଗାପୂଜା ଭସାଣି ସହ ଶେଷ ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ଅଜୟ ରଣା, ସମ୍ପାଦକ ସଚ୍ଚିଦାନନ୍ଦ ରଣା, ପ୍ରମୋଦ ରଣା, ପ୍ରମୋଦ ସାହୁ, ପ୍ରଦୀପ ସାହୁ, କୁନା ସାହୁ, ପ୍ରକାଶ ସାହୁ ସହଯୋଗ କରିଥିଲେ ।

# ବିକାଶ ବିରୋଧୀଙ୍କୁ ଲୋକେ ଜବାବ ଦେବେ

ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ଲକ ଚନ୍ଦନଭାଟିରେ ମଙ୍ଗଳବାର ଆୟୋଜିତ ରାବଣ ପୋଡି ମହୋତ୍ସବରେ ଯୋଗଦେଇଥିଲେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ଏଡି ଅବସରରେ ସେ ବକ୍ତବ୍ୟ ରଖି କହିଥିଲେ ଯେ, ଦଶହରା ଆମକୁ ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମ ସ୍ଥାପନା ଏବଂ ଶାନ୍ତି, ମୈତ୍ରୀ ଓ ପ୍ରଗତି ସହ ନାରୀ ସଶକ୍ତିକରଣର ବାର୍ତ୍ତା ଦେଇଥାଏ। କିନ୍ତୁ ବର୍ତ୍ତମାନ ଚାରିଆଡେ ରାବଣରାଜ ଚାଲିଛି । ଏହି ସରକାରରେ ନାରୀ ସଶକ୍ତିକରଣ ନାଁରେ ସରକାରୀ ଦଳର ଅନେକ ନେତା ନିଜ ପରିବାର ଭିତରେ ନାରୀ ନିର୍ଯାତନା ଭଳିଆ ଜଘନ୍ୟ ଅପରାଧରେ ଜଡିତ ରହିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ଅଛି କିନ୍ତୁ ଡାକ୍ତର, ଶିକ୍ଷକର ଅଭାବ ଦେଖାଦେଇଛି। ଚାଷୀ ତାର ଜମିରେ ପର୍ଯ୍ୟାପ୍ତ ପାଣି ପାଇ ପାରୁନାହିଁ । ଦଶହରା ଭଳି ପବିତ୍ର ଦିନରେ ଶପଥ ନେବା ଦରକାର ଯେ, ନାରୀ ନିର୍ଯାତନା, ଅଶାନ୍ତି, ପ୍ରବଞ୍ଚନା, ମିଥ୍ୟା ପ୍ରତିଶ୍ରୁତିରେ ଯେଉଁ ସରକାର ଲିପ୍ତ ସେଭଳି ସରକାରକୁ ଲୋକେ ଉଚିତ ଜବାବ ଦେବେ। ସେ ଆହୁରି କହିଥିଲେ ଯେ, ଅଞ୍ଚଳର ବିକାଶ ସେତେବେଳେ ସମ୍ଭବ ହୁଏ ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ଥାଏ । ଫଳରେ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ସମୃଦ୍ଧି ହୋଇଥାଏ କିନ୍ତୁ ଏସବୁ କ୍ଷେତ୍ରରେ କେବଳ ରାଜ୍ୟ ନୁହେଁ କେନ୍ଦ୍ର ମଧ୍ୟ ଲୋକଙ୍କୁ ମିଥ୍ୟା କହି ଭୁଆଁ ବୁଲାଉଛି।



ନରସିଂହ ମିଶ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି।

### ଚନ୍ଦନଭାଟି ରାବଣ ପୋଡିରେ ଯୋଗଦେଲେ ନରସିଂହ

ବିଧାୟକ ମିଶ୍ର ନିଜ ବକ୍ତବ୍ୟରେ ଗତ ୯ ବର୍ଷରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୂଚନା ଦେଇଥିଲେ। ଆଗାମୀ ଦିନରେ ଏ ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ରାବଣପୋଡି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଚନ୍ଦନଭାଟି ସମିତି ସଭ୍ୟା ସଙ୍ଗୀତା ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ ପାଣିଗ୍ରାହୀ, ପୂଜା କମିଟି ସଭାପତି ବଳରାମ ମେହେର, ସମ୍ପାଦକ ଗୋକୁଳ ବେହେରା, କୋଷାଧ୍ୟକ୍ଷ ମଞ୍ଚାସୀନ ଥିଲେ। ଚନ୍ଦନଭାଟିର ବରିଷ୍ଠ ନାଗରିକ କପିଳେଶ୍ୱର ପାଣିଗ୍ରାହୀ, ଯୁବନେତା ସଂକୀର୍ତ୍ତନ ମେହେର, ନରେନ୍ଦ୍ର ମେହେର, ଅମ୍ବରେଶ ପ୍ରଧାନ, ଶ୍ରବଣ ଖମାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱୟଂସିଦ୍ଧା ଲୋକାର୍ପିତ

**ପାଇକମାଲ,୨୫।୧୦(ବଡ ଶତପଥୀ):** ପାଇକମାଲ ବ୍ଲକ ନୃସିଂହନାଥ ମନ୍ଦିରରେ ବରପାଲି ବ୍ଲକ ଲେଣ୍ଡା ସ୍ଥିତ ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ 'ସ୍ୱୟଂସିଦ୍ଧା' ପତ୍ରିକାର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ମନ୍ଦିର ପୂଜକ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରି ପତ୍ରିକାକୁ ନୃସିଂହଙ୍କ ପାଖରେ ସମର୍ପଣ କରିଥିଲେ। ପରେ ମନ୍ଦିର ପରିସରରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ସୁରେଶ କୁମାର ପାଠୀ, ସମ୍ପାଦକ ଡକ୍ଟର ସୁଶୀଲ କୁମାର ବାଗ ପତ୍ରିକାକୁ ଉନ୍ମୋଚନ କରିଥିଲେ।

### ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

**ପଦ୍ମପୁର,୨୫।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁରର ଭୂତପୂର୍ବ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପଦ୍ମପୁର ସ୍ଥିତ ବାସଭବନରେ ବୁଧବାର ଆୟୋଜିତ ହୋଇଥିଲା। ଗୋବିନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ ରୀତା ସାହୁ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଝାରସୁଗୁଡା ବିଧାୟିକା ଦୀପାଳି ଦାସ, ବିଜେଡି ଜିଲା ସଭାପତି ଡ. ପ୍ରଭାସ ସିଂ, ରାଜ୍ୟ ସମ୍ପାଦକ ରାଜୁ ଘିଭେଲା, ପ୍ରଭାତ ଆଦିତ୍ୟ ମିଶ୍ର, ସୌଭାଗ୍ୟ ନାୟକ, ଜୀବନ ବିନ୍ଦୁ ଜିଲା ସଂଯୋଜକ ଗୌରହରି ମିଶ୍ର, ପୂର୍ବତନ ବିଧାୟକ ଆୟୁବ ଖାଁ ଓ ରମାରଞ୍ଜନ ବଳିଆର ସିଂ ଯୋଗଦେଇ ସ୍ୱର୍ଗତ ବରିହାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପତ୍ନୀ ତିଳୋତ୍ତମା, ଜ୍ୱାଇଁ ସ୍ମୃତି ସୌରଭ ବଳିଆରସିଂ, ଝିଅ ବିଧାୟିକା ବର୍ଷା ସିଂ ବରିହା, କାଦମ୍ବିନୀ, ପୁଅ ଭୋଜରାଜ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### ଦାଦନ ଚାଲାଣ ଆରମ୍ଭ, କାହାର ନିଘା ନାହିଁ

**ନୂଆପଡ଼ା,୨୫।୧୦(ମକାରୁ ବେମାଲ):** ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ୯୦% ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ୬ ମାସ ଚାଷ କାମ କରି ୬ ମାସ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ପ୍ରାୟତଃ ନୂଆଁଖାଇ ସମୟରୁ ଦାଦନ ଯିବା ଆରମ୍ଭ ହୋଇଥାଏ। ହେଲେ ଚଳିତବର୍ଷ ବର୍ତ୍ତମାନ ଦାଦନ ଚାଲାଣ ଆରମ୍ଭ ହୋଇଛି। ପ୍ରତି ଦିନ ବିଭିନ୍ନ ଗାଡିରେ ହାଇଦ୍ରାବାଦ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ, ସୁରତ ଭଳି ରାଜ୍ୟକୁ ଦାଦନ ସର୍ଦ୍ଦାର ସହାୟତାରେ କାମ କରିବା ପାଇଁ ଯାଉଛନ୍ତି। ଦାଦନ ଶ୍ରମିକମାନେ ଯାର ବ୍ୟାଗ ଧରି ବନ୍ଧୁ ବାନ୍ଧବ ଘରକୁ କୁଣିଆ ଗଲା ଭଳି ଭେଶଭୁଷାରେ ଯାଉଥିବାରୁ ପୋଲିସ ମଧ୍ୟ ଜାଣି ପାରୁନାହିଁ। ପ୍ରତି ଦିନ ଶହ ଶହ ଦାଦନ ଶ୍ରମିକ ଚାଲାଣ ହେଉଥିଲେ ମଧ୍ୟ କାହାର ନିଘା ନାହିଁ। ଅଧିକାଂଶ ଗାଁରେ ତାଟି କବାଟ ବନ୍ଦ କରି ଚାଲି ଗଲେଣି। ଯେଉଁମାନଙ୍କ ଜମିବାଡି ନାହିଁ, ସେମାନେ ନୂଆଁଖାଇ ପୂର୍ବରୁ ଚାଲି ଗଲେଣି।



ମନସ୍କାମନା ପୂରଣ ପାଇଁ ବରଗଡ଼ ମାହେଶ୍ୱରୀ ପୀଠରେ କାଳିସୀ ଦର୍ଶନ।

# ମାହେଶ୍ୱରୀ ପୀଠରେ ଷୋହଳ ପୂଜା ସମ୍ପନ୍ନ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମର ଶ୍ରୀ ଶ୍ରୀ ମାଁ ଉମା ମାହେଶ୍ୱରୀ ଶକ୍ତିପୀଠରେ ଷୋହଳ ପୂଜା ସମ୍ପନ୍ନ ହୋଇଛି । ଏହି ଅବସରରେ ସ୍ଥାନୀୟ ଦନ୍ତା ନଦୀ କୂଳ୍ୟ ସନ୍ଧି ବାଡ଼ିବୁହା ପୂଜା ହୋଇଥିଲା। ମାଁ ମାହେଶ୍ୱରୀଙ୍କ ସଂସ୍କୃତି ଆଧାରରେ ଦନ୍ତା ନଦୀରେ ସନ୍ଧିପୂଜା ସାରି କୁରୁଆଁ ଗ୍ରାମରେ ଦେବୀଙ୍କୁ ମନ୍ଦିରର ପଧାନ ସୁରା ଚହରା କରିଥିଲେ। ସନ୍ଧ୍ୟାରେ ସୁରପାନ ଯାତ୍ରା ପରେ ମାଁ ଆଦିମାତା ମାହେଶ୍ୱରୀଙ୍କ ଚଳନ୍ତି ପ୍ରତିମା ରୂପେ ମେଣ୍ଡଲୀଙ୍କୁ ଦେବୀ ପ୍ରବେଶ କରି ନିଶାର୍ଦ୍ଧ ରାତିରେ ଦେହେରୀମାନେ ଗ୍ରାମରେ ସାଲାକା ନଗର କରିଥିଲେ। ସେହିପରି ଦେବୀଙ୍କ ପୀଠରେ ଚଣ୍ଡୀହୋମ ମହାଖଲା ପୂଜା ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ମାଁଙ୍କ ଶସ୍ତ୍ର ପୂଜନ ହୋଇଥିଲା। ମନସ୍କାମନା ପୂରଣ ପାଇଁ ଭକ୍ତମାନେ କାଳିସୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର ସେବାୟତମାନେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ (ଏସ୍‌ଡ଼ିସିସି) ବ୍ୟାଙ୍କ କର୍ମଚାରୀମାନେ ବୁଧବାରଠାରୁ ଧର୍ମଘଟ ଆରମ୍ଭ କରିଛନ୍ତି। ଶୁକ୍ରବାର ପର୍ଯ୍ୟନ୍ତ ଏହି ଧର୍ମଘଟ ଚାଲିବ। ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ବରଗଡ଼ସ୍ଥିତ ମୁଖ୍ୟାଳୟ ସମେତ ବରଗଡ଼ର ଅନ୍ୟ ଶାଖା, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଜିଲାରେ ଥିବା ୩୪ ଶାଖାରେ ଧର୍ମଘଟ ଆରମ୍ଭ ହୋଇଛି। ଦାବି ମଧ୍ୟରେ ୨୦୧୬ ଜାନୁୟାରୀ ପହିଲାରୁ ବକେୟା ଥିବା ସପ୍ତମ ବେତନ ରାଶି ପ୍ରଦାନ, ନୂତନ କର୍ମଚାରୀମାନଙ୍କ ପାଇଁ ପେନସନ କର୍ପସ ପାଣ୍ଠି ଗଠନ, କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକର ପୁନର୍ଗଠନ ଆଦି ରହିଛି। ସେହିପରି ସମବାୟ ନିବନ୍ଧକଙ୍କ ଅହିତକର ନିଷ୍ପତ୍ତିକୁ ସମବାୟ ବ୍ୟାଙ୍କର ଅବଦାନର ପୁନର୍ବିଚାର, ପ୍ରାଥମିକ ସମବାୟ ସମିତି ମାନଙ୍କର ରାଜ୍ୟ ସମବାୟ ବ୍ୟାଙ୍କରେ ଖାତା ଖୋଲିବା ଆଦି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ ହୋଇଛି, ପୂର୍ବରୁ କର୍ମଚାରୀମାନଙ୍କ ବିଭିନ୍ନ ଦାବି ନେଇ ବହୁବାର ସମବାୟ ବିଭାଗ ନିବନ୍ଧକଙ୍କ ସହିତ ରାଜ୍ୟର ୧୭ ଜିଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଆଲୋଚନା ସରିଥିଲା। ସେତେବେଳେ ୭ଦିନ ମଧ୍ୟରେ ଦାବି ସମୂହ ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଥିବା କହିଛନ୍ତି। ସରକାର ଯଦି ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ନଭେମ୍ବର ୧୪ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ ବୋଲି ସଂଘ ସଭାପତି ଅବିନାଶ ପତି ସୂଚନା ଦେଇଛନ୍ତି। ଧର୍ମଘଟରେ ସଂଘ ସଭାପତିଙ୍କ ସମେତ ଉପସଭାପତି ବୁଲବୁଲ ଦେବତା, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, ସହ ସମ୍ପାଦକ ହେମସିକ୍ତ ଦାଶ, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଶତପଥି ଏବଂ ଉପଦେଷ୍ଟା କମିଟି, ସମସ୍ତ ସଭ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।




ଏସ୍‌ଡିସିସି ବ୍ୟାଙ୍କ ବରଗଡ଼ ସ୍ଥିତ ମୁଖ୍ୟାଳୟରେ କର୍ମଚାରୀଙ୍କ ଧର୍ମଘଟ।

# ଶୌଣ୍ଡିକ ସମାଜର ସାଧାରଣ ସଭା

**ପଦ୍ମପୁର,୨୫।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ସ୍ତରୀୟ ରାଜବୋଡାସମ୍ବର ଶୌଣ୍ଡିକ ସମାଜର ସାଧାରଣ ସଭା ଅମୂଲ୍ୟ କିଶୋର ସାହୁଙ୍କ ସଭାପତିତ୍ୱରେ ସମାଜ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜୋନ ସଭାପତି ଓ ସଦସ୍ୟ ଯୋଗଦାନ କରିଥିଲେ। ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ସମସ୍ୟାର ଆଲୋଚନା କରାଯାଇ ତାର ସମାଧାନ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଅମୂଲ୍ୟ କିଶୋର ସାହୁ ସଭାପତି, ବେଣୁଧର ସାହୁ ଉପ ସଭାପତି, ସମ୍ପାଦକ ମହାଦେବ ବେହେରା, ସହ ସମ୍ପାଦକ ଜୟଦେବ ବେହେରା, କୋଷାଧ୍ୟକ୍ଷ ଭାବେ ଜୟକୃଷ୍ଣ ବେହେରା ମନୋନିତ ହୋଇଥିଲେ। ବିରେନ୍ଦ୍ର ବେହେରା, ରାଜକିଶୋର ବେହେରା, ଧ୍ରୁବରାଜ ବେହେରା, ଜଗତ ବେହେରା, ଗଣେଶରାମ ବେହେରା, ଆନନ୍ଦ ବେହେରା, ଚୈତନ୍ୟ ପ୍ରସାଦ ବେହେରା, ଫିରୋଜ ବେହେରା, ତୁଳାରାମ ବେହେରା, ବିଜୟ ବେହେରା, ଅନିରୁଦ୍ଧ ବେହେରା ସଦସ୍ୟ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଭୁବନେଶ୍ୱର ସାହୁ, ଶୁକଲ ବେହେରା, ଟଙ୍କଧର ବେହେରା, ହୀରାଲାଲ ବେହେରା, ଯଶୋବନ୍ତ ବେହେରା, କୃଷ୍ଣଚନ୍ଦ୍ର ବେହେରା, ନରୋତ୍ତମ ବେହେରା, ରମେଶ ଚନ୍ଦ୍ର ବେହେରା ରହିଛନ୍ତି।

# ଶତବାର୍ଷିକୀ ସମାରୋହ ପାଳନ ପ୍ରସ୍ତୁତି



ଶତବାର୍ଷିକୀ ସମାରୋହ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଭ୍ୟବୃନ୍ଦ ।

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୦୨୪ରେ ଶହେ ବର୍ଷରେ ପଦାର୍ପଣ କରିବ। ଫଳରେ ଆସନ୍ତାବର୍ଷ ଜାନୁୟାରୀ ୫ରୁ ୭ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ପାଳନ କରାଯିବ । ଏହି କ୍ରମରେ ବୁଧବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ଆଲୁମିନି ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ଛାତ୍ର ନିତ୍ୟାନନ୍ଦ ନାଏକ, ଗୋପବନ୍ଧୁ ପୁରୋହିତ, ଅଶୋକ ସାହୁ, ଶ୍ରୀବତ୍ସ ପ୍ରଧାନ, ଶିକ୍ଷକ ନବୀନ ସାବତ, ସନାତନ ଖମାରୀ ପ୍ରମୁଖ ଯୋଗଦେଇ ଶତବାର୍ଷିକୀ ସମାରୋହକୁ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଧାନ ଶିକ୍ଷକ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଛାତ୍ରଙ୍କ ସୁନ୍ଦରବନ ଭ୍ରମଣ

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ଆବାସିକ ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି ସକାଶେ ଶିକ୍ଷଣୀୟ ପରିଦର୍ଶନ ପାଇଁ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀର ଡେଲ୍‌ଟାସ୍ଥିତ ହେନ୍ତାଳବଣ ଏବଂ ରୟାଲ ବେଙ୍ଗଲ ଟାଇଗରର ଆଶ୍ରୟସ୍ଥଳୀ ସୁନ୍ଦରବନକୁ ଛାତ୍ରମାନେ ପରିଭ୍ରମଣ କରିଛନ୍ତି। ବିଦ୍ୟାଳୟର ୧୧୦ଜଣ ଛାତ୍ର ଏବଂ ୧୦ଜଣ ଶିକ୍ଷକ ସୁନ୍ଦରବନକୁ ଶିକ୍ଷା ଭ୍ରମଣରେ ଯାଇଥିଲେ। ସୋମବାର ସେମାନେ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଗସ୍ତରେ ଛାତ୍ରମାନେ ସୁନ୍ଦରବନ ସ୍ଥିତ ରବିନ୍ଦ୍ରନାଥ ଟାଗୋର ବଙ୍ଗଳା, ହେମିଲଟନ୍ ବଙ୍ଗଳା, ସୁନ୍ଦରବନ ପକ୍ଷୀ ଅଭୟାରଣ୍ୟ, ସଜନେଖାଲି ବନ୍ୟଜନ୍ତୁ ଅଭୟାରଣ୍ୟ, ସୁନ୍ଦରବନ ବନ୍ୟଜନ୍ତୁ ପୁନରୁଦ୍ଧାରସ୍ଥଳୀ, କଳିକତାସ୍ଥିତ ଇଣ୍ଡିଆନ ମ୍ୟୁଜିୟମ ଆଦି ଭ୍ରମଣ ସହିତ ଭାରତ ପ୍ରସିଦ୍ଧ କଳିକତାର ଦୁର୍ଗାପୂଜା ଦେଖି ମାଁଙ୍କ ଆଶୀର୍ବାଦ ନେଇଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସଫଳ ପରିଭ୍ରମଣ ପାଇଁ ଛାତ୍ର ଓ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ।




ସୁନ୍ଦରବନ ପରିଭ୍ରମଣରେ ବିକାଶ ଛାତ୍ର ।

### ମା' ମାଣିକେଶ୍ୱରୀଙ୍କ ଦଶହରା ପର୍ବ

**ଥୁଆମୂଳ ରାମପୁର ୨୫।୧୦(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀଙ୍କ ମୁଖ୍ୟ ପୀଠରେ ଚାଲିଥିବା ପ୍ରସିଦ୍ଧ ଦଶହରା ପର୍ବ ସମ୍ପନ୍ନ ହୋଇଯାଇଛି। ମା' ମାଣିକେଶ୍ୱରୀଙ୍କ ଏହି ପୀଠରେ ଖଣ୍ଡାବସା ଦିନଠୁ ଆରମ୍ଭ ହୋଇ ୯ଦିନ ଧରି ଚାଲିଥିଲା ମା'ଙ୍କ ନବରାତ୍ରି ଦଶହରା ପୂଜା। ମହା ଅଷ୍ଟମୀ ରାତିରେ ମାଆଙ୍କ ଗୁପ୍ତ ପୂଜା ହେବା ସହ ମହା ପଶୁବଳି ପଡ଼ିଲା ପରେ ମା'ଙ୍କ ସେବାୟତଙ୍କ ଦ୍ୱାରା ନିଶି ପୂଜା ପାଇଁ ମନ୍ଦିରରୁ ବାହାରି ସ୍ଥାନୀୟ ବାବା ଖଣ୍ଡୁଆଳ ମନ୍ଦିରକୁ ଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ଭୋର ସକାଳେ ମା'ଙ୍କ ଛତର ମନ୍ଦିରରୁ ବାହାରି ଜେନାଖାଲ ଅଭିମୁଖେ ଯାଇ ସେଠାରେ ଗୁପ୍ତ ପୂଜା ସାରି ଘୁମୁରା, ଘଣ୍ଟ, ଶଙ୍ଖ, ହୁଳହୁଳି ଶବ୍ଦ ସହ ଛତର ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲା।

# ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଶିଶୁମାନେ ।

**ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)**

ପୁସ୍ତକ ଆମର ଗୁରୁ। ପୁସ୍ତକ ସହିତ ବନ୍ଧୁତା କରିଥିବା ବ୍ୟକ୍ତି ମଣିଷ ଭଳି ମଣିଷଟିଏ ହୋଇଥାଏ। ଜୀବନର ସମସ୍ତ ଲକ୍ଷ୍ୟରେ ପହଞ୍ଚି ପାରିଥାଏ। ତେଣୁ ସମସ୍ତ ଛାତ୍ରୀଛାତ୍ର ସମୟର ଠିକ୍ ବିନିଯୋଗ କରି ପୁସ୍ତକ ସହିତ ସମ୍ପର୍କ ରଖିବା ଉଚିତ୍ ବୋଲି ବରଗଡ଼ ବାଞ୍ଜି ଝୁମ୍ପୁଡ଼ିରେ ଅନୁଷ୍ଠିତ ଶିଶୁଶ୍ରୀ କାର୍ଯ୍ୟକ୍ରମ 'ଆସ ଆମେ ପଢ଼ିବା'ରେ ମତପ୍ରକାଶ ପାଇଛି। ବାଞ୍ଜି ଝୁମ୍ପୁଡ଼ି ବସ୍ତିର ଗରିବ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିଶୁ ସାହିତ୍ୟିକ ତଥା ଶିକ୍ଷକ ଡ. ରବି ନାରାୟଣ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଦୁଃଖିସେବକ ସାହୁ ପିଲାମାନଙ୍କୁ ଗପ, କବିତା କହିବା ସହିତ ଶିକ୍ଷାଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତ ସର, ତ୍ରିଲୋଚନ ସର, କୁନି ସର, ସୀତା ସର ପ୍ରମୁଖ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ଶିକ୍ଷାଦାନରେ ପ୍ରଶ୍ନଗୁଡିକର ଠିକ୍ ଉତ୍ତର ଦେଇଥିବା ଛାତ୍ରୀଛାତ୍ର ପମି ସର, ବେବି ନିଆଲ, ତାପସ ବାରିକ, ଦ୍ରିସା ସରଙ୍କୁ ପୁରସ୍କୃତ କରାଯାଇଥିଲା।

# ଅନୁସୂଚିତ ଜାତିକୁ ମିଳୁନି ନ୍ୟାୟ

**ଜୁନାଗଡ଼,୨୫।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲାରେ ଅନୁସୂଚିତ ଜାତି ପ୍ରତି ଦିନକୁ ଦିନ ଆକ୍ରମଣ ବୃଦ୍ଧି ପାଉଛି। ଅନୁସୂଚିତ ଜାତି ବୋଲି ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁ ନାହିଁ କି ତଦନ୍ତ ମଧ୍ୟ କରୁନାହାନ୍ତି। ଫଳରେ ଜିଲାରେ ଅନୁସୂଚିତ ଜାତିର ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ରହୁଛନ୍ତି ବୋଲି କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଆରଏମସି ସଭାଗୃହରେ ବୁଧବାର ଅପରାହ୍ନରେ ଅଲ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛି। ଗତ କିଛି ଦିନ ତଳେ ଅନୁସୂଚିତ ଜାତିର ଜଣେ ନାବାଳିକାକୁ ଅପହରଣ ସହ ବାଳତ୍କାର କରାଯାଇଥିଲା। ଅଭିଯୋଗ କଲେ ମଧ୍ୟ ପୋଲିସ ମାମଲା ରୁଜୁ କଲାନାହିଁ। ସେହିପରି ମହିଚଲାଠାରେ ଜଣେ ଯୁବକଙ୍କୁ ବାଇକ୍ ଦୁର୍ଘଟଣା ହୋଇଥିବା କହି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣା ନେଇ ପରିବାରବର୍ଗ ମଧ୍ୟ ରାସ୍ତା ଅବରୋଧ କରିଥିଲେ। କିନ୍ତୁ ପୋଲିସ ଏହି ଘଟଣାରେ ନିରବ ରହିଲା ଓ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ହଡ଼ପ ଅଭିଯୋଗରେ ଅନୁସୂଚିତ ଜାତିର ଥିବା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଗିରଫ କରାଯାଇଥିଲା। ଯାହାକି ରାଜନୈତିକ ଆକ୍ରୋଶ ବୋଲି ଜଳ ଜଳ ହୋଇ ଦେଖାଯାଉଛି। ଜଣେ ଯୁବ ପ୍ରତିଭାଙ୍କୁ ଆଗକୁ ନ ବଢିବା ପାଇଁ ଏପରି ହୀନ ଚକ୍ରାନ୍ତ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଯିଏ ଦୋଷୀ ତା ବିରୋଧରେ ତୁରନ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

# ୨୭ରୁ ସୁବର୍ଣ୍ଣପୁର ହରଗୌରୀ ଯାତ୍ରା

**ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଢେରାପଡାର ପ୍ରସିଦ୍ଧ ହରଗୌରୀ ଯାତ୍ରା ଆସନ୍ତା ୨୭ ତାରିଖରୁ ୪ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଢେରାପଡାଠାରେ ଆୟୋଜିତ ହେବାକୁ ଥିବା ଏହି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘ ୯ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ଚଳିତବର୍ଷ ୨୫ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ୩୦ ତାରିଖରୁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି। ୩୦ ତାରିଖ ଦିନ ପଶ୍ଚିମ ଓଡ଼ିଶା ଲୋକନୃତ୍ୟ ମହୋତ୍ସବରେ ବଲାଙ୍ଗୀରର ପଞ୍ଚମ ଓ ସୋନପୁରର ପଏଁରୀ ଅନୁଷ୍ଠାନ ଯୋଗ ଦେବାକୁ ଥିବା ବେଳେ ୩୧ ତାରିଖରେ ବିଶିଷ୍ଟ ପାରାୟଣ ଗାୟିକା ପ୍ରାପ୍ତି ଆଚାର୍ଯ୍ୟଙ୍କ ଦ୍ୱାରା ପାରାୟଣ ପରିବେଷଣ କରା ହେବ।୧ ତାରିଖରେ ଭଜନ ସଂଧ୍ୟା 'ଭକ୍ତି ଆରାଧନା, ୨ ତାରିଖରେ ସମ୍ବଲପୁରୀ ଅର୍କେଷ୍ଟ୍ରା ହରି ମେଲୋଡ଼ି, ୩ ତାରିଖରେ ରାଞ୍ଚିର ହିନ୍ଦୀ ମେଲୋଡ଼ି ନାଇଟ୍ସ ଇକୋଡିଲା ଇଭେଣ୍ଟସ ଓ ୪ ତାରିଖରେ ମା' ମାହେଶରୀ ସମ୍ବଲପୁରୀ ଅର୍କେଷ୍ଟ୍ରା ଓ ମଧ୍ୟରାତ୍ରରୁ ନଗର ପରିକ୍ରମା ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହରଗୌରୀ ଯାତ୍ରା କମିଟି ସଭାପତି ଦିଲିପ ପାତ୍ର, ସଂପାଦକ ଜନ୍ମେଜୟ ପାତ୍ର, ସତ୍ୟନାରାୟଣ ରାଓ, ଆନନ୍ଦ ପାତ୍ର ଓ କୋଷାଧକ୍ଷ ଶ୍ୟାମସୁନ୍ଦର ପାତ୍ର ପ୍ରମୁଖ ଏହି ସୂଚନା ଦେଇଛନ୍ତି ।




କମିଟି ପକ୍ଷରୁ ଯାତ୍ରା ସମ୍ପର୍କରେ ସୂଚନା ଦିଆଯାଉଛି।

# ପିଏମ୍ ଶ୍ରୀସ୍କୁଲ ଏକବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ସହ ଉତ୍କୃଷ୍ଟତାର ପ୍ରତୀକ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫ା୧୦(ସୁନିତ୍ ମିଶ୍ର)**

ହରିୟାଣାରେ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ତଥା ପିଏମ୍ ଶ୍ରୀ ସ୍କୁଲର ଲୋକାର୍ପଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତରଫରୁ ରାଜ୍ୟର ଲୋକମାନଙ୍କୁ ବିଜୟା ଦଶମୀର ଉପହାର। ପିଏମ୍ ଶ୍ରୀସ୍କୁଲ ଏକବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ସହ ଉତ୍କୃଷ୍ଟତାର ପ୍ରତୀକ ହେବ ବୋଲି ବୁଧବାର ପ୍ରଥମ ପର୍ଯ୍ୟାୟରେ ହରିୟାଣାରେ ୧୨୪ଟି ପିଏମ୍ ଶ୍ରୀ ସ୍କୁଲର ଲୋକାର୍ପଣ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷାନୀତି ଆଧାରରେ ଉନ୍ନତ ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ହରିୟାଣାର ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଆଜି ଏକ ଐତିହାସିକ ଦିନ। ଜାତୀୟ ଶିକ୍ଷାନୀତି ଦ୍ୱାରା ପରିକଳ୍ପିତ ବିଦ୍ୟାଳୟ ଶିକ୍ଷାକୁ ଭାଇବ୍ରେଣ୍ଟ କରିବା ପାଇଁ ହରିୟାଣା ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଉପକ୍ରମ ଏବଂ ସଂସ୍କାର ପାଇଁ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଉଛି। ସ୍କିଲ୍ ଆଧାରିତ, ଜନଜୀବନ ସଂସ୍କୃତି ଏବଂ ମାତୃଭାଷା ଆଧାରିତ ଏକବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ସହ ପିଏମ୍ ଶ୍ରୀ ସ୍କୁଲ ଉତ୍କୃଷ୍ଟତାର ପ୍ରତୀକ ହେବ। ଏହି ସ୍କୁଲର ଶୁଭାରମ୍ଭ ଦ୍ୱାରା ହରିୟାଣାରେ ବିଦ୍ୟାଳୟ ଶିକ୍ଷାର କ୍ଷମତା ବଢ଼ିବ ଓ ହରିୟାଣାର ପିଲାମାନେ ଲାଭାନ୍ୱିତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଗୁରୁଦିବସ ଅବସରରେ ପିଏମ୍ ଶ୍ରୀ ଯୋଜନାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୨୦୨୨-୨୩ ରୁ ୨୦୨୬-୨୦୨୭ ପର୍ଯ୍ୟନ୍ତ ଆଗାମୀ ୫ ବର୍ଷ ପାଇଁ ଆର୍ଥିକ ବ୍ୟୟବରାଦ ମଧ୍ୟ କରିଥିଲେ । ଆଜି ଶିକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ଅଣାଯାଉଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟାର , ରାଜ୍ୟ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ କନ୍ୱର୍ ପାଲ୍ ଓ ଲୋକ ସଭା ସଦସ୍ୟ ଅରବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।




# ସୀମାନ୍ତରେ ୫ ମାଓବାଦୀ ଗିରଫ, ବହୁ ସାମଗ୍ରୀ ଜବତ

**ମାଲକାନଗିରି, ୨୫ା୧୦ (ଦୁର୍ଯ୍ୟୋଧନ ପାତ୍ର)**



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମାରେ ୫ ମାଓବାଦୀ ଗିରଫ ହେବା ସହ ବହୁ ସାମଗ୍ରୀ ଜବତ ହୋଇଛି। ଗିରଫ ମାଓବାଦୀମାନେ ହେଲେ ତମୁ ଭୀମା, ଓୟାମ ଯୋଗା, ଆଭାଲମ ପାଣ୍ଡୁ, ପୁନେମ ସନ୍ନୁ ଓ ତମୁ ଆକାଶ। ସୂଚନା ଅନୁଯାୟୀ, ସୁକୁମା ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ କ୍ରମାଗତ ଭାବରେ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ଜାଗରଗୁଣ୍ଡାରେ ମଧ୍ୟ ଯବାନମାନେ ୨୪ ତାରିଖ ଦିନ କୋମ୍ବିଂ ବେଳେ ୫ଜଣ ଯୁବକ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ଦେଖି ସେମାନଙ୍କୁ କାବୁ କରି ପଚରା ଉଚରା କରିଥିଲେ। ତେବେ ଉକ୍ତ ୫ଜଣ ଯୁବକ ମାଓବାଦୀ ଭାବେ କାର୍ଯ୍ୟ କରୁଥିବା ଯବାନଙ୍କ ନିକଟରେ ସ୍ୱୀକାର କରିଥିବା ବେଳେ ତୁରନ୍ତ ଯବାନମାନେ ସେମାନଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୮୦ ଖଣ୍ଡ ସ୍ପାଇକ୍ ଟିର ଏବଂ ବିସ୍ଫୋରକ ସାମଗ୍ରୀ ଓ ମାଓବାଦୀ ସାହିତ୍ୟ ପୁସ୍ତିକା ଆଦି ଜବତ କରିଥିଲେ।

# ପଡ଼ୋଶୀଙ୍କ ନାକ କାମୁଡ଼ି ଛିଣ୍ଡେଇ ଦେଲେ

## ଘରୋଇ କଳିରୁ ହାତାହାତି

କଣ୍ଟିପାଳ, ୨୫ା୧୦(ସୁଶାନ୍ତ କୁମାର ସାହୁ ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ତରତରା ପଞ୍ଚାୟତ ମାଠିଆନେଣ୍ଡି ଗ୍ରାମରେ ଘରୋଇ କଳହକୁ ନେଇ ଅଜବ ଘଟଣା ନଜରକୁ ଆସିଛି। ଜଣେ ବ୍ୟକ୍ତି ତାଙ୍କ ପଡ଼ୋଶୀଙ୍କ ନାକକୁ କାମୁଡ଼ି ଛିଣ୍ଡେଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ଗତିକୃଷ୍ଣ ନାଇକଙ୍କ ଭାଉଜଙ୍କୁ ତାଙ୍କ ପଡୋଶୀ କାହ୍ନୁ ନାଇକ କୌଣସି କାରଣକୁ ନେଇ ବୁଧବାର ଗାଳିଗୁଲଜ କରୁଥିଲେ। ଗତିକୃଷ୍ଣ ଏହାର ପ୍ରତିବାଦ କରିବାରୁ କାହ୍ନୁ ତାଙ୍କୁ ମଧ୍ୟ ଗାଳି କରିଥିଲେ। କଥା ହାତାହାତି ପର୍ଯ୍ୟନ୍ତ ଯାଇଥିବା ବେଳେ କାହ୍ନୁ ରାଗରେ ଗତିକୃଷ୍ଣଙ୍କ ନାକକୁ କାମୁଡ଼ି ଛିଣ୍ଡେଇ ଦେଇଥିଲେ। ଗତିକୃଷ୍ଣ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପରେ ଆନନ୍ଦପୁର ଥାନାରେ ଏକ ମାମଲା(ନଂ.୨୪୧/୨୩)ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସଂଘର୍ଷକୁ ନେଇ ବଙ୍ଗୋମୁଣ୍ଡାରେ ୧୪୪ ଧାରା

**ବଲାଙ୍ଗୀର, ୨୫ା୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରେ ଛତର ଯାତ୍ରା ଚାଲିଥିଲା ବେଳେ ରବିବାର ଦୁଇ ଗୋଷ୍ଠୀ ଭିତରେ ସଂଘର୍ଷ ଘଟିଥିଲା। ଏନେଇ ବଙ୍ଗୋମୁଣ୍ଡା ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ବୁଧବାର ପୋଲିସ ଉଭୟ ପକ୍ଷରୁ ୫ଜଣଙ୍କୁ ଗିରଫ କରିଛି। ଗିରଫ ପରେ ପୁଣି ଉତ୍ତେଜନା ଆଶଙ୍କା କରି ଜିଲା ପ୍ରଶାସନ ପକ୍ଷରୁ ବଙ୍ଗୋମୁଣ୍ଡାରେ ୧୪୪ଧାରା ଲାଗୁ କରାଯାଇଛି। ବୁଧବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ବଙ୍ଗୋମୁଣ୍ଡାଠାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### କୁଦୁଲି ସାପ୍ତାହିକ ...

କରିବାରୁ ଘଟଣାସ୍ଥଳରେ ଗୋବର୍ଦ୍ଧନଙ୍କର ମୃତ୍ୟୁ ହୋଇଯାଇଥିଲା। ଗୋବର୍ଦ୍ଧନଙ୍କ ଉପରେ ଆକ୍ରମଣ ହେଉଥିବା ଖବରପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଏ ସମ୍ପର୍କରେ ପଚରାଉଚରା କରିବାରୁ ରାଜକୁମାର ଓ ଅନ୍ୟମାନେ ଗୋବର୍ଦ୍ଧନଙ୍କ ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ସମୟରେ ଗୋବର୍ଦ୍ଧନଙ୍କ ପରିବାର ସଦସ୍ୟ ରାଜକୁମାରଙ୍କ ଉପରେ ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବରପାଇ ପଟ୍ଟାଙ୍ଗି ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏସ୍‌ପି ଅଭିନବ ସୋନ୍‌କାର ପହଞ୍ଚି ସ୍ଥିତି ଅନୁଧ୍ୟାନକରି ଉପସ୍ଥିତ ପୋଲିସ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ସହ ମଧ୍ୟ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରେ ଯାଞ୍ଚ କରିବା ସହ ସେଠାରେ ପଡ଼ିଥିବା ଲାଠି, ଠେଙ୍ଗା ଆଦି ଜବତ କରିଛି। ପୋଲିସ ଗୋବର୍ଦ୍ଧନଙ୍କ ମୃତଦେହ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜକୁମାରଙ୍କ ମୃତଦେହ କୁଦୁଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି।

### ୨୮ ବର୍ଷ ପରେ ...

ଟ୍ରିବ୍ୟୁନାଲଙ୍କ ଆଦେଶକୁ କାଏମ ରଖିଥିଲେ। ଏପରି କି ଏହା ଉପରେ ହୋଇଥିବା ରିଭ୍ୟୁ ପିଟିଶନକୁ ୨୦୨୧ରେ ମଧ୍ୟ ଖାରଜ କରିଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ରାୟ ବିରୋଧରେ ଡାକ ବିଭାଗ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

### ବିଶ୍ୱକପ୍ ରେକର୍ଡ: ୪୦ ...

ଏଡେନ ମାରକ୍ରମଙ୍କ ନାମରେ ଥିଲା। ଏହି ଭେନ୍ୟୁରେ ଚଳିତ ବିଶ୍ୱକପ୍‌ର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମାରକ୍ରମ ୪୯ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ଦିନିକିଆ କ୍ରିକେଟ ଇତିହାସରେ ଏହା ଚତୁର୍ଥ ଦ୍ରୁତତମ ଶତକ। ପ୍ରଥମ ଅଷ୍ଟ୍ରେଲୀୟ ଖେଳାଳିଭାବେ ମଧ୍ୟ ମ୍ୟାକ୍ସୱେଲ ୪୦ ବଲ୍‌ରୁ ଶତକ ପୂରଣ କରିଥିଲେ। ମ୍ୟାକ୍ସୱେଲ ଓ ଅଧିନାୟକ ପ୍ୟାଟ୍ କମିନ୍ସ ୭ମ ଉଇକେଟରେ ୧୦୩ ରନର ଭାଗୀଦାରି ଗଢ଼ିଥିଲେ। କୌଣସି ବିଶ୍ୱକପ ଇନିଂସରେ ଅଷ୍ଟ୍ରେଲିଆ ପାଇଁ ଏହା ଏକ ରେକର୍ଡ। ଦୁହେଁ ୧୪.୩୭ ଆଭରେଜରେ ଏହି ଭାଗୀଦାରି ଗଢ଼ିଥିଲେ। ଯାହାକି ବିଶ୍ୱକପ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ପାର୍ଟନରଶିପ୍‌ରେ ଅଷ୍ଟ୍ରେଲିଆ ପାଇଁ ପ୍ରଥମ। ଚତୁର୍ଥ ଅଷ୍ଟ୍ରେଲୀୟଭାବେ ଡେଭିଡ ୱାର୍ନର କ୍ରମାଗତ ଶତକ ହାସଲ କଲେ। ତାଙ୍କ ପୂର୍ବରୁ ମାର୍କ ୱ (୧୯୯୬), ରିକି ପଣ୍ଟିଂ (୨୦୦୩-୦୭) ଓ ମାଥ୍ୟୁ ହେଡେନ (୨୦୦୭)ରେ ଏହି ସଫଳତା ପାଇଥିଲେ। ଅଷ୍ଟ୍ରେଲିଆ ବ୍ୟାଟରଭାବେ ୱାର୍ନର ବିଶ୍ୱକପ୍‌ରେ ସର୍ବାଧିକ ଶତକ ହାସଲ କଲେ। ବୁଧବାର ସେ ୬ଷ୍ଠ ଶତକ ପୂରଣ କରି ରିକି ପଣ୍ଟିଂ (୫)ଙ୍କୁ ପଛରେ ପକାଇ ଦେଇଛନ୍ତି ଏବଂ ଭାରତର ସଚିନ ତେନ୍ଦୁଲକରଙ୍କ ସହ ସମକକ୍ଷ ହୋଇଛନ୍ତି। ୧୫୩ ଇନିଂସରେ ୱାର୍ନର କ୍ୟାରିୟରର ୨୨ତମ ଦିନିକିଆ ଶତକ ହାସଲ କଲେ, ଯାହାକି ଅଷ୍ଟ୍ରେଲିଆ ପାଇଁ ଦ୍ରୁତତମ ଏବଂ ଅନ୍ତର୍ଜାତୀୟ କ୍ରିକେଟରେ ତୃତୀୟ ଦ୍ରୁତତମ। ଦକ୍ଷିଣ ଆଫ୍ରିକାର ହାଶିମ ଅମଲା ୧୨୬ ଓ ଭାରତର ବିରାଟ କୋହଲି ୧୪୩ ଇନିଂସରୁ ଏହି ସଫଳତା ପାଇଛନ୍ତି। ୩୯୯ ରନ ବିଶ୍ୱକପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବାଧିକ ସ୍କୋର। ବିଶ୍ୱକପ୍‌ରେ ନେଦରଲାଣ୍ଡ ବିପକ୍ଷରେ କୌଣସି ଦଳ ଏତେ ରନ ସ୍କୋର କରିବା ମଧ୍ୟ ପ୍ରଥମ।

### ଜାନୁୟାରୀ ୨୨ରେ ...

ମୋଦି ଆମ ନିମନ୍ତ୍ରଣ ଗ୍ରହଣ କରିଛନ୍ତି। ସେ ଉକ୍ତ ଦିନ ମନ୍ଦିରରେ ଉପସ୍ଥିତ ରହିବେ ବୋଲି ସମ୍ପ୍ରତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ମଙ୍ଗଳବାର ପ୍ରଥମେ ଏହି ସୂଚନା ଦେଇଥିଲେ। ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟା ରାମମନ୍ଦିରରେ ରାମଙ୍କ ମୂର୍ତ୍ତି ସ୍ଥାପନ ହେବ। ଏହି ଅବସରରେ ସାରା ଦେଶରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ଦେଶବାସୀଙ୍କୁ ପରାମର୍ଶ ଦେଇଥିଲେ।

## Business

# ଉତ୍ତମ ମାନର ସେମିକଣ୍ଡକ୍ଟର ଯୋଗାଣକୁ ଗୁରୁତ୍ୱ

**ଜାପାନ-ଭାରତ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳା ଅଂଶୀଦାରି ସହଯୋଗ ବୁଝାମଣାପତ୍ରକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ**

**ନୂଆଦିଲ୍ଲୀ, ୨୫ା୧୦**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜାପାନ-ଭାରତ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳା ଅଂଶୀଦାରୀ ସହଯୋଗ ବୁଝାମଣାକୁ ଅନୁମୋଦନ ଦିଆଯାଇଛି। ବିଶେଷକରି ଏହି ସହଯୋଗ ବୁଝାମଣାପତ୍ର (ଏମ୍‌ଓସି) ୨୦୨୩ ଜୁଲାଇରେ ସ୍ୱାକ୍ଷର କରାଯାଇଥିଲା। ଏଥିରେ ଭାରତ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଜାପାନ ପକ୍ଷରୁ ଅର୍ଥନୀତି, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟର ପ୍ରତିନିଧି ମିଳିତ ଭାବେ ସ୍ୱାକ୍ଷର କରିଥିଲେ। ଏପରିକି ଏହା ଭାରତ-ଜାପାନ ସେମି କଣ୍ଡକ୍ଟର ଯୋଗାଣ ଶୃଙ୍ଖଳା ଅଂଶୀଦାରି ନାମରେ ପରିଚିତ ହେବ ବୋଲି ଉଭୟ ପକ୍ଷରୁ କୁହାଯାଇଥିଲା। ସେହିଭଳି ଏହି ଏମ୍‌ଓସି ଦୁଇ ଦେଶ ମଧ୍ୟରେ ସେମି କଣ୍ଡକ୍ଟର କାରବାର ଓ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବେଶ୍ ସହାୟକ ହେବ। ଏପରିକି ଡିଜିଟାଲ ଟେକ୍ନୋଲୋଜି ଓ ଉଦ୍ୟୋଗର ବିକାଶରେ ସେମିକଣ୍ଡକ୍ଟରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଭାରତ ଓ ଜାପାନ ଉଭୟ ଉକ୍ତ ବୁଝାମଣା ସହଯୋଗ ଦ୍ୱାରା ଉପକୃତ ହେବେ। ବିଶେଷକରି ଏହି ଏମ୍‌ଓସି ସ୍ୱାକ୍ଷରିତ ହେବା ଦିନଠାରୁ କାର୍ଯ୍ୟକାରୀ ହେବା ସହ ୫ବର୍ଷ ଯାଏ ବଳବତ୍ତର ରହିବ। ଏହାଦ୍ୱାରା ଉଭୟ ଦେଶ ଜି୨ଜି ଓ ବି୨ଜି ଦ୍ୱିପାକ୍ଷିକ ସହଯୋଗ ଭିତ୍ତିରେ ପରସ୍ପରକୁ ସାହାଯ୍ୟ କରି ଉତ୍ତମ ମାନର ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବାକୁ କାମ କରିବେ। ଉଲ୍ଲେଖଯୋଗ୍ୟ, ଭାରତରେ ଏକ ସୁଦୃଢ଼ ଓ ଉତ୍ତମ ଇଲେକ୍ଟ୍ରୋନିକ୍ସ ତଥା ସେମିକଣ୍ଡକ୍ଟର ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଗୁରୁତ୍ୱର ସହି କାମ କରୁଛି। ଏପରିକି ଭାରତରେ ସେମିକଣ୍ଡକ୍ଟର ଫ୍ୟାବ୍ସ, ଡିସ୍ପ୍ଲେ ଫ୍ୟାବ୍ସ, କମ୍ପାଉଣ୍ଡ ସେମିକଣ୍ଡକ୍ଟର,ସିଲିକନ୍ ଫଟୋନିକ୍ସ, ସେନ୍ସର୍, ଡିସକ୍ରିଟ୍ ସେମିକଣ୍ଡକ୍ଟର, ସେମି କଣ୍ଡକ୍ଟର ପ୍ରସ୍ତୁତି, ଟେଷ୍ଟିଂ, ମାର୍କିଂ ଓ ପ୍ୟାକେଜିଂ (ଏଟିଏମ୍ପି) ଆଉଟସୋର୍ସଡ୍ ସେମି କଣ୍ଡକ୍ଟର ଆସେମ୍ବ୍ଲି ଓ ଟେଷ୍ଟ (ଓଏସ୍‌ଏଟି) ବ୍ୟବସ୍ଥା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି।

# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ, ୨୫ା୧୦**

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୩(୫୨୨.୮୨) ପଏଣ୍ଟ ଖସି ୬୪,୦୪୯(୬୪,୦୪୯.୦୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୬୦ (୧୫୯.୬୦) ପଏଣ୍ଟ ହ୍ରାସ ଘଟି ୧୯,୧୨୨ (୧୯,୧୨୨.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଜିଓ ଦେଶରେ ୧ ନମ୍ବର ନେଟ୍‌ୱର୍କ

**ଭୁବନେଶ୍ୱର, ୨୫ା୧୦**




ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଭାରତର ୧ ନମ୍ବରର ନେଟ୍‌ୱର୍କ ମାନ୍ୟତା ହାସଲ କରିଛି। ଏପରିକି ଓକ୍‌ଲା ପକ୍ଷରୁ ନିକଟରେ କରାଯାଇଥିବା ସ୍ପିଡ୍ ପରୀକ୍ଷା ଆୱାର୍ଡରେ ଜିଓ ସମସ୍ତ ପୁରସ୍କାର ଯଥା ଦ୍ରୁତ ମୋବାଇଲ୍ ନେଟ୍‌ୱର୍କ, ଶ୍ରେଷ୍ଠ ମୋବାଇଲ୍ କଭରେଜ୍, ମୋବାଇଲ୍ ନେଟ୍‌ୱର୍କ, ମୋବାଇଲ୍ ଗେମିଂ ଅନୁଭୂତି, ମୋବାଇଲ୍ ଭିଡିଓ ଅନୁଭୂତି, ମାନ୍ୟତାପ୍ରାପ୍ତ ମୋବାଇଲ୍ ନେଟ୍‌ୱର୍କ, ଦ୍ରୁତ ୫ଜି ମୋବାଇଲ୍ ନେଟ୍‌ୱର୍କ ଏବଂ ୫ଜି ମୋବାଇଲ୍ ଗେମିଂ ଅନୁଭୂତି ଓ ମୋବାଇଲ୍ ଭିଡିଓ ଅନୁଭୂତି ଶ୍ରେଣୀରେ ପୁରସ୍କାର ଜିତିଛି। ବିଶେଷକରି ୨୦୨୩ର ପ୍ରଥମ ଓ ଦ୍ୱିତୀୟ ତ୍ରୈମାସିକ ପ୍ରଦର୍ଶନ ଆଧାରରେ ଉପରୋକ୍ତ ପୁରସ୍କାରଗୁଡ଼ିକୁ ଜିଓକୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଭାରତରେ ଏକ ଡିଜିଟାଲ ସମାଜ ଗଠନ କରିବା ଲାଗି ଜିଓ ପରିକଳ୍ପନା ପ୍ରସ୍ତୁତ କରିଛି, ଯାହା ଆମ ଜୀବନର ପ୍ରତିଟି କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଆଣିବ। ଏହି ବିପ୍ଳବରେ ଯୋଗଦାନ ଦେବା ଆମ ପାଇଁ ସୌଭାଗ୍ୟର ବିଷୟ ହୋଇଛି,ଯେଉଁ ଦ୍ରୁତଗତିରେ ଜିଓ ୫ଜିର ଶୁଭାରମ୍ଭ (ରୋଲ୍‌ଆଉଟ୍) କରିଛି, ଯାହାକୁ ନେଇ ଆମେ ବେଶ ଉତ୍ସାହିତ ରହିଛୁ। ଏପରିକି ଭାରତରେ ଯେତେସବୁ ୫ଜି ନେଟ୍‌ୱର୍କର ଶୁଭାରମ୍ଭ କରାଯାଇଛି, ସେଥିରେ ୮୫% ଭାଗ ଜିଓର ରହିଛି, ଆମେ ପ୍ରତି ୧୦ ସେକେଣ୍ଡରେ ଗୋଟିଏ ଲେଖାଏ ୫ଜି ସେଲ୍ ସ୍ଥାପନ କରୁଛୁ। ସେହିଭଳି ଓକ୍‌ଲାର ସଭାପତି ଓ ସିଇଓ ଷ୍ଟିଫେନ୍ ବାୟ କହିଛନ୍ତି, ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ।

# ବଜାଜ ଫିନ୍‌ସର୍ଭର ନୂତନ ଉତ୍ପାଦ

**ଭୁବନେଶ୍ୱର, ୨୫ା୧୦**

ବଜାଜ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟର ନୂତନ ଉତ୍ପାଦ 'ବଜାଜ ଫିନ୍‌ସର୍ଭ ବ୍ୟାଙ୍କିଙ୍ଗ୍ ଆଣ୍ଡ ପିଏସ୍‌ୟୁ ଫଣ୍ଡ'ର ଶୁଭାରମ୍ଭ (ପ୍ରଚଳନ) ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଏହା ଚତୁର୍ଥ ଫିକ୍ସଡ୍ ଆୟ ନିବେଶ ଉତ୍ପାଦ ହୋଇଥିବାବେଳେ ନିବେଶକମାନଙ୍କୁ ଏହା ଆୟ ସୃଷ୍ଟି ନିମନ୍ତେ ନିବେଶ ସୁଯୋଗ ଯୋଗାଇଦେବାକୁ ଡିଜାଇନ କରାଯାଇଛି। ଏପରିକି ଏହି ଫଣ୍ଡ ନିବେଶକଙ୍କୁ ଫିକ୍ସଡ୍ ଇନ୍‌କମ୍‌ରେ ନିବେଶ ନିମନ୍ତେ ସୁଯୋଗ ପ୍ରଦାନ କରୁଥିବାବେଳେ ସେହି ସମୟରେ ସେମାନଙ୍କର ନିବେଶ ପୋର୍ଟଫୋଲିଓରେ ଯେଭଳି ଉଚ୍ଚସ୍ତରର କ୍ରେଡିଟ ମାନ ବଜାୟ ରହିବ ତାହା ସୁନିଶ୍ଚିତ କରୁଛି। ଏ ସମ୍ପର୍କରେ ବଜାଜ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟର ସିଇଓ ଗଣେଶ ମୋହନ କହିଥିଲେ, ଆମର ବ୍ୟାଙ୍କିଙ୍ଗ୍ ଏବଂ ପିଏସ୍‌ୟୁ ଫଣ୍ଡ ବ୍ୟାଙ୍କିଙ୍ଗ୍ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ କ୍ଷେତ୍ରରେ ଉପଲବ୍ଧ ଫିକ୍ସଡ୍ ଇନ୍‌କମ୍ ନିବେଶ ସୁଯୋଗର ଫାଇଦା ଉଠାଇବା ଏବଂ ପେସାଦାର ଫଣ୍ଡ ପରିଚାଳନାର ଫାଇଦା ନେବାକୁ ନିବେଶକଙ୍କ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରୁଛି। ଏହା ନିଜର ପାଣ୍ଠି ନିମନ୍ତେ ତୁଳନାତ୍ମକ ଭାବେ ଏକ ସ୍ଥିର ନିବେଶ ବିକଳ୍ପ ଚାହୁଁଥିବା ନିବେଶକଙ୍କ ପାଇଁ ଏହା ଉପଯୋଗୀ ହୋଇଛି। ସେହିଭଳି ବଜାଜ ଫିନ୍‌ସର୍ଭ ଆସେଟ ମ୍ୟାନେଜମେଣ୍ଟର ସିଆଇଓ ନିମେଶ ଚନ୍ଦନ କହିଥିଲେ, ଏହି ଫଣ୍ଡ ଉଚ୍ଚ କ୍ରେଡିଟ ମାନ ବଜାୟ ରଖିବ ଏବଂ ଆବଣ୍ଟନ ମଧ୍ୟରେ ୮୦% ଉଚ୍ଚ କ୍ରେଡିଟ ମାନର ବ୍ୟାଙ୍କ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀର ବଣ୍ଡ ରହିବାବେଳେ ୨୦% ସୋଭରେନ ଏବଂ ଅନ୍ୟ ଉଚ୍ଚ କ୍ରେଡିଟ ମାନର ବଣ୍ଡ ହେବ।

ଏହି ନୂତନ ଫଣ୍ଡ ଚଳିତ ବର୍ଷ ଅକ୍ଟୋବର ୨୫ରେ ଇନିସିଆଲ ସବ୍‌ସ୍କ୍ରିପସନ ନିମନ୍ତେ ଉନ୍ମୁକ୍ତ ହୋଇଛି ଏବଂ ୨୦୨୩ ନଭେମ୍ବର ୬ରେ ବନ୍ଦ ହେବ। ତା'ପରେ ଏହା ସବ୍‌ସ୍କ୍ରିପସନ ନିମନ୍ତେ ପ୍ରଚଳିତ ଧାରାରେ ୨୦୨୩ ନଭେମ୍ବର ୧୫ ଅଥବା ତାହା ପୂର୍ବରୁ ଉନ୍ମୁକ୍ତ ହେବ।

# ଅଲ୍ ନ୍ୟୁ ଟିଭିଏସ୍ ଜୁପିଟର ୧୨୫ ଉନ୍ମୋଚିତ

**ଭୁବନେଶ୍ୱର, ୨୫ା୧୦**



ଦେଶର ପ୍ରମୁଖ ଦୁଇ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଅଲ ନ୍ୟୁ ଟିଭିଏସ୍ ଜୁପିଟର ୧୨୫କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନିର ବରିଷ୍ଠ ଉପସଭାପତି (କମ୍ୟୁଟର୍ସ, କର୍ପୋରେଟ୍ ବ୍ରାଣ୍ଡ ଓ ଡିଲର ଟ୍ରାନ୍ସଫର୍ମେଶନ) ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ଆଜିର ଦ୍ରୁତ ଗତିଶୀଳ ଦୁନିଆରେ ଯୋଗାଯୋଗ ଜୀବନର ଏକ ମାଧ୍ୟମ ପାଲଟିଛି। ଯେତେବେଳେ ଦୁଇଚକିଆ ଯାନ ଚଲାଉଛନ୍ତି ବୋଧହୁଏ କେବଳ ସେହି ସମୟରେ ଆପଣ ଯୋଗାଯୋଗରେ ରହିପାରୁନାହାନ୍ତି। ଆପଣ ଯିବାଆସିବା କରିବା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗରେ ରହିବା ପାଇଁ ସ୍ମାର୍ଟ-ଏକ୍ସୋନେଟ୍ ସହିତ ଟିଭିଏସ୍ ଜୁପିଟର ୧୨୫କୁ ଉନ୍ମୋଚନ କରାଯାଇଛି। ଏପରିକି ଏହା ଏଲିଗାଣ୍ଟ ରେଡ୍ ଓ ମ୍ୟାଟ୍ କପର୍ ବ୍ରୋଞ୍ଜ ଭଳି ଦୁଇଟି ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ। ସେହିଭଳି ଅଲ ନ୍ୟୁ ଟିଭିଏସ୍ ଜୁପିଟର ୧୨୫ ସ୍ମାର୍ଟ-ଏକ୍ସୋନେଟ୍‌ରେ ବ୍ଲୁ ଟୁଥ୍ ସଂଯୋଗ ଥିବା ଟିଏଫ୍‌ଟି ଡିଜିଟାଲ୍ କ୍ଲଷ୍ଟର ସହିତ ସ୍ମାର୍ଟଏକ୍ସଟକ୍ ଓ ସ୍ମାର୍ଟଏକ୍ସଟ୍ରାକ୍ ଆଦି ରହିଛି, ଯାହା ସ୍କୁଟର ଗ୍ରାହକଙ୍କ ପ୍ରିମିୟମ ଯାତ୍ରାକୁ ସୁଦୃଢ଼ କରିବ। ଅପରପକ୍ଷରେ ଅଲ ନ୍ୟୁ ଟିଭିଏସ୍ ଜୁପିଟର ୧୨୫ରେ ରଙ୍ଗିନ ହାଇବ୍ରିଡ୍ କନ୍‌ସୋଲ୍, ଭଏସ୍ ଆସିଷ୍ଟ, କଲ୍ ଓ ମେସେଜ୍ ଆଲର୍ଟ, ଟ୍ରାଫିକ୍ ଟାଇମ୍ ସ୍କ୍ରିନ୍ ରହିଛି, ଯେଉଁଥିରେ କ୍ରିକେଟ୍ ସ୍କୋର, ଖବର (ନ୍ୟୁଜ) ଏବଂ ଡିଟିଇ (କେତେ ଦୂର ପରେ ଟାଙ୍କି ଖାଲି ହେବ) ଆଦି ସୁବିଧା ସମ୍ପର୍କରେ ବିସ୍ତୃତ ଜାଣି ହେବ। ଏହା ସହିତ ଫଲୋ ମି ହେଡ୍‌ଲ୍ୟାମ୍ପ, ହାରାହାରି ଇନ୍ଧନ ମିତବ୍ୟୟିତା ଏବଂ ପ୍ରିମିୟମ୍ ସିଟ୍ ସହ ପିଲିଅନ୍ ପଛ ସିଟ୍, ଟର୍ନ ବାଏ ଟର୍ନ ନାଭିଗେଶନ, ସୋସିଆଲ ମିଡିଆ ଆଲର୍ଟ, ଫୁଡ୍, ସପିଙ୍ଗ ଆପ୍ ଓ ପାଣିପାଗ ସୂଚନା ଇତ୍ୟାଦି ଭଳି ସୁବିଧା ରହିଛି। ଏହାର ଏକ୍ସ ଶୋ'ରୁମ୍ ଦାମ୍ ୯୬,୮୫୫ ଟଙ୍କା ରହିଛି।

# ଆକ୍ସିସ୍ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର, ୨୫ା୧୦**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କ ମୋଟ ୫୮୬୪ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି। ସେହିଭଳି ବ୍ୟାଙ୍କର ପରିଚାଳନା ରାଜସ୍ୱ ତ୍ରୈମାସିକ ଭିତ୍ତିରେ ୧୨% ବୃଦ୍ଧି ପାଇ ୮,୬୩୨ କୋଟି ଟଙ୍କା ହୋଇଥିବା ବେଳେ ମୂଳ ପରିଚାଳନା ରାଜସ୍ୱ ୧୨% ବୃଦ୍ଧି ପାଇ ୮,୭୩୩ କୋଟି ଟଙ୍କା ହୋଇଛି। ବ୍ୟାଙ୍କର ନିଟ୍ ସୁଧ ଆୟ ଏହି ସମୟରେ ୧୯% ବୃଦ୍ଧି ପାଇ ୧୨,୩୧୫ କୋଟି ଟଙ୍କା ହୋଇଥିଲାବେଳେ ନିଟ୍ ସୁଧ ମାର୍ଜିନ ଏହି ସମୟ ମଧ୍ୟରେ ୪.୧୧% ରହିଛି। ଅପରପକ୍ଷରେ ୨୦୨୩ ସେପ୍ଟେମ୍ବର ୩୦ସୁଦ୍ଧା ବ୍ୟାଙ୍କର ମୋଟ କାରବାର ୧୩% ବୃଦ୍ଧି ପାଇ ୧୩,୩୮,୯୧୪ କୋଟି ଟଙ୍କା ହୋଇଛି। ଏପରିକି ମୋଟ ଜମାରେ ୧୮% ବୃଦ୍ଧି ଘଟିଥିବା ବେଳେ ଅଗ୍ରୀମ ପରିମାଣ ୨୩% ବୃଦ୍ଧି ପାଇ ୮,୯୭,୩୪୭ କୋଟି ଟଙ୍କା ହୋଇଛି। ସେହିପରି ଖୁଚୁରା ଋଣ ୨୩% ବୃଦ୍ଧି ପାଇ ୫,୧୯,୭୩୬ କୋଟି ଟଙ୍କା ହୋଇଥିବା ବେଳେ ବ୍ୟାଙ୍କର ମୋଟ ଋଣରେ ଖୁଚୁରା ଋଣର ଅବଦାନ ୩୧% ହୋଇଛି। ବିଶେଷକରି ଏସ୍‌ଏମ୍‌ଇ ଋଣ ୨୭% ବୃଦ୍ଧି ପାଇ ୯୫,୯୫୪ କୋଟି ଟଙ୍କା ହୋଇଥିବା ବେଳେ କର୍ପୋରେଟ୍ ଋଣ ୨୧% ବୃଦ୍ଧି ପାଇ ୨,୮୧,୬୫୭ କୋଟି ଟଙ୍କା ହୋଇଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ନିର୍ଦ୍ଦେଶକ ବୋର୍ଡ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳକୁ ମଞ୍ଜୁର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଅତ୍ୟନ୍ତ ଅସ୍ଥିର ବିଶ୍ୱ ଭୂରାଜନୈତିକ ଦୃଶ୍ୟପଟରେ ଆମର ବିଶ୍ୱାସ ରହିଛି, ଯେ ଭାରତ କାହାଣୀ ବେଶ୍ ଦୃଢ଼ ରହିବ।



# ଅଷ୍ଟ୍ରେଲିଆ ୩୦୯ ରନରେ ବିଜୟୀ



ଶତକ ହାସଲ ପରେ ଉଲ୍ଲସିତ ଡେଭିଡ ୱାର୍ନର।

**ନୂଆଦିଲ୍ଲୀ, ୨୫।୧୦**

ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡ୍ସକୁ ୩୦୯ ରନରେ ଅଷ୍ଟ୍ରେଲିଆ ପରାସ୍ତ କରିଛି। ବିଶ୍ୱକପ ଇତିହାସରେ ଏହା ସର୍ବବୃହତ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଗ୍ଲେନ ମ୍ୟାକ୍ସୱେଲଙ୍କ ଦ୍ରୁତତମ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୩୯୯ ରନ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୨୧ ଓଭରରେ ମାତ୍ର ୯୦ ରନକରି ଅଲ୍ଆଉଟ ହୋଇ ଯାଇଥିଲା।

ଅଷ୍ଟ୍ରେଲିଆ ମିଚେଲ ମାର୍ଶ (୯ ରନ)ଙ୍କ ଉଇକେଟ ଶୀଘ୍ର ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଡେଭିଡ ୱାର୍ନର ଓ ମ୍ୟାକ୍ସୱେଲଙ୍କ ଶତକ ସହାୟତାରେ ବୃହତ୍ ସ୍କୋର କରିଥିଲା। ୱାର୍ନର ୯୩ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୧୦୪ ରନ କରିଥିଲେ। ଷ୍ଟିଭେନ ସ୍ମିଥ୍ ୭୧ ଓ ମାର୍ନସ ଲାବୁସେନ ୬୨ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ମାତ୍ର ୪୦ ବଲ୍‌ରୁ ତିନି ଅଙ୍କ ସ୍ପର୍ଶ କରି ବିଶ୍ୱକପ ଇତିହାସରେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ହୋଇଥିଲେ ମ୍ୟାକ୍ସୱେଲ। ସେ ୪୪ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୮ ଛକା ସହାୟତାରେ ସର୍ବାଧିକ ୧୦୬ ରନ ସ୍କୋର କରିଥିଲେ। ଅଧିନାୟକ ପ୍ୟାଟ କୁମିନ୍ସ ମାତ୍ର ୧୨ ରନକରି ଅପରାଜିତ ରହିଥିଲେ ହେଁ ମ୍ୟାକ୍ସୱେଲଙ୍କ ସହ ୭ମ ଉଇକେଟ ଭାଗୀଦାରିରେ ୪୪ ବଲ୍‌ରୁ ୧୦୩ ରନ ସଂଗୃହିତ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ଏକ ବିଶାଳ ସ୍କୋରରେ ପହଞ୍ଚି ଯାଇଥିଲା। ୩୯୯ ରନ ବିଶ୍ୱକପରେ ଅଷ୍ଟ୍ରେଲିଆର ଥିଲା ଦ୍ୱିତୀୟ ସର୍ବାଧିକ ସ୍କୋର। ନେଦରଲାଣ୍ଡ୍ସ ପକ୍ଷରୁ ଲୋଗାନ ଭାନ୍ ବିକ୍ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

୪୦୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ନେଦରଲାଣ୍ଡ୍ସ ଆରମ୍ଭରୁ ହିଁ ଆତ୍ମସମର୍ପଣ କରିବଭଳି ପ୍ରଦର୍ଶନ କରିଥିଲା। କୌଣସି ବ୍ୟାଟର ଅଧିକ ସମୟ କ୍ରିଜରେ ତିଷ୍ଠି ନ ପାରିବାରୁ ବଡ଼ ପାର୍ଟନରଶିପ୍ ହୋଇପାରି ନ ଥିଲା। ଫଳରେ ସବୁ ବିଭାଗରେ ପଛରେ ପଡ଼ି ଯାଇଥିଲା ଏହି ଦଳ। ଓପନର ବିକ୍ରମଜିତ ସିଂ ସର୍ବାଧିକ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪ଟି, ମିଚେଲ ମାର୍ଶ ୨ଟି ଏବଂ ମିଚେଲ ଷ୍ଟାର୍କ, ଜୋଶ୍ ହାଜେଲଉଡ୍ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୩୯୯/୮ (ଗ୍ଲେନ ମ୍ୟାକ୍ସୱେଲ-୧୦୬, ଡେଭିଡ ୱାର୍ନର-୧୦୪, ଷ୍ଟିଭେନ ସ୍ମିଥ-୭୧, ମାର୍ନସ ଲାବୁସେନ-୬୨, ଲୋଗାନ ଭାନ୍ ବିକ୍-୪/୭୪, ବାସ୍ ଡି ଲିଡ୍-୨/୧୧୫, ଆର୍ଯ୍ୟନ ଦତ୍ତ-୧/୫୯)। ନେଦରଲାଣ୍ଡ୍ସ ୨୧ ଓଭରରେ ୯୦/ଅଲଆଉଟ (ବିକ୍ରମଜିତ ସିଂ-୨୫, ଆଡାମ ଜାମ୍ପା-୪/୮, ମିଚେଲ ମାର୍ଶ-୨/୧୯, ମିଚେଲ ଷ୍ଟାର୍କ-୧/୨୨, ଜୋଶ୍ ହାଜେଲଉଡ୍-୧/୨୭, ପ୍ୟାଟ୍ କୁମିନ୍ସ-୧/୧୪)।

## ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର

୪୧୭/୬: ବନାମ ଆଫଗାନିସ୍ତାନ, ପର୍ଥ, ୨୦୧୫
୩୯୯/୯: ବନାମ ନେଦରଲାଣ୍ଡ୍ସ, ଦିଲ୍ଲୀ, ୨୦୨୩
୩୮୧/୫: ବନାମ ବାଂଲାଦେଶ, ନଟିଂହାମ, ୨୦୧୯
୩୭୭/୬: ବନାମ ଦକ୍ଷିଣ ଆଫ୍ରିକା, ବାସେଟେରେ, ୨୦୦୭
୩୭୬/୯: ବନାମ ଦକ୍ଷିଣ ଆଫ୍ରିକା, ସିଡ୍‌ନୀ, ୨୦୧୫

### ଦିନିକିଆରେ ଦ୍ରୁତତମ ଶତକ (ବଲ୍ ଦୃଷ୍ଟିରୁ)

୩୧: ଏବି ଡି'ଭିଲର୍ସ ବନାମ ୱେଷ୍ଟଇଣ୍ଡିଜ, ଜୋହାନ୍ସବର୍ଗ, ୨୦୧୫
୩୬: କୋରେ ଆଣ୍ଡରସନ ବନାମ ୱେଷ୍ଟଇଣ୍ଡିଜ, କୁଇନ୍ସଟାଉନ, ୨୦୧୪
୩୭: ଶାହିଦ ଆଫ୍ରିଦୀ ବନାମ ଶ୍ରୀଲଙ୍କା, ନାଇରୋବି, ୧୯୯୬
୪୦: ଗ୍ଲେନ୍ ମ୍ୟାକ୍ସୱେଲ ବନାମ ନେଦରଲାଣ୍ଡ୍ସ, ଦିଲ୍ଲୀ, ୨୦୨୩

### ଦିନିକିଆ ବିଶ୍ୱକପ୍‌ରେ ଦ୍ରୁତତମ ଶତକ

୪୦: ଗ୍ଲେନ୍ ମ୍ୟାକ୍ସୱେଲ ବନାମ ନେଦରଲାଣ୍ଡ୍ସ, ଦିଲ୍ଲୀ, ୨୦୨୩
୪୯: ଏଡେନ ମାରକ୍ରମ ବନାମ ଶ୍ରୀଲଙ୍କା, ଦିଲ୍ଲୀ, ୨୦୨୩
୫୦: କେଭିନ ଓ'ବ୍ରାଏନ ବନାମ ଇଂଲଣ୍ଡ, ବେଙ୍ଗାଲୁରୁ, ୨୦୧୧
୫୧: ଗ୍ଲେନ ମ୍ୟାକ୍ସୱେଲ ବନାମ ଶ୍ରୀଲଙ୍କା, ସିଡ୍‌ନୀ, ୨୦୧୫
୫୨: ଏବି ଡି'ଭିଲର୍ସ ବନାମ ୱେଷ୍ଟଇଣ୍ଡଜ, ସିଡ୍‌ନୀ, ୨୦୧୫

### ଦିନିକିଆ କ୍ରିକେଟରେ ବୃହତ୍ ବିଜୟ

୩୧୭: ଭାରତ ବନାମ ଶ୍ରୀଲଙ୍କା, ତ୍ରିଭେନ୍ଦ୍ରମ, ୨୦୨୩
୩୦୯: ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ, ଦିଲ୍ଲୀ, ୨୦୨୩
୩୦୪: ଜିମ୍ବାୱେ ବନାମ ୟୁଏଇ, ହରାରେ, ୨୦୨୩
୨୯୦: ନ୍ୟୁଜିଲାଣ୍ଡ ବନାମ ଆୟର୍ଲାଣ୍ଡ, ଆବେର୍ଡିନ, ୨୦୦୮
୨୭୫: ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ, ପର୍ଥ, ୨୦୧୫

## ବିଶ୍ୱକପ୍‌ର ୫ ବୃହତ୍ ବିଜୟ

୧.ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ (୨୦୨୩, ଦିଲ୍ଲୀ): ଅଷ୍ଟ୍ରେଲିଆ ୩୦୯ ରନରେ ବିଜୟୀ
୨. ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ (୨୦୧୫, ପର୍ଥ): ଅଷ୍ଟ୍ରେଲିଆ ୨୭୫ ରନରେ ବିଜୟୀ
୩. ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ (୨୦୧୫, ସିଡ୍‌ନୀ): ଦକ୍ଷିଣ ଆଫ୍ରିକା ୨୫୭ ରନ୍‌ରେ ବିଜୟୀ
୪. ଅଷ୍ଟ୍ରେଲିଆ ବନାମ ନାମିବ୍ୟା (୨୦୦୩, ପୋଟସେଫଷ୍ଟ୍ରୁମ): ଅଷ୍ଟ୍ରେଲିଆ ୨୫୬ ରନ୍‌ରେ ବିଜୟୀ
୫. ଶ୍ରୀଲଙ୍କା ବନାମ ବର୍ମୁଡା (୨୦୦୭, ପୋର୍ଟ ଅଫ୍ ସ୍ପେନ୍): ଶ୍ରୀଲଙ୍କା ୨୪୩ ରନ୍‌ରେ ବିଜୟୀ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ଶ୍ରୀଲଙ୍କା**

ସ୍ଥାନ: ବେଙ୍ଗାଲୁରୁ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ବିପର୍ଯ୍ୟୟ ନମ୍ବର-୩ |

# ପାକିସ୍ତାନକୁ ହରାଇଲା ଆଫଗାନିସ୍ତାନ




ପାକିସ୍ତାନ ବିପକ୍ଷ ବିଜୟ ପରେ ଖୁସିରେ ଆତ୍ମହରା ଆଫଗାନିସ୍ତାନ ଖେଳାଳି।

**ଚେନ୍ନାଇ,୨୫।୧୦(ପି.ଟି.)**

ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ବର୍ତ୍ତମାନ ବିପର୍ଯ୍ୟୟର ବିଶ୍ୱକପ୍ କହିଲେ ଭୁଲହେବ ନାହିଁ। ଅନ୍ୟ ସମସ୍ତ ପୂର୍ବ ସଂସ୍କରଣର ବିପର୍ଯ୍ୟୟ ସଂଖ୍ୟାକୁ ପଛରେ ପକାଇଛି ଚଳିତ ବିଶ୍ୱକପ୍। ସୋମବାର ଆଫଗାନିସ୍ତାନ ଦଳ ଆଉ ଏକ ବଡ ଶିକାର କରିବା ସହିତ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରିଛି। ପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ମଧ୍ୟ ହରାଇଥିଲା ଏହି ଦଳ। ଚେନ୍ନାଇର ଚେପକ୍‌ରେ ଖେଳାଯାଇଥିବା ମ୍ୟାଚରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ଉଇକେଟ ହରାଇ ୨୮୨ରନ୍ କରିଥିଲା। ଜବାବରେ ଗୋଟିଏ ଓଭର ବାକି ଥାଇ ଆଫଗାନିସ୍ତାନ ଦୁଇ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୭ ଉଇକେଟ ହରାଇ ୨୮୨ ରନ୍ କରିଥିଲା। ଅଧିନାୟକ ବାବର ଆଜମ୍ ୭୪ ରନ୍ କରିଥିବା ବେଳେ ଅବଦୁଲ୍ଲା ଶଫିକ୍ ୫୮ ରନ୍ ସ୍କୋର କରିଥିଲେ। ନୁର ଅହମ୍ମଦ ୪୯ ରନ୍ ଦେଇ ୩ ଉଇକେଟ ନେଇଥିଲେ। ୨୮୩ରନ୍ ଲକ୍ଷ୍ୟରେ ଆଫଗାନିସ୍ତାନର ଟପ୍-୩ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଦଳକୁ ବିଜୟୀ କରାଇଥିଲେ। ଦୁଇ ଓପନର ରେହମାନୁଲ୍ଲା ଗୁରବାଜ(୬୫),ପ୍ଲେୟର ଅଫ୍ ଦି ମ୍ୟାଚ୍ ଇବ୍ରାହିମ୍ ଜାଦ୍ରାନ (୮୭) ଓ ରେହମତ ଶାହା ଅପରାଜିତ ୭୭ ରନ୍ କରିଥିଲେ। ୧୯୦ ରନ୍‌ରେ ଦ୍ୱିତୀୟ ଉଇକେଟ ପତନ ପରେ ରେହମତ ଶାହା ଓ ହସମତୁଲ୍ଲା ଶାହିଦି (୪୮*) ଅସମାପ୍ତ ତୃତୀୟ ଉଇକେଟରେ ୯୬ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଦଳର ଏହା ପ୍ରଥମ ବିଜୟ ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୫୦ ଓଭରରେ ୨୮୨/୭(ବାବର ଆଜମ୍-୭୪, ଅବଦୁଲ୍ଲା ଶଫିକ-୫୮, ଇଫ୍‌ତିଖାର ଅହମଦ-୪୦, ନୁର ଅହମଦ-୩/୪୯, ନବୀନ ଉଲ୍ ହକ-୨/୫୨, ମହମ୍ମଦ ନବି-୧/୩୧)।

ଆଫଗାନିସ୍ତାନ ୪୯ ଓଭରରେ ୨୮୬/୨ (ଇବ୍ରାହିମ୍ ଜାଦ୍ରାନ-୮୭, ରେହମତ ଶାହା-୭୭*, ରେହମାନୁଲ୍ଲା ଗୁରବାଜ-୬୫, ହସନ ଅଲୀ-୧/୪୪, ଶାହିନ୍ ଆଫ୍ରିଦି-୧/୫୨)।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏମ୍‌ଇସିଏଚ୍‌ସିକେପି-୨୩-୨୪-୨୮, (୨) ଏମ୍‌ଇସିଏଚ୍‌ସିକେପି-୨୩-୨୪-୨୯, ତାରିଖ: ୨୫।୧୦।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କ୍ର.ସଂ. ୧ ଓ ୨ ନିମନ୍ତେ ଦର୍ଶିତ କାର୍ଯ୍ୟ ପାଇଁ ଯଥାକ୍ରମେ ଦୁଇ ପ୍ୟାକେଟ୍ ସିଷ୍ଟମ୍ ଅଧୀନରେ ସର୍ଭିସ୍ ଇ-ଟେଣ୍ଡର ଏବଂ ଏକ ପ୍ୟାକେଟ୍ ସିଷ୍ଟମ୍ ଅଧୀନରେ ୱାର୍କସ୍ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., କାର୍ଯ୍ୟର ନାମ:** (୧) ଦୁଇ ବର୍ଷ ପାଇଁ କ୍ଲିନ୍ ଟ୍ରେନ୍ ଷ୍ଟେଶନ (ସିଟିଏସ୍) ଅଧୀନରେ ରାଉରକେଲାଠାରେ ମନୋନୀତ ଏନ୍‌ରୁଟ୍ ଟ୍ରେନ୍‌ଗୁଡ଼ିକର କୋଚ୍‌ଗୁଡ଼ିକର ଯାନ୍ତ୍ରିକ ସଫେଇ। (୨) ଏସ୍‌ଏସ୍‌ଇ/ସି ଆଣ୍ଡ ଡବ୍ଲ୍ୟୁ/ସିକେପିଙ୍କ କ୍ଷେତ୍ରାଧିକାରରେ ଦୁଇବର୍ଷ ପାଇଁ ରେଳପଥ ସାମଗ୍ରୀ ପରିବହନ ଲାଗି ଏକ ଗୋଟି ୧ ଏମ୍‌ଟି ଭାର ବହନ କ୍ଷମତା ବିଶିଷ୍ଟ ଟ୍ରକ୍ (ମହିନ୍ଦ୍ରା ବୋଲେରୋ ମାକ୍ସି ଟ୍ରକ୍ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୨,୪୯,୬୨,୧୦୭.୦୪ (କ୍ର.ସଂ. ୧ ପାଇଁ), ₹୮,୭୦,୭୫୧.୦୪ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୨,୭୪,୮୦୦/- (କ୍ର.ସଂ. ୧ ପାଇଁ), ₹୧୭,୪୦୦/- (କ୍ର.ସଂ. ୨ ପାଇଁ) । **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୨ ପାଇଁ ଶୂନ୍ୟ । **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଏମ୍‌ଇ/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ୧୩।୧୧।୨୦୨୩, ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ୧୬.୧୧.୨୦୨୩. ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ୨୪।୦୩।୨୦୨୧, ୧୫.୧୫ ଘଟିକାରେ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । (PR-746)

**PANCHAYAT DEGREE MAHAVIDYALAYA, BELKHANDI**
At/Po-Belkhandi, Via-Kesinga, Dist-Kalahandi, Pin-766012
Mobile No.-6370194173

**ADVERTISEMENT FOR THE POST OF Data Entry Operator and Night Watchman**

Applications are invited from the eligible candidates for appointment of 01 (One) No. of DEO & 01 (One) No. of Night Watchman. Qualifications for the post of DEO-Graduate with PGDCA or 'O' Level and Qualifications for Night Watchman- 8th Pass. The interested and eligible candidates may apply with all the required documents/Bio-Data having two Recent Passport Size Photographs to the Principal I/c Secretary Panchayat Degree Mahavidyalaya, Belkhandi. At/Po- Belkhandi, Via-Kesinga, Dist-Kalahandi, Pin- 766012 within 15 (Fifteen) days from the date of publication of the Advertisement.

**Sd./- Principal-in-Charge, PDMV, Belkhandi**

# ସ୍ପିନ୍ ବୋଲିଂର ସର୍ଦ୍ଦାର ବିଶନ ସିଂ ବେଦୀ

**ଭାରତୀୟ କ୍ରିକେଟ ଇତିହାସରେ ଏକାଧିକ ସ୍ପିନର ଇତିହାସ ବକ୍ଷରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ତେବେ ବାମହାତୀ ଅର୍ଥୋଡକ୍ସ ସ୍ପିନର ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବିଶନ ସିଂ ବେଦୀ। ୨୫ ସେପ୍ଟେମ୍ବର ୧୯୪୬ରେ ଜନ୍ମିତ ବିଶନ ୨୩ ଅକ୍ଟୋବର ୨୦୨୩ରେ ପରଲୋକ ଗମନ କରିଛନ୍ତି। ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ବିଶ୍ୱକପ୍ ବିଜୟୀ ଭାରତୀୟ ଅଧିନାୟକ କପିଳ ଦେବ, ବୀରେନ୍ଦ୍ର ସେହ୍ୱାଗ, ଅନିଲ କୁମ୍ବଲେ, ଜାହିର ଖାନ୍ ଓ ଆଶିଷ ନେହେରାଙ୍କ ପରି ପୂର୍ବତନ କ୍ରିକେଟର ଶେଷ ଦର୍ଶନ ପାଇଁ ପହଞ୍ଚିଥିଲେ। ମଙ୍ଗଳବାର ଲୋଧି ରୋଡ୍ ସ୍ଥିତ ଶ୍ମଶାନରେ ଏହି ପୂର୍ବତନ କ୍ରିକେଟର ପଞ୍ଚଭୂତରେ ବିଲୀନ ହୋଇଥିଲେ। ବାମହାତୀ ସ୍ପିନ୍ ବୋଲିଂ ଜରିଆରେ ସମଗ୍ର ବିଶ୍ୱରେ ଭାରତର ନାମକୁ ପରିବ୍ୟାପ୍ତ କରିଥିବା ଏହି ପୂର୍ବତନ ଭାରତୀୟ ଅଧିନାୟକଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



ସ୍ୱାଧୀନତା ପୂର୍ବରୁ ପଞ୍ଜାବସ୍ଥିତ ଅମୃତସରରେ ୨୫ ସେପ୍ଟେମ୍ବର ୧୯୪୬ରେ ଏହି କ୍ରିକେଟ କିମ୍ବଦନ୍ତୀଙ୍କ ଜନ୍ମ। ଅମୃତସର ଗାନ୍ଧୀ କ୍ରିକେଟ ଗ୍ରାଉଣ୍ଡରୁ ଖେଳି ବଡ ହୋଇଥିବା ବେଳେ ୧୯୬୬ରେ ପ୍ରଥମ ଥର ଭାରତ ପାଇଁ ଖେଳିବାର ସୁଯୋଗ ପାଇଥିଲେ। ୩୧ ଡିସେମ୍ବର ୧୯୬୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ୧୧୩ ନମ୍ବର ଟେଷ୍ଟ ଖେଳାଳି ଭାବରେ ପଦାର୍ପଣ କରିଥିଲେ ବେଦୀ। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୫୬୦ ଉଇକେଟ ନେଇ ବେଦୀ ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି।

ବେଦୀ ଭାରତ ପାଇଁ ୬୭ ଟେଷ୍ଟ ମ୍ୟାଚ୍ ଓ ୧୦ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରେ ସେ ଯଥାକ୍ରମେ ୨୬୬ ଓ ୭ ଉଇକେଟ ଅକ୍ତିଆର କରିଥିଲେ। ୩୭୦ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ସେ ନେଇଥିଲେ ୧୫୬୦ ଉଇକେଟ। ୬୭ ଟେଷ୍ଟରେ ସେ ୧୪ ଥର ୫ ଉଇକେଟ ଓ ଥରେ ୧୦ ଉଇକେଟ ସଫଳତା ପାଇଥିଲେ। ୨୦୨୩ ଯାଏ ବେଦୀ ବାମହାତୀ ସ୍ପିନ୍‌ର ଭାବେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିବା ବେଳେ ରବୀନ୍ଦ୍ର ଜାଡେଜା ତାଙ୍କୁ ଅତିକ୍ରମ କରିଥିଲେ। ୧୯୭୮ରେ ପାକିସ୍ତାନ ବିପକ୍ଷରେ ସାହିୱାଲରେ ଭାରତ ମ୍ୟାଚ୍ ଖେଳୁଥାଏ। ବିଜୟ ପାଇଁ ୧୮ ବଲ୍‌ରୁ ୨୩ ରନ୍ ଆବଶ୍ୟକ ଥାଏ। ପାକିସ୍ତାନର ସର୍ଫରାଜ ନୱାଜ ଲଗାତର ୪ଟି ବାଉନ୍ସର ମାରିବା ପରେ ମଧ୍ୟ ଅମ୍ପାୟର ୱାଇଡ୍ ନ ଦେବା କାରଣରୁ ବେଦୀ ଭାରତୀୟ ଖେଳାଳିଙ୍କୁ ପଡିଆ ବାହାରକୁ ଡକାଇଥିଲେ ଓ ଭାରତ ମ୍ୟାଚ୍ ହାରି ଯାଇଥିଲା। ଏହାର ୨ ବର୍ଷ ପୂର୍ବରୁ ୧୯୭୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ପୋର୍ଟ ଅଫ୍ ସ୍ପେନ୍‌ରେ ପେସ୍ ବୋଲିଂ ଟ୍ରାକ୍ ପ୍ରସ୍ତୁତ କରାଯାଇଥିବା ବେଳେ କାରିବିୟାନ୍ ଦଳରେ ରହିଥିଲେ ୪ ଜଣ ପେସର୍। ତେବେ ଭାରତୀୟ ବ୍ୟାଟରଙ୍କୁ ଆଉଟ କରିବାରେ ବିଫଳ ହେବା ଫଳରେ ବିମର୍ ପକାଇଥିଲେ ୱେଷ୍ଟଇଣ୍ଡିଜ୍ ବୋଲର। ୨ ଜଣ ଖେଳାଳି ଆହତ ହେବା ପରେ ଅଧିନାୟକ ରହିଥିବା ବିଶନ ସିଂ ବେଦୀ ଉଭୟ ଇନିଂସ ଘୋଷଣା କରିଥିଲେ। ଟେଷ୍ଟ କ୍ରିକେଟରେ ପ୍ରଥମ ଥର ଏଭଳି ଘଟଣା ଘଟିଥିବା ବେଳେ ଭାରତ ଏହି ମ୍ୟାଚ୍ ହାରି ଯାଇଥିଲା। ସମ୍ମୁଖ ଭାଗରୁ ଖେଳାଳିଙ୍କୁ ରକ୍ଷା କରିବାର ଏହି କଳା ସମସ୍ତ ଅଧିନାୟକଙ୍କ ନିକଟରେ ନ ଥାଏ। ତେବେ ସମାଲୋଚନାକୁ ଖାତିର ନ କରି ନିଜ ଖେଳାଳିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଥିବା ବେଦୀଙ୍କ ପରି ବ୍ୟକ୍ତିତ୍ୱ ନିଶ୍ଚିତ ଭାବରେ ବିରଳ।

ବେଦୀଙ୍କ ବୋଲିଂର ମୁଖ୍ୟ ଅସ୍ତ୍ର ଥିଲା ଲାଇନ୍ ଓ ଲେନ୍ଥ। ଗୋଟିଏ ଲେନ୍ଥରେ ନିରନ୍ତର ବଲ୍ କରିବା ତାଙ୍କୁ ଆଣି ଦେଇଥିଲା ଅଭୂତପୂର୍ବ ସଫଳତା। ସାଧାରଣତଃ ଭାରତୀୟ ସ୍ପିନରମାନେ ଭାରତ ମାଟିରେ ସଫଳ ହୁଅନ୍ତି ଓ ବିଦେଶରେ ବିଫଳ, କିନ୍ତୁ ବେଦୀ ବିଦେଶ ମାଟିରେ ଥିଲେ ଭାରତର ସଫଳ ସ୍ପିନର। ଅଷ୍ଟ୍ରେଲିଆ ବିପକ୍ଷରେ ୭/୯୮ ଶ୍ରେଷ୍ଠ ବୋଲିଂ ଫିଗର ରହିଥିବା ବେଳେ ପର୍ଥ ପରି ପେସ୍ ବୋଲିଂ ସହାୟକ ଟ୍ରାକ୍‌ରେ ୧୦/୧୯୪ର ଶ୍ରେଷ୍ଠ ମ୍ୟାଚ୍ ଫିଗର ହାସଲ କରିଥିଲେ। ଏକ ସାକ୍ଷାତକାରରେ ବେଦୀ କହିଥିଲେ, ବଲ୍‌କୁ ସ୍ପିନ୍ କରିବା ପାଇଁ ସେ ନିଜ କପଡା ନିଜେ ସଫା କରନ୍ତି। ନିୟମିତ କପଡା କାଚିବା ଦ୍ୱାରା ହାତର କଟଟି ଓ ଆଙ୍ଗୁଠି ନମନୀୟ ରୁହେ । ଫଳରେ ସେ ବଲ୍‌କୁ ଅଧିକ ସ୍ପିନ୍ କରିବାରେ ସମର୍ଥ ହୁଅନ୍ତି। ୧୯୭୮ରେ ବେଦୀ ଅଧିନାୟକ ପଦ ଛାଡିବା ପରେ ୧୯୭୯ରେ ଖେଳନ୍ତି ନିଜର ଶେଷ ଟେଷ୍ଟ। ତେବେ ୧୯୮୩ରେ ଭାରତୀୟ ଚୟନ କମିଟିର ମୁଖ୍ୟ ରହିଥିଲେ ବିଶନ ସିଂ ବେଦୀ। ୧୯୭୫ରେ ବିଶ୍ୱକପ୍ ଖେଳିଥିବା ବେଦୀ ୧୯୮୩ ବିଶ୍ୱକପ୍ ବିଜୟର ପ୍ରଚ୍ଛଦପଟରେ ମଧ୍ୟ ରହିଥିଲେ। ଏପରିକି ୧୯୭୫ରେ ବିଶ୍ୱକପ୍ ଇତିହାସର ସବୁଠାରୁ ଇକୋନୋମିକାଲ ସ୍ପେଲ୍ ବୋଲିଂ କରିଥିଲେ ବେଦୀ। ସେ ସମୟରେ ମ୍ୟାଚ୍ ୬୦ ଓଭର ବିଶିଷ୍ଟ ଖେଳା ଯାଉଥିବା ବେଳେ ବେଦୀ ଇଷ୍ଟ ଆଫ୍ରିକା ବିପକ୍ଷରେ ୧୨ ଓଭର ବୋଲିଂ କରି ୮ ମେଡେନ୍ ସହ ମାତ୍ର ୬ ରନ୍ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିଲେ।

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड

**अल्पकालीन ई–पुनर्निविदा आमंत्रण सूचना (2nd Call)**

PR No.- 306491 — Dated : 09.09.2023
अल्पकालीन ई–पुनर्निविदा संख्या:- 112 / 2023-24 — दिनांक :-20.10.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-DEO-07/2023-24 | सारठ | 1 | ठेंगाडीह मोड़ से खरवाजोरी तक पथ का विशेष मरम्मति कार्य। (लं० – 3.800 कि०मी०) | 1304.623 | तेरह करोड़ चार लाख बासठ हजार तीन सौ रू० मात्र | 09 महीना |
| | | सारठ | 2 | सारठ से बभनगामा, दुन्दुवाडीह, टंगीडीह, बांधडीह होते हुए नावाडीह तक पथ का विशेष मरम्मति कार्य। (लं० – 5.450 कि०मी०) | | | |
| | | सारठ | 3 | मुर्गाबनी से गौरा तक पथ का विशेष मरम्मति कार्य। (लं० – 1.800 कि०मी०) | | | |
| | | पालाजोरी | 4 | बगदाहा से सटकी तक पथ का विशेष मरम्मति कार्य। (लं० – 5.750 कि०मी०) | | | |
| | | पालाजोरी | 5 | पी०डब्ल्यू०डी० पथ से तेलंगा भाया दुबराजपुर, बरमसिया तक पथ का विशेष मरम्मति कार्य। (लं० – 4.650 कि०मी०) | | | |
| | | सारठ | 6 | फुलचुवाँ से सोनूडीह तक पथ का विशेष मरम्मति कार्य। (लं० – 2.600 कि०मी०) | | | |
| 2 | JH-M-DEO-08/2023-24 | देवीपुर | 1 | जमुआ से दरंगा तक पथ का विशेष मरम्मति कार्य। (लं० – 4.350 कि०मी०) | 1163.808 | ग्यारह करोड़ तिरसठ लाख अस्सी हजार आठ सौ रू० मात्र | 09 महीना |
| | | मधुपुर | 2 | गिरिडीह मधुपुर एन०एच० डाकबंगला से श्यामपुर तक पथ का विशेष मरम्मति कार्य। (लं० – 6.000 कि०मी०) | | | |
| | | देवघर | 3 | पी०डब्ल्यू०डी० पथ से शंकरी पंचायत भवन तक पथ का विशेष मरम्मति कार्य। (लं० – 1.200 कि०मी०) | | | |
| | | देवीपुर | 4 | बर्दभुरा से महुआटांड़ भाया टिटीचापर आई०टी०आई० कॉलेज तक पथ का विशेष मरम्मति कार्य। (लं० – 2.400 कि०मी०) | | | |
| | | देवीपुर | 5 | हुसैनाबाद तिलौना मुख्य सड़क फुलकरी से गाँव फुलकरी तक पथ का विशेष मरम्मति कार्य। (लं० – 1.400 कि०मी०) | | | |
| | | देवघर | 6 | पंचायत सचिवालय उच्च विद्यालय पुनासी से दुर्गामंदिर तक पथ का विशेष मरम्मति कार्य। (लं० – 2.000 कि०मी०) | | | |
| 3 | JH-M-DEO-09/2023-24 | मार्गोमुण्डा | 1 | कानो से मारनी होते हुए बदिया तक पथ का विशेष मरम्मति कार्य। (लं० – 4.000 कि०मी०) | 1181.558 | ग्यारह करोड़ इकासी लाख पचपन हजार आठ सौ रू० मात्र | 09 महीना |
| | | करौं | 2 | कल्होड़ मोड़ से बुढ़ीकुड़ा तक पथ का विशेष मरम्मति कार्य। (लं० – 5.900 कि०मी०) | | | |
| | | करौं | 3 | धानियाडीह पुल से सिरसिया, बुढेश्वरी होते हुए नागादरी पंचायत भवन तक पथ का विशेष मरम्मति कार्य। (लं० – 4.200 कि०मी०) | | | |
| | | मधुपुर | 4 | बिल्ली से लेरवा हाई स्कूल तक पथ का विशेष मरम्मति कार्य। (लं० – 3.700 कि०मी०) | | | |
| | | मधुपुर | 5 | मुख्य पथ तिलैया मोड़ से कारी पहाड़ी तक पथ का विशेष मरम्मति कार्य। (लं० – 2.000 कि०मी०) | | | |

2. वेबसाईट मे निविदा प्रकाशन की तिथिः–30.10.2023
3. ई–निविदा प्राप्ति की अंतिम तिथि एवं समयः– 07.11.2023 अपराह्न 5.00 बजे तक।
5. निविदा खोलने की तिथि एवं समयः–08.11.2023 .अपराह्न 3.30 बजे।
6. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
7. ई–निविदा प्रकोष्ठ का दूरभाष सं०– ...........................

विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 309819 Rural Work Department(23-24)#D

## ମଧ୍ୟପ୍ରଦେଶ ନିର୍ବାଚନ: ୪ ଆସନରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ

ଭୋପାଳ,ମଧ୍ୟପ୍ରଦେଶରେ କଂଗ୍ରେସ ୪ଟି ଆସନରେ ପ୍ରାର୍ଥୀ ବଦଳାଇଛି। କଂଗ୍ରେସ ସୁମାଓଲି, ପାପିରିଆ, ବଡନଗର ଏବଂ ଜାବରା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରିଛି। କଂଗ୍ରେସ ସୁମାଓଲିରୁ କୁଲଦୀପ ସିକରୱାରଙ୍କ ସ୍ଥାନରେ ଅଜବ ସିଂ କୁଶୱାହାଙ୍କୁ, ପାପିରିଆରୁ ଗୁରୁ ଚରଣ ଖେରଙ୍କ ସ୍ଥାନରେ ବୀରେନ୍ଦ୍ର ବେଲବଂଶୀ, ବଡନଗରରୁ ରାଜେନ୍ଦ୍ର ସିଂ ସୋଲାଙ୍କିଙ୍କ ସ୍ଥାନରେ ମୁରଲି ମାରୱେଲ ଏବଂ ଜାବରାରୁ ହିମ୍ମତ ଶ୍ରୀମାଲଙ୍କ ସ୍ଥାନରେ ବୀରେନ୍ଦ୍ର ସିଂ ସୋଲଙ୍କିଙ୍କୁ ମନୋନୀତ କରିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିନ୍ଦେ ଜଣେ ହମାସ: ସଞ୍ଜୟ



ଆଗାମୀ ମଧ୍ୟପ୍ରଦେଶ ନିର୍ବାଚନକୁ ନେଇ କଂଗ୍ରେସ ମୁଖପାତ୍ର ଅଲକା ଲାମ୍ବା ଭୋପାଳଠାରେ ବୁଧବାର ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

**ମୁମ୍ବାଇ,୨୫।୧୦**

ଦଶହରା ଅବସରରେ ଏକନାଥ ଶିନ୍ଦେ ଏବଂ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରରେ ରାଲି କରିଥିଲେ। ବିଜୟାଦଶମୀ ଅବସରରେ ଶିବାଜୀ ପାର୍କରେ ଉଦ୍ଧବ ଠାକ୍‌ରେ ଦଶହରା ରାଲି ଆୟୋଜନ କରିଥିବାବେଳେ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଆଜାଦ ମଇଦାନରେ ରାଲିର ଆୟୋଜନ କରିଥିଲା। ରାଲିରେ ଉଭୟ ନେତା ପରସ୍ପରକୁ କଡ଼ା ସମାଲୋଚନା କରିଛନ୍ତି। ଏହି ସମାବେଶକୁ ସମ୍ବୋଧିତ କରିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଉଦ୍ଧବଙ୍କୁ ବାଲାସାହେବ ଠାକ୍‌ରେଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଥିଲେ। ସେ କହିଥିଲେ ତାଙ୍କ ଆଦର୍ଶଗତ ଉତ୍ତରାଧିକାରୀ ବାଲ ଠାକ୍‌ରେଙ୍କ ପିଠିରେ ଛୁରୀ ଭୁଷିଛନ୍ତି। ଏଥିସହ ଶିନ୍ଦେ କଂଗ୍ରେସକୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ବାଲାସାହେବ ଠାକ୍‌ରେ ଦଶହରା ଗ୍ରାଉଣ୍ଡରୁ ‘ଗର୍ବିତ ଭାବରେ ଆମେ ହିନ୍ଦୁ’ ସ୍ଲୋଗାନ ଦେଇଥିଲେ। ସେ କଂଗ୍ରେସକୁ ପସନ୍ଦ କରୁ ନ ଥିଲେ। ଆଜି ଉଦ୍ଧବ କଂଗ୍ରେସ ସହିତ ହାତ ମିଳାଇଛନ୍ତି। କଂଗ୍ରେସ ଦଳ ହମାସ ଏବଂ ଲଶ୍କର-ଇ-ତୋଏବା ଭଳି ଆତଙ୍କବାଦୀ ଗୋଷ୍ଠୀ ସହ ମେଣ୍ଟ କରିବାକୁ ପଛାଇବ ନାହିଁ। ଏହି ପ୍ରସଙ୍ଗରେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କୁ ହମାସ୍ ବୋଲି କହିଛନ୍ତି। ଭାଜପାକୁ ଲକ୍ଷ୍ୟ କରି ସେ କହିଛନ୍ତି ଶିନ୍ଦେ ନିଜେ ଜଣେ ହମାସ। ଏହା ଦର୍ଶାଏ ଯେ, ଭାଜପା ତାଙ୍କ ମୁଣ୍ଡରେ କିଭଳି ବିଦ୍ୱେଷ ସୃଷ୍ଟିକାରୀ ପୋକ ଭର୍ତ୍ତି କରାଇଛି।

# ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ

**ହାଇଦ୍ରାବାଦ,୨୫।୧୦**



ରାଜଗୋପାଳ ରେଡ୍ଡୀ

ତେଲଙ୍ଗାନାର ଭାଜପା ନେତା ତଥା ପୂର୍ବତନ ବିଧାୟକ ରାଜଗୋପାଳ ରେଡ୍ଡୀ ବୁଧବାର ଦଳ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ସେ ପୁଣି ତାଙ୍କ ପୁରୁଣା ଦଳ କଂଗ୍ରେସକୁ ଫେରିବେ ସୂଚନା ମିଳିଛି। ନିକଟରେ ଶେଷ ହୋଇଥିବା ମୁନୁଗୋଡେ ବିଧାନସଭା ଆସନ ଲାଗି ଅନୁଷ୍ଠିତ ଉପ-ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ସେ ହାରିଯାଇଥିଲେ। ସୂଚନାଯୋଗ୍ୟ ଯେ, ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଭାଜପା ଦ୍ୱାରା ପ୍ରକାଶିତ ପ୍ରଥମ ପ୍ରାର୍ଥୀ ତାଲିକାରେ ରାଜଗୋପାଳ ରେଡ୍ଡୀଙ୍କ ନାମ ସାମିଲ କରାଯାଇ ନାହିଁ। ରାଜଗୋପାଳ ଭୋଙ୍ଗୀର କଂଗ୍ରେସ ଏମ୍‌ପି ଭେଙ୍କଟ ରେଡ୍ଡୀଙ୍କ ସାନ ଭାଇ। ସେ କଂଗ୍ରେସ ଛାଡି ଗତ ବର୍ଷ ଅଗଷ୍ଟରେ ଭାଜପାରେ ଯୋଗ ଦେଇଥିଲେ।

# ମେଡିକାଲ କଲେଜ କାର୍ଯ୍ୟକ୍ଷମ ନ କରିବା ଆଶ୍ଚର୍ଯ୍ୟ ଲାଗୁଛି: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୨୫।୧୦(ସୁନିତ୍ ମିଶ୍ର)**

### ତାଳଚେର ଓ ଢେଙ୍କାନାଳ ରାବଣପୋଡ଼ି ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ

ତାଳଚେର ମେଡିକାଲ କଲେଜ ପାଇଁ ଜମି, ଘର ଏବଂ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମୋଦି ସରକାର ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଏତେ ପରେ ମଧ୍ୟ ମେଡିକାଲ କଲେଜ କାର୍ଯ୍ୟକ୍ଷମ ନ ହେବା ସମସ୍ତଙ୍କୁ ଚକିତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ଅନୁଗୋଳ ଜିଲା ତାଳଚେର ସାଉଥ୍ ବଲଣ୍ଡା ଓ ଢେଙ୍କାନାଳ ମିନି ଷ୍ଟାଡିୟମରେ ଆୟୋଜିତ ପୃଥକ୍ ‘ରାବଣପୋଡ଼ି ମହୋତ୍ସବ-୨୦୨୩’ରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ତାଳଚେର ମେଡିକାଲ କଲେଜକୁ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲରେ ନାମିତ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ମେଡିକାଲ କଲେଜକୁ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତ ୧ ତାରିଖ ସୁଦ୍ଧା ମେଡିକାଲ କଲେଜକୁ ଚଳାଇବା ପାଇଁ ଜିଲା ପ୍ରଶାସନ ଦ୍ୱାରା ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ମୋଦି ସରକାର ସବୁ ଅର୍ଥ ଦେଲା ପରେ ମଧ୍ୟ ଏ ପର୍ଯ୍ୟନ୍ତ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲାନାହିଁ। ଏହି ଅଞ୍ଚଳର ଶ୍ରମିକମାନଙ୍କ ପରିଶ୍ରମ ବଳରେ ସ୍ଥାପିତ ହୋଇଥିବା ତାଳଚେର ମେଡିକାଲକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶର ଅର୍ଥନୀତିରେ ଅପାର ସମ୍ଭାବନାର ଅଞ୍ଚଳ ଅନୁଗୋଳ ଓ ତାଳଚେରର ଅବଦାନ ବହୁତ ଅଧିକ। ତାଳଚେର ଲୋକଙ୍କ ଝାଳବୁହା ପରିଶ୍ରମ ପାଇଁ କୋଇଲା ଉତ୍ପାଦନ ମାଧ୍ୟମରେ ଆମ ରାଜ୍ୟ ଓଡ଼ିଶା ଓ ଭାରତର ଅର୍ଥନୀତି ସୁଦୃଢ଼ ହେଉଛି ବୋଲି ସେ କହିଛନ୍ତି।

# ଜାନୁୟାରୀ ୫ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

**ଭୁବନେଶ୍ୱର, ୨୫।୧୦(ସୁନିତ୍ ମିଶ୍ର)**

### ■ତ୍ରୁଟିଶୂନ୍ୟ ଭୋଟର ତାଲିକା ନେଇ ସିଇଓଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

୨୦୨୪ ସାଧାରଣ ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ଏଥିଲାଗି ସମସ୍ତ ରାଜନୈତିକ ଦଳର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଭାବେ ନିଆଯାଇ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ କାର୍ଯ୍ୟକ୍ରମ ଚାଲୁରହିଛି। ଆସନ୍ତା ୨୭ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ଜାନୁୟାରୀ ୫ରେ ପ୍ରକାଶ ପାଇବ। ଚିଠା ଭୋଟର ତାଲିକା ରାଜ୍ୟର ସମସ୍ତ ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଜିଲାସ୍ତରରେ ରାଜନୈତିକ ଦଳଗୁଡିକ ଭୋଟର ପଞ୍ଜୀକରଣ ଅଧିକାରୀଙ୍କଠାରୁ ଚିଠା ଭୋଟର ତାଲିକାର ଏକକିତା ଲେଖା ନକଲ କପି ପାଇପାରିବେ। ପ୍ରକାଶିତ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସୁଧାରିବା ପାଇଁ ଆସନ୍ତା ୨୭ ତାରିଖରୁ ଡିସେମ୍ବର ୯ ପର୍ଯ୍ୟନ୍ତ ଭୋଟରଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଡିସେମ୍ବର ୨୬ ସୁଦ୍ଧା ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

୧୮ରୁ ୧୯ ବର୍ଷର ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି ଆସନ୍ତା ନଭେମ୍ବର ୫,୧୧, ୧୯ ଏବଂ ୨୫ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଛି। ଏହି ୪ଟି ସ୍ୱତନ୍ତ୍ର ଅଭିଯାନ ଦିବସରେ ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଇବାରେ ସହାୟତା ପ୍ରଦାନ କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ୨୧୬ ନୂତନ ଭୋଟ ଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି। ରାଜନୈତିକ ଦଳଗୁଡିକ ଦ୍ୱାରା ବୁଥ୍‌ସ୍ତରରେ ନିଯୁକ୍ତ ହୋଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ମୃତ ଭୋଟରଙ୍କ ତାଲିକା ବିଏଲ୍‌ଓଙ୍କ ଜରିଆରେ ପ୍ରଦାନ କଲେ ସେଗୁଡ଼ିକୁ ଯାଞ୍ଚ କରାଯାଇ ଭୋଟର ତାଲିକାରୁ ମୃତ ଭୋଟରଙ୍କ ନାମ ବାଦ୍ ଦିଆଯିବ। ଏତଦ୍‌ବ୍ୟତୀତ ଭୋଟରମାନେ ଘରେ ବସି ମୋବାଇଲ ମାଧ୍ୟମରେ ଭୋଟର ତାଲିକାରେ ସେମାନଙ୍କ ନାମ ଅଛି କି ନାହିଁ ଜାଣିପାରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି, ଭାଜପା, ବହୁଜନ ସମାଜ ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସିଷ୍ଟ), କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି ଏବଂ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ନର୍ମାନ ଇ-ବୋର୍ଲାଗ ଫିଲ୍ଡ ପୁରସ୍କାର ପାଇଲେ ଓଡ଼ିଆ ବୈଜ୍ଞାନିକ

**ଭୁବନେଶ୍ୱର, ୨୫।୧୦(ଅସମାପିକା ସାହୁ)**





ଅତିଥିଙ୍କଠାରୁ ଡ. ସ୍ୱାତୀ ନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

କୃଷି ଓ କୃଷିକ୍ଷେତ୍ରର ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ଯୁବ ବୈଜ୍ଞାନିକ ଡ. ସ୍ୱାତୀ ନାୟକଙ୍କୁ ବିଶ୍ୱର ସମ୍ମାନଜନକ ‘ନର୍ମାନ ଇ-ବୋର୍ଲାଗ ଫିଲ୍ଡ ପୁରସ୍କାର-୨୦୨୩’ ମିଳିଛି। ଆମେରିକାର ଲୋୱା ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱ ଖାଦ୍ୟ ପୁରସ୍କାର ସଂସ୍ଥାନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାତୀ ବର୍ତ୍ତମାନ ଫିଲିପାଇନ୍ସସ୍ଥିତ ସିଜିଆଇଏଆର୍-ଆନ୍ତର୍ଜାତିକ ଧାନ ଗବେଷଣା ସଂସ୍ଥାନ (ଆଇଆର୍‌ଆର୍‌ଆଇ)ରେ କାର୍ଯ୍ୟ କରୁଥିବାବେଳେ ଏହି ବିଶ୍ୱସ୍ତରୀୟ ପୁରସ୍କାର ପାଇବାରେ ସେ ହେଉଛନ୍ତି ତୃତୀୟ ଭାରତୀୟ ତଥା ପ୍ରଥମ ଓଡ଼ିଆ। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର ସହ ୧୦ହଜାର ୟୁଏସ୍ ଡଲାରର ଅର୍ଥରାଶି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ସମାରୋହ ଅବସରରେ ସ୍ୱାତୀ ନର୍ମାନ ଇ ବୋର୍ଲାଗ ଇଣ୍ଟରନ୍ୟାଶନାଲ ଡାଇଲଗ ସମ୍ପର୍କିତ ଆଲୋଚନାଚକ୍ରରେ ଭାଗନେଇଥିଲେ।

କୃଷିକ୍ଷେତ୍ରରେ ବ୍ୟବହୃତ ଗ୍ରାମ୍ୟ ସ୍ତରର ଅଭିନବ ପଦ୍ଧତିଗୁଡ଼ିକର ଆବିଷ୍କାର ଏବଂ ଜାତୀୟସ୍ତରରେ ଏହାକୁ ପ୍ରୋତ୍ସାହିତ କରିବାରେ ସ୍ୱାତୀ ଅଗ୍ରଣୀ ଭୂମିକା ନିର୍ବାହ କରିଛନ୍ତି। ଦେଶ ଓ ବିଦେଶରେ ପରିଚିତ ସ୍ୱାତୀ ସହଭାଗୀ ଧାନଠାରୁ ଆରମ୍ଭକରି ୫୦୦ରୁ ଅଧିକ ଧାନ ବିହନ ଉପରେ ଗବେଷଣା କରିଛନ୍ତି। ଏଥିସହ ୨୦ରୁ ଅଧିକ ଅମଳକ୍ଷମ ବିହନ ସହ ୧୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷଣ ତଥା ଫିଲ୍ଡ ଭିଜିଟ୍‌ରେ ତାଙ୍କର ସମ୍ପୃକ୍ତି ରହିଛି। ଓଡ଼ିଶାରେ ମରୁଡ଼ି ସହନଶୀଳ ଚାଉଳ ବିହନ ‘ସହଭାଗୀ ଧାନ’ ଆବିଷ୍କାର କରିଥିବାରୁ ତାଙ୍କୁ ‘ବିହନ ଦିଦି’ କୁହାଯାଏ। ପୁରସ୍କାର ଗ୍ରହଣ କରିବା ପରେ ସ୍ୱାତୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୯ରେ ନ୍ୟୁୟର୍କଠାରେ ବିଶ୍ୱ ଖାଦ୍ୟ ପୁରସ୍କାର ସଂସ୍ଥାନ ପକ୍ଷରୁ ଜଳବାୟୁ ସପ୍ତାହ ପାଳନ ଅବସରରେ ସ୍ୱାତୀଙ୍କୁ ଏହି ପୁରସ୍କାର ମିଳିବ ବୋଲି ନାମ ଘୋଷଣା କରାଯାଇଥିଲା। ୪୦ବର୍ଷରୁ କମ୍ ବୟସ୍କ ଗବେଷକଙ୍କୁ ଏହି ପୁରସ୍କାର ଦିଆଯାଇଥାଏ।

# ତମାଖୁମୁକ୍ତ ଗାଁ ଅଭିଯାନରେ ଓଡ଼ିଶା ଶ୍ରେଷ୍ଠ

**ଭୁବନେଶ୍ୱର, ୨୫।୧୦(ଅସମାପିକା ସାହୁ)**

ତମାଖୁମୁକ୍ତ ଗାଁ ଅଭିଯାନରେ ସାରା ଦେଶରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଏହା ଟବାକୋ ଫ୍ରି ୟୁଥ୍ କ୍ୟାମ୍ପେନ-୨୦୨୩ ଅଧୀନରେ ହୋଇଥିଲା। ଏହି ଅଭିଯାନ ଗତ ଜୁଲାଇ ଓ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିଲା। ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ଏହି ପୁରସ୍କାର ଦିଆଯାଇଛି। ସାରା ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଟବାକୋମୁକ୍ତ ଗାଁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ବିଭାଗକୁ ସରପଞ୍ଚଙ୍କ ଜରିଆରେ କୋଟପା ଆଇନକୁ ଗାଁରେ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଚିଠି କରିଥିଲା। ଏ ଯାଏ ୫୪ ପଞ୍ଚାୟତ ଟବାକୋ ମୁକ୍ତ ଘୋଷଣା ହୋଇସାରିଛି। ଆହୁରି ୧୧୪ ପଞ୍ଚାୟତରେ ଏହି କାମ ଚାଲିଛି। ଏଥିସହ ସାରା ରାଜ୍ୟରେ ସଫଳତାର ସହ ଟବାକୋମୁକ୍ତ ସ୍କୁଲ ଅଭିଯାନ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।


# Classified Everyday 0674-2580101, 2549949



REAL ESTATE

SALE

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, 30' road, ଘରବାରି Boundary, ଥାଇ ପ୍ଲଟ୍‌ମିଳୁଛି- 9348884684. D-75244

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

ଘରବାରି ପଟ୍ଟା Plots, Resale Hotel /house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338. D-1601

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Plot sale near AIIMS Hospital, Bhubaneswar. Contact: 9777433701. D-75240

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75239





ଶିରିଡ଼ିସାଇ, ଶନିସିଗ୍ନାପୁର, ଔରଙ୍ଗାବାଦ ଦର୍ଶନ January (4th-8th) ଏବଂ ଗୁଜୁରାଟ ଦର୍ଶନ (7N / 8days) 7th February, ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 7978044197, 9437090931. D-74709





Body spa / saloon by expert therapist, Puja Offer @999/-. 9938843929. D-75163

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Spa Kerala body Massage only best Therapist @699/- Bhubaneswar. 9337672475. D-1602

Full body massage by expert therapist positively health benefits. 7381172169. D-75165

AFFIDAVIT

I, Biswa Prakash Pradhan, S/o Prakash Chandra Pradhan, resident of Ward No.10, Alandha, P.O./P.S. Nimapada, Pin- 752106, Odisha declare by this affidavit No.19, Dtd.25.10.23 that now onwards as Biswo Prakash Pradhan for all future purposes. D-1649

I, Biswajit Saint, S/o Hrudananda Saint, resident of Jagannath Colony, Budhabihar, Apartibindha, Bhadrak, Odisha, 756100 declare by this affidavit, No.-4868 (25.9.2023), that my mother's name previously recorded as Banaja Saint, shall henceforth be known as Banajalata Saint for all future purposes. D-1650

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୋରି ସ୍ମୃତିରେ



ଦିବ୍ୟଜ୍ୟୋତି ସାହୁ (ବବୁଲୁ)

ୟୁନିଟ୍- ୭, ଭୁବନେଶ୍ୱର
ଆବିର୍ଭାବ- ୦୮।୦୫।୨୦୦୩
ତିରୋଧାନ- ୦୩।୧୦।୨୦୧୯

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ଏବେ ବି ବିଶ୍ୱାସ ହେଉନି ତୁ ଆମ ପାଖରେ ନାହୁଁ। ତୋରି ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ତୋରି ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରଣାମ ଜଣାଉଛୁ।

ଶୋକସନ୍ତପ୍ତ: ମାମା, ନାନା, ମାଉସୀ, ମାମୁ ଓ ପରିବାରବର୍ଗ।

ଧ-୧୬୪୬

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

GNM
Duration : 3 Year, Eligibility : +2 Pass (Any Stream) 40% Mark

ANM
Duration : 2 Year, Eligibility : +2 Pass (Any Stream)

DMRT
DMLT
Duration : 2 Year, Eligibility : +2 Science

CBCA
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797
7618668625

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Govt. of Uttarakhand | G20 2023 INDIA ONE EARTH • ONE FAMILY • ONE FUTURE | 75 Azadi Ka Amrit Mahotsav



**Pushkar Singh Dhami**
Chief Minister, Uttarakhand

Unveiling Uttarakhand's Opportunities

# YOUR GATEWAY FROM PEACE TO PROSPERITY



The construction of developed India for the 21st century rests on two primary pillars - pride in heritage and, second every possible effort for the development. Today, both these pillars are being strengthened by Uttarakhand. This decade will be the decade of Uttarakhand.

**Narendra Modi**
Prime Minister

## DESTINATION UTTARAKHAND
GLOBAL INVESTORS SUMMIT 2023

December, 2023 Dehradun (Uttarakhand) | Peace To Prosperity

### Chennai Roadshow
Thursday, 26th October, 2023 | 11:30 Onwards
Venue : Hotel Taj Coromandel, Mahatma Gandhi Road, Chennai

### Bengaluru Roadshow
Saturday, 28th October, 2023 | 11:30 Onwards
Venue : Hotel Taj West End, Race Course Rd, Bengaluru, Karnataka

## Focus Sectors

- Automobile and Auto components
- Pharmaceuticals
- Agriculture and allied
- Tourism and Hospitality
- IT/ ITeS
- Electronics
- Education
- Film Shooting
- Renewable Energy
- AYUSH and Wellness
- Bio Technology
- Horticulture and Floriculture
- Herbs & Aromatics
- Food Processing
- Natural Fibers

## Key Policies

- Service Sector Policy 2023 • Solar Energy Policy 2023
- MSME Policy 2023 • Start-Up Policy 2023 • Customized Package
- Logistics Policy 2023 • Film Policy 2015 (as amended in 2019)
- Private Industrial Park Policy 2023 • Mega Industrial Policy 2015
- Export Policy 2021 • Tourism Policy 2023-30 • Drone Policy 2023
- IT Policy 2019 • Wellness & Ayush Policy • Excise Policy 2021-23
- Biotechnology Policy 2018-23 • Food Processing Policy
- Pump Storage Projects Policy 2023



For more detail please log on
**investuttarakhand.uk.gov.in**
Or **Scan QR Code**

/ukgis2023

## Be Our Growth Partner

- Transparent tax policies and swift approvals for the projects
- Fractional cost of setting up of operations as compared to NCR or other cities
- Large number of engineering and management Institutes including IIT & IIM
- Good Governance and image as a peaceful state
- Good quality of life for employees due to healthy environment
- Availability of suitable industrial land to start business at a cheap rate
- Attractive investment policy of State Govt.
- Good connectivity by Rail, Road and Air with NCR

Issued in Public Interest by Department of Information and Public Relations, Uttarakhand | www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୬/୨୦୨୩ Bhubaneswar, Thursday, October 26/ 2023



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଅଲ୍‌ରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ଏର୍‌ପିସିର ପ୍ରଣତି ନାୟକ।

## ବିଶ୍ୱ ରେକର୍ଡ ସହ ସୁମିତଙ୍କୁ ସ୍ୱର୍ଣ୍ଣ

**ହାଙ୍ଗଝୋ, ୨୫।୧୦ (ପି.ଟି.):** ପାରାଲିମ୍ପିକ୍ସ ଚାମ୍ପିୟନ ସୁମିତ ଆଣ୍ଟିଲ ଏଠାରେ ଚାଲିଥିବା ଏସିଆନ ପାରା ଗେମ୍ସର ଜାଭେଲିନ୍ ଥ୍ରୋ ଏଫ୍‌୬୪ ଇଭେଣ୍ଟରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୭୩.୨୯ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରିଛନ୍ତି। ଏ କ୍ଷେତ୍ରରେ ସେ ପୂର୍ବରୁ ନିଜ ନାମରେ ଥିବା ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ୨୫ ବର୍ଷୀୟ ସୁମିତ ଚଳିତ ବର୍ଷ ପ୍ରାରମ୍ଭରେ ପ୍ୟାରିସରେ ଅନୁଷ୍ଠିତ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୭୦.୮୩ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ବିଶ୍ୱରେକର୍ଡର ଅଧିକାରୀ ଥିଲେ। ଏବେ ଏଥିରେ ସେ ଉନ୍ନତି ଆଣିଛନ୍ତି। ଅନ୍ୟତମ ଭାରତୀୟ ପୁଷ୍ପେନ୍ଦ୍ର ସିଂ ୬୨.୦୬ ମିଟର ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଆଣ୍ଟିଲ ଟୋକିଓ ପାରାଲିମ୍ପିକ୍ସ ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍‌୬୪ ଇଭେଣ୍ଟରେ ୬୮.୦୯ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେତେବେଳେ ଏହା ମଧ୍ୟ ଥିଲା ବିଶ୍ୱରେକର୍ଡ ସଫଳତା। ଅର୍ଥାତ୍ ସୁମିତ କ୍ରମାଗତଭାବେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାରେ ଲାଗିଛନ୍ତି।

# ଓଡ଼ିଶାରେ ଖୋଲିବ ୧୦୦ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର

**ଭୁବନେଶ୍ୱର,୨୫।୧୦**
**(ସରୋଜ ଜେନା)**

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ)ର ଉପାଧ୍ୟକ୍ଷ ତଥା ମହିଳା ଗ୍ରାଣ୍ଡମାଷ୍ଟର ଡାନା ରିଜନିସ୍ ଓଜୋଲା ବୁଧବାର ଭେଟିଛନ୍ତି। ରିପବ୍ଲିକ୍ ଅଫ୍ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଡାନା ବର୍ତ୍ତମାନ ଓଡ଼ିଶା ଗସ୍ତରେ ରହିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଓଡ଼ିଶାରେ ଚେସ୍‌ର ପ୍ରଚାର ପ୍ରସାର ପାଇଁ କରାଯାଉଥିବା ଉଦ୍ୟମକୁ ସେ ବେଶ୍ ପ୍ରଶଂସା ମଧ୍ୟ କରିଥିଲେ। ଏହା ସହିତ ରାଜ୍ୟର ଯୁବ ଚେସ୍ ପ୍ରତିଭାମାନଙ୍କୁ ଆଗକୁ ଆସିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବା ଲାଗି ଆଲୋଚନା ହୋଇଥିଲା। ଚେସ୍ ଉଭୟ ବୁଦ୍ଧିମତ୍ତା ଓ ମାନସିକ ଦକ୍ଷତା ବୃଦ୍ଧି କରୁଥିବା ବେଳେ ଯୁବବର୍ଗଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି କରିବା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଥିଲେ। ଯୁବ ଚେସ୍ ପ୍ରତିଭାମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତର ପାଇଁ ପ୍ରସ୍ତୁତ କରିବାକୁ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟରେ ଯୁବ ସମାଜର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଏହାକୁ ଚରିତାର୍ଥ କରିବା ପାଇଁ ଚେସ୍ ଏକ ଉପଯୁକ୍ତ ମାଧ୍ୟମ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ)ର ଉପାଧ୍ୟକ୍ଷ ତଥା ମହିଳା ଗ୍ରାଣ୍ଡମାଷ୍ଟର ଡାନା ରିଜନିସ୍ ଓଜୋଲା।

## ■ ଫିଡେ ଉପମୁଖ୍ୟଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
## ■ ସ୍କୁଲରେ ମିଳିବ ଚେସ୍ ଟ୍ରେନିଂ

ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ରାଜ୍ୟସ୍ତରୀୟ ଚେସ୍ ଏକାଡେମୀ ପ୍ରୋ-ଚେସ୍-ଟା ମଧ୍ୟ ସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ରାଜ୍ୟରେ ଅନ୍ୟୂନ ୧୦୦ଟି ଚେସ୍ ଏକାଡେମୀ ସ୍ଥାପନ କରାଯାଇ ଖେଳାଳିଙ୍କ ଉତ୍ତମ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲରେ ଚେସ୍ ଖେଳକୁ ସାମିଲ କରାଯିବା ସହିତ ଫିଡେ ସହ ସମନ୍ୱୟ ରଖି ଏହି ସମସ୍ତ ଲକ୍ଷ୍ୟ ହାସଲ କରିବା ଆମର ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ନବୀନଙ୍କ ସହିତ ଆଲୋଚନା ପରେ ଡାନା ରିଜନିସ୍ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ଓଡ଼ିଶା ସରକାର କ୍ରୀଡ଼ାର ଉନ୍ନତି ପାଇଁ ନିରନ୍ତର ଭାବରେ ପ୍ରୟାସରତ ବୋଲି ସେ ମତ ଦେଇଛନ୍ତି।

# ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୫।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ମିକ୍ସଡ ଡବଲ୍ସରେ ଓଡ଼ିଶାର ପ୍ରମୋଦ ଭଗତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ପ୍ରମୋଦଙ୍କ ପାର୍ଟନର ଥିଲେ ମନୀଷା ରାମଦାସ। ମନୀଷା-ରାମଦାସ ଯୋଡ଼ି ଏକ୍ସଡି ଏସ୍‌ଏଲ୍ ୩- ଏସ୍‌ୟୁ ୫ କାଟେଗୋରି କ୍ୱାର୍ଟର ଫାଇନାଲରେ ଜାପାନର ତାଇୟୋ ଇମାଇ ଓ ନୋରିକୋ ଇତୋଙ୍କୁ ୨୧-୧୦, ୨୨-୨୦ରେ ହରାଇ ସେମିଫାଇନାଲରେ ପ୍ରବେଶ ସହ ପଦକ ନିଶ୍ଚିତ କରିଥିଲେ। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡ଼ି ଇଣ୍ଡୋନେସିଆର ହିକମତ ରନଦାନି ଓ ଲିଆନି ରାଟ୍ରି ଓକ୍‌ଟିଲାଙ୍କଠାରୁ ୧୯-୨୧, ୧୪-୨୧ରେ ହାରିଯିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଚଳିତ ଏସିଆନ ପାରା ଗେମ୍ସରେ ଓଡ଼ିଶା ପାଇଁ ଏହା ପ୍ରଥମ ପଦକ। କେବଳ ମିକ୍ସଡ ଡବଲ୍ସରେ ନୁହେଁ ପ୍ରମୋଦ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସର ସେମିଫାନାଲରେ ପ୍ରବେଶ କରିଛନ୍ତି। ଏସଏଲ୍ ୩ ବର୍ଗ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ଚାଇନାର ଜିଅଙ୍ଗ୍ ଲିଡୁଆନଙ୍କୁ ୨୧-୧୪, ୨୧-୮ରେ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ଏସଏଲ୍୩-ଏସଏଲ୍୪ ବର୍ଗ କ୍ୱାର୍ଟର ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଥାଇଲାଣ୍ଡର ଟିମାରୋମ ସିରିପୋଙ୍ଗ୍ ଓ ସାଙ୍ଗନିଲ ସିଘାଙ୍କୁ ୨୧-୧୦, ୧୯-୨୧, ୨୧-୧୨ରେ ହରାଇ ଦେଇଛନ୍ତି। ପୂର୍ବରୁ ଅନୁଷ୍ଠିତ ମ୍ୟାଚରେ ପ୍ରମୋଦ-ସୁକାନ୍ତ ଚାଇନିଜ ତାଇପେର ହସିଙ୍ଗଚି ହ୍ୱାଙ୍ଗ ଓ ୟେ ଇନ୍ ଚୁଆନଙ୍କୁ ୨୧-୧୧, ୨୧-୧୫ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ସୁଦ୍ଧା ଭାରତ ୧୫ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୩ ବ୍ରୋଞ୍ଜ ସହିତ ମୋଟ ୫୮ଟି ପଦକ ପାଇଛି।

**ଏସିଆନ ପାରା ଗେମ୍ସ**


ପ୍ରମୋଦ ଭଗତ ଓ ମନୀଷା ରାମଦାସ।

# ଝିଲି, ସ୍ନେହାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୫।୧୦**
**(ତପନ ସ୍ୱାଇଁ)**

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ାର ପ୍ରଥମ ଦିବସରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ଝିଲି ଦଳବେହେରା ଓ ସ୍ନେହା ସୋରେନ। ମହିଳା ୪୯ କେଜି ଭାରୋତ୍ତୋଳନରେ ଝିଲି ସଫଳତା ପାଇ ଓଡ଼ିଶା ପାଇଁ ପଦକ ଖାତା ଖୋଲିଛନ୍ତି। ସ୍ନାଚ୍‌ରେ ୭୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୬୭ କେଜି ଉତ୍ତୋଳନ କରିଥିଲେ ଝିଲି। ଏହି ବର୍ଗରେ ଛତିଶଗଡ଼ର ଜ୍ଞାନେଶ୍ୱରୀ ଯାଦବ ୧୭୭ (ସ୍ନାଚ-୮୦, କ୍ଲିନ୍ ଆଣ୍ଡ ଜର୍କ-୧୦୧) କେଜି ଓ ହରିୟାଣାର ପ୍ରୀତି ୧୭୪ (ସ୍ନାଚ-୮୧, କ୍ଲିନ୍ ଆଣ୍ଡ ଜର୍କ-୧୦୦) ଉତ୍ତୋଳନ କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ସ୍ନେହା ମହିଳା ୫୫ କେଜି ବର୍ଗରେ ୧୮୬ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାମ୍ବୋଲିମର ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ରଗ୍‌ବୀ ୭ ଏସ୍‌ରେ ଓଡ଼ିଶା ମହିଳା ଦଳ ବୃହତ୍ ବିଜୟ ହାସଲ କରିଛି। ପୁଲ୍ 'ଏ' ମ୍ୟାଚରେ ଓଡ଼ିଶା ୫୨-୦ରେ ଗୋଆକୁ ପରାସ୍ତ କରିଛି। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ବିହାରକୁ ୪୦-୫ରେ କେରଳ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗ ପୁଲ୍ 'ଏ'ରେ ଓଡ଼ିଶା ୧୫-୧୨ରେ କେରଳକୁ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟଏକ ମ୍ୟାଚରେ ହରିୟାଣା ୩୧-୦ରେ ଗୋଆକୁ ହରାଇ ଦେଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ଭାରୋତ୍ତୋଳନ ଇଭେଣ୍ଟରେ ମହାରାଷ୍ଟ୍ରର ଦିପାଳି ଗୁରସାଲେ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସସିବି)ର ପ୍ରଶାନ୍ତ କୋଲି ନୂଆ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

**ଜାତୀୟ କ୍ରୀଡ଼ା**
**ରଗ୍‌ବୀରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟୀ**

# ଏକାଧିକ ବିଶ୍ୱକପ୍ ମ୍ୟାଚ୍‌ରୁ ବାଦ୍‌ପଡ଼ିବେ ପାଣ୍ଡ୍ୟା

**ନୂଆଦିଲ୍ଲୀ, ୨୫।୧୦ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ କିଛି ମ୍ୟାଚ୍‌ରୁ ବାଦ ପଡିବେ। ଗୋଇଠି ମୋଡି ହେବା କାରଣରୁ ପାଣ୍ଡ୍ୟା ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ଏହା ପରେ ଧର୍ମଶାଳାରେ ଖେଳା ଯାଇଥିବା ମ୍ୟାଚରୁ ସେ ବାଦ ପଡିଥିଲେ। ବର୍ତ୍ତମାନ ସେ ବାଙ୍ଗାଲୋର ସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହାବ୍ କରୁଛନ୍ତି। ପାଣ୍ଡ୍ୟାଙ୍କ ଗୋଇଠିରେ ଫୁଲା କମିଥିବା ବେଳେ ସେ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ସେ ଏଯାଏ ସମ୍ପୂର୍ଣ୍ଣ ଫିଟ୍‌ନେସ୍ ମଧ୍ୟ ହାସଲ କରି ନାହାନ୍ତି।







# ଓଡ଼ିଶା ଏଫ୍‌ସିର ବୃହତ୍ ବିଜୟ

**ଭୁବନେଶ୍ୱର,୨୫।୧୦**
**(ସରୋଜ ଜେନା)**

ମୋର୍ଟାଡା ଫଲ୍‌ଙ୍କ ଡବଲ୍ ଗୋଲ ବଳରେ ଏଏଫ୍‌ସି କପରେ ପ୍ରଥମ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଏଫ୍‌ସି ୬-୧ରେ ବିଜୟ ହାସଲ କରିବା ସହିତ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

**ଏଏଫ୍‌ସି କପ୍**

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଓଏଫ୍‌ସି ମ୍ୟାଚ୍‌ର ତୃତୀୟ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲା। ଜାହୋହୋଙ୍କ କର୍ନର କିକ୍‌କୁ ଗୋଲରେ ପରିଣତ କରି ଫଲ୍ ଦଳକୁ ୧-୦ରେ ଆଗୁଆ କରିଥିଲେ। ୧୩ ତମ ମିନିଟରେ ମଜିୟା ଏହି ଗୋଲଟି ପରିଶୋଧ କରିଥିଲା। ହମ୍‌ଜାଙ୍କ କର୍ନର କିକକୁ ହେଡର ଜରିଆରେ ବେନ୍ ସ୍କୋର କରିଥିଲେ। ଏହାର ୩ ମିନିଟ୍ ପରେ ରୟ କ୍ରିଷ୍ଣାଙ୍କୁ ଫାଉଲ ମାରିଥିଲେ ମଜିୟା ଖେଳାଳି। ଜାହୋହୋ ମାରିଥିବା ଫ୍ରି କିକ୍‌କୁ ମଜିୟା ପୋଷ୍ଟ ମଧ୍ୟକୁ ପଠାଇ କାର୍ଲୋସ୍ ଡେଲଗାଡୋ ଓଏଫ୍‌ସିକୁ ୨-୧ରେ ଆଗୁଆ କରିଥିଲେ। ୧୯ତମ ମିନିଟ୍‌ରେ ସାଇ ଗୋଡାର୍ଡଙ୍କ ପାଶକୁ ହେଡ୍ କରିଥିଲେ ଡେଲଗାର୍ଡୋ। ଏହାକୁ ଚମତ୍କାର ଶଟ୍ ଜରିଆରେ ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ୩-୧ରେ ଆଗୁଆ କରିଥିଲେ ଫଲ୍। ପ୍ରଥମାର୍ଦ୍ଧରେ ଓଡ଼ିଶା ୩-୧ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଢଙ୍ଗରେ ଆକ୍ରମଣାତ୍ମକ ଖେଳ ଖେଳିଥିଲା।

ଦ୍ୱିତୀୟାର୍ଦ୍ଧର ୫୮ ତମ ମିନିଟରେ ଆମି ରନାଓ୍ୱଡେ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମିଡଫିଲ୍ଡର ଆମେ ଏକାକୀ ୩ ଡିଫେଣ୍ଡରଙ୍କୁ ପରାସ୍ତ କରି ବଲ୍ ନେଇ ଆଗକୁ ବଢ଼ିବା ସହ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଲ ସ୍କୋର କରିଥିଲେ। ୬୨ ତମ ମିନିଟରେ ଆଇଜାକ୍ ଭାନ୍‌ଲାଲରୁଆଟଫେଲା ଏକ ଗୋଲ୍ ଦେଇ ଅଗ୍ରଣୀକୁ ୫-୧ରେ ପହଞ୍ଚାଇଥିବା ବେଳେ ସବଷ୍ଟିଚ୍ୟୁଟ୍ ଭାବରେ ଆସିଥିବା ସାହିଲ ପନୱର ୯୦+୫ ମିନିଟରେ ଗୋଲ ଦେଇ ଓଡ଼ିଶାକୁ ୬-୧ରେ ବିଜୟୀ କରିଥିଲେ।

ମଙ୍ଗଳବାର ସନ୍ଧ୍ୟାରେ ଖେଳା ଯାଇଥିବା ଅନ୍ୟ ଏକ ମ୍ୟାଚରେ ବସୁନ୍ଧରା କିଙ୍ଗ୍ସ ସହ ୨-୨ରେ ମ୍ୟାଚ୍ ଡ୍ର ରଖିଛି। ମୋହନବାଗାନ ପକ୍ଷରୁ ଦିମିତ୍ରି ପେଟ୍ରାଟସ୍ (୨୯) ଓ ଆଶିଷ ରାୟ(୫୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ କିଙ୍ଗ୍ସ ପକ୍ଷରୁ ୩୩ ତମ ମିନିଟରେ ଡୋରି ଓ ୭୦ ତମ ମିନିଟରେ ରବିନୋ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



ମ୍ୟାଚ ଜିତିବା ପରେ ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି ଓଡ଼ିଶା ଏଫ୍‌ସି ଖେଳାଳି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ